୬୩୨୮
୨୩।୧।୯୩

# ଉତ୍କଳ ପ୍ରସଙ୍ଗ

ସାଧାରଣତନ୍ତ୍ର ଦିବସ ବିଶେଷାଙ୍କ • ୧୯୮୧



53032



ଅକ୍ଷମଙ୍କ ପାଇଁ ଆନ୍ତର୍ଜାତିକ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍‌ଘାଟନ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରାଙ୍କ ପ୍ରାରମ୍ଭିକ ଅଭିଭାଷଣ
(ଜାନୁଆରୀ ୫, ୧୯୮୧)



ମୁଖ୍ୟ ଅତିଥି ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଜଣେ ଶାରୀରିକ ଅକ୍ଷମ ଛାତ୍ରୀକୁ ସାର୍ଟି-ଫିକେଟ ପ୍ରଦାନ କରୁଛନ୍ତି ।




ଶାରୀରିକ ଅକ୍ଷମମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ।



# ଜନରାଜ୍ୟ ଦିବସ ଉପଲକ୍ଷେ ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚାଙ୍କ

# ବାର୍ତ୍ତା

ଆମର ୩୨ତମ ଜନରାଜ୍ୟ ଦିବସ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ସଦିଚ୍ଛା ଜଣାଉଛି ।

ଏକତ୍ରିଂଶ ବର୍ଷ ପୂର୍ବେ ଏହି ଐତିହାସିକ ଦିବସରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ଘୋଷଣା କରି ଆମେ ଆମମାନଙ୍କ ନିମନ୍ତେ ଗୋଟିଏ ସମ୍ବିଧାନ ଗ୍ରହଣ କରିଥିଲୁ । ସମାଜର ସବୁଶ୍ରେଣୀର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ହାସଲ ଏବଂ ସମସ୍ତଙ୍କୁ ନ୍ୟାୟ ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଆମ ସମ୍ମୁଖରେ ଯେଉଁ ସବୁ କାର୍ଯ୍ୟ ଥିଲା ତାହା ବାସ୍ତବିକ ଆମ ପକ୍ଷେ ଏକ ବିରାଟ ଆହ୍ୱାନ । ଭାରତ ଏକ ବିଶାଳ ଦେଶ ଏବଂ ଏହାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଧର୍ମାବଲମ୍ବୀମାନେ ବାସ କରୁଥିବା ସତ୍ତ୍ୱେ ଆମର ସମ୍ବିଧାନ ପ୍ରଣେତାମାନେ ଆମ ସମ୍ମୁଖରେ ଯେଉଁ ଲକ୍ଷ୍ୟ ଉପସ୍ଥାପିତ କରିଯାଇଥିଲେ, ତାହା ହାସଲ କରିବା ପାଇଁ ବିଗତ ବର୍ଷଗୁଡ଼ିକରେ ଆମର ଅକ୍ଳାନ୍ତ ଉଦ୍ୟମ ବାସ୍ତବିକ୍ ଗୌରବର ବିଷୟ । ଏ ଦିଗରେ ଆମର ସାଫଲ୍ୟ ନିଶ୍ଚିତଭାବେ ଉଲ୍ଲେଖ ଯୋଗ୍ୟ ତଥାପି ଆମକୁ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ ।

ବିଗତ ବର୍ଷ ସମଗ୍ର ଓଡ଼ିଶାରେ ଗୁରୁତର ମରୁଡ଼ି ପରିସ୍ଥିତି ପରେ ପରେ ପ୍ରଳୟଙ୍କରୀ ବନ୍ୟା ଦ୍ୱାରା ବହୁ ଧନ ଜୀବନର କ୍ଷତି ଘଟିଥିଲା । ଆମର ଜନସାଧାରଣ ସାହସ ଓ ଧୈର୍ଯ୍ୟର ସହ ଏହି ବିପତ୍ତିର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟ ସରକାର ତଥା ସ୍ୱେଚ୍ଛାସେବୀ ସଂସ୍ଥାମାନେ ବିପନ୍ନ ଲୋକମାନଙ୍କୁ ରିଲିଫ ଓ ସାହାଯ୍ୟ ଯୋଗାଇ ଜନହିତକର କାର୍ଯ୍ୟ କରିଥିଲେ ।

ଆମର ସମସ୍ୟା ବିବିଧ । ଦାରିଦ୍ର୍ୟ ଓ ଅଜ୍ଞତା ବିରୁଦ୍ଧରେ ଆମ୍ଭମାନଙ୍କୁ ସଂଗ୍ରାମ କରିବାକୁ ପଡ଼ିବ । ଏହା ଛଡ଼ା ମରୁଡ଼ି, ବନ୍ୟା ଓ ବାତ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟରେ ଲାଗି ରହିଛି । ଆମ ରାଜ୍ୟର ବହୁ ସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି । ଗ୍ରାମାଞ୍ଚଳର ଲୋକମାନଙ୍କ ସାମାଜିକ ତଥା ଅର୍ଥନୈତିକ ଦୁରବସ୍ଥା ମୋଚନ କରିବା ନିମନ୍ତେ ଏକ ବ୍ୟାପକ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ଗତବର୍ଷ ଆରମ୍ଭ କରାଯାଇଛି । ଜଳସେଚିତ ଅଞ୍ଚଳକୁ ଦ୍ୱିଗୁଣିତ କରିବା ପାଇଁ ଏକ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କୃଷି ଜରିଆରେ ଗ୍ରାମାଞ୍ଚଳ ଅର୍ଥନୀତିର ବିକାଶ କରିବା ନିମନ୍ତେ ବଳିଷ୍ଠ ଉଦ୍ୟମ ଆରମ୍ଭ କରାଯାଇଛି, କାରଣ ଏହା ଉପରେ ଆମ ରାଜ୍ୟର ଶତକଡ଼ା ୮୦ଭାଗ ଲୋକ ନିର୍ଭର କରନ୍ତି । ଆଦିବାସୀ ଓ ହରିଜନମାନଙ୍କ କଲ୍ୟାଣ ସାଧନ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ରାଜ୍ୟରେ ଦ୍ରୁତ ଶିଳ୍ପ ପ୍ରସାର ପାଇଁ ନିଷ୍ଠାର ସହ ଦୃଢ଼ ଓ ସଂକଳ୍ପବଦ୍ଧ ଉଦ୍ୟମ ଆରମ୍ଭ କରାଯାଇସାରିଛି । ଶିଳ୍ପୋଦ୍ୟୋଗୀମାନଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ଓ ସୁବିଧାସୁଯୋଗ ଦେବା ନିମନ୍ତେ ଶିଳ୍ପନୀତିକୁ ଯଥାଯଥ ଭାବେ ସଂଶୋଧନ କରାଯାଇଛି ।

ଓଡ଼ିଶାରେ ପ୍ରଚୁର ପ୍ରାକୃତିକ ସଂପଦ ରହିଛି । ମୁଁ ନିଶ୍ଚିତ ଯେ ଏହି ବିପୁଳ ପ୍ରାକୃତିକ ସଂପଦର ଯୋଜନାବଦ୍ଧ ଉପଯୋଗଦ୍ୱାରା ଆମ ଦେଶର ଶିଳ୍ପ ମାନଚିତ୍ରରେ ଆମ ରାଜ୍ୟ ଏକ ମୁଖ୍ୟ ସ୍ଥାନ ଅଧିକାର କରିବ । ରାଜ୍ୟ ସରକାର ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ବିଧାନ ଓ ଜନସାଧାରଣଙ୍କ ଉନ୍ନତ ଜୀବନଧାରଣର ମାନ ବୃଦ୍ଧି ନିମନ୍ତେ ସଂକଳ୍ପବଦ୍ଧ । ଏହି କାର୍ଯ୍ୟରେ ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ଆନ୍ତରିକ ସହଯୋଗ ଏକାନ୍ତ ଆବଶ୍ୟକ ।

ଆସନ୍ତୁ ଆମ୍ଭେମାନେ ରାଜ୍ୟର ବିକାଶ ପାଇଁ ଥିବା ଆହ୍ୱାନକୁ ପୁନର୍ବାର ଜୋରସୋରଭାବେ ମୁକାବିଲା କରିବା ପାଇଁ ନିଜ ନିଜକୁ ଉତ୍ସର୍ଗ କରିବା ; ତାହାହେଲେ ଅତିରେ ମହାତ୍ମାଜୀ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସ୍ୱପ୍ନ ବାସ୍ତବରେ ପରିଣତ ହୋଇ ପାରିବ । ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ କ୍ରମଶଃ ଅର୍ଥନୈତିକ ଅସ୍ଥିରତା ବଢ଼ିବା ଓ ଶାନ୍ତି ଶୃଙ୍ଖଳା ବିପନ୍ନ କରିବା ନିମନ୍ତେ ବିଭିନ୍ନ ଶକ୍ତି ବୃଦ୍ଧି ପାଉଥିବା ଆମ୍ଭେମାନେ ସ୍ପଷ୍ଟ ଲକ୍ଷ୍ୟ କରୁଛୁ । ତେଣୁ ଆମ ଦେଶକୁ ସୁଦୃଢ଼ କରିବା ଦାୟିତ୍ୱ ଦିଗରେ ଆମର ପ୍ରତ୍ୟେକ ନାଗରିକ ସବୁମନ୍ତେ ସଂବେଦନଶୀଳ ହେବା ବାଞ୍ଛନୀୟ । ଆସନ୍ତୁ ସମସ୍ତେ ଆମ୍ଭମାନଙ୍କ ମଧ୍ୟରେ ବିଶ୍ୱାସ, ଆତ୍ମ ପ୍ରତ୍ୟୟ, ଆକାଂକ୍ଷା, ଉତ୍ସାହ ଓ ପ୍ରେରଣା ନେଇ ଆମର ଲକ୍ଷ୍ୟ ହାସଲ କରିବା ଦିଗରେ ଅଭିଯାନ ଚଳାଇବା ।

ଜୟହିନ୍ଦ୍



ଜନରାଜ୍ୟ ଦିବସ ଉପଲକ୍ଷେ
ଓଡ଼ିଶାର ମୁଖ୍ୟମନ୍ତ୍ରୀ

# ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ
# ବାର୍ତ୍ତା

ଦ୍ୱାତ୍ରିଂଶତମ ଜନରାଜ୍ୟ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ, ସମାଜବାଦ ଓ ଧର୍ମନିରପେକ୍ଷତାର ସୁରକ୍ଷା ଦିଗରେ ନିରବଚ୍ଛିନ୍ନ ତଥା ଦୃଢ଼ ଉଦ୍ୟମ ଚଳାଇବା ନିମନ୍ତେ ସେମାନଙ୍କ ସହିତ ନିଜକୁ ଉତ୍ସର୍ଗ କରୁଛି ।

ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ଓଡ଼ିଶାର ଜନସାଧାରଣ ଅଭୂତପୂର୍ବ ସମର୍ଥନ ଜ୍ଞାପନ କରିଛନ୍ତି ଏବଂ ଏକ ନିର୍ମଳ, ପ୍ରଗତିଶୀଳ ତଥା ଦାୟିତ୍ୱସଂପନ୍ନ ଶାସନ ମାଧ୍ୟମରେ ସେମାନଙ୍କର ଜୀବନ ଧାରଣର ମାନ ଉନ୍ନତ କରିବା ପାଇଁ ଆମ ଉପରେ ଗଭୀର ଆସ୍ଥା ସ୍ଥାପନ କରିଛନ୍ତି । ମୁଁ ସେମାନଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ସେମାନଙ୍କ ଆସ୍ଥା ଯେପରି ଫଳବତୀ ହେବ, ସେଥିପାଇଁ ଆମ ସରକାର ସବୁପ୍ରକାର ଉଦ୍ୟମ କରିବାକୁ ବଦ୍ଧପରିକର ।

ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ନିମନ୍ତେ ଆମେ ଏକ ବାସ୍ତବବାଦୀ ଯୋଜନା ହାତକୁ ନେଇଛୁ । ରାଜ୍ୟରେ ବର୍ତ୍ତମାନ ଥିବା ଜଳସେଚନ ପରିସରକୁ ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ତିନିଗୁଣ ବୃଦ୍ଧି କରିବା ଦିଗରେ ଉଦ୍ୟମ ଆରମ୍ଭ ହୋଇଗଲାଣି ଏବଂ ରାଜ୍ୟକୁ ଶିଳ୍ପସମୃଦ୍ଧ କରିବାପାଇଁ ଏକ ବ୍ୟାପକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଦରିଦ୍ରତମ ଲୋକଙ୍କ ଉନ୍ନତି ପାଇଁ ଏକ ବୈପ୍ଳବିକ କାର୍ଯ୍ୟକ୍ରମ ଜରିଆରେ ଗାଁ ଗହଳିରେ ବାସକରୁଥିବା ୫ ଲକ୍ଷ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ଦିଗରେ ପ୍ରଚେଷ୍ଟା କରାଯାଉଛି । ରାଜ୍ୟର ଅନୁନ୍ନତ ଅଞ୍ଚଳମାନଙ୍କରେ ନୂଆ ରେଳଲାଇନ ନିର୍ମାଣ, ଆଦିବାସୀ ଓ ହରିଜନ ଲୋକଙ୍କର ସାମାଜିକ ତଥା ଅର୍ଥନୈତିକ ଉନ୍ନତିବିଧାନ ଏବଂ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ବହୁ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ସୁବିଧାସୁଯୋଗ ଦେବା ସଙ୍ଗେ ସଙ୍ଗେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଆମ ସରକାର ଯେଉଁଭଳି ପଦକ୍ଷେପ ନେଇଛନ୍ତି, ସେଭଳି ପଦକ୍ଷେପ ପୂର୍ବରୁ କୌଣସି ସରକାର ନେଇନଥିଲେ । ପୁନର୍ଜାଗରଣ ପାଇଁ ଏକ ନୂତନ ଯୁଗର ଅଭ୍ୟୁଦୟ ଘଟିଛି ।

ପବିତ୍ର ଜନରାଜ୍ୟ ଦିବସ ଉପଲକ୍ଷେ ଆଜି ମୁଁ ଓଡ଼ିଶାବାସୀ ଜନସାଧାରଣଙ୍କୁ ନିବେଦନ କରୁଛି ଯେ ରାଷ୍ଟ୍ରନିର୍ମାଣ ଦିଗରେ ଏବଂ ପ୍ରଗତି ଓ ସମୃଦ୍ଧିର ପଥ ପ୍ରଶସ୍ତ କରିବା ଦିଗରେ ସରକାର ଯେଉଁ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ସେ ଆହ୍ୱାନର ମୁକାବିଲା କରିବା ପାଇଁ ସେମାନେ ସରକାରଙ୍କ ସହିତ ପୂର୍ଣ୍ଣ ସହଯୋଗ କରନ୍ତୁ ।

ଜୟହିନ୍ଦ୍



ଜନସ୍ୱାଜ୍ୟ ଦିବସ ଉପଲକ୍ଷେ

ସୂଚନା ଓ ଲୋକସଂପର୍କ,
ଯୋଜନା ଓ ସମନ୍ୱୟ ବିଭାଗ ରାଷ୍ଟ୍ରମନ୍ତ୍ରୀ

# ଶ୍ରୀ ଲଳିତ ମୋହନ ଗାନ୍ଧୀଙ୍କ

# ବାର୍ତ୍ତା

ସ୍ୱାଧୀନ ଏଇ ଭାରତ ବର୍ଷର ଜନସାଧାରଣ ଆଜିର ତିଥିରେ ୩୨ ତମ ଜନରାଜ୍ୟ ଦିବସ ପାଳନ କରୁଛନ୍ତି । ଏହି ଦିବସଟି ସୂଚାଇ ଦିଏ ଯେ ଆମେ ବିଗତ ଏକତ୍ରିଂଶ ବର୍ଷ ହେଲା ନିଜକୁ ନିଜେ ଶାସନ କରିବାର ସୌଭାଗ୍ୟ ଅର୍ଜନ କରିଛୁ ଏବଂ ପ୍ରଗତି ପଥରେ ଆମ ଦେଶ ଅଗ୍ରସର ହୋଇ ଚାଲିଛି । ବହୁ ଧର୍ମାବଲମ୍ବୀ ଓ ବିଭିନ୍ନ ସଂପ୍ରଦାୟର ଲୋକଙ୍କୁ ନେଇ ଭାରତ ଭଳି ଏକ ବିରାଟ ଭୂଖଣ୍ଡ ତ୍ରିରଙ୍ଗ ପତାକାର ଅଭୟ ଛାୟା ତଳେ ବିଶ୍ୱବାସୀଙ୍କୁ ସାମ୍ୟ ମୈତ୍ରୀର ବାଣୀ ଶୁଣାଇବା ସଙ୍ଗେ ସଙ୍ଗେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସା ଧର୍ମରେ ଉଦ୍‌ବେଳିତ ହେବାକୁ ଆହ୍ୱାନ କରୁଛି ।

ଆଜିର ଏ ପବିତ୍ର ଦିବସରେ ମୁଁ ବିନମ୍ର ନିବେଦନର ସହ ସେହି ଆଗ୍ନେୟ ଶପଥ ମନେ ପକାଇ ଦେଉଛି ଯେ ଆମେ ଏକ ସ୍ୱାଧୀନ ଦେଶର ନାଗରିକ ରୂପେ ନିଜର ଗୁରୁ ଦାୟିତ୍ୱ ପ୍ରତି ସଦା ସଜାଗ ରହି ପ୍ରତ୍ୟେକ ବ୍ୟକ୍ତି ପ୍ରଗତି ପଥର ସୈନିକ ଭାବରେ ନିଜ ଦୃଢ଼ତା ବଜାୟ ରଖିବା ।

ଜୟହିନ୍ଦ୍

ଜାନୁଆରୀ ୧୯୮୧
ପୌଷ ୧୯୦୨ ଶକାବ୍ଦ

# ଉତ୍କଳ ପ୍ରସଙ୍ଗ

୩୭ ଭାଗ : ଷଷ୍ଠ ସଂଖ୍ୟା

## ସୂଚୀପତ୍ର

ଶ୍ରୀ ସୁବ୍ରତ ଯୋଷୀ
ମୁଖ୍ୟ ସମ୍ପାଦକ

ଶ୍ରୀ ଆର୍ତ୍ତତ୍ରାଣ ରାଉତ
ସମ୍ପାଦକ

ଶ୍ରୀ ପ୍ରହରାଜ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସମ୍ପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ ଟ ୧୦·୦୦
ପ୍ରତି ଖଣ୍ଡ ଟ ୧·୦୦

ଓଡ଼ିଶାରେ ବ୍ୟାପକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଯୋଜନା .. ୧
ବ୍ୟାପକ ଶିଳ୍ପ ପ୍ରସାର କ୍ଷେତ୍ର : ଓଡ଼ିଶା .. ୬
ଓଡ଼ିଶାରେ ଖଣିଜ ସଂପଦର ବିକାଶ .. ୯
ଗରିବଙ୍କ ଅଭିବୃଦ୍ଧି ଲାଗି ନୂତନ ଯୋଜନା .. ୧୧
ଓଡ଼ିଶାର ସର୍ବାଙ୍ଗୀନ ବିକାଶ ନିମନ୍ତେ ବଳିଷ୍ଠ ପଦକ୍ଷେପ .. ୧୩
ଓଡ଼ିଶାରେ ଶିଳ୍ପ ବିକାଶର ସମ୍ଭାବନା .. ୧୭
କ୍ଷୁଦ୍ର ଶିଳ୍ପ ଏବଂ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ .. ୨୩
ସର୍ଜନା (କବିତା) .. ୨୬
ଓଡ଼ିଶାର ହସ୍ତଶିଳ୍ପ .. ୨୭
ଶବରମାନଙ୍କ ସାମାଜିକ ଜୀବନ .. ୨୯
କବିତ୍ରୀ ନେତ୍ରୀ : ସରୋଜିନୀ ନାଇଡୁ .. ୩୧
କୃଷ୍ଣ ସଙ୍ଗତେ ଜଗନ୍ନାଥ .. ୩୩
ଖାଉଟି ଦ୍ରବ୍ୟ ବଣ୍ଟନରେ ଯୋଗାଣ ନିଗମ .. ୩୭
ଜାଗ୍ରତ ପ୍ରହରୀ ଗୃହରକ୍ଷୀ .. ୩୯
ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରରେ ସ୍ପଞ୍ଜ ଲୁହା କାରଖାନା .. ୪୧
ଅତି ଗରିବ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ ପାଇଁ ପଶୁପାଳନ କାର୍ଯ୍ୟକ୍ରମ । ୪୩
ସ୍ରଷ୍ଟା ଓ ସୃଷ୍ଟି .. ୪୫
ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା .. ୪୯
ଜୀବନ୍ତ କମାଣ .. ୫୧
ଦେଶର ଉନ୍ନତି ଓ ଗ୍ରାମ ଉନ୍ନୟନ .. ୫୩
ଦୁଇଟି ବିଶ୍ୱ-ଦୁଇଟି ଧାରା .. ୫୫
ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ : ୧୯୮୦ .. ୫୯
କେଉଁ ଏକ ସୁପ୍ରଭାତ ପାଇଁ (କବିତା) .. ୬୦
ସ୍ୱାଗତମ୍ ଜନରାଜ୍ୟ ଦିବସ .. ୬୧
ପଲ୍ଲୀ ପ୍ରଗତି .. ୬୩
ଜାନୁୟାରୀ ପହିଲା : ଏକ ସ୍ମରଣୀୟ ଦିବସ .. ୬୫
ଶାରୀରିକ ଅକ୍ଷମଙ୍କ ପାଇଁ ଆନ୍ତର୍ଜାତିକ ସମ୍ବତ୍ସର ଉଦ୍‌ଘାଟିତ ୬୮

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପବିତ୍ର ଜନଗଣତନ୍ତ୍ର ଦିବସ ଉପଲକ୍ଷେ 'ଉତ୍କଳ ପ୍ରସଙ୍ଗ'
ତା'ର ଅଗଣିତ ପାଠକ ପାଠିକାଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଜଣାଉଛି ।

# ଓଡ଼ିଶାରେ ବ୍ୟାପକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଯୋଜନା

ଶ୍ରୀ ନିରଞ୍ଜନ ପଟ୍ଟନାୟକ
ରାଷ୍ଟ୍ରମନ୍ତ୍ରୀ, ଜଳସେଚନ ଓ ବିଦ୍ୟୁତ୍

ଦେଶର ଅନଗ୍ରସର ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ରାଜ୍ୟର ବହୁ ସଂଖ୍ୟକ ଲୋକଙ୍କ ମୌଳିକ ଜୀବନ ଧାରଣର ପନ୍ଥା କୃଷି । ଏମାନଙ୍କର ଜୀବନଧାରଣର ଅର୍ଥନୈତିକ ମାନ ନିମ୍ନଧରଣର । ଅପର ପକ୍ଷରେ ରାଜ୍ୟରେ ପ୍ରାକୃତିକ ସଂପଦ ବିପୁଳ ପରିମାଣରେ ରହିଛି । ଓଡ଼ିଶାରେ ବ୍ୟାପକ ଜମି, ଜଙ୍ଗଲ, ଜଳ, ଖଣିଜ ସଂପଦ ଓ ସୁବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ଅଛି । ଅତୀତରେ ଏସବୁ ସଂପଦର ଉପଯୋଗ କରାଯାଇ କୃଷି ଉତ୍ପାଦନ ଅଭିବୃଦ୍ଧି ଓ ଶିଳ୍ପ ବିକାଶ ଦିଗରେ ଯେଉଁ ସବୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ତାହାର ସଂଖ୍ୟା କମ୍ ଥିଲା । ଏହା ସ୍ୱୀକାର୍ଯ୍ୟ ଯେ ଯେକୌଣସି ଦେଶର ସର୍ବାଙ୍ଗୀନ ଉନ୍ନତି ବିଧାନ ନିମନ୍ତେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନର ବିକାଶ ଅପରିହାର୍ଯ୍ୟ । ରାଜ୍ୟରେ ଥିବା ଜଳବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ସମ୍ବଳର ଉପଯୋଗ କରାଗଲେ ରାଜ୍ୟରେ ଯଥେଷ୍ଟ ପରିମାଣରେ ବିଦ୍ୟୁତ୍ ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ମିଳି ପାରିବ । ଏହାଛଡ଼ା ବନ୍ୟା ନିୟନ୍ତ୍ରଣ, ଜଳସେଚନର ସୁବିଧା, ଖଣିର ବିକାଶ ଘଟିବା ସଙ୍ଗେ ସଙ୍ଗେ କୋଇଲାରୁ ତାପଜ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ । ନିକଟ ଭବିଷ୍ୟତରେ ଜନସାଧାରଣଙ୍କୁ ଅଧିକ ସୁଖ ସମୃଦ୍ଧି ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ଭିତରେ ଥିବା ଏଇ ବିପୁଳ ସଂପଦର ସଦୁପଯୋଗ ନିମନ୍ତେ ଆମର ସଂକଳ୍ପବଦ୍ଧ ଉଦ୍ୟମ ହେବା ଆବଶ୍ୟକ ।

୧୯୫୫—୬୦ ମସିହା ମଧ୍ୟରେ ଯେତେବେଳେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଓ ହୀରାକୁଦ ବନ୍ଧ ଯୋଜନାରୁ ବିଦ୍ୟୁତ୍ ଉତ୍ପାଦନ କରାଗଲା, ସେତେବେଳେ ଓଡ଼ିଶା ପ୍ରଥମ ଥର ପାଇଁ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କଲା । ତା'ପରେ ଆସ୍ତେ ଆସ୍ତେ ବିଦ୍ୟୁତ୍ ଯୋଜନାଗୁଡ଼ିକୁ ନିର୍ମାଣ କରାଗଲା ଏବଂ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର, ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ନିର୍ମାଣ ଶେଷ କରାଗଲା । ତା'ପରେ ସ୍ୱଳ୍ପ ମୂଲ୍ୟରେ ବିଦ୍ୟୁତ୍ ମିଳିବାପରେ ରାଜ୍ୟରେ ୧୯୬୦ ଦଶନ୍ଧିର ଶେଷ ଆଡ଼କୁ ଶିଳ୍ପ କାରଖାନା ଆରମ୍ଭ କରାଗଲା ଏବଂ ରାଜ୍ୟ ମଧ୍ୟରେ ବିଦ୍ୟୁତ୍ ଉପଯୋଗ କରାଗଲା । ଏହା ଛଡ଼ା ସେହି ସମୟରେ ପଡ଼ୋଶୀ ରାଜ୍ୟଗୁଡ଼ିକର ବିଦ୍ୟୁତ୍ ଅଭାବ ମେଣ୍ଟାଇବା ପାଇଁ ବଳକା ବିଦ୍ୟୁତ୍‌ଶକ୍ତି ସେମାନଙ୍କୁ ଯୋଗାଇ ଦିଆଗଲା ।

## ସମ୍ବଳ

ଓଡ଼ିଶାକୁ ମୁଖ୍ୟତଃ ଦୁଇଟି ଅଞ୍ଚଳରେ ବିଭକ୍ତ କରାଯାଇଛି, ପଶ୍ଚିମାଞ୍ଚଳ ମାଳଭୂମି ଓ ପୂର୍ବାଞ୍ଚଳ ଉପକୂଳ ଭୂମି । ଓଡ଼ିଶାର ବହୁ ନଦୀ ପଶ୍ଚିମାଞ୍ଚଳ ପର୍ବତମାଳାରୁ ବାହାରି ପୂର୍ବ ଦିଗକୁ ଗତିକରି ଉପକୂଳ ଅଞ୍ଚଳରେ ପ୍ରବେଶ କରି ବଙ୍ଗୋପସାଗରରେ ପଡ଼ିଛି । ଉତ୍ତରାଞ୍ଚଳରେ ଥିବା ନଦୀଗୁଡ଼ିକ ଅପେକ୍ଷାକୃତ ବୃହତ୍ ଏବଂ ସେଗୁଡ଼ିକ ଧାରାବାହିକ ଭାବେ ଉପକୂଳ ଅଞ୍ଚଳରେ ବନ୍ୟା ସୃଷ୍ଟି କରି କ୍ଷୟକ୍ଷତି ଘଟାଇଥାନ୍ତି । ସେଗୁଡ଼ିକ ହେଲା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ । ଦକ୍ଷିଣାଞ୍ଚଳରେ ଥିବା ନଦୀଗୁଡ଼ିକ କ୍ଷୁଦ୍ର ମାତ୍ର ସେଗୁଡ଼ିକ ପାର୍ବତ୍ୟ ଅଞ୍ଚଳ ଦେଇ ପ୍ରବାହିତ ହୋଇ ଗୋଦାବରୀ ଅଥବା ଏହାର ଶାଖା ନଦୀରେ ପ୍ରବେଶ କରି ଅବଶେଷରେ ସମୁଦ୍ରରେ ମିଶନ୍ତି । ଏହି ନଦୀଗୁଡ଼ିକ ହେଲା— ବଂଶଧାରା, ମାଛକୁଣ୍ଡ ଓ ଇନ୍ଦ୍ରାବତୀ ଏବଂ ଏହାର ଶାଖାନଦୀ । ଏହି ନଦୀଗୁଡ଼ିକରେ ବାର୍ଷିକ ପ୍ରାୟ ୧୨୧ ନିୟୁତ ଏକରଫୁଟ ଜଳ ପ୍ରବାହିତ ହୁଏ ଏବଂ ଏଥି ମଧ୍ୟରୁ ସ୍ୱଳ୍ପ ପରିମାଣ ଅଦ୍ୟାବଧି ଉପଯୋଗ କରାଯାଇଛି । ବିପୁଳ ଜଳ ସଂପଦର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ସାଂପ୍ରତିକ ପ୍ରୋଜେକ୍ଟ ଓ ଭବିଷ୍ୟତ ଯୋଜନାଗୁଡ଼ିକ ଉଦ୍ଦିଷ୍ଟ । ଏସବୁ ଯୋଜନା ଓଡ଼ିଶାର ସମୃଦ୍ଧି ଆଣିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ନିଅଣ୍ଟ ଅବସ୍ଥାରେ ଜଳବିଦ୍ୟୁତ୍ କେନ୍ଦ୍ରରୁ ସହଜରେ ପଡ଼ୋଶୀ ରାଜ୍ୟକୁ ସେମାନଙ୍କର ଅଭାବ ପୂରଣ କରିବା ପାଇଁ ବିଦ୍ୟୁତ୍ ଯୋଗାଇବାରେ ସକ୍ଷମ ହୋଇପାରିବ । ଇବ୍ ନଦୀର ଉପତ୍ୟକା ଏବଂ ତାଳଚେର ଅଞ୍ଚଳରେ ପ୍ରଚୁର ପରିମାଣରେ କୋଇଲା ସଂପଦ ରହିଛି । ତାଳଚେର କୋଇଲା ଅଞ୍ଚଳରେ ସହସ୍ରାଧିକ ନିୟୁତ ଟନ୍ ନିକୃଷ୍ଟ ଧରଣର କୋଇଲା ଗଚ୍ଛିତ ଅଛି ଓ ଏହା ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ବିଶେଷ ଉପଯୋଗୀ ।

ଉପରୋକ୍ତ ନଦୀଗୁଡ଼ିକରୁ ସାଧାରଣ ଭାବେ ବିଦ୍ୟୁତ୍ ଉତ୍ପାଦନ କରାଯିବା ସଙ୍ଗେ ସଙ୍ଗେ ନଦୀ ଜଳଭଣ୍ଡାରରୁ ପଂପ
ସାହାଯ୍ୟରେ, ଆଣବିକ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଏବଂ ସୌରଶକ୍ତି ଉପଯୋଗ କରି ବିଦ୍ୟୁତ୍ ଉତ୍ପାଦନ କରିବାର କ୍ଷେତ୍ର
ମଧ୍ୟ ଏହି ରାଜ୍ୟରେ ରହିଛି ।

## ବିଦ୍ୟୁତ୍ ଉତ୍ପାଦନ ପ୍ରୋଜେକ୍ଟ

"ବିଗତ ଦୁଇଦଶନ୍ଧି ମଧ୍ୟରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନର ଅଗ୍ରଗତି ଏବଂ ସେସବୁର ଉପଯୋଗ ସଂପର୍କରେ ପରିଶିଷ୍ଟ-୧ ରେ
ଉଲ୍ଲେଖ କରାଯାଇଛି । ଉପରୋକ୍ତ ପରିଶିଷ୍ଟରୁ ସୁସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ରାଜ୍ୟର ଅର୍ଥନୈତିକ ସ୍ତରର ଅଭିବୃଦ୍ଧି
ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନୁହେଁ । ପ୍ରତି ଘଣ୍ଟାରେ ମୁଣ୍ଡପିଛା ବିଦ୍ୟୁତ୍ ଉପଯୋଗ ମାତ୍ର ୧୦୦ କିଲୋଓ୍ୱାଟ୍ ଅତିକ୍ରମ
କରିଛି । ସଂପ୍ରତି କାର୍ଯ୍ୟକାରୀ ହେଉଥିବା ବିଦ୍ୟୁତ୍ କେନ୍ଦ୍ର, ନିର୍ମାଣ କରାଯାଉଥିବା ନୂତନ ପ୍ରକଳ୍ପ ଏବଂ ନିକଟ ଭବିଷ୍ୟତରେ
ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ଥିବା ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ସବିଶେଷ ବିବରଣୀ ୨ୟ ପରିଶିଷ୍ଟରେ ଉଲ୍ଲେଖ କରାଯାଇଛି ।

## କ-ପରିଶିଷ୍ଟ, ୧

## ଖ-ପରିଶିଷ୍ଟ, ୨

## ବିଦ୍ୟୁତ୍ ଭାର ସର୍ବେକ୍ଷଣ (ଲୋଡ୍ ସର୍ଭେ)

୧୦ମ ବାର୍ଷିକ ବିଦ୍ୟୁତ୍ ଭାର ସର୍ବେକ୍ଷଣ ଏବଂ ଅନ୍ୟାନ୍ୟ ସ୍ୱୀକୃତିପ୍ରାପ୍ତ ଅନୁସନ୍ଧାନକୁ ଭିତ୍ତି କରି ପ୍ରସ୍ତୁତ କରାଯାଇଥିବା
ଭବିଷ୍ୟତ ବିଦ୍ୟୁତ୍ ଉତ୍ପାଦନ ଅଭିବୃଦ୍ଧିର ହିସାବ ୩ୟ ପରିଶିଷ୍ଟରେ ଦର୍ଶାଯାଇଛି । ଏହି ଚାହିଦା ପରିପୂରଣ ନିମନ୍ତେ
କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ସହାୟତାରେ ରାଜ୍ୟ ସରକାର ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଆଞ୍ଚଳିକ
ଗ୍ରୀଡ୍ ପ୍ରତିଷ୍ଠା କରାଯିବା ପରେ ରାଜ୍ୟ ଯୋଜନାରେ ପଡ଼ୋଶୀ ରାଜ୍ୟଗୁଡ଼ିକର ଚାହିଦା ମେଣ୍ଟାଇବା ଲାଗି କିଛି ପରିମାଣର
ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ସକାଶେ ବ୍ୟବସ୍ଥା କରିବାକୁ ପଡ଼ିବ । ପର୍ଯ୍ୟାୟକ୍ରମେ ଯେଉଁସବୁ ବିଦ୍ୟୁତ୍ ଉତ୍ପାଦନ
କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ସେ ସଂପର୍କରେ ୨ୟ ପରିଶିଷ୍ଟରେ ସୂଚନା ଦିଆଯାଇଛି । ଅନୁଧ୍ୟାନରୁ
ଜଣାଯାଏ ଯେ ନିର୍ମାଣ ଅବସ୍ଥାରେ ଥିବା ଯୋଜନାଗୁଡ଼ିକ ସଂପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଥିବାରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ
ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ନିଅଣ୍ଟ ପରିଲକ୍ଷିତ ହେବ । ଏହି ପରିସ୍ଥିତିକୁ ସୁଧାରିବା ପାଇଁ ଯୋଜନାଗୁଡ଼ିକର ନିର୍ମାଣ ଏବଂ
ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ କରାଯାଉଛି ।

## ପରିଶିଷ୍ଟ, ୩

## ସରବରାହ ପ୍ରୋଜେକ୍ଟ

ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସହିତ ସମତାଳ ରଖି ସରବରାହ ଏବଂ ବିତରଣ ପ୍ରୋଜେକ୍ଟଗୁଡ଼ିକ ପ୍ରତି ଧ୍ୟାନ
ଦିଆଯାଉଛି । ଏହା ଫଳରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ବିଦ୍ୟୁତ୍ ସଂଗ୍ରହାଗାରକୁ ବିଦ୍ୟୁତ୍ ସ୍ଥାନାନ୍ତରିତ କରିବା ସଙ୍ଗେ ସଙ୍ଗେ
ଖାଉଟୀମାନଙ୍କୁ ଯଥାଯଥ ଭାବେ ଏବଂ ସ୍ୱଳ୍ପ ଖର୍ଚ୍ଚରେ ବିତରଣ କରାଯାଇ ପାରିବ । ଅତୀତରେ ଏ କ୍ଷେତ୍ରରେ ଯଥେଷ୍ଟ
ଅସାମଞ୍ଜସ୍ୟ ପରିଲକ୍ଷିତ ହୋଇଥିଲା । ତେଣୁ ଅତୀତର ଅସାମଞ୍ଜସ୍ୟକୁ ସମତୁଲ କରିବା ଏବଂ ଭବିଷ୍ୟତର ଚାହିଦା
ମେଣ୍ଟାଇବା ଲାଗି ବିଦ୍ୟୁତ୍ ସରବରାହ ଏବଂ ବିତରଣ ପ୍ରକଳ୍ପ ଦିଗରେ ଅଧିକ ଧ୍ୟାନ ଦିଆଯିବା ଉଚିତ । ଷଷ୍ଠ ଯୋଜନା
କାଳ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ବୃହତ୍ ସରବରାହ ପ୍ରକଳ୍ପ ସଂପର୍କରେ ପରିଶିଷ୍ଟ ୪ରେ ସୂଚନା ଦିଆଯାଉଛି । ଏ
ସଂପର୍କିତ ପଦ୍ଧତି ସମ୍ବନ୍ଧରେ ଅନୁଧ୍ୟାନ କରାଯାଉଛି ଏବଂ ଭବିଷ୍ୟତ ପାଇଁ ସରବରାହ ପ୍ରକଳ୍ପ ଏବଂ ଆନ୍ତଃରାଜ୍ୟ ପ୍ରକଳ୍ପ
ଆବଶ୍ୟକ ମତେ ଆରମ୍ଭ କରାଯିବ ।

## ପରିଶିଷ୍ଟ, ୪

## କାର୍ଯ୍ୟକାରୀ ଯୋଜନା

ଦେଶରେ ବିଶେଷକରି ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ସଂପ୍ରତି ବିଦ୍ୟୁତ୍ ସଙ୍କଟ ଦେଖାଦେଉଛି । ଓଡ଼ିଶା ବିଦ୍ୟୁତ୍
ଉତ୍ପାଦନ କ୍ଷେତ୍ରରେ ଅପେକ୍ଷାକୃତ ସ୍ୱଚ୍ଛଳ ଅବସ୍ଥାରେ ରହିଥିଲେ ହେଁ ଗତ ବର୍ଷର ଶେଷ ପର୍ଯ୍ୟାୟରେ ବିଦ୍ୟୁତ୍ ସଙ୍କଟ ଦେଖା-
ଦେଇଥିଲା, ଏହା ଫଳରେ ବିଦ୍ୟୁତ୍ କଟକଣା ଏବଂ ବିଦ୍ୟୁତ୍ ଯୋଗାଣ ବନ୍ଦ ଆଦି କରିବାକୁ ପଡ଼ିଥିଲା । ଏହି ବିଦ୍ୟୁତ୍
ନିଅଣ୍ଟର ସୁଦୂର ପ୍ରସାରୀ ପ୍ରଭାବ ହେତୁ ଦେଶକୁ ବହୁ କ୍ଷତି ସହିବାକୁ ପଡ଼ିଥିଲା । ଏହି ଅଭିଜ୍ଞତା ହେତୁ ବିଦ୍ୟୁତ୍ ଯୋଜନା-
ଗୁଡ଼ିକୁ କ୍ଷିପ୍ରତର ଭାବେ କାର୍ଯ୍ୟକାରୀ କରିବା ଓ ଅଧିକ ଯୋଜନା ହାତକୁ ନେବା ଉପଲବ୍ଧି କରାଯାଇଥିଲା । ଚଳିତ ତଥା
ଆଗାମୀ ଯୋଜନା କାଳରେ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଲାଗି ଓଡ଼ିଶା ରାଜ୍ୟ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଛି ।
ଏହାର ସଫଳ ରୂପାୟନ ପାଇଁ ନିଶ୍ଚିତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ । ତେଣୁ ଏହି ଅଭିଳାଷ ପୂରଣ କରିବା
ନିମନ୍ତେ ରାଜ୍ୟ ସରକାର ତଥା ରାଜ୍ୟ ବିଦ୍ୟୁତ୍ ବୋର୍ଡ ନୂଆ ନୂଆ ବିଦ୍ୟୁତ୍ ପ୍ରୋଜେକ୍ଟମାନ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି ।
କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ କରିଆରେ ଏନ୍. ଟି. ପି. ସି.କୁ ତାଳଚେରଠାରେ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ନିର୍ମାଣ
କରିବା ଦାୟିତ୍ୱ ଦିଆଯାଇଛି । ଏହା ଛଡ଼ା ବିପୁଳ ପରିମାଣରେ ବିଦ୍ୟୁତ୍ ଆବଶ୍ୟକ କରୁଥିବା ଇଲେକ୍ଟ୍ରୋମେଟାଲୁର୍ଜିକାଲ
ଶିଳ୍ପ କାରଖାନାଗୁଡ଼ିକ ରାଜ୍ୟ ଗ୍ରୀଡ୍ ସହିତ ସମନ୍ୱୟ ରକ୍ଷା କରି ବା ରକ୍ଷା ନକରି ସେମାନଙ୍କର ଆବଶ୍ୟକ ମୁତାବକ ବିଦ୍ୟୁତ୍
ଉତ୍ପାଦନ କରିବା ପାଇଁ ସେମାନଙ୍କୁ କ୍ଷମତା ଦିଆଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ତୁରନ୍ତ ଲକ୍ଷ୍ୟ ହାସଲ ହୋଇପାରିବ ଏବଂ
ଈପ୍‌ସିତ ପରିମାଣର ବିଦ୍ୟୁତ୍ ଉତ୍ପାଦନ ଯୋଗୁଁ ଶିଳ୍ପ ପ୍ରସାର କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

ଦେଶର ଅନ୍ୟ ଯେ କୌଣସି ବିଦ୍ୟୁତ୍ ଉପଯୋଗିତା ତୁଳନାରେ ଓଡ଼ିଶାର ବିଦ୍ୟୁତ୍ ସଂକ୍ରାନ୍ତ ଖର୍ଚ୍ଚ ବ୍ୟବସ୍ଥା ଯଥେଷ୍ଟ ଭଲ । ୧୯୭୯ ମସିହା ପର୍ଯ୍ୟନ୍ତ ଓଡ଼ିଶାର ବିଦ୍ୟୁତ୍‌ଶକ୍ତିର ହାରାହାରି ବିକ୍ରୟ ମୂଲ୍ୟ ଦେଶରେ ସର୍ବନିମ୍ନ ଥିଲା । ମୂଲ୍ୟ ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ଶୁଳ୍କର ସର୍ବଶେଷ ସଂଶୋଧନ ପରେ ବିଦ୍ୟୁତ୍‌ଶକ୍ତିର ବିକ୍ରୟ ମୂଲ୍ୟ ବୃଦ୍ଧି ପାଇଛି । ତଥାପି ବିଦ୍ୟୁତ୍ ହାର କମ୍ ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ଅଧିକ ପରିମାଣର ଜଳ ବିଦ୍ୟୁତ୍ ସଂରକ୍ଷିତ ରଖାଯିବା ଦ୍ୱାରା ବିଦ୍ୟୁତ୍‌ଶକ୍ତିର ହାର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଶସ୍ତା ହେବ । ଯେହେତୁ ସମଗ୍ର ଦେଶରେ ଯନ୍ତ୍ରପାତିର ମୂଲ୍ୟ ଏବଂ ନିର୍ମାଣ ହାର ଉଣା ଅଧିକେ ସମାନ । ଓଡ଼ିଶାରେ ଯେଉଁ ଜଳବିଦ୍ୟୁତ୍ ଉତ୍ପାଦିତ ହେଉଛି ବା ହେବାକୁ ଯାଉଛି ତାହାର ମୂଲ୍ୟ ସର୍ବନିମ୍ନ ହେବାର ସମ୍ଭାବନା ରହିଛି । ତାପଜ ବିଦ୍ୟୁତ୍ ନିମନ୍ତେ ତାଳଚେର ଏକ ଉପଯୁକ୍ତ ଅଞ୍ଚଳ । କୋଇଲା ଖଣି ଅଞ୍ଚଳକୁ ବ୍ରାହ୍ମଣୀ ନଦୀ ପରିବେଷ୍ଟନ କରି ରହିଛି । ରେଙ୍ଗାଲି ବନ୍ଧ ନିର୍ମାଣ ହେବା ପରେ ବ୍ରାହ୍ମଣୀ ନଦୀରେ ଅବିରତ ଜଳ ପ୍ରବାହ ରହିବ । ତେଣୁ ତାଳଚେର ନିକଟବର୍ତ୍ତୀ ଅଞ୍ଚଳରେ ଉଭୟ କୋଇଲା ଓ ଜଳ ଏକ ସ୍ଥାନରେ ମିଳିପାରିବ । ତାଳଚେରରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେଉଥିବା ବେଳେ ବିଦ୍ୟୁତ୍ ସରବରାହ ପାଇଁ ଅଧିକ କିଛି ଖର୍ଚ୍ଚ ହେବନାହିଁ । ତେଣୁ ତାଳଚେରଠାରେ ଅର୍ଥନୈତିକ ଦୃଷ୍ଟିକୋଣରୁ ଯେ କୌଣସି ଧରଣର ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇପାରେ ' ଅର୍ଥନୈତିକ ଦୃଷ୍ଟିକୋଣ ବ୍ୟତୀତ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ସହଜରେ କୋଇଲା ଯୋଗାଇ ଦିଆ ଯାଇପାରିବ । କାରଣ ଦୂରବର୍ତ୍ତୀ ସ୍ଥାନକୁ କୋଇଲା ପରିବହନ କରିବା ସବୁ ସମୟରେ ସମ୍ଭବ ହୋଇ ପାରେନାହିଁ । ମାତ୍ର ତାଳଚେରଠାରେ ଏଭଳି ପରିସ୍ଥିତି ଉପୁଜିବ ନାହିଁ । ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ରାଜ୍ୟରେ ସ୍ୱଳ୍ପ ଖର୍ଚ୍ଚରେ ଜଳବିଦ୍ୟୁତ୍ ତଥା ତାପଜ ବିଦ୍ୟୁତ୍ ଉତ୍ପାଦନ କରାଯାଇ ପ୍ରତିଯୋଗିତାମୂଳକ ବିଦ୍ୟୁତ୍ ଶୁଳ୍କ ମଧ୍ୟରେ ଯେ କୌଣସି ପ୍ରକାରର ଖାଉଟିଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇପାରିବ ।

ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାର ବିଦ୍ୟୁତ ଭାର ସାମର୍ଥ୍ୟ ଅଧିକ ଉନ୍ନତର । ଏହାର ଅର୍ଥ ସର୍ବାଧିକ ଚାହିଦା ସମୟରେ ଅନୁରୂପ ସ୍ତରର ଯୋଗାଣ ଅବ୍ୟାହତ ରଖିବା ଲାଗି ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବା । ବିଦ୍ୟୁତ ଭାର ସ୍ଥାନାନ୍ତରିତ କରିବା ସମୟରେ ଏହା କିଛିଦିନ ପାଇଁ ହ୍ରାସକରାଯାଇପାରେ ମାତ୍ର ଆଗାମୀ ଦଶନ୍ଧି ମଧ୍ୟରେ ଅଧିକ ବିଦ୍ୟୁତ ଶକ୍ତିର ଚାହିଦା ପୂରଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରା ଯାଉଛି । ବନ୍ୟା ନିୟନ୍ତ୍ରଣ ତଥା ଜଳସେଚନର ସୁବିଧା ସୁଯୋଗ ପାଇଁ ଜଳ ବିଦ୍ୟୁତ୍ ଉତ୍ପାଦନ କରିବାର ସମ୍ଭାବନା ରହିଥିବା କାର୍ଯ୍ୟଗୁଡ଼ିକ ପ୍ରତି ଅଗ୍ରାଧିକାର ଦିଆଯିବ । ଆବଶ୍ୟକତା ପୂରଣ ପାଇଁ ତାପଜ ବିଦ୍ୟୁତ୍ ଉତ୍ପାଦନ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯିବ । ଜଳ ବିଦ୍ୟୁତ୍ କେନ୍ଦ୍ରର ଉଦ୍‌ବୃତ୍ତ ବିଦ୍ୟୁତ୍ ଶକ୍ତିକୁ ଅତ୍ୟନ୍ତ ଆବଶ୍ୟକ କରୁଥିବା ପଡ଼ୋଶୀ ରାଜ୍ୟମାନଙ୍କର ଚାହିଦା ମେଣ୍ଟାଇବା ଲାଗି ଦିଆଯିବ ।

ଉପରେ ଉଲ୍ଲେଖ କରାଯାଇଥିବା ବିଦ୍ୟୁତ୍ ଉତ୍ପାଦନ ଓ ସରବରାହ ବ୍ୟତୀତ ବିଦ୍ୟୁତ୍ ଭାର ସାମର୍ଥ୍ୟ ଏବଂ ଆବଶ୍ୟକତା ସଂପର୍କରେ ପ୍ରତିବର୍ଷ ସମୀକ୍ଷା କରାଯିବ । ଏହା ଫଳରେ ସାମଗ୍ରିକ ବିକାଶମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ନ ହେବା ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଅଥବା ଅନ୍ୟ କୌଣସି କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଅଗ୍ରାଧିକାର ଦିଆଯିବ । ଏହିସବୁ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ କେତେ ପରିମାଣର ଅର୍ଥ ବିନିଯୋଗ କରାଯିବ, ତହିଁର ହିସାବ ଏଥିରେ ସନ୍ନିବେଶ କରାଯାଇ ନ ଥିଲେ ସୁଦ୍ଧା ବାର୍ଷିକ ଯୋଜନା ତଥା ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବା ସମୟରେ ତାହା ହିସାବକୁ ନିଆଯାଇଛି । ଏ ସବୁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପାଣ୍ଠି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । କାରଣ ଦେଶର ପ୍ରଗତି ତଥା ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ଲାଗି ବିଦ୍ୟୁତ୍ ସଂକଟରୁ ଉଦ୍ଧାର ପାଇବା ଲାଗି ଏସବୁ ଯୋଜନା କାର୍ଯ୍ୟକାରୀ କରିବା ଅପରିହାର୍ଯ୍ୟ ।

## ପରିଶିଷ୍ଟ ୯

### ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ଓ ଉପଯୋଗ

(୧୯୬୧–୭୯)

| ବର୍ଷ (୧) | ୧୯୬୧-୬୨ (୨) | ୧୯୬୮-୬୯ (୩) | ୧୯୭୩-୭୪ (୪) | ୧୯୭୮-୭୯ (୫) |
|---|---|---|---|---|
| ୧–(କ) ଉତ୍ପାଦନ କ୍ଷମତା (ମେଗାୱାଟ) | ୨୫୩ | ୫୬୪ | ୬୮୩ | ୯୧୪ |
| (ଖ) ସରବରାହ ଲାଇନ୍, (୧୧ କିଲୋୱାଟ ଓ ତଦୂର୍ଦ୍ଧ୍ୱ) । | ୨,୮୦୦ | ୮,୭୯୨ | ୧୭,୯୬୨ | ୨୭,୪୩୧ |
| ୨–ଉତ୍ପାଦିତ ବିଦ୍ୟୁତ୍ (ମେଟ୍ରିକ୍ ୟୁନିଟ୍) | ୬୪୧ | ୧,୪୩୦ | ୨,୩୩୫ | ୨,୮୩୮ |
| ୩–(କ) ବିଦ୍ୟୁତ୍ ବିକ୍ରୟ (ମେଟ୍ରିକ୍ ୟୁନିଟ୍) | ୫୫୬ | ୧,୨୫୦ | ୧,୬୩୦ | ୨,୪୨୫ |
| (ଖ) ଶିଳ୍ପ ସଂସ୍ଥାଗୁଡ଼ିକୁ ବିଦ୍ୟୁତ୍ ଯୋଗାଣର ହାରାହାରି ହିସାବ । | ୯୩% | ୯୦.୫% | ୮୭.୫% | ୮୪.୮% |

| (୧) | (୨) | (୩) | (୪) | (୫) |
|---|---|---|---|---|
| ୪–ବିଦ୍ୟୁତ୍‌କରଣ କରାଯାଇଥିବା ଗ୍ରାମ ସଂଖ୍ୟା । | ୧୧୮ | ୮୨୪ | ୯,୩୯୪ | ୧୭,୪୮୦ |
| ୫–ବିଦ୍ୟୁତ୍‌କରଣ କରାଯାଇଥିବା ଉଠା ଜଳସେଚନ କେନ୍ଦ୍ର । | .. | ୪୭୭ | ୨,୬୫୯ | ୯,୨୬୬ |
| ୬–ଗ୍ରାହକ ସଂଖ୍ୟା .. | ୩୧,୦୦୦ | ୧,୭୯,୯୦୦ | ୨,୦୭,୭୩୦ | ୩,୯୪,୪୫୦ |
| ୭–ବିଦ୍ୟୁତ୍ ଶକ୍ତିର ହାରାହାରି ବିକ୍ରୟ ଦର (ପଇସା/ୟୁନିଟ୍) । | ୪·୦୦ | ୮·୦୦ | ୧୦·୦୦ | ୧୭·୦୦ |

## ପରିଶିଷ୍ଟ ୨

### ଓଡ଼ିଶାରେ ସାଂପ୍ରତିକ ଓ ନୂତନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର

| ନାମ | ଉତ୍ପାଦନ କ୍ଷମତା | କ୍ଷମତା | | ନିର୍ମାଣ ଶେଷ ହେବା ମସିହା | ମନ୍ତବ୍ୟ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| | (ମେଗାଓ୍ୱାଟ) | (ମେଗା-ଓ୍ୱାଟ) | (ମେଟ୍ରିକ୍ ୟୁନିଟ) | | |
| ୧–ମାଛକୁଣ୍ଡ (ଜଳବିଦ୍ୟୁତ) | ୩୪·୪ | ୪୦ | ୨୨୦ | ୧୯୫୫ | ଓଡ଼ିଶାର ଅଂଶ |
| ୨–ହୀରାକୁଦ (ଜଳବିଦ୍ୟୁତ୍) | ୨୭୦ | ୨୦୦ (ହାରାହାରି) | ୧୦୫୦ | ୧୯୫୭ | |
| ୩–ତାଳଚେର (ତାପଜ) | ୨୫୦ | ୧୮୦ | ୧୨୫୦ | ୧୯୬୭ | |
| ୪–ବାଲିମେଳା (ଜଳବିଦ୍ୟୁତ୍) | ୩୬୦ | ୩୦୦ | ୧୧୮୦ | ୧୯୭୩ | |
| ୧୯୭୯-୮୦ ସୁଦ୍ଧା ମୋଟ | ୯୧୪·୪ | ୭୨୦ | ୩୭୦୦ | | |
| ୫–ତାଳଚେର ସଂପ୍ରସାରଣ (ତାପଜ) | ୨୨୦ | ୧୧୦ | ୧୧୦୦ | ୧୯୮୨ | ନିର୍ମାଣ ଅବସ୍ଥାରେ ରହିଛି । |
| ୬–ରେଂଗାଲି(ଜଳବିଦ୍ୟୁତ୍) | ୧୦୦ +୧୫୦ (ଭବିଷ୍ୟତରେ) | ୧୦୦ | ୫୨୩ | ୧୯୮୪ | ,, |
| ୭–ଅପର କୋଲାବ୍ (ଜଳ ବିଦ୍ୟୁତ) | ୨୪୦ | ୨୦୦ | ୯୫ | ୧୯୮୫ | ,, |
| ୮ ଇନ୍ଦ୍ରାବତୀ (ଜଳବିଦ୍ୟୁତ) | ୬୦୦ | ୫୪୦ | ୨୨୫୦ | ୧୯୮୭ | ,, |
| ୯–ତାଳଚେର ସୁପର ଥର୍ମାଲ୍ (ତାପଜ) | ୮୦୦ ୨୮୦୦ (ସର୍ବଶେଷରେ) | ୬୦୦ | ୪୦୦୦ | ୧୯୮୮ | ,, |
| ୧୦–ଭୀମକୁଣ୍ଡ (ଜଳବିଦ୍ୟୁତ୍) | ୬୬୦ | ୬୦୦ | ୧୮୦୦ | .. | ହାତକୁ ନିଆଯିବ ,, |
| ଅନ୍ୟାନ୍ୟ ଭବିଷ୍ୟତ ବିଦ୍ୟୁତ୍ ଯୋଜନା | | | | | |
| ୧ ଲୋୟର କୋଲାବ୍ (ଜଳ-ବିଦ୍ୟୁତ୍) | ୨୪୦ | ୧୬୦ | ୭୬୫ | | |
| ୨ ବୁଢ଼ାବଳଙ୍ଗ (ଜଳବିଦ୍ୟୁତ) | ୧,୦୦୦ | ୧,୦୦୦ | ୧୨୩ | | |
| ୩ ଲୋୟର ମହାନଦୀ (ଜଳ-ବିଦ୍ୟୁତ୍) | ସବିଶେଷ ଅନୁଧ୍ୟାନ ରିପୋର୍ଟ ମିଳିବା ପରେ | | | | |

# ପରିଶିଷ୍ଟ ୩

## ୧୯୮୯-୯୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ପାଇଁ ବିଦ୍ୟୁତ୍ ସଂରକ୍ଷଣ ବ୍ୟବସ୍ଥା

| ବର୍ଷ (୧) | | ଶୀର୍ଷ ସୁବିଧା (ମେଗାୱାଟ୍) (୨) | ବିଦ୍ୟୁତ୍ ଆବଶ୍ୟକତା (ମେଟ୍ରିକ୍ ୟୁନିଟ୍) (୩) |
|---|---|---|---|
| ୧୯୭୯-୮୦ | .. | ୫୫୧* | ୨,୮୩୯* |
| ୧୯୮୩-୮୪ | .. | ୭୯୮ | ୪,୭୫୬ |
| ୧୯୮୪-୮୫ | .. | ୮୯୦ | ୫,୫୩୦ |
| ୧୯୮୫ - ୮୬ | .. | ୯୭୭ | ୬,୦୬୫ |
| ୧୯୮୬-୮୭ | .. | ୧,୦୭୨ | ୬,୬୫୧ |
| ୧୯୮୭-୮୮ | .. | ୧,୧୭୬ | ୭,୨୯୩ |
| ୧୯୮୮-୮୯ | .. | ୧,୨୯୧ | ୭,୯୯୮ |
| ୧୯୮୯-୯୦ | .. | ୧,୫୨୮ | ୯,୪୯୦ |

* ସାମୟିକ

# ପରିଶିଷ୍ଟ ୪

## ୬ଷ୍ଠ ଯୋଜନା କାଳରେ ଓଡ଼ିଶାରେ ବୃହତ୍ ସରବରାହ ଲାଇନ୍

| | | କିଲୋମିଟର |
|---|---|---|
| ୧ -୧୩୨ କେ: ଭି: ଲାଇନ୍ (କ) | .. | ୫୧୦ |
| ୨ -୨୨୦ କେ: ଭି: ଲାଇନ୍ (ଖ) | .. | ୨୩୫ |
| ୩ -୪୦୦ କେ: ଭି: ଲାଇନ୍ (ଗ) | .. | *୬୫୮ |
| ୪ –୪୦୦ କେ: ଭି: ଲାଇନ୍ (ଆନ୍ତଃରାଜ୍ୟ) | .. | *୪୬୦ |

* ପରବର୍ତ୍ତୀ ଯୋଜନାକୁ ଗ୍ରହଣିବ ।

---

- ❋ ଆଗାମୀ ୫ ବର୍ଷ ମଧ୍ୟରେ ୫ ଲକ୍ଷ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ପ୍ରସ୍ତାବ ରହିଛି ।
- ❋ ୮ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ୬୦ ହଜାର ଦରିଦ୍ରତମ ପରିବାରଙ୍କୁ ଚିହ୍ନଟ କରାଯାଇଛି ।
- ❋ ଦରିଦ୍ରତମ ପରିବାରଙ୍କ ଭୂମି-ଭିତ୍ତିକ ଅଭ୍ୟୁତ୍ଥାନ ପାଇଁ ୧ ଲକ୍ଷ ୩୦ ହଜାର ଏକର ଜମି ନିରୂପଣ କରାଯାଇଛି ।
- ❋ ଚଳିତ ବର୍ଷ ୫ କୋଟି ଟଙ୍କା ବ୍ୟୟରେ ୧୬ ହଜାର ହରିଜନ ଓ ଆଦିବାସୀ ପରିବାର ସମେତ ୨୮ ହଜାର ଦରିଦ୍ରତମ ପରିବାରଙ୍କୁ ଅଭ୍ୟୁତ୍ଥାନ କରାଯାଇଛି ।

# ବ୍ୟାପକ ଶିଳ୍ପ ପ୍ରସାର କ୍ଷେତ୍ର
# ଓଡ଼ିଶା

**ଶ୍ରୀ କିଶୋର ଚନ୍ଦ୍ର ପଟେଲ୍**
ରାଷ୍ଟ୍ରମନ୍ତ୍ରୀ, ଶିଳ୍ପ ବିଭାଗ

ବ୍ୟାପକ ଶିଳ୍ପ ପ୍ରସାର କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଅନସ୍ୱୀକାର୍ଯ୍ୟ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଶିଳ୍ପ ଉନ୍ନୟନ କ୍ଷେତ୍ରରେ ଓଡ଼ିଶାର ଅନଗ୍ରସର ଅର୍ଥନୀତିରେ ସାମାନ୍ୟ ପ୍ରଭାବ ପଡ଼ିଛି । ରାଜ୍ୟରେ ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୮୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନ ଭାଗରେ ଜୀବନଯାପନ କରୁଛନ୍ତି । କ୍ଷୋଭର ବିଷୟ, ସାମୁଦ୍ରିକ, ଖଣିଜ, ଜଙ୍ଗଲ ଓ କୃଷି ସଂପଦର ପ୍ରାଚୁର୍ଯ୍ୟ ସହିତ ବିଦ୍ୟୁତ୍ ଶକ୍ତିର ସୁଲଭତା ସତ୍ତ୍ୱେ ଶିଳ୍ପ କ୍ଷେତ୍ରରେ ଦ୍ରୁତ ପ୍ରସାର ଘଟି ପାରିନାହିଁ । ଯେଉଁ କେତେଗୋଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ସଂପ୍ରତି ରାଜ୍ୟରେ ରହିଛି ସେ ସବୁ ଶିଳ୍ପର ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ଏକାନ୍ତ ଆବଶ୍ୟକୀୟ ପରିବେଶ ସୃଷ୍ଟି କରିବା ଦିଗରେ ବିଫଳ ହୋଇଛି ଏବଂ ଶିଳ୍ପ ଉନ୍ନୟନ କ୍ଷେତ୍ରରେ ସେମାନଙ୍କର ସୁଦୂରପ୍ରସାରୀ ପ୍ରଭାବ ଅନୁଭୂତ ହେଉନାହିଁ । ଏଭଳି ପରିସ୍ଥିତିରେ ସରକାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଦୀୟମାନ ଶିଳ୍ପୋଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ଏବଂ ରାଜ୍ୟରେ ଅର୍ଥ ବିନିଯୋଗ କରିବା ଉଦ୍ଦେଶ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ ଗୁଡ଼ିଏ ଅର୍ଥନୈତିକ ପ୍ରୋତ୍ସାହନ ବ୍ୟବସ୍ଥା ଘୋଷଣା କରିଛନ୍ତି । ଏହା ଫଳରେ ରାଜ୍ୟର ପ୍ରାକୃତିକ ସଂପଦର ସଦୁପଯୋଗ କରାଯାଇ ଦ୍ରୁତ ଶିଳ୍ପାୟନ ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ବେକାରି ସମସ୍ୟାର ସମାଧାନ କରାଯାଇ ପାରିବ ।

ଯେ କୌଣସି ଶିଳ୍ପ ଉନ୍ନୟନ ଯୋଜନା ପାଇଁ ଏକାଦିକ୍ରମେ ବିଦ୍ୟୁତ୍ ଉତ୍ପାଦନ ଓ ଭିତ୍ତିଭୂମିକ ବିକାଶ ସାଧନ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସମନ୍ୱୟ ଅପରିହାର୍ଯ୍ୟ । ଅତୀତରେ ଏହି ସମନ୍ୱୟ ରକ୍ଷା କରିବା ଦିଗରେ ରାଜ୍ୟ ଯୋଜନା କ୍ଷେତ୍ରରେ ଉଦ୍ୟମ କରାଯାଇନଥିଲା । ରାଜ୍ୟରେ ଶିଳ୍ପ ପ୍ରସାରର ଅଭିବୃଦ୍ଧି ନିମନ୍ତେ ଏସବୁ ପ୍ରତିବନ୍ଧକ ଦୂର କରାଯାଇଛି । ଅତୀତରେ ଭିତ୍ତିଭୂମିକ ବିକାଶ ସାଧନ, ପ୍ରକଳ୍ପ ଚିହ୍ନୋଟ ଓ ଅନଗ୍ରସର ଅଞ୍ଚଳ ପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଇନଥିବାରୁ ଏପରି ହୋଇଛି । ଏ କ୍ଷେତ୍ରରେ ଆନୁଷ୍ଠାନିକ, ପ୍ରଶାସନିକ ଓ ସାଙ୍ଗଠନିକ ପ୍ରଚେଷ୍ଟାର ଅଭାବ ରହିଥିଲା । ଦେଶର ଅନ୍ୟାନ୍ୟ ବହୁ ଉନ୍ନତ ଅଞ୍ଚଳ ଭଳି ରାଜ୍ୟ ମୁଖ୍ୟତଃ ପ୍ରାଥମିକ ଶିଳ୍ପ କ୍ଷେତ୍ରରେ ରହିଆସିଛି । ଉତ୍ପାଦନ କରୁଥିବା ଶିଳ୍ପାନୁଷ୍ଠାନରେ ନିୟୋଜିତଥିବା ଲୋକସଂଖ୍ୟା ସମଗ୍ର ଦେଶର ସର୍ବନିମ୍ନ । ଗ୍ରାମାଞ୍ଚଳର ବେକାରି ଓ ଅର୍ଦ୍ଧବେକାରି ହ୍ରାସ କରିବାପାଇଁ ଯୋଜନାକାଳ ମଧ୍ୟରେ ରାଜ୍ୟର ଉଦ୍ୟମ ସତ୍ତ୍ୱେ ଏ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିନାହିଁ । ଫଳରେ ରାଜ୍ୟର ସମ୍ବଳକୁ ଉତ୍ପାଦନ ଉଦ୍ଦେଶ୍ୟରେ ଉପଯୋଗ କରାନଯାଇ ରାଜ୍ୟର ଅର୍ଥନୀତିର କ୍ଷତି ଘଟାଇ ବିଦେଶକୁ ରପ୍ତାନି କରାଯାଉଛି । ଏଭଳି ପରିସ୍ଥିତିରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଏକ ପ୍ରଶ୍ନବାଚୀ ହୋଇଛି । ରାଜ୍ୟରେ ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାର ଶିଳ୍ପକ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗକରି ପାରୁନାହାନ୍ତି । ଅପରପକ୍ଷେ ବେସରକାରୀ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ କେହି ଆଗଭର ହେଉନାହାନ୍ତି ।

ରାଜ୍ୟରେ ନୂତନ ସରକାର ଗଠିତ ହେବା ପୂର୍ବରୁ ଏବଂ କ୍ଷମତାସୀନ ହେବା ପରେ ବର୍ତ୍ତମାନର ସରକାର ରାଜ୍ୟରେ ପ୍ରାକୃତିକ ସଂପଦର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଶିଳ୍ପ ପ୍ରସାର କ୍ଷେତ୍ରରେ ଏଭଳି ପ୍ରତିବନ୍ଧକ କାହିଁକି ସୃଷ୍ଟି ହେଉଛି ଏବଂ ବିଭିନ୍ନ ଅଞ୍ଚଳରେ କେଉଁ କାରଣରୁ ଶିଳ୍ପ କାରଖାନା ସ୍ଥାପିତ ହୋଇ ପାରୁନାହିଁ ସେ ସଂପର୍କରେ ପ୍ରାରମ୍ଭିକ ଅନୁଧ୍ୟାନ କରିଥିଲେ । ଶିଳ୍ପକାରଖାନାର ଗୁରୁତ୍ୱ ଦୃଷ୍ଟିରୁ ମିଳୁଥିବା ସଂପଦର ଉପଯୋଗ ପାଇଁ ରାଜ୍ୟ ସରକାର ଆଉ କୌଣସି ମତେ ଅପେକ୍ଷା କରି ରହିପାରିବେନାହିଁ । ଏହା ଉପଲବ୍ଧି କରାଯାଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶିଳ୍ପ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ଦ୍ରୁତ ଶିଳ୍ପ ପ୍ରସାର ଆଭିମୁଖ୍ୟ ସେଭଳି ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଲା । ସଙ୍ଗଠିତଭାବେ ଓ କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନିଆଗଲା । ଫଳରେ ପର୍ଯ୍ୟାୟକ୍ରମେ ରାଜ୍ୟରେ ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ରାଜ୍ୟର ସର୍ବବିଧ ଅର୍ଥନୈତିକ ପ୍ରଗତି

ହାସଲ କରିବା ଲାଗି ତତ୍ପରତା ପ୍ରକାଶ ପାଇଲା । ରାଜ୍ୟରେ ବ୍ୟାପକ ଶିଳ୍ପ ସମ୍ଭାବନା ରହିଥିବା ଦୃଷ୍ଟିରୁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଶିଳ୍ପ ବିକାଶ ଉପରେ ନୂତନ ସରକାର ଅଗ୍ରାଧିକାର ଦେଇଛନ୍ତି । ବିଶେଷକରି ସମଗ୍ର ରାଜ୍ୟରେ ଶିଳ୍ପ କାରଖାନାର ସମ୍ଭାବନା ଅନୁଧ୍ୟାନ କରିବା ପରେ ରାଜ୍ୟ ସରକାର ୧,୦୦୦ ଦିନରେ ହଜାରେ କୋଟି ଟଙ୍କା ବିନିଯୋଗ କରି ହଜାରେଟି ଶିଳ୍ପ କାରଖାନା ବସାଇବାକୁ ଯେଉଁ ସଙ୍କଳ୍ପ କରିଛନ୍ତି ତାହା ଅବାସ୍ତବ ନୁହେଁ ପରନ୍ତୁ ତାହା ବାସ୍ତବ ଓ ସମ୍ଭବପର ।

ତେଣୁ ଏକ ବାସ୍ତବ ଶିଳ୍ପ ବିକାଶ ଯୋଜନା ପ୍ରସ୍ତୁତ କରିବା ଅପରିହାର୍ଯ୍ୟ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏସବୁ ପ୍ରକଳ୍ପର ବାସ୍ତବ ରୂପାୟନ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଯନ୍ତ୍ରପାତି ସକାଶେ ସବିଶେଷ ବିବରଣୀ ସଂଗ୍ରହ କରାଯିବା ଆବଶ୍ୟକ । ଉଭୟ କେନ୍ଦ୍ର ତଥା ରାଜ୍ୟ ଉଦ୍ୟୋଗରେ କରାଯିବାକୁ ଥିବା ପ୍ରକଳ୍ପଗୁଡ଼ିକ ସମେତ ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାର ମୁଖ୍ୟତଃ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଦିଗରେ ଧ୍ୟାନ ଦେବେ ।

ରାଜ୍ୟର ବଛା ବଛା ଶିଳ୍ପ ଅଭିବୃଦ୍ଧି କେନ୍ଦ୍ରରେ ସଙ୍ଗଠିତଭାବେ ପ୍ରଧାନ ଶିଳ୍ପାନୁଷ୍ଠାନ ଅର୍ଥାତ୍ ବୃହତ୍ ଓ ମଧ୍ୟମ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ବ୍ୟାପକ ଧରଣର କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଅନୁରୂପ ଯୋଜନା କରାଯିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ଲାଗି ଏସବୁ ଶିଳ୍ପ ବିକାଶ ଯୋଜନା ପ୍ରସ୍ତୁତ କଲାବେଳେ ଖଣି, ଜଙ୍ଗଲ, କୃଷି ସାମୁଦ୍ରିକ ଉତ୍ପାଦନ ସାମଗ୍ରୀ ଓ ସାମଗ୍ରୀକୁ ଭିତ୍ତିକରି ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଏବଂ ଗ୍ରାମାଞ୍ଚଳରେ ବାସକରୁଥିବା ଗ୍ରାମ୍ୟ କାରିଗରଙ୍କୁ ନେଇ ଗ୍ରାମାଞ୍ଚଳରେ ଅତି କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ସଙ୍ଗଠିତ ଭାବେ ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନ ସହିତ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ସଂଯୋଗ କରାଯିବା ଆବଶ୍ୟକ । କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପାଇଁ ଅଳ୍ପ ମୂଳଧନ ଆବଶ୍ୟକ ଏବଂ ଅଧିକ ସଂଖ୍ୟକ ଲୋକ ନିଯୁକ୍ତି ପାଇବାର ସମ୍ଭାବନା ଥିବାରୁ ବିକେନ୍ଦ୍ରିତ ଭାବେ ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବା ଆବଶ୍ୟକ ।

ତେଣୁ ଶିଳ୍ପ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବା ପୂର୍ବରୁ ରାଜ୍ୟରେ ଦ୍ରୁତ ଶିଳ୍ପ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ନୂତନ ଶିଳ୍ପ ନୀତି ଘୋଷଣା କରିଛନ୍ତି । ଶିଳ୍ପ ପ୍ରତିଷ୍ଠା ଦିଗରେ ରହିଥିବା ପ୍ରତିବନ୍ଧକ, ଶିଳ୍ପ ସଂସ୍ଥା ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଅନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଅନେକ-ଗୁଡ଼ିଏ ଅର୍ଥନୈତିକ ତଥା ପ୍ରୋତ୍ସାହନମୂଳକ ନୀତି ଘୋଷଣା କରାଯାଇଥିଲା । ଦିଆଯାଉଥିବା ପ୍ରୋତ୍ସାହନ ମୂଳକ ବ୍ୟବସ୍ଥା ମଧ୍ୟରେ ଅନଗ୍ରସର ଜିଲ୍ଲାରେ ନିର୍ଦ୍ଧାରିତ ମୂଳଧନ ବିନିଯୋଗର ଶତକଡ଼ା ୧୫ ଭାଗ ସର୍ବୋଚ୍ଚ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସିଧାସଳଖ ସବ୍‌ସିଡି ଦେବା, ନୂତନ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନ ପାଇଁ ୫ ବର୍ଷ ସକାଶେ ବିଦ୍ୟୁତ୍ ଶୁଳ୍କ ଛାଡ଼ ଦେବା, ବୃହତ୍ ଧରଣର ଶିଳ୍ପାନୁଷ୍ଠାନ ପାଇଁ ବିଦ୍ୟୁତ ଶକ୍ତି ଉପରେ ସୁଧ ରହିତ ଋଣ ପରିପୂରଣ କରିବା, ଅତି ସ୍ୱଳ୍ପ ମୂଲ୍ୟରେ ଜମି ଯୋଗାଇ ଦେବା, ବିକ୍ରୀ ଟିକସ ଋଣ ଉପରେ ସୁଧ ଛାଡ଼ କରିବା, ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତି ଓ ବୈଷୟିକ ଜ୍ଞାନ ପାଇଁ ସବ୍‌ସିଡି ପ୍ରଦାନ କରିବା ଉଲ୍ଲେଖଯୋଗ୍ୟ । ସରକାରଙ୍କ ନୂତନ ଶିଳ୍ପ ନୀତି ଦେଶରେ ସର୍ବାପେକ୍ଷା ଅଧିକ ଲାଭଜନକ ରୂପେ ବିବେଚିତ ହୋଇଛି ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ପ୍ରଶ୍ନାବଳୀ ସରକାରଙ୍କ ହସ୍ତଗତ ହୋଇଛି ଓ ବହୁ ଶିଳ୍ପୋଦ୍ୟୋଗୀ ରାଜ୍ୟରେ ବୃହତ୍, ମଧ୍ୟମ ଓ ଆଧୁନିକ ଧରଣର କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ନୂତନ ଶିଳ୍ପନୀତି ଘୋଷଣା କରିବା ସମୟରେ ସରକାର ଏ ଦିଗରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟର ଚିହ୍ନଟ ହୋଇଥିବା ଶିଳ୍ପ ବିକାଶ କେନ୍ଦ୍ରରେ ଯଥାରୀତି ଭାବେ ଶିଳ୍ପ ଭିତ୍ତିଭୂମି ସ୍ଥାପନ କରିବା ଲାଗି ଭିତ୍ତିଭୂମି ଉନ୍ନୟନ କର୍ପୋରେସନ ଗଠନ କରାଯାଇଛି । ଏହା ଛଡ଼ା ରାଜ୍ୟରେ ଉତ୍ପାଦିତ ଶିଳ୍ପ ସାମଗ୍ରୀର ବିକ୍ରିବଟାପାଇଁ ବାଣିଜ୍ୟ ଓ ରପ୍ତାନି ଉନ୍ନୟନ କର୍ପୋରେସନ ଗଠନ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଲାଗି ବିଦେଶରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଆକୃଷ୍ଟ କରିବା ପାଇଁ 'ଇପିକଲ' ସଂସ୍ଥାରେ ଗୋଟିଏ ବୈଦେଶିକ ମୁଦ୍ରା ବିନିଯୋଗ ବିଭାଜନ ଖୋଲା ଯାଇଛି । ଜମି, ବିଦ୍ୟୁତ ଓ ଜଳ ଭଳି ଭିତ୍ତିଭୂମିକ ଆବଶ୍ୟକତା ପାଇଁ ରାଜ୍ୟରେ ଗୋଟିଏ ଦ୍ୱିସ୍ତରୀୟ "ନୋଡ଼ାଲ କମିଟି" ଗଠନ କରାଯାଇଛି ଏବଂ ଶିଳ୍ପୋଦ୍ୟୋଗୀମାନଙ୍କ ଆବଶ୍ୟକତା ପୂରଣ କରିବା ସକାଶେ ଭୁବନେଶ୍ୱର ସ୍ଥିତ 'ଇପିକଲ' ସଂସ୍ଥାରେ ଶିଳ୍ପ ସମନ୍ୱୟ ବ୍ୟୁରୋ ପ୍ରତିଷ୍ଠା କରାଯାଇଛି । ଏହାଛଡ଼ା କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଲାଗି ଶିଳ୍ପୋଦ୍ୟୋଗୀମାନଙ୍କୁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ପାଇଁ ଜିଲା ସ୍ତରୀୟ ସଂଗଠନକୁ ଶିଳ୍ପ ବିକାଶର ଚୂଡ଼ାନ୍ତ ସଂସ୍ଥା ରୂପେ ଘୋଷଣା କରାଯାଇଛି ।

ଶିଳ୍ପନୀତି ଘୋଷଣା କରାଯିବା ଓ ସାଂଗଠନିକ ସଂସ୍ଥା ତ୍ୱରାନ୍ୱିତ କରାଯିବା ପରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପାନୁ-ଷ୍ଠାନର ବିକାଶ ସାଧନ ନିମନ୍ତେ ରାଜ୍ୟ ସରକାର ସବିଶେଷ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ଖୁବ୍ ଶୀଘ୍ର ରାଜ୍ୟରେ ଅନେକଗୁଡ଼ିଏ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବ । ସେଗୁଡ଼ିକ ମଧ୍ୟରେ ୧,୦୦୦ କୋଟି ଟଙ୍କା ବ୍ୟୟରେ ଗୋଟିଏ ୧୫୦ ଟନ୍ ବିଶିଷ୍ଟ କାଗଜ କାରଖାନା, ୮୦ କୋଟି ଟଙ୍କାରେ ଗୋଟିଏ କୃତ୍ରିମ ତନ୍ତୁ କାରଖାନା, ଫର୍ଜ କ୍ରୋମ କାରଖାନା, ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ବିଶୋଧକ କେନ୍ଦ୍ର, ୧୫ କୋଟି ଟଙ୍କାରେ ଗୋଟିଏ ଶିଳ୍ପ ବିସ୍ଫୋରକ କେନ୍ଦ୍ର ପ୍ରଭୃତି ଅନ୍ତର୍ଭୁକ୍ତ । ଏହା ଛଡ଼ା ଓଡ଼ିଶା ଶିଳ୍ପ ଉନ୍ନୟନ

କର୍ପୋରେସନ ଅନେକଗୁଡ଼ିଏ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ଯୋଜନା ରଖିଛନ୍ତି । ସେଥିମଧ୍ୟରେ ତାଳଚେରଠାରେ ସୋଡିୟମ୍ ଡିକ୍ରୋମେଟ ଓ ସୋଡିୟମ୍ ସଲଫେଟ୍, ବାରିପଦାଠାରେ ଏଲପିଜ ପ୍ରୋଜେକ୍ଟ, ହୀରାକୁଦଠାରେ ପ୍ରୋପରୋଲି ମିଲ୍, ବଡ଼ବିଲଠାରେ ସ୍ପନ ପାଇପ୍ କାରଖାନା, ଭୁବନେଶ୍ୱରଠାରେ ବିଏନର ପାଇପିଙ୍ଗ କାରଖାନା, ସୁନ୍ଦରଗଡ଼ଠାରେ କ୍ଷୁଦ୍ର ସିମେଣ୍ଟ କାରଖାନା, ବାଲେଶ୍ୱରଠାରେ ଲୁଣ କାରଖାନା ଓ ବାରିପଦା, ଭୁବନେଶ୍ୱର ଏବଂ କେନ୍ଦୁଝରଠାରେ ତିନୋଟି ସୂତାକଳ ପ୍ରଭୃତି ଅନ୍ତର୍ଭୁକ୍ତ ।

ଚିହ୍ନିତ ହୋଇଥିବା ଶିଳ୍ପ କାରଖାନା ଅଞ୍ଚଳରେ ମଧ୍ୟମ ଓ ବୃହତ୍ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଦିଗରେ ଓଡ଼ିଶା ଶିଳ୍ପ ଉନ୍ନୟନ ଓ ବିନିଯୋଗ କର୍ପୋରେସନ ଲିମିଟେଡ୍ (ଇପିକଲ) ପରିଚାଳନା ଗତ ପରାମର୍ଶ, ଋଣ, ମିଆଦୀ ଋଣ, ଭରଣା ଋଣ ଏବଂ ଅଂଶଧନ ଆକାରରେ ଆର୍ଥିକ ସାହାଯ୍ୟ ଦେଇ ସେଗୁଡ଼ିକର ବିକାଶ ସାଧନ ପାଇଁ ମୁଖ୍ୟ ସଂସ୍ଥା ରୂପେ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ଏହା ବ୍ୟତୀତ ଢେଙ୍କାନାଳଠାରେ ରିଫ୍ରାକ୍ଟୋରି, ସୁନାବେଡ଼ାଠାରେ ଯନ୍ତ୍ରପାତି କାରଖାନା, ଖୋର୍ଦ୍ଧାରେ ହାତ ଘଣ୍ଟା କାରଖାନା, କେନ୍ଦୁଝରଠାରେ ଇ. ଏମ. ଡି. ପ୍ରୋଜେକ୍ଟ, ଭୁବନେଶ୍ୱରଠାରେ ଔଷଧ କାରଖାନା, ଢେଙ୍କାନାଳଠାରେ ଏଚ. ବି. ଫାଇବର ପ୍ରୋଜେକ୍ଟ, ରାଇରଙ୍ଗପୁରଠାରେ କାଲସିୟମ୍ କାରବାଇଡ୍, କୋଣାର୍କ କାଠ କାରଖାନା ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ନିଜିତ ଉଦ୍ୟୋଗରେ ବନସ୍ପତି କାରଖାନା, ସଲଫରିକ୍ ଏସିଡ୍ କାରଖାନା ମଧ୍ୟ ପ୍ରତିଷ୍ଠା କରାଯାଉଛି । ଏହାଛଡ଼ା ସଙ୍ଗଠିତ ଭାବେ ବେସରକାରୀ ବ୍ୟକ୍ତି ବିଶେଷଙ୍କୁ ଅର୍ଥ ବିନିଯୋଗ କରିବା ପାଇଁ ଆକୃଷ୍ଟ କରାଇବା ଇପିକଲର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଇପିକଲ ଆନୁକୂଲ୍ୟରେ ୪୮ଟି ପ୍ରୋଜେକ୍ଟ ରହିଛି ଓ ସେଥିମଧ୍ୟରୁ ୨୦ଟି ପ୍ରୋଜେକ୍ଟରୁ ଉତ୍ପାଦନ ଆରମ୍ଭ ହେଇଣି । ଅନ୍ୟ ୨୮ଟି ପ୍ରୋଜେକ୍ଟ ନିର୍ମାଣ ଅବସ୍ଥାରେ ରହିଛି । ଆନନ୍ଦର ବିଷୟ ବେସରକାରୀ ଉଦ୍ୟୋଗରେ କାର୍ଯ୍ୟକାରୀ ହେଉଥିବା ପ୍ରୋଜେକ୍ଟଗୁଡ଼ିକ ମଧ୍ୟରୁ ପ୍ରାୟ ୨୦ଟି ପ୍ରୋଜେକ୍ଟ ରାଜ୍ୟର ଅନଗ୍ରସର ଅଞ୍ଚଳରେ ସ୍ଥାପନ କରାଯାଉଛି । ସମବାୟ ଉଦ୍ୟୋଗରେ ଆଉ ତିନୋଟି ସୂତାକଳ ପ୍ରତିଷ୍ଠା କରାଯିବ । ପ୍ରାୟ ଆଠକୋଟି ଟଙ୍କା ବ୍ୟୟ ଅଟକଳରେ ଦୁଇଟି ଚିନି କାରଖାନା ବସାଇବା ଲାଗି ଯୋଜନା ପ୍ରସ୍ତୁତ କରାଯାଉଛି ।

ଏଗୁଡ଼ିକ ଭିନ୍ନ କେନ୍ଦ୍ର ତଥା ରାଜ୍ୟ ଉଦ୍ୟୋଗରେ ଅନେକଗୁଡ଼ିଏ ପ୍ରୋଜେକ୍ଟ ପାଇଁ ଯୋଜନା କରାଯାଉଛି । କେନ୍ଦ୍ରୀୟ ପ୍ରୋଜେକ୍ଟ ମଧ୍ୟରେ କୋରାପୁଟଠାରେ ଫ୍ରାନସ୍ ସରକାରଙ୍କର ସହାୟତାରେ ୧,୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ଥାପିତ ହେଉଥିବା ଆଲୁମିନିୟମ କାରଖାନା ଅନ୍ୟତମ । ନିକଟ ଭବିଷ୍ୟତରେ କେନ୍ଦ୍ରୀୟ ଉଦ୍ୟୋଗରେ ପାରାଦ୍ୱୀପଠାରେ ଗୋଟିଏ ବନ୍ଦରଭିତ୍ତିକ ଇସ୍ପାତ କାରଖାନା, ଅତ୍ୟାଧୁନିକ ସାର କାରଖାନା, ଭୁବନେଶ୍ୱରଠାରେ ଇଲେକ୍ଟ୍ରୋନିକ୍ ଶିଳ୍ପାନୁଷ୍ଠାନ ଏବଂ ଗୋଟିଏ ଔଷଧ କାରଖାନା ପ୍ରତିଷ୍ଠା କରାଯିବ ବୋଲି ଆମେ ଆଶା ରଖିଛୁ ।

ମୋଟା ମୋଟି ଭାବେ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦ୍ରୁତ ଶିଳ୍ପାୟନ ପାଇଁ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଆନୁସଙ୍ଗିକ ଓ ସହାୟକ ଶିଳ୍ପ ସ୍ଥାପନ ପାଇଁ ଏକ ବ୍ୟାପକ ଶିଳ୍ପ ଉନ୍ନୟନ ଯୋଜନା ପ୍ରସ୍ତୁତ କରିଛନ୍ତି । ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଯୋଜନା କରାଯିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରାଜ୍ୟରେ ଅନେକଗୁଡ଼ିଏ କ୍ଷୁଦ୍ର ଶିଳ୍ପ ବସାଇବା ଲାଗି ମଧ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ୧୨ ହଜାର କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମ୍ପ୍ରତି ରାଜ୍ୟରେ ଥିବା ଏବଂ ନିକଟ ଭବିଷ୍ୟତରେ ପ୍ରତିଷ୍ଠା କରାଯାଉଥିବା ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ଆଖ ପାଖରେ ଆନୁସଙ୍ଗିକ ତଥା ସହାୟକ ଶିଳ୍ପ କାରଖାନାର ବିକାଶ ସାଧନ ପାଇଁ ଗୁରୁତ୍ୱ ଆରୋପ କରାଯାଇଛି । ରାଉରକେଲା ଇସ୍ପାତ କାରଖାନାରୁ ବାହାରୁଥିବା ଉପ-ଜାତ ଦ୍ରବ୍ୟ ଓ ନଷ୍ଟ ସାମଗ୍ରୀକୁ ଭିତ୍ତିକରି କେତେକ ଛୋଟ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ମଧ୍ୟ ଯୋଜନା ରଖାଯାଇଛି । ଦ୍ରୁତ ଶିଳ୍ପ ବିକାଶ ପାଇଁ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକୁ ଆଧୁନିକୀକରଣ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଆଗାମୀ ତିନି ବର୍ଷ ମଧ୍ୟରେ ରାଜ୍ୟ ସରକାର କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ୫୦ କୋଟି ଟଙ୍କା ପୁଞ୍ଜି ଲଗାଣରେ ୧,୦୮୭ଟି ଆଧୁନିକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଏବଂ ତଦ୍ଦ୍ୱାରା ୨୧ ହଜାର ଲୋକଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ପ୍ରସ୍ତାବ ରଖିଛନ୍ତି । ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ସମ୍ପ୍ରତି ଚାଲୁଥିବା କୌଳିକ ଶିଳ୍ପଠାରୁ ଭିନ୍ନ ଧରଣର କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ଜଙ୍ଗଲ ଓ କୃଷି ଭିତ୍ତିକ ଶିଳ୍ପର ପ୍ରସାର ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆ ଦିଆଯାଉଛି ।

ସର୍ବ ଶେଷରେ ରାଜ୍ୟ ସରକାର ସମ୍ପ୍ରତି ଶିଳ୍ପ ବିକାଶର ସୁଫଳ ସମ୍ପର୍କରେ ଆସ୍ଥାବାନ୍ । ରାଜ୍ୟ ସରକାରଙ୍କ ନୂତନ ଶିଳ୍ପ ନୀତି, ଆରମ୍ଭ କରାଯାଇଥିବା ଆନୁଷ୍ଠାନିକ ପଦକ୍ଷେପ, ବାସ୍ତବାଭିମୁଖୀ ଯୋଜନା ନିରବଚ୍ଛିନ୍ନ ମୂଲ୍ୟାଙ୍କନ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଧ୍ୟାନ ନିଶ୍ଚିତ ଭାବେ ନିକଟ ଭବିଷ୍ୟତରେ ରାଜ୍ୟରେ ଦ୍ରୁତ ଶିଳ୍ପ ପ୍ରସାର ଦିଗରେ ସହାୟକ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।



କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ କେଦାର ପାଣ୍ଡେ ପୁରୀଠାରେ ଅନୁଷ୍ଠିତ ନିଖିଳ ଭାରତ ରେଳ କର୍ମଚାରୀ ସଂଘର ୧୫ଶ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଏ. ପି. ଶର୍ମା ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ସମ୍ମିଳନୀରେ ଉପସ୍ଥିତ ଅଛନ୍ତି ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଚ ମୟୂରଭଞ୍ଜ ଜିଲ୍ଲା ଯଶୀପୁରଠାରେ ଖଇରୀ ବାଘୁଣୀ ରହୁଥିବା ସ୍ଥାନ ପରିଦର୍ଶନ କରୁଛନ୍ତି । (ଜାନୁଆରୀ ୯, ୧୯୮୧)

କ୍ରୀଡ଼ା ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଭୁବନେଶ୍ୱରଠାରେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି । (ଜାନୁଆରୀ ୧୨, ୧୯୮୧)







ଭୁବନେଶ୍ୱର ରେଳ ଷ୍ଟେସନଠାରେ ସୁ
ପ୍ରଧାନ ବିଚାରପତି ମାନ୍ୟବର ଓ୍ୱା
ଚନ୍ଦ୍ରଚୂଡ଼ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ । (ଡି
୨୩, ୧୯୮୦)



ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ତଶିଳ୍ପ ଭବନଠାରେ ଚଳଚ୍ଚିତ୍ର ଉପରେ ଆୟୋଜିତ ଆଲୋଚନାଚକ୍ର ଉଦ୍ଘାଟନ କରି ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି । (ଜାନୁଆରୀ ୧୦ ୧୯୮୧)



୧୯୮୧ ଜାନୁଆରୀ ୭ ତାରିଖ ଦିନ ଭୁବନେଶ୍ୱରଠାରେ ଖଣିଜ ଧାତୁର ପୂର୍ଣ୍ଣାଙ୍ଗ ଉପଯୋଗ ସମ୍ପର୍କିତ ଆନ୍ତର୍ଜାତିକ ଆଲୋଚନା-ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଉଦ୍ଘାଟନ-ଅଭିଭାଷଣ ।

# ଓଡ଼ିଶାରେ
# ଖଣିଜ ସଂପଦର ବିକାଶ

**ଶ୍ରୀ ବସନ୍ତ କୁମାର ବିଶ୍ୱାଳ**
ରାଷ୍ଟ୍ରମନ୍ତ୍ରୀ, ଖଣି ଓ ଭୂତତ୍ତ୍ୱ

ଓଡ଼ିଶା ବହୁଳ ତଥା ବିବିଧ ଖଣିଜ ସଂପଦର ଅଧିକାରୀ । ଗଚ୍ଛିତ ସଂପଦ ମଧ୍ୟରେ ପ୍ରାୟ ୩୦ ହଜାର ନିୟୁତ ଟନ୍‌ର ଜାଳେଣି ଅନୁପଯୁକ୍ତ କୋଇଲା ଏବଂ ୧୦ ହଜାର ନିୟୁତ ଟନ୍‌ର ଅନ୍ୟାନ୍ୟ ଖଣିଜ ପଦାର୍ଥ ଯଥା— ଲୁହା ପଥର, ମାଙ୍ଗାନିଜ, ଭାନାଡ଼ିୟମ୍, କ୍ରୋମାଇଟ୍, ନିକେଲ, ଚୂନପଥର, ଡୋଲମାଇଟ୍, ବକ୍‌ସାଇଟ୍, ଗ୍ରାଫାଇଟ୍, କ୍ୱାର୍ଟଜାଇଟ୍, ଫାୟାରକ୍ଲେ, ଚୀନାମାଟି ଏବଂ ସୀସା ପଥର ରହିଛି । ପୂର୍ବାଞ୍ଚଳରେ ଥିବା ୪ଟି ଇସ୍ପାତ କାରଖାନା ବ୍ୟତୀତ ଯୋଡ଼ା ଏବଂ ରାୟଗଡ଼ାରେ ପ୍ରତିଷ୍ଠିତ ଫେରୋମାଙ୍ଗାନିଜ୍ କାରଖାନା, ଯାଜପୁର ରୋଡ଼ ଓ ଗାଇବିଡ଼ିଠାରେ ପ୍ରତିଷ୍ଠିତ ଫେରୋକ୍ରମ କାରଖାନା ପାଇଁ ଏହି ରାଜ୍ୟ ଆବଶ୍ୟକୀୟ କଞ୍ଚାମାଲ ଯୋଗାଉଛି । ରାଜ୍ୟର ଅନ୍ୟାନ୍ୟ ପ୍ରଧାନ ଖଣିଜଭିତ୍ତିକ କଳକାରଖାନା ମଧ୍ୟରେ ରାଜଗାଙ୍ଗପୁର ଏବଂ ବରଗଡ଼ର ସିମେଣ୍ଟ କାରଖାନା, ରାଜଗାଙ୍ଗପୁର, ବେଲପାହାଡ଼ ଓ ଘଟିକଟାରେ ପ୍ରତିଷ୍ଠିତ ରିଫ୍ରାକ୍‌ଟରୀ କାରଖାନା ଏବଂ ତାଳଚେରଠାରେ ପ୍ରତିଷ୍ଠିତ ତାପଜ ବିଦ୍ୟୁତ୍ କାରଖାନା ଅନ୍ତର୍ଭୁକ୍ତ । ଏହି ସବୁ ଖଣିଜଭିତ୍ତିକ କାରଖାନାରେ ଖର୍ଚ୍ଚ ହେଉଥିବା ଖଣିଜ ପଦାର୍ଥ ଏବଂ ପାରାଦୀପ ବନ୍ଦର ବାଟେ ବାର୍ଷିକ ରପ୍ତାନି ହେଉଥିବା ୨ ନିୟୁତ ଟନ୍ ଲୁହା ପଥର ଏବଂ କ୍ରୋମାଇଟ୍‌କୁ ମିଶାଇ ରାଜ୍ୟରେ ବାର୍ଷିକ ୧୩/୧୪ ନିୟୁତ ଟନ୍‌ର ଖଣିଜ ପଦାର୍ଥ ଉତ୍ପାଦିତ ହୋଇଥାଏ । ଏଥିରୁ ଜଣାପଡ଼େ ଯେ ରାଜ୍ୟର ଖଣିଜ ସଂପଦର ବିକାଶ ସନ୍ତୋଷଜନକ ନୁହେଁ ।

ଯଦିଓ ରାଜ୍ୟରେ ପ୍ରାୟ ଗତ ଆଠଦଶନ୍ଧି ଅବଧି ବ୍ୟାବସାୟିକ ଭିତ୍ତିରେ ଖଣିଜ ଉତ୍ତୋଳନ କାର୍ଯ୍ୟ ଆଗେଇ ଚାଲିଛି, ତଥାପି ରାଜ୍ୟରେ ଥିବା ଗଚ୍ଛିତ ଖଣିଜ ସଂପଦର ପରିମାଣ ଯାହା, ତାକୁ ଚାହିଁ ଖଣିଜ ଉନ୍ନୟନରେ ଉଲ୍ଲେଖ-ଯୋଗ୍ୟ ଅଗ୍ରଗତି ହୋଇନାହିଁ । ତାଳଚେରରେ କୋଇଲାର ଉନ୍ନୟନ, ରେଳବାଇ ଓ ଦକ୍ଷିଣଭାରତ ଶିଳ୍ପଗୁଡ଼ିକର ଆବଶ୍ୟକତାରୁହିଁ ଘଟିଥିଲା । ଲୁହା, ମାଙ୍ଗାନିଜ, କ୍ରୋମ ପଥର, ଚୂନ ପଥର, ଡୋଲମାଇଟ୍ ଏବଂ ଅଗ୍ନିମୃତ୍ତିକାର ଖଣିମାନଙ୍କରେ ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୁଖ୍ୟତଃ ଜାମସେଦପୁର ଓ ବର୍ଣ୍ଣପୁର ଇସ୍ପାତ କାରଖାନା-ମାନଙ୍କର ଆବଶ୍ୟକତା ମେଣ୍ଟାଇବା ପାଇଁ କାର୍ଯ୍ୟ ହୋଇଥିଲା । ୧୯୫୦ ମସିହା ବେଳକୁ ମାଙ୍ଗାନିଜ ପଥରର ଉଚ୍ଚ ରପ୍ତାନି ମୂଲ୍ୟ ଯୋଗୁଁ ବିଶେଷ କରି କେଉଁଝର ଜିଲ୍ଲାରେ ଥିବା ମାଙ୍ଗାନିଜ ଖଣି ଅଞ୍ଚଳରେ ଖଣିଜ ଉତ୍ତୋଳନ ତ୍ୱରାନ୍ୱିତ ହୋଇ ପାରିଥିଲା ।

ରେଳ ଯୋଗାଯୋଗର ବିକାଶ, ଯାହାକି ଖଣିଜ ସଂପଦର ଉନ୍ନତି ପାଇଁ ଅତ୍ୟାବଶ୍ୟକ, ତାହା ମନ୍ଥର ହୋଇଯାଇଛି । ମାତ୍ର କିରିବୁରୁରୁ ଲୁହା ପଥର ବିଶାଖା-ପାଟଣା ବନ୍ଦର ବାଟେ ରପ୍ତାନି କରିବା ନିମନ୍ତେ ସମ୍ବଲପୁରକୁ ଟିଟିଲାଗଡ଼ ସହିତ ରେଳ ଲାଇନ୍ ଦ୍ୱାରା ସଂଯୁକ୍ତ କରା-ଯାଇଥିଲା । ରେଳ ଯୋଗାଯୋଗ ଓ ସଂଯୋଗକାରୀ ରାସ୍ତାର ଅଭାବ ବର୍ତ୍ତମାନ ଓଡ଼ିଶାରେ ଖଣିଜ ସଂପଦର ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରୁଛି । ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଖଣିଜ ସଂପଦର ଗୁରୁତ୍ୱ ସୁସ୍ପଷ୍ଟ । କିନ୍ତୁ ଖଣିଜ ଅଭିବୃଦ୍ଧି ସଦା ସର୍ବଦା ଅବହେଳିତ ହୋଇଆସିଛି ।

ଓଡ଼ିଶାରେ ଖଣିଜ ସଂପଦର ରପ୍ତାନି ପାଇଁ ପାରାଦୀପ ବନ୍ଦରହିଁ ଗୋଟିଏ ପଥ । ଆସନ୍ତା ବର୍ଷ-ମାନଙ୍କରେ ରାଜ୍ୟର ଖଣିଜ ସଂପଦର ବିକାଶ ନିମନ୍ତେ ପାରାଦୀପ ବନ୍ଦରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୈତାରି ଖଣି ଓ କେନ୍ଦୁଝର ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ଗଚ୍ଛିତ ଥିବା ଲୁହା ପଥର ତଥା ଅନ୍ୟାନ୍ୟ ଖଣିଜ ଦ୍ରବ୍ୟର ରପ୍ତାନି ସମ୍ଭାବନାକୁ ଭିତ୍ତିକରି ପାରାଦୀପ ବନ୍ଦର ପ୍ରତିଷ୍ଠିତ ହୋଇଥିଲା । ବନ୍ଦରଠାରୁ କେନ୍ଦୁଝର ଜିଲ୍ଲାର ଲୁହା ପଥର ଖଣି ଅଞ୍ଚଳ ପର୍ଯ୍ୟନ୍ତ ସିଧା ସଳଖ ରେଳ ରାସ୍ତାର ଅଭାବ, ବନ୍ଦରରେ ପର୍ଯ୍ୟାପ୍ତ ପରିମାଣରେ ଲୁହାପଥର ରଖା ଥୁଆ କରିବା ପାଇଁ ସୁବିଧାର ଅଭାବ ଏବଂ ଅନ୍ୟ ଖଣିଜ ପଦାର୍ଥ ଯଥା—କ୍ରୋମାଇଟ୍, ମାଙ୍ଗାନିଜ ପଥର ଏବଂ କୋଇଲା ଇତ୍ୟାଦି ରଖିବା ପାଇଁ ବର୍ଥର ଅଭାବ ରପ୍ତାନି କାର୍ଯ୍ୟକ୍ରମ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି ଏବଂ ସମୁଦାୟ ବାର୍ଷିକ ଲୁହାପଥର ରପ୍ତାନି ୨ ନିୟୁତ ଟନ୍‌ରୁ ଅଧିକ ହୋଇ-ପାରିନାହିଁ । ପାରାଦୀପ ବନ୍ଦରକୁ ଲୁହାପଥର ଖଡ଼ଗପୁର ବାଟେ ବୁଲାଣି ବାଟରେ ରପ୍ତାନି କରିବା ଏକ ସ୍ୱଳ୍ପ ବ୍ୟୟ ବ୍ୟବସ୍ଥା ନୁହେଁ । ତେଣୁ ସିଧା ସଳଖ ରେଳରାସ୍ତା ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ।

କେନ୍ଦ୍ର ଏବଂ ଓଡ଼ିଶାରେ କଂଗ୍ରେସ (ଇ) ସରକାର ପ୍ରତିଷ୍ଠିତ ହେବା ଫଳରେ ଓଡ଼ିଶାରେ ଖଣିଜ ସଂପଦର ଅଭିବୃଦ୍ଧି ନିମନ୍ତେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ

ସ୍ଥିର ହୋଇଅଛି । ବାଲକୋ (BALCO) ଦ୍ୱାରା ପ୍ରତିଷ୍ଠିତ ହେବାକୁ ଯାଉଥିବା ଆଲୁମିନା/ଆଲୁମିନିୟମ କାରଖାନା ଅନୁମୋଦିତ ହୋଇଛି । ଏହା ଫଳରେ କୋରାପୁଟ ଜିଲ୍ଲାର ପଞ୍ଚପତମାଳୀଠାରେ ଖଣିଜ ଦ୍ରବ୍ୟ ଉତ୍ତୋଳିତ ହେଲେ ବାର୍ଷିକ ଦୁଇ ନିୟୁତ ଟନ ବକ୍ସାଇଟ୍‌ରୁ ୮ ଲକ୍ଷ ଟନ ଆଲ୍ୟୁମିନା ଉତ୍ପାଦିତ ହେବ । ପରବର୍ତ୍ତୀ କାଳରେ ଆଲୁମିନିୟମ କାରଖାନା ପ୍ରତିଷ୍ଠା କରାଯିବ । ଏହି ଉଦ୍ଦେଶ୍ୟରେ ତାଳଚେରଠାରେ ଏକ "କାପ୍ଟିଭ" ବିଦ୍ୟୁତ କେନ୍ଦ୍ର "ବାଲକୋ" ଦ୍ୱାରା ପ୍ରତିଷ୍ଠିତ ହେବ । ସମ୍ବଲପୁର-ବଲାଙ୍ଗୀର ସୀମାରେ ଥିବା ଗନ୍ଧମାର୍ଦ୍ଦନ ପାହାଡ଼ର ବକ୍ସାଇଟ ଗଚ୍ଛିତ ଅଞ୍ଚଳରୁ ଏକାଂଶ "ବାଲକୋ" କୁ କୋର୍ବାଠାରେ ଆଲୁମିନିୟମ କାରଖାନା ବସାଇବାକୁ ଆବଶ୍ୟକ ହେଉଥିବା ବକ୍ସାଇଟ୍ ଖୁହିବା ମେଣ୍ଟାଇବା ପାଇଁ ପଟ୍ଟା ସୂତ୍ରରେ ଦେବା ଲାଗି ରାଜ୍ୟ ସରକାର ସ୍ଥିର କରିଛନ୍ତି । ଏହା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କର ଖଣି ନିଗମ ଗନ୍ଧମାର୍ଦ୍ଦନରେ ଗଚ୍ଛିତ ବକ୍ସାଇଟ୍ ଖଣିର ଗୋଟିଏ ଅଂଶରୁ ଖଣିଜ ଉତ୍ତୋଳନ କାମ ହାତକୁ ନେବେ । ଏହିପରି ଭାବରେ ଆଜିଠାରୁ ୨/୩ ବର୍ଷ ମଧ୍ୟରେ ଗନ୍ଧମାର୍ଦ୍ଦନ ବାର୍ଷିକ ୬,୦୦,୦୦୦ ଟନ୍ ବକ୍ସାଇଟ୍ ଉତ୍ପାଦନ କରିବ । ରାଜ୍ୟର ଦୁଇଟି ଖର୍ବ କ୍ରୋମ କାରଖାନା ସ୍ଥାପନ କରାଯିବା ପାଇଁ ସ୍ଥିର ହୋଇଛି । ଏ ଦୁଇ କାରଖାନାରେ ବାର୍ଷିକ ଦୁଇଲକ୍ଷ ଟନ୍ ନିମ୍ନମାନର କ୍ରୋମ ପଥର ବ୍ୟବହୃତ ହେବ । ଏହିସବୁ ପ୍ରକଳ୍ପ ସହିତ ଧାତୁ ଶୋଧନ କାରଖାନାମାନ (ବେନିଫିସିଏନ୍‌ସ ପ୍ଲାଣ୍ଟ) ରହିବ । ଗୋଟିଏ ଚିନାମାଟି ପରିସ୍କରଣ କାରଖାନା ଏହାର ସାହାଯ୍ୟକାରୀ ଶିଳ୍ପ ସହିତ ମୟୂରଭଞ୍ଜ ଜିଲ୍ଲାର ଜଶୀପୁରଠାରେ ପ୍ରତିଷ୍ଠିତ ହେବ। ଷଷ୍ଠ ଯୋଜନା କାଳରେ ଅନ୍ୟ ଖଣି ଭିତ୍ତିକ ଶିଳ୍ପ ମଧ୍ୟରେ ଯେଉଁଗୁଡ଼ିକ ସ୍ଥାପିତ ହେବା ଆଶା କରାଯାଉଛି, ସେଗୁଡ଼ିକ ମଧ୍ୟରେ ଇଡ୍‌କଲ ଦ୍ୱାରା ସ୍ଥାପିତ ହେବା ସିମେଣ୍ଟ କାରଖାନା, ଗୋଟିଏ ଇଲେକ୍‌ଟ୍ରୋଲାଇଟିକ୍ ମାଙ୍ଗାନିଜ୍ ଡାଇଅକ୍ସାଇଡ୍ କାରଖାନା ସୋଡିୟମ ଡାଇକ୍ରୋମେଟ କାରଖାନା ଇତ୍ୟାଦି ଅନ୍ତର୍ଭୁକ୍ତ । ଛତ୍ରପୁର ନିକଟରେ ଥିବା ଭାରତୀୟ ବିରଳ ମୃତ୍ତିକା ଶିଳ୍ପ ଆସନ୍ତା ଦୁଇ ତିନି ବର୍ଷ ମଧ୍ୟରେ ସ୍ଥିରୁ ହେବ । ସୁନ୍ଦରଗଡ଼ ଜିଲ୍ଲାର ସର୍ଗିପାଲି ନିକଟରେ ସୀସା ଖଣି ଓ 'କନସେଂଟ୍ରେଟର'କୁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ କାର୍ଯ୍ୟକାରୀ କରାଯିବ । ରାଜ୍ୟ ସରକାର ଫେରୋଭାନାଡ଼ିୟମ୍ କାରଖାନା ଏବଂ ନିକେଲ କାରଖାନା ପ୍ରତିଷ୍ଠା ସଂକ୍ରାନ୍ତ ପ୍ରସ୍ତାବମାନ ତତ୍ପରତାର ସହିତ ବିଚାର କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଏକ ତମ୍ବା ପଥର ଖଣି ଅଳ୍ପ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଏ ।

ସମ୍ପ୍ରତି ଭାରତ ସରକାର ପାରାଦ୍ୱୀପଠାରେ ବୃହତ୍ ଧରଣର ସମନ୍ୱିତ ଲୁହା ଓ ଇସ୍ପାତ କାରଖାନା ସ୍ଥାପନ ପାଇଁ ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ଓଡ଼ିଶାବାସୀଙ୍କ ପକ୍ଷରେ ଏକ ସୁସମ୍ବାଦ । ଏହା ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଅର୍ଥନୀତିକୁ ବିଶେଷ ସାହାଯ୍ୟ କରିବ । ଶିଳ୍ପର ଉନ୍ନତି, ଖଣିଜ ଓ ଖଣିଜ ପଥରର ଅତିରିକ୍ତ ଉତ୍ପାଦନ, ଖଣିଜ ପଥର ଓ ଖଣିଜ ଦ୍ରବ୍ୟର ଏବଂ ଉତ୍ପାଦିତ ବସ୍ତୁର ପରିବହନ ଆଦି କାର୍ଯ୍ୟ ଏ କାରଖାନ ସ୍ଥାପନ ଫଳରେ ସମ୍ଭବ ହେବ ଏବଂ ପରିଶେଷରେ ଖଣିଜ ରୟାଲଟି, ସେସ୍ ଓ ଟିକସ ଇତ୍ୟାଦି ସୂତ୍ରରୁ ରାଜ୍ୟ ସରକାରଙ୍କର ଆୟ ବୃଦ୍ଧି ପାଇବ ।

ଷଷ୍ଠ ଯୋଜନା କାଳରେ ଖଣିଜ ପଦାର୍ଥ ଅନୁସନ୍ଧାନ କ୍ଷେତ୍ରରେ ବ୍ୟାପକ ଉଦ୍ୟମ କରାଯିବ । ଫାୟାର କ୍ଲେ, ଟିଣ ପଥର, ସୁନା ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ପଥରର ମହଜୁଦ୍ ପରିମାଣ ନିର୍ଦ୍ଧାରଣ କରାଯିବ । ତାଳଚେରଠାରେ ସୁପର ଥର୍ମାଲ ବିଦ୍ୟୁତ କେନ୍ଦ୍ର ଓ 'ବାଲକୋ'ର 'କାପ୍ଟିଭ' ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି କରାଯାଇଛି । ତେଣୁ ତାଳଚେରରେ ଗଚ୍ଛିତ ଥିବା ବିପୁଳ କୋଇଲାର ଉପଯୋଗ ପାଇଁ ଅଧିକ ଧ୍ୟାନ ଦିଆଯିବ । ଏହା ଫଳରେ ବାର୍ଷିକ କୋଇଲା ଉତ୍ପାଦନ ଦୁଇ ନିୟୁତ ଟନ୍‌ରୁ ୮ ନିୟୁତ ଟନ୍‌କୁ ବୃଦ୍ଧି ପାଇବ ।

ସମ୍ପ୍ରତି ଓଡ଼ିଶାରେ ଲୁହା ପଥର, ମାଙ୍ଗାନିଜ୍ ପଥର, କ୍ରୋମାଇଟ୍, କୋଇଲା, ଚୂନପଥର, ଡୋଲୋମାଇଟ, ଫାୟାର କ୍ଲେ, ଚିନାମାଟି, ଗ୍ରାଫାଇଟ୍, କ୍ୱାର୍ଟଜ୍ ଏବଂ କ୍ୱାର୍ଟଜାଇଟ୍ ଉତ୍ପାଦନ କରାଯାଉଛି । ଷଷ୍ଠ ଯୋଜନା ଶେଷ ବେଳକୁ ଏହା ସହିତ ବକ୍ସାଇଟ୍, ଭାନାଡ଼ିୟମ୍, ମାଗେନ୍‌ଟାଇଟ୍, ସୀସା ପଥର, ତମ୍ବା ପଥର, ଖଣିଜ ପଦାର୍ଥ ଥିବା ବାଲୁକା ଏବଂ ସମ୍ଭବତଃ ନିକେଲ, ସୁନା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ପଥର ତାଲିକାଭୁକ୍ତ ହେବ । ବିଶେଷ କରି କୋଇଲା ଉତ୍ପାଦନ ବୃଦ୍ଧି ଏବଂ ପ୍ରଥମଥର ଉପରୋକ୍ତ ଖଣିଜ ସମ୍ପଦର ଉତ୍ପାଦନ ଫଳରେ ୧୯୮୪-୮୫ ମସିହା ସୁଦ୍ଧା ବାର୍ଷିକ ଖଣିଜ ସମ୍ପଦର ଉତ୍ପାଦନ ୨୦ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

ଏକ ସଙ୍ଗରେ ରେଳପଥର ବିକାଶ, ରାସ୍ତା, ବନ୍ଦର ସୁବିଧା, ଶକ୍ତି ଉତ୍ପାଦନ ଏବଂ ବହୁ ସଂଖ୍ୟାରେ ବୈଷୟିକ ଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କ ନିଯୁକ୍ତି କରା ନ ଗଲେ ଖଣିଜ ଅଭିବୃଦ୍ଧି ପାଇଁ ଧାର୍ଯ୍ୟ ଲକ୍ଷ ହାସଲ ହୋଇପାରିବ ନାହିଁ । ରାଜ୍ୟ ସରକାର ଖଣିଜ ସମ୍ପଦ ଭିତ୍ତିକ କାରଖାନାର ଉପଯୋଗିତା ପ୍ରତି ପୂର୍ଣ୍ଣମାତ୍ରାରେ ସଚେତନ ଏବଂ ଏହିସବୁ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ଯାହା ଫଳରେ ନିକଟ ଭବିଷ୍ୟତରେ ରାଜ୍ୟରେ ଖଣିଜ ସମ୍ପଦର ପୂର୍ଣ୍ଣ ବିକାଶ ଘଟିବ ।

ରାଜ୍ୟରେ ଖଣିଜ ସମ୍ପଦ ବିକାଶର ପରିସ୍ଥିତି ତଥା ସମ୍ଭାବନା ସମ୍ପର୍କରେ ମୁଁ ମୋଟା ମୋଟି ଗୋଟିଏ ଚିତ୍ର ଦେଇଛି । ରାଜ୍ୟରେ ଶାନ୍ତିପୂର୍ଣ୍ଣ ତଥା ସ୍ଥିରତାର ବାତାବରଣ ବଜାୟ ରହିଲେ ଆମ ଦେଶ ତଥା ବିଦେଶମାନଙ୍କରୁ ଉଦ୍ୟୋଗକାରୀମାନେ ଆସି ଆମ ରାଜ୍ୟରେ ପୁଞ୍ଜି ବିନିଯୋଗ କରିବେ । ଏହା ଫଳରେ ଆମ ରାଜ୍ୟର ଭବିଷ୍ୟତ ଅତି ଉଜ୍ଜ୍ୱଳ ହେବ ।

# ଗରିବଙ୍କ ଅଭିବୃଦ୍ଧି ଲାଗି ନୂତନ ଯୋଜନା

ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ କରିବାର ୨୦ ଦିନ ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସିନିୟର ଅଫିସରମାନଙ୍କ ଏକ ବୈଠକରେ ରାଜ୍ୟର ପ୍ରତ୍ୟେକ ଗ୍ରାମର ୧୦ଟି ଲେଖାଏଁ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଂପର୍କରେ ସ୍ଥୂଳ ନୀତିର ଅବତାରଣା କରିଥିଲେ । ଏହି କାର୍ଯ୍ୟକ୍ରମର ମାର୍ଗପ୍ରଦର୍ଶକ ନୀତି ସଂକ୍ଷେପରେ ନିମ୍ନରେ ପ୍ରଦତ୍ତ ହେଲା :—

(କ) କୌଣସି ପ୍ରକାର ସଂପତ୍ତି ନଥିବା ଓ କେବଳ ମୂଲଲାଗି ଚଳୁଥିବା ବ୍ୟକ୍ତି ହେଉଛନ୍ତି ସବୁଠାରୁ ଗରିବ ବ୍ୟକ୍ତି । ସାଧାରଣତଃ ଭୂମିହୀନ ଶ୍ରମିକମାନେ ସବୁଠାରୁ ଗରିବ । ପ୍ରତ୍ୟେକ ଗ୍ରାମରୁ ଏହିପରି ହାରାହାରି ୧୦ଟି ପରିବାରଙ୍କୁ ଗୋଟିଏ ବୈଠକ ଡକାଇ ଚିହ୍ନଟ କରିବାକୁ ହେବ । ଏହି ବୈଠକରେ ସମସ୍ତ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ସ୍ଥାନୀୟ କ୍ଷେତ୍ର ଅଫିସରମାନେ ଉପସ୍ଥିତ ଥିବା ଉଚିତ ।

(ଖ) ପୁରାପୁରି ସରକାରୀ ଖର୍ଚ୍ଚରେ ସରକାରୀ ସଂସ୍ଥାମାନଙ୍କ ଜରିଆରେ ଜମିର ଉନ୍ନତି ପାଇଁ ଗୋଟିଏ ବିଶଦ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଏବଂ ଜମିର ଉନ୍ନତି ବିଧାନ କରି ତହିଁରେ ଏହିପରି ଗରିବ ପରିବାରଙ୍କୁ ଅଭ୍ୟୁତ୍ଥାନ କରିବା ଏହି କାର୍ଯ୍ୟକ୍ରମର ସାରକଥା । ଏଥିଲାଗି ୫୦ ଏକର ପରିମିତ ନିଘଂଚ ଜମି ବଛାଯାଇ ବର୍ଷସାରା ଚାଷ ବା ବିଭିନ୍ନ ବୃକ୍ଷରୋପଣ ଲାଗି ଜଳସେଚନର ସୁବିଧା କରାଯିବ । ଜମି ଉନ୍ନୟନ କାର୍ଯ୍ୟ ପ୍ରାରମ୍ଭରୁ ଚିହ୍ନଟ କରାଯାଇଥିବା ଦରିଦ୍ରତମ ପରିବାରଙ୍କୁ ଏହି କାର୍ଯ୍ୟରେ ଶ୍ରମିକ ହିସାବରେ ନିୟୋଜିତ କରାଯିବ । ଏହାଦ୍ୱାରା ସେମାନେ କିଛି ରୋଜଗାର କରିବା ସଙ୍ଗେ ସଙ୍ଗେ ଏହି ଜମି ପ୍ରତି ସେମାନଙ୍କର ମମତା ମଧ୍ୟ ବୃଦ୍ଧି ପାଇବ ।

(ଗ) ଯେଉଁଠାରେ ଏହିପରି ଜମି ପ୍ରଚୁର ପରିମାଣରେ ନ ମିଳିବ ସେଠାରେ ପଶୁପାଳନ ଟସର ଓ ମଲବେରି ଚାଷ ଯୋଜନା ଓ ଅନ୍ୟାନ୍ୟ ଅଣକୃଷି ଆତ୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଏପରି ଗରିବ ପରିବାରଙ୍କୁ ଅଭ୍ୟୁତ୍ଥାନ କରାଯିବ ।

(ଘ) ଯେଉଁଠାରେ ସଂଭବ ସେଠାରେ ପଞ୍ଚାୟତ ପୋଖରୀରେ ବା ସରକାରୀ ଜଳଭଣ୍ଡାରରେ ମତ୍ସ୍ୟଚାଷ ଯୋଜନା ମାଧ୍ୟମରେ ଏମାନଙ୍କୁ ଅଭ୍ୟୁତ୍ଥାନ କରାଯିବ ।

୨ । ଏହିପରିଭାବେ ନୂତନ ସରକାରଙ୍କ ଦାୟିତ୍ୱ ଗ୍ରହଣର ଏକମାସ ମଧ୍ୟରେ ଗରିବ ପରିବାରଙ୍କ ଉପକାର ଲାଗି ଉଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କରିବାଲାଗି ସୂକ୍ଷ୍ମ ନିର୍ଦ୍ଦେଶାବଳୀ ଚୂଡ଼ାନ୍ତ କରାଯାଇଥିଲା । ୧୯୮୦-୮୧ ମସିହାରେ ମଧ୍ୟ ୨୮,୦୦୦ ଗରିବ ପରିବାର ଏହି ଯୋଜନା ଦ୍ୱାରା ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି । ୧୯୮୦ରୁ ୧୯୮୫ ମଧ୍ୟରେ ଷଷ୍ଠ ଯୋଜନା କାଳରେ ୫ଲକ୍ଷ ଗରିବ ପରିବାରଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ୨୮ ହଜାର ପରିବାରଙ୍କ ଅଭ୍ୟୁତ୍ଥାନ ଲାଗି ପ୍ରାୟ ୫ କୋଟି ଟଙ୍କା ଆବଶ୍ୟକ ହେଉଛି । ବଜେଟରେ ଏଥି ନିମନ୍ତେ ଯେଉଁ ବ୍ୟୟ ବରାଦ କରାଯାଇଛି, ତା' ବ୍ୟତୀତ ନୂତନ ସରକାରଙ୍କୁ ଏ ବର୍ଷ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ୨·୫ କୋଟି ଟଙ୍କାର ଅଧିକ ସମ୍ବଳ ଯୋଗାଡ଼ କରିବାକୁ ପଡ଼ିଥିଲା । ମୁଖ୍ୟମନ୍ତ୍ରୀ ଏ ବିଷୟରେ ଯୋଜନା କମିଶନଙ୍କ ସହ ଗତ ଜୁଲାଇ ମାସରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ୧୯୮୦-୮୧ରେ ଏହି ୨·୫ କୋଟି ଅଧିକା ସମ୍ବଳ ବ୍ୟବସ୍ଥା କରିବା ପାଇଁ ଯୋଜନା କମିଶନଙ୍କୁ ପ୍ରବର୍ତ୍ତାଇ ପାରିଥିଲେ ।

୩ । ଏହି ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସେଗୁଡ଼ିକ ହେଲା :—

(କ) ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ସଂପର୍କରେ ପଥପ୍ରଦର୍ଶକ ନିର୍ଦ୍ଦେଶାବଳୀ ଓଡ଼ିଆ ଓ ଇଂରାଜୀରେ ଛପାଯାଇ କ୍ଷେତ୍ରସ୍ଥ ଅଫିସରମାନଙ୍କ ନିକଟକୁ ତା ୨୧-୮-୮୦ରେ ପଠାଯାଇଛି ।

(ଖ) ନିଷ୍ପତ୍ତିଭାବେ ଥିବା ୫୦ ଏକର ପରିମିତ ସରକାରୀ ପତିତ ଜମିକୁ ଚିହ୍ନଟ କରି ସେଥିରେ ଏହିପରି ଗରିବ ପରିବାରଙ୍କୁ ଥଇଥାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଜିଲ୍ଲାରେ ଏହିପରି ୧ ଲକ୍ଷ ୨୨ ହଜାର ଏକର ସରକାରୀ ପତିତ ଜମି ଚିହ୍ନଟ ହୋଇସାରିଲଣି ।

(ଗ) ବିଭିନ୍ନ ସ୍ଥାନରେ ଗ୍ରାମବାସୀମାନଙ୍କର ବୈଠକ ଡକାଯାଇ ବିଭିନ୍ନ ଜିଲ୍ଲାରେ ପ୍ରାୟ ୫୬ ହଜାର ଉପକୃତ ହେବା ଗରିବ ପରିବାରଙ୍କୁ ଚିହ୍ନଟ କରାଯାଇଛି ।

(ଘ) ଯୋଜନାଗୁଡ଼ିକୁ ପରୀକ୍ଷାନିରୀକ୍ଷା କରିବା ଓ ଅର୍ଥ ମଞ୍ଜୁର କରିବାରେ ଯେପରି ଡହିଁର ନିଶ୍ଚିତ ବ୍ୟବସ୍ଥା କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥବିଭାଗ ଶାସନ ସଚିବ ଏବଂ ଅନ୍ୟାନ୍ୟ ଅଭିଜ୍ଞ ଅଫିସରଙ୍କୁ ନେଇ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟିର ବୈଠକ ଥରକୁଥର ଅନୁଷ୍ଠିତ ହୋଇ ଏହି ଯୋଜନା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ନିର୍ଦ୍ଦେଶ ପଠାଉଛନ୍ତି ।

୪ । ଅତୀତରେ ଗରିବ ଲୋକଙ୍କ ଅର୍ଥନୈତିକ ଉନ୍ନତିଲାଗି ପରିକଳ୍ପନାମାନ କାର୍ଯ୍ୟକାରୀ ହୋଇ ଆସିଛି । କିନ୍ତୁ ପ୍ରଧାନତଃ ନିମ୍ନଲିଖିତ ଅସୁବିଧା ଯୋଗୁଁ ଏହି ପରିକଳ୍ପନାଗୁଡ଼ିକ ବିଶେଷ ଫଳପ୍ରଦ ହୋଇ ପାରିନାହିଁ ।

(କ) ଗରିବ ପରିବାରଙ୍କୁ ବାଛିବା କାମ ବହୁ ସମୟରେ ସରକାରୀ ସଂସ୍ଥାଦ୍ୱାରା ସଂପାଦିତ ହେଉଥିଲା ଓ ଗ୍ରାମବାସୀମାନେ ଏଥିରେ ସଂପୃକ୍ତ ନଥିଲେ ।

(ଖ) ଗରିବ ଲୋକର ହାତଖାଲି; ତା' ପାଖରେ ଆଉ କିଛି ନ ଥାଏ । ତା'ର କୌଣସି ସଂପତ୍ତି ନଥାଏ କି ତାକୁ କୌଣସି ବିଶେଷ କର୍ମକୌଶଳ ମଧ୍ୟ ଜଣା ନ ଥାଏ । କିନ୍ତୁ ବିଗତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ଲାଗି ମୋଟା ବ୍ୟାଙ୍କ ଋଣ ଆବଶ୍ୟକ ହେଉଥିଲା । ଏହି ଋଣ ପରିଶୋଧ କରିବା କାମ ଗରିବ ଲୋକ ପକ୍ଷରେ ଏକ ବଡ଼ ବୋଝ ପରି ଥିଲା ।

(ଗ) ଭୂମିହୀନ ଲୋକଙ୍କୁ ଜମି ଦେବା ସଂପର୍କରେ ଆମର ଅଭିଜ୍ଞତାରୁ ସ୍ପଷ୍ଟ ଜଣାପଡ଼େ ଯେ ଜମିର ଉପଯୁକ୍ତ ଉନ୍ନତି ବିଧାନ ନ କରି ଭୂମିହୀନ ଶ୍ରମିକଙ୍କୁ ଯଦି ତାହା ଦିଆଯାଏ ତେବେ ସେ ସେଥିରୁ କୌଣସି ଉପକାର ପାଏନାହିଁ ଓ ସାମାନ୍ୟ ଦାମରେ ତାହା ପୁଣି ଅନ୍ୟକୁ ବିକ୍ରୀ କରେ । ଅନ୍ୟ ପକ୍ଷରେ ବର୍ତ୍ତମାନ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ଅର୍ଥନୈତିକ ଥଇଥାନ ପାଇଁ କାର୍ଯ୍ୟକାରୀ ହେବା କାର୍ଯ୍ୟକ୍ରମକୁ ହାତକୁ ନେବା ଆଗରୁ ପ୍ରଥମେ ବିଫଳତାର କାରଣ କଣ ଥିଲା ତାହା ଅନୁଧ୍ୟାନ କରାଯାଇ ତ୍ରୁଟିଗୁଡ଼ିକୁ ଏଡ଼େଇବାକୁ ଚେଷ୍ଟା କରାଯାଉଛି । ଉଦାହରଣ ସ୍ୱରୂପ, ବିଭିନ୍ନ ଯୋଜନା ଅନୁଯାୟୀ ଯେଉଁଠାରେ ଜମିର ଉନ୍ନତି ବିଧାନ କରାଯାଇ ଦରିଦ୍ରତମ ପରିବାରଙ୍କୁ ଦିଆଯିବ, ସେଠାରେ ଏହି ଭୂମି-ଭିତ୍ତିକ ଯୋଜନାର ସମସ୍ତ ଖର୍ଚ୍ଚ 'ସବ୍‌ସିଡ଼ି' ଆକାରରେ ଦିଆଯିବ ଏବଂ ଖର୍ଚ୍ଚର କୌଣସି ଅଂଶକୁ ଋଣ ବୋଲି ଧରାଯିବ ନାହିଁ । ସେହିପରି ମତ୍ସ୍ୟ ଉନ୍ନୟନ ଯୋଜନାରେ ମଧ୍ୟ କୌଣସି ବ୍ୟାଙ୍କ ଋଣର ବ୍ୟବସ୍ଥା ରହିବ ନାହିଁ । ତାହାହେଲେ ପଶୁପାଳନ ଯୋଜନାରେ ସବ୍‌ସିଡ଼ିର ପ୍ରଚଳିତ ସ୍ତରକୁ ମୋଟ ଖର୍ଚ୍ଚର ଶତକଡ଼ା ୭୫ ଭାଗକୁ ବୃଦ୍ଧି କରାଯାଇଛି । ଗାଈ ଦୁଧ ଦେବା ଆରମ୍ଭ କଲାପର୍ଯ୍ୟନ୍ତ ତା'ର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ କେତେକ ସାହାଯ୍ୟ ଦିଆଯିବ । ଏହିପରି ଗ୍ରାମାଞ୍ଚଳର ଗରିବମାନଙ୍କ ଅର୍ଥନୈତିକ ଥଇଥାନ ଯୋଜନା ଏକ ଅପୂର୍ବ ଯୋଜନା । ଏହା ଦ୍ୱାରା (କ) ସମଗ୍ର ରାଜ୍ୟ ଓ ସମଗ୍ର ଗ୍ରାମ ଅନ୍ତର୍ଭୁକ୍ତ । (ଖ) ଏହି ଯୋଜନା ସମୟ ଭିତ୍ତିକ—ଖୁବ୍ କମ୍ ସମୟ ଅର୍ଥାତ୍ ମାତ୍ର ୫ ବର୍ଷ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ । (ଗ) ଗରିବ ପରିବାରମାନଙ୍କୁ ସରକାରୀ କର୍ମକର୍ତ୍ତାମାନଙ୍କ ଦ୍ୱାରା ଚିହ୍ନଟ କରା ନ ଯାଇ ଗ୍ରାମବାସୀମାନଙ୍କ ଦ୍ୱାରା ଚିହ୍ନଟ କରାଯିବ । (ଘ) ଭୂମିଭିତ୍ତିକ ଯୋଜନା ଓ ମତ୍ସ୍ୟରକ୍ଷ ଯୋଜନାଗୁଡ଼ିକ ପାଇଁ ପୂରାପୂରି ସରକାରୀ ସବ୍‌ସିଡ଼ି ଦିଆଯିବ ଓ ଅନ୍ୟାନ୍ୟ ଯୋଜନା ପାଇଁ ପୂର୍ବାପେକ୍ଷା ଅତି କୋହଳ ଭାବରେ ସବ୍‌ସିଡ଼ି ଦିଆଯିବ ।

୫ । ଏଥି ପୂର୍ବରୁ କୁହାଯାଇଛି ଯେ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ୫ ଲକ୍ଷ ଦରିଦ୍ରତମ ପରିବାର ଏହି ଯୋଜନା ଅନ୍ତର୍ଭୁକ୍ତ ହେବେ । ଷଷ୍ଠ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ଆବଶ୍ୟକ ହେବ । ରାଜ୍ୟ ସରକାର ଏହିସବୁ ଯୋଜନା ଉପରେ ସର୍ବାଧିକ ଅଗ୍ରାଧିକାର ଦେଇଛନ୍ତି ।

# ଓଡ଼ିଶାର ସର୍ବାଙ୍ଗୀନ ବିକାଶ ନିମନ୍ତେ ବଳିଷ୍ଠ ପଦକ୍ଷେପ

ଶ୍ରୀ ଏ. ଏନ୍. ତିୱାରୀ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ସାମ୍ପ୍ରତିକ ସରକାର ୧୯୮୦ ଜୁନ୍ ୯ ତାରିଖ ଦିନ ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ କଲେ । ଏହି ସରକାର କାର୍ଯ୍ୟଭାର ଗ୍ରହଣ କରିବା ସମୟରେ ରାଜ୍ୟର ଅର୍ଥନୈତିକ ଅବସ୍ଥା ଭଲ ନଥିଲା ଓ ଅଭିବୃଦ୍ଧି ହାର ନିମ୍ନସ୍ତରରେ ଥିଲା । ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ୪ର୍ଥ ଯୋଜନା କାଳରେ ଅର୍ଥନୈତିକ ଅଭିବୃଦ୍ଧି ହାର ଶତକଡ଼ା ୨.୬ ଭାଗ ଥିବା ସ୍ଥଳେ ତାହା ପଞ୍ଚମ ଯୋଜନା କାଳରେ ଶତକଡ଼ା ୨ ଭାଗକୁ ହ୍ରାସ ପାଇଲା ଏବଂ ୧୯୭୯-୮୦ ମସିହାରେ ଅର୍ଥନୈତିକ ଅଭିବୃଦ୍ଧି ମୋଟେ ଘଟିଲା ନାହିଁ । ଗରିବ ଶ୍ରେଣୀର ଲୋକମାନେ ଏହି ଅର୍ଥନୈତିକ ଅଧୋଗତିର ଶିକାର ହେଲେ ଓ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକମାନଙ୍କ ସଂଖ୍ୟା ଶତକଡ଼ା ୬୦ରୁ ୮୫କୁ ବୃଦ୍ଧି ପାଇଥିଲା । ଏତଦ୍‌ବ୍ୟତୀତ ସରକାରଙ୍କୁ ଗୁରୁତର ମରୁଡ଼ିଜନିତ ଜଟିଳ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

## ଗାଁ ଗହଳର ଦରିଦ୍ର ଶ୍ରେଣୀର ଲୋକମାନଙ୍କର ଅର୍ଥନୈତିକ ଥଇଥାନ

ଓଡ଼ିଶାରେ ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକମାନଙ୍କ ସମେତ ପ୍ରାୟ ଶତକଡ଼ା ୪୦ଭାଗ ସଂରକ୍ଷିତ ଶ୍ରେଣୀର ଲୋକେ ବସବାସ କରନ୍ତି । ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକମାନଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା ହେଉଛି ସରକାରଙ୍କ ସର୍ବ ପ୍ରଥମ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ । ଏଣୁ ସରକାର ଆଦିବାସୀ ଓ ହରିଜନ ବହୁଳ ପ୍ରତ୍ୟେକ ଗ୍ରାମଗୁଡ଼ିକରେ ଦରିଦ୍ରତମ ପରିବାରଗୁଡ଼ିକୁ ଚିହ୍ନଟ କରିବାକୁ ନିଷ୍ପତ୍ତି ଗ୍ରହଣ କଲେ । ଆଗାମୀ ୫ବର୍ଷ ମଧ୍ୟରେ ୫ ଲକ୍ଷ ଗରିବ ପରିବାରଙ୍କର ଅର୍ଥନୈତିକ ପୁନର୍ବାସହିଁ ଏହି ନୂଆ ଯୋଜନାର ଲକ୍ଷ୍ୟ । ଚଳିତ ବର୍ଷରେ ୫ କୋଟି-ଟଙ୍କା ବ୍ୟୟରେ ୨୮,୦୦୦ ଗରିବ ପରିବାରଙ୍କୁ ଥଇଥାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଯେଉଁ ପରିବାରଗୁଡ଼ିକ ଭୂମିଭିତ୍ତିକ ଧନ୍ଦାରେ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରିବେ ସେମାନଙ୍କ ଲାଗି ଜମି ଉନ୍ନୟନ ଓ କୃଷି ଉପକରଣ ବାବଦରେ ପ୍ରଚୁର ମାତ୍ରାରେ ସାହାଯ୍ୟ ଦିଆଯିବ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୬,୦୦୦ ଗ୍ରାମ୍ୟ କାରିଗରଙ୍କର ମଧ୍ୟ ଅର୍ଥନୈତିକ ଥଇଥାନ କରାଯିବ ।

## ଜଳସେଚନ ସମ୍ଭାବ୍ୟକୁ ଦ୍ୱିଗୁଣିତ କରିବା ଲାଗି ବ୍ୟବସ୍ଥା

କୃଷିର ବିକାଶ ଲାଗି ଜଳସେଚନର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ତାହା ସରକାର ଉପଲବ୍ଧି କରିଛନ୍ତି । ଜଳସେଚନ ବ୍ୟବସ୍ଥାକୁ ଦୁଇଗୁଣ ବଢ଼ାଇ ଦେଇ ୨୪ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହା ହୋଇ ପାରିଲେ ସରକାର ରାଜ୍ୟକୁ ମରୁଡ଼ି କବଳରୁ ସମ୍ପୂର୍ଣ୍ଣରୂପେ ମୁକ୍ତ କରିବା ଦିଗରେ ସମର୍ଥ ହୋଇ ପାରିବା ସଙ୍ଗେ ସଙ୍ଗେ ୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ମଧ୍ୟ ସକ୍ଷମ ହୋଇ ପାରିବେ । ଏଥିନିମନ୍ତେ ଯୋଜନା ଅଟକଳରେ ପୂର୍ବରୁ ଧାର୍ଯ୍ୟ ହୋଇଥିବା ୪୬ କୋଟି ଟଙ୍କାରୁ ୫୪.୫ କୋଟି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଚଳିତ ବର୍ଷରେ ସମାକୋଇ ବୃହତ୍ ପରିକଳ୍ପନା ଓ ବଡ଼ନଲା, ବେଢ଼ଙ୍ଗ ୨ୟ ପର୍ଯ୍ୟାୟ ଓ ଶାଳିଆ ୨ୟ ପର୍ଯ୍ୟାୟ ପ୍ରଭୃତି ୩ ଗୋଟି ମଧ୍ୟମ ଜଳସେଚନ ପରିକଳ୍ପନା ହାତକୁ ନିଆଯିବା ଲାଗି ପ୍ରସ୍ତାବ ରହିଛି । ଇତିମଧ୍ୟରେ ୧୦୦ ଗୋଟି କ୍ଷୁଦ୍ର ଜଳସେଚନ ପରିକଳ୍ପନା ଚିହ୍ନଟ କରାଯାଇ ପାରିଛି ଓ ସେସବୁର କାମ ଶୀଘ୍ର ଆରମ୍ଭ କରାଯିବ ।

## ଉଠା ଜଳସେଚନ

୨୮୩ଟି ଉଠା ଜଳସେଚନ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି ଓ ତନ୍ମଧ୍ୟରୁ ୮୦ଟି ଉଠା ଜଳସେଚନ ବ୍ୟବସ୍ଥାକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଉକ୍ତ ଉଠା ଜଳସେଚନ ପରିକଳ୍ପନାଗୁଡ଼ିକ ଫଳରେ ଅଧିକ ୧,୫୨୭ ହେକ୍ଟର ଜମିକୁ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିଛି ।

## କୃଷି ଓ ଦୁଗ୍ଧ ଉତ୍ପାଦନ

ଉନ୍ନତ ଜଳସେଚନ ବ୍ୟବସ୍ଥା ହେତୁ କୃଷିର ବିକାଶ ଅବଶ୍ୟମ୍ଭାବୀ । ୧୦,୦୦୦ ପରିବାରଙ୍କର ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ନିମନ୍ତେ ସେମାନଙ୍କୁ ପଶୁପାଳନ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇଛି । ରାଜ୍ୟର ୨୧୦ଟି ବ୍ଲକ୍ ଉକ୍ତ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବିଶ୍ୱବ୍ୟାଙ୍କର ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ଏ ସମ୍ପର୍କରେ ପ୍ରସ୍ତୁତ କରାଯାଇଥିବା ଏକ ପ୍ରୋଜେକ୍ଟ ରିପୋର୍ଟ ଅନୁମୋଦନ କରି ସାରିଛନ୍ତି ଓ ତାହା ଭାରତୀୟ ଡାଏରୀ କର୍ପୋରେସନଙ୍କ ଦ୍ୱାରା ଗୃହୀତ ହୋଇଛି । କଟକ, ପୁରୀ ଢେଙ୍କାନାଳ ଓ କେନ୍ଦୁଝର ପ୍ରଭୃତି ଚାରିଗୋଟି ଜିଲ୍ଲା ଓ ରାଉରକେଲା, ବ୍ରହ୍ମପୁର ଓ ସମ୍ବଲପୁର ପ୍ରଭୃତି ପ୍ରୋଜେକ୍ଟ ଅଞ୍ଚଳ ବହିର୍ଭୂତ ନଗରଗୁଡ଼ିକରେ ଉକ୍ତ ପରିକଳ୍ପନା କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ କରାଯିବ । ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନକାରୀ ସଂଘ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ଭାରତୀୟ ଡାଏରୀ କର୍ପୋରେସନ ପ୍ରାରମ୍ଭିକଭାବେ ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

## ପାନୀୟ ଜଳ ସମସ୍ୟାର ସମାଧାନ

ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦୁଃଖ କଷ୍ଟ ଭୋଗ କରୁଥିବା ଜନସାଧାରଣଙ୍କୁ ଯେପରି ସ୍ଥାୟୀଭାବେ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିବ ସେଥିନିମନ୍ତେ ସାମ୍ପ୍ରତିକ ସରକାର ଅଗ୍ରାଧିକାର ଭିତ୍ତିରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି । ଚଳିତ ବର୍ଷ ନିମନ୍ତେ ୫,୫୯୭ଟି ନଳକୂପ ବସାଇବା ଲାଗି ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତନ୍ମଧ୍ୟରୁ ଅଦ୍ୟାବଧି ୩,୧୫୦ଟି ନଳକୂପ ବସାଯାଇ ସାରିଲାଣି । ଏହାଛଡା ସମ୍ପ୍ରତି ହୋଇଥିବା ବନ୍ୟା ଫଳରେ ନିଷ୍କ୍ରିୟ ହୋଇ ଯାଇଥିବା ୨,୮୦୦ ନଳକୂପକୁ ଅତି ସ୍ୱଳ୍ପ ସମୟ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଇଛି । ଏଭଳି ପ୍ରଗତିରେ ଉତ୍ସାହିତ ହୋଇ ସରକାର ୧୯୮୦-୮୧ ମସିହା ମଧ୍ୟରେ ୭,୧୪୩ଟି ନଳକୂପ ବସାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏତଦ୍‌ବ୍ୟତୀତ ୨,୦୦୦ ଟି ବିଶୁଦ୍ଧ ନଳକୂପ ବସାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଅଦ୍ୟାବଧି ୧,୦୦୭ଟି ବିଶୁଦ୍ଧ ନଳକୂପ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇ ପାରିଛି ।

## ଦ୍ରୁତ ଶିଳ୍ପାୟନ

ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଏକ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ଓଡ଼ିଶାରେ ସମଗ୍ର ଦେଶର ପ୍ରାୟ ଶତକଡା ୪ ଭାଗ ଲୋକ ବସବାସ କରନ୍ତି ଓ ଏହାର ଆୟତନ ସମଗ୍ର ଦେଶର ପ୍ରାୟ ଶତକଡା ୪ ଭାଗ । ଦେଶର ଜଳ ସମ୍ପଦର ଶତକଡା ୧୦ ଭାଗ ଓଡ଼ିଶାରେ ରହିଛି । ଲୁହା ପଥରର ⅓ ଅଂଶ, ମାଙ୍ଗାନିଜ୍ ଶତକଡା ୪୦ ଭାଗ, କ୍ରୋମ୍ ଶତକଡା ୯୦ ଭାଗ ଓ ଅସରନ୍ତି ବକ୍‌ସାଇଟ୍, ଡୋଲୋମାଇଟ୍, କୋଇଲା, ଚୂନ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ବ୍ୟାପକଭାବେ ଭରି ରହିଛି । ଓଡ଼ିଶାରେ ମଧ୍ୟ ବିଶାଳ ଜଙ୍ଗଲ ସମ୍ପଦ ଓ ସୁବିସ୍ତୀର୍ଣ୍ଣ ବେଳାଭୂମି ରହିଛି ।

ରାଜ୍ୟର ବ୍ୟାପକ ଜନଶକ୍ତି ଓ ପ୍ରାକୃତିକ ସମ୍ପଦକୁ ଶିଳ୍ପ ବିକାଶ କ୍ଷେତ୍ରରେ ବିନିଯୋଗ କରାଯାଇ ପାରିଲେ ଦ୍ରୁତ ଶିଳ୍ପ ଉନ୍ନୟନ ସମ୍ଭବ ହୋଇ ପାରିବ ଓ ରାଜ୍ୟର ଅର୍ଥନୀତି ବିଶେଷଭାବେ ସମୃଦ୍ଧ ହୋଇ ପାରିବ ବୋଲି ରାଜ୍ୟ ସରକାର ଉପଲବ୍ଧି କରି ପାରିଛନ୍ତି । ମୁଖ୍ୟମନ୍ତ୍ରୀ ୧,୦୦୦ ଦିନରେ ୧,୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକହଜାର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ଘୋଷଣା କରିଛନ୍ତି । ଶିଳ୍ପ ଉନ୍ନୟନ ଯୋଜନାର ଦ୍ରୁତ ରୂପାୟନ କରି ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବା ନିମନ୍ତେ ରାଜ୍ୟ ସରକାର ତଥା ଜନସାଧାରଣଙ୍କର ଯେଉଁ ପ୍ରବଳ ଆକାଂକ୍ଷା ରହିଛି, ଏହି ସ୍ଲୋଗାନ୍‌ଟି ସେହି ଆକାଂକ୍ଷାର ପ୍ରତିଧ୍ୱନି ।

ଶିଳ୍ପୋଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ବିଳମ୍ବିତ ପ୍ରକ୍ରିୟାକୁ ହ୍ରାସ କରିବା ଉଦ୍ଦେଶ୍ୟରେ କେତେକ ବହଳ ପ୍ରୋତ୍ସାହନ ଦେଇ ସରକାର ନିମ୍ନଲିଖିତ ଶିଳ୍ପନୀତି ଘୋଷଣା କରିଛନ୍ତି । ଏହି ନୂତନ ନୀତି ଅନୁଯାୟୀ—

(କ) "ଶିଳ୍ପ ସମନ୍ୱୟ ବ୍ୟୁରୋ" ନାମକ ଏକ ଯୋଗସୂତ୍ର ସ୍ଥାପନ ଫୋରମ ପ୍ରତିଷ୍ଠା କରାଯାଇଛି । ଉକ୍ତ ଫୋରମ୍‌ଟି 'ଇପିକଲ୍ ଭବନ'ରେ କାର୍ଯ୍ୟ କରିବ ଏବଂ ଉକ୍ତ ସଂସ୍ଥା ୨୧ଦିନ ମଧ୍ୟରେ ଶିଳ୍ପୋଦ୍ୟୋଗୀମାନଙ୍କର ଜଳ, ବିଦ୍ୟୁତ୍‌ଶକ୍ତି ଓ ଋଣ ସମ୍ପର୍କିତ ଆବେଦନପତ୍ରଗୁଡ଼ିକର ଫଇସଲା କରିବେ ।

(ଖ) ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକୁ ଦୃଢ଼ୀଭୂତ କରାଯିବ ଓ ସେଗୁଡ଼ିକୁ ଯଥେଷ୍ଟ କ୍ଷମତା ପ୍ରଦାନ କରାଯିବ । ଏହି ସଂସ୍ଥାଗୁଡ଼ିକ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ନିମନ୍ତେ ଏକ ଯୋଗସୂତ୍ରକାରୀ ସଂସ୍ଥାରୂପେ କାର୍ଯ୍ୟ କରିବ । କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକରୁ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ପାରିବେ । ଏଣୁ ସେମାନେ ଏଣିକି ସଦରମହକୁମାସ୍ଥିତ ଅନ୍ୟାନ୍ୟ ସରକାରୀ ସଂସ୍ଥାଗୁଡ଼ିକୁ ବାରମ୍ବାର ଯିବା ଆସିବା କରିବାକୁ ପଡ଼ିବ ନାହିଁ ।

(ଗ) ଶିଳ୍ପାୟନର ପ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଲାଗି ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଓ ସଂପୃକ୍ତ ବିଭାଗର ଶାସନ ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ନୋଡାଲ କମିଟି ଗଠନ କରାଯାଇଛି ।

(ଘ) ବିଦେଶରେ ବସବାସ କରୁଥିବା ଭାରତୀୟ ନାଗରିକମାନେ ଯେପରି ରାଜ୍ୟର ଶିଳ୍ପାୟନ କ୍ଷେତ୍ରରେ ଅର୍ଥ ବିନିଯୋଗ କରି ପାରିବେ ସେଥି ନିମନ୍ତେ ଇପିକଲ୍ ଭବନରେ ଏକ ବୈଦେଶିକ ପୁଞ୍ଜି ବିନିଯୋଗ ଡିଭିଜନ ଖୋଲାଯାଇଛି ।

(ଙ) ଶିଳ୍ପାନୁଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ନିମନ୍ତେ ଘରଡ଼ିହ, କାରଖାନା ଘର, ଜଳଯୋଗାଣ ଓ ବାସଗୃହ ଯୋଗାଇ ଦେବା ଲାଗି ଏକ ଭିତ୍ତିଭୂମିକ ଉନ୍ନୟନ କର୍ପୋରେସନ୍ ଗଠନ କରାଯାଇଛି ।

(ଚ) ଗ୍ରାମ୍ୟ ତଥା କୁଟୀର ଶିଳ୍ପଗୁଡ଼ିକ ନିମନ୍ତେ ରାଜ୍ୟ ସରକାରଙ୍କ ସଂପୃକ୍ତ ସଂସ୍ଥା ମାଗଣାରେ ସମ୍ଭାବ୍ୟ ତଥା ପ୍ରୋଜେକ୍ଟ ରିପୋର୍ଟ ଯୋଗାଇ ଦେବେ ।

(ଛ) ରାଜ୍ୟରେ ମଧ୍ୟମ ତଥା ବୃହତ୍ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ଶିଳ୍ପୋଦ୍ୟୋଗୀମାନଙ୍କ ପକ୍ଷରୁ ପ୍ରୋଜେକ୍ଟ ଓ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତି ବାବଦ ସମୁଦାୟ ଖର୍ଚ୍ଚ ରାଜ୍ୟ ସରକାର ଭରଣା କରିବେ ।

(ଜ) ଶିଳ୍ପ ବିକାଶଜନିତ ବିଭିନ୍ନ କ୍ଷେତ୍ରରେ ବିପୁଳ ପରିମାଣ ସବ୍‌ସିଡି ଯୋଗାଇ ଦିଆଯିବା ନିମନ୍ତେ ମଧ୍ୟ ଘୋଷଣା କରାଯାଇଛି । ତନ୍ମଧ୍ୟରେ ନୂତନ ଶିଳ୍ପ ସ୍ଥାପନ ନିମନ୍ତେ ଓ ଚାଲୁ ରହିଥିବା ଶିଳ୍ପର ସଂପ୍ରସାରଣ ନିମନ୍ତେ କିଣା ଯାଉଥିବା ଯନ୍ତ୍ରପାତି ଉପରେ ଅକ୍‌ଟ୍ରାଇ ଟିକସ୍ ଛାଡ ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

(ଝ) ଶିଳ୍ପୋଦ୍ୟୋଗୀମାନଙ୍କୁ ଶସ୍ତା ଦରରେ ଏକର ପ୍ରତି ଟ.୬୫୦ ରୁ ଟ.୨,୫୦୦ ମଧ୍ୟରେ ଜମି ଯୋଗାଇ ଦିଆଯିବ ।

## ଦ୍ରୁତ ଶିଳ୍ପ ଉନ୍ନୟନ ଓ ନୂତନ ଶିଳ୍ପ ନୀତି

ଗତ ତିନିମାସ ମଧ୍ୟରେ ୧,୦୦୦ରୁ ଅଧିକ ଶିଳ୍ପୋଦ୍ୟୋଗୀମାନଙ୍କୁ ରେଜିଷ୍ଟ୍ରିଭୁକ୍ତ କରାଯାଇଛି ଏବଂ ୫୫୦ କୋଟି ଟଙ୍କା ବ୍ୟୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ୧୦୦ ଜଣ ଶିଳ୍ପୋଦ୍ୟୋଗୀଙ୍କୁ ଚିହ୍ନଟ କରାଯାଇଛି । ଏହା ଫଳରେ ୪୨,୦୦୦ ଲୋକ ଉକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକରେ କର୍ମନିଯୁକ୍ତି ପାଇ ପାରିବେ ।

ଏତଦ୍‌ବ୍ୟତୀତ ରାଜ୍ୟରେ ସରକାରୀ ଉଦ୍ୟୋଗରେ ବହୁସଂଖ୍ୟକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠିତ ହେବାକୁ ଯାଉଛି । ସେଗୁଡ଼ିକ ହେଲା–

(କ) କୋରାପୁଟ ଓ ତାଳଚେରଠାରେ ୧୬୦୦ କୋଟି ଟଙ୍କା ବ୍ୟୟରେ ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା ।

(ଖ) ଓଡ଼ିଶାରେ ପ୍ରଥମ କରି ୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଔଷଧ ତିଆରି କାରଖାନା ।

(ଗ) ୧୦ କୋଟି ଟଙ୍କା ବ୍ୟୟ ସମ୍ବଳିତ ଏକ ବଏଲର ପାଇପ୍ କାରଖାନା ।

(ଘ) ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୭ ଗୋଟି ସୂତାକଳ ପ୍ରତିଷ୍ଠା ।

(ଙ) ଭଦ୍ରଖ ଓ କେନ୍ଦୁଝରଠାରେ ୬୦ କୋଟି ଟଙ୍କା ବ୍ୟୟରେ ଦୁଇଗୋଟି ଫେରୋ କ୍ରୋମ କାରଖାନା । ଏହି ଦୁଇଟି କାରଖାନା ମଧ୍ୟରୁ ଗୋଟିଏ ସରକାରୀ ଉଦ୍ୟୋଗରେ ଓ ଅନ୍ୟଟି ବେସରକାରୀ ଉଦ୍ୟୋଗରେ ପ୍ରତିଷ୍ଠା କରାଯିବ ।

ଏତଦ୍‌ବ୍ୟତୀତ ପାରାଦୀପଠାରେ ଏକ ବନ୍ଦରଭିତ୍ତିକ ଇସ୍‌ପାତ କାରଖାନା ଓ ଫସ୍‌ଫେଟିକ୍ ସାର କାରଖାନା ସ୍ଥାପନ କରିବା ଲାଗି ଭାରତ ସରକାର ନୀତିଗତଭାବେ ସ୍ଥିର କରିଛନ୍ତି ।

ରାଜ୍ୟ ସରକାର ମଧ୍ୟ ରାଜ୍ୟର ଉପଯୁକ୍ତ ସ୍ଥାନ ଦେଖି ଅନେକଗୁଡ଼ିଏ ଚିନି କାରଖାନା ଓ ତେଲ କଳ ପ୍ରତିଷ୍ଠା କରିବା ଲାଗି ସକ୍ରିୟ ଉଦ୍ୟମ କରୁଛନ୍ତି । ବ୍ୟାପକ କର୍ମନିଯୁକ୍ତିର ସମ୍ଭାବନା ସୃଷ୍ଟି କରାଯାଇ ରାଜ୍ୟର ୧୬ ଲକ୍ଷ ବେକାର ଯୁବକମାନଙ୍କ ନିମନ୍ତେ କର୍ମନିଯୁକ୍ତିର ବ୍ୟବସ୍ଥା କରିବା ହିଁ ଏହିସବୁ ଉଦ୍ୟମର ଲକ୍ଷ୍ୟ ।

ହସ୍ତତନ୍ତ, କ୍ଷୁଦ୍ର ତଥା କୁଟୀରଶିଳ୍ପ କ୍ଷେତ୍ରରେ ମଧ୍ୟ ଅନୁରୂପ ଗୁରୁତ୍ୱ ଦିଆଯାଇଛି ଏବଂ ସୁବିଖ୍ୟାତ ପାରମ୍ପରିକ କଳା ଓ କାରିଗରୀ କାମର ପୁନରୁତ୍‌ଥାନ ଓ ପ୍ରସାର ନିମନ୍ତେ ସରକାର ଉଲ୍ଲେଖନୀୟ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ୬୭.୫ କୋଟି ଟଙ୍କା ବ୍ୟୟରେ ପ୍ରାୟ ୨,୦୦୦ ପାରମ୍ପରିକ ଉନ୍ନତ ଧରଣର କୁଟୀର ଶିଳ୍ପ ପ୍ରତିଷ୍ଠା କରିବା ଲାଗି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଏହି ଶିଳ୍ପଗୁଡ଼ିକରେ ୬,୦୦୦ ବ୍ୟକ୍ତି କର୍ମନିଯୁକ୍ତି ପାଇପାରିବେ । ସେହିପରି ୭୫ କୋଟି ଟଙ୍କା ବ୍ୟୟରେ ୧,୦୦୦ରୁ ଅଧିକ ସୂକ୍ଷ୍ମ କୁଟୀର ଶିଳ୍ପାନୁଷ୍ଠାନ ଏବଂ ୫,୦୦୦ ପାରମ୍ପରିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯିବା ଲାଗି ଯୋଜନା କରାଯାଇଛି । ୧୯୮୧ ମସିହା ମଧ୍ୟରେ ୮,୦୦୦ ତନ୍ତକୁ ସମବାୟ ପରିସର ଭିତରକୁ ଓ ୩,୨୩୭ ତନ୍ତକୁ ରାଜ୍ୟ ହସ୍ତତନ୍ତ କର୍ପୋରେସନ ପରିସର ମଧ୍ୟକୁ ଆଣିବା ନିମନ୍ତେ ସ୍ଥିର କରାଯାଇଛି । ଏଗୁଡ଼ିକ ୨୩,୦୦୦ ବ୍ୟକ୍ତିଙ୍କୁ ବର୍ଷସାରା କାମ ଯୋଗାଇ ପାରିବେ । କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକରେ କର୍ମନିଯୁକ୍ତିର ସମ୍ଭାବନା ଅଧିକ ଥିବାରୁ ରାଜ୍ୟରେ ୧୨,୦୦୦ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ନିମନ୍ତେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତନ୍ମଧ୍ୟରୁ ୧,୦୮୭ ଗୋଟି ଶିଳ୍ପ ଆଧୁନିକ ଉନ୍ନତ ଧରଣର । ଗତ ୬ ମାସ ମଧ୍ୟରେ ୫୨୭ଟି କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଉତ୍ପାଦନ ଆରମ୍ଭ କରିଛନ୍ତି । ଏଗୁଡ଼ିକରେ ୩,୬୬୩ ଜଣ ବ୍ୟକ୍ତି କାମ କରୁଛନ୍ତି । ଏହାଛଡ଼ା ୧୨,୭୪୬ ଜଣ ଲୋକଙ୍କୁ କାମ ଯୋଗାଇ ଦେବା ଲାଗି ୭,୬୪୦ଟି କାରିଗରିଭିତ୍ତିକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି ।

## ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି

ଶିଳ୍ପ ଓ କୃଷି ଉନ୍ନୟନ ସମେତ ସମସ୍ତ ପ୍ରକାର ଉନ୍ନୟନ ପରିକଳ୍ପନା ଲାଗି ବିଦ୍ୟୁତଶକ୍ତି ଅପରିହାର୍ଯ୍ୟ । ରାଜ୍ୟରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ନିମନ୍ତେ ଯେଉଁ ସବୁ ସମ୍ବଳ ରହିଛି ସେସବୁକୁ ବିଚାରକୁ ନେଇ ରାଜ୍ୟରେ କେନ୍ଦ୍ରୀୟ ଉଦ୍ୟୋଗରେ ବହୁସଂଖ୍ୟକ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ତନ୍ମଧ୍ୟରୁ କେନ୍ଦୁଝର ଜିଲାରେ ୩୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଯାଉଥିବା ଭୀମକୁଣ୍ଡ ବହୁମୁଖୀ ପରିକଳ୍ପନା ଅନ୍ତର୍ଭୁକ୍ତ । ଓଡ଼ିଶାରେ କେନ୍ଦ୍ରୀୟ ଉଦ୍ୟୋଗରେ ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପମାନ ପ୍ରତିଷ୍ଠା କରାଗଲେ ଓଡ଼ିଶା ସମଗ୍ର ଦେଶ ପାଇଁ ଏକ ବିଦ୍ୟୁତ୍ କେନ୍ଦ୍ର ରୂପେ କାର୍ଯ୍ୟ କରିପାରିବ ।

ଏହି ଲକ୍ଷ୍ୟରେ ରାଜ୍ୟ ସରକାର ତାଳଚେରଠାରେ ୨,୦୦୦ ମେଗାୱାଟ୍ ବିଶିଷ୍ଟ ଏକ ସୁପର ତାପଜ ପରିକଳ୍ପନା ଓ କେନ୍ଦୁଝରରେ ଭୀମକୁଣ୍ଡ ପରିକଳ୍ପନା କେନ୍ଦ୍ରୀୟ ଉଦ୍ୟୋଗରେ ପ୍ରତିଷ୍ଠା କରାଯିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରି ଆସୁଛନ୍ତି । ଏସବୁ ଛଡ଼ା ଆଲୁମିନିୟମ୍ କାରଖାନାର ୬୦୦ ମେଗାୱାଟ୍ ସମ୍ପନ୍ନ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ଶକ୍ତିଶାଳୀ ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କଠାରୁ ସ୍ୱୀକୃତି ଖୁବ୍ ଶୀଘ୍ର ମିଳିଯିବ ବୋଲି ଆଶା କରାଯାଏ । ଏହା ଫଳରେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୯୦୦ ମେଗାୱାଟ୍‌ରୁ ୩,୦୦୦ ମେଗାୱାଟ୍ କୁ ବୃଦ୍ଧି ପାଇବ ।

## ଗମନାଗମନ ବ୍ୟବସ୍ଥାର ଉନ୍ନତିବିଧାନ

ଓଡ଼ିଶାର ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକ ସହ ଅଦ୍ୟାବଧି ଗମନାଗମନର କୌଣସି ସୁବିଧା ସୁଯୋଗ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଅଦ୍ୟାବଧି ରେଳପଥ ଦ୍ୱାରା ସଂଯୁକ୍ତ ହୋଇ ପାରି ନାହିଁ । ଦଇତାରି–ଯାଖପୁର–ବାଂଶପାଣି ଓ ତାଳଚେର–ସମ୍ବଲପୁର ରେଳପଥ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ଲାଗି ବିଶେଷ ଅଗ୍ରାଧିକାର ଦିଆଯାଇଛି । ଉକ୍ତ ରେଳପଥ ନିର୍ମାଣ ଫଳରେ ପଶ୍ଚିମ ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦରାଶି ଅଞ୍ଚଳ ଓ ପାରାଦୀପ ସହ ଯୋଗାଯୋଗ ସ୍ଥାପନ କରାଯାଇ ପାରିବ । ତାଳଚେର–ସମ୍ବଲପୁର ରେଳରାସ୍ତା ସର୍ଭେ କାର୍ଯ୍ୟ ସମାପ୍ତ ହୋଇଛି ।

## ଗୋପାଳପୁର କ୍ଷୁଦ୍ର ବନ୍ଦର

୮ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋପାଳପୁର ବନ୍ଦରର ଉନ୍ନତି ବିଧାନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ।

## ପର୍ଯ୍ୟଟନ

ପର୍ଯ୍ୟଟନ ଶିଳ୍ପ ପାଇଁ ଓଡ଼ିଶାରେ ବ୍ୟାପକ କ୍ଷେତ୍ର ରହିଛି । ପ୍ରଥମ କରି ଭୁବନେଶ୍ୱର ଓ ଦିଲ୍ଲୀ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗ ସ୍ଥାପନ କରାଯାଇଛି । ଭୁବନେଶ୍ୱରଠାରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ୍ ସହାୟତାରେ 'କଳିଙ୍ଗ ଅଶୋକ ହୋଟେଲ୍'

ପୁରୀ, କୋଣାର୍କ ଓ ଭୁବନେଶ୍ୱରଠାରେ ସୌଖୀନ ହୋଟେଲ ଖୋଲିବା
ନାମରେ ଏକ ସୌଖୀନ ହୋଟେଲ ଉଦ୍‌ଘାଟିତ ହୋଇଛି । ପୁରୀ, କୋଣାର୍କ ଓ ଭୁବନେଶ୍ୱରଠାରେ ସୌଖୀନ ହୋଟେଲ ଖୋଲିବା ନିମନ୍ତେ ସରକାର ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ଗଠନ କରିଛନ୍ତି । ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ମଧ୍ୟ ସ୍ଥିର କରଯାଉଛି । ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ସରକାର ... ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।
କୋଣାର୍କ-ପୁରୀ ବେଳାଭୂମିର ନିର୍ମାଣ କାର୍ଯ୍ୟ ଶେଷ ହେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

## ଶିକ୍ଷା

ଶିକ୍ଷା କ୍ଷେତ୍ରରେ ସହାୟରେ ବେସରକାରୀ ଉଦ୍ୟୋଗରେ ବିଜ୍ଞାନ ଓ ମହିଳା କଲେଜମାନ ଖୋଲିବା ବ୍ୟବସ୍ଥାକୁ ଉତ୍ସାହିତ କରାଯିବା ନିମନ୍ତେ ସରକାର ନୀତିଗତଭାବେ ସ୍ଥିର କରିଛନ୍ତି । ପୁରୀ ଓ ଗଞ୍ଜାମ ଜିଲ୍ଲାର ବୋଲଗଡ ଓ ଆସ୍କାଠାରେ ଯଥାକ୍ରମେ ଏକ ବି. ଇଡି. ତାଲିମ କଲେଜ ଓ ମହିଳା କଲେଜ ନିକଟରେ ଖୋଲାଯାଉଛି । କଟକଠାରେ ମଧ୍ୟ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଉଛି । ୧୧ ରୁ ୧୪ ବର୍ଷ ବୟସ ପିଲାମାନଙ୍କୁ ଅର୍ଥାତ୍ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅବୈତନିକ ଶିକ୍ଷା ପ୍ରଦାନ କରାଯିବା ଲାଗି ସରକାର ଏକ ଉଲ୍ଲେଖନୀୟ ଘୋଷଣା କରିଛନ୍ତି ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

ଡାକ୍ତରମାନଙ୍କର ଘରୋଇ ଚିକିତ୍ସା ବ୍ୟବସ୍ଥାକୁ ବନ୍ଦ କରାଯାଇଛି ଓ ମେଡିକାଲ ଆସୋସିଏସନର ପ୍ରତିନିଧିଙ୍କ ସହ ଆପୋଷ ଆଲୋଚନା କରାଯାଇ ଏଥି ସମ୍ପର୍କିତ ସମସ୍ୟାଗୁଡ଼ିକର ସମାଧାନ ସମ୍ଭବ ହୋଇ ପାରିଛି । ଗରିବ ରୋଗୀମାନଙ୍କୁ ଚିକିତ୍ସା କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ଏପରି ବ୍ୟବସ୍ଥା ଗ୍ରହଣ କରଯାଉଛି । ଏଥିନିମନ୍ତେ ଆବଶ୍ୟକ ଭିତ୍ତିଭୂମିକ ସୁବିଧାସୁଯୋଗଗୁଡ଼ିକୁ ଦୃଢ଼ୀଭୂତ କରଯାଉଛି ।

ରାଜଧାନୀ ଚିକିତ୍ସାଳୟରେ ଏକ ହୃଦ୍‌ରୋଗ ଚିକିତ୍ସା କେନ୍ଦ୍ର ଖୋଲା ଯାଇଛି । ଏହାର ସୁବିଧା ବହୁ ଦିନରୁ ରହିଥିଲା । ୨୫ଟି ସବ୍‌ଡିଭିଜନାଲ୍ ହାସ୍‌ପାତାଳ ଓ ୬୦ ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବନ୍ଧ୍ୟାକରଣ ଓ ଅନ୍ୟାନ୍ୟ ପରିବାର କଲ୍ୟାଣ ନିମନ୍ତେ ବ୍ୟବସ୍ଥା କରଯାଉଛି । ପରିବାର କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରି ପାରିଛି ଓ ଏ ଦିଗରେ ଜନସାଧାରଣଙ୍କ ପକ୍ଷରୁ ଯେଉଁ ଆଗ୍ରହ ପ୍ରକାଶ ପାଉଛି, ତାହା ଉତ୍ସାହପ୍ରଦ ।

## କୃଷି ଉତ୍ପାଦନ କ୍ଷେତ୍ରରେ ନୂତନ ଆଭିମୁଖ୍ୟ

ଉଚ୍ଚ ଜମିଗୁଡ଼ିକରେ ତୈଳବୀଜ, ଡାଲି ଜାତୀୟ ଶସ୍ୟ ଓ ମିଲେଟ ପ୍ରଭୃତି ଅର୍ଥକରୀ ଫସଲ ଯେପରି ଚାଷ କରଯାଇ ପାରିବ ସେଥିନିମନ୍ତେ ସରକାର କୃଷି ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଧାନଚାଷ ସନ୍ତୋଷଜନକ ହେଉନଥିବା ଉଚ୍ଚଜମି ଏବଂ ଜଳର ଅଭାବ ଘଟୁଥିବା ଜମିଗୁଡ଼ିକରେ ଧାନ ଫସଲ ନକରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେବା ଲାଗି ଏଭଳି ଆଭିମୁଖ୍ୟ ଗ୍ରହଣ କରଯାଉଛି । କାରଣ ଏଭଳି ଜମିଗୁଡ଼ିକରେ ସକଳ ପ୍ରଯତ୍ନସତ୍ତ୍ୱେ ପରିଶ୍ରମ ତୁଳନାରେ ଧାନ ଅମଳ ହୋଇ ନଥାଏ । ସେଚକୂପ ପରିକଳ୍ପନା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଆରୋପ କରଯାଉଛି । କାରଣ ଛୋଟ ଛୋଟ ଚାଷଜମିଗୁଡ଼ିକୁ ଏହି ସେଚକୂପ ଜରିଆରେ ସହଜରେ ଜଳସେଚିତ କରଯାଇ ପାରୁଥିବାରୁ ଏଥିପ୍ରତି ସମସ୍ତଙ୍କର ଆଗ୍ରହ ପ୍ରକାଶ ପାଉଛି । ଷଷ୍ଠ ଯୋଜନା କାଳ ମଧ୍ୟରେ ୪ ଲକ୍ଷ ସେଚକୂପ ନିର୍ମାଣ କରିବା ଲାଗି ସାମ୍ପ୍ରତିକ ସରକାର ଯୋଜନା କରିଛନ୍ତି । ଏହା ଫଳରେ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କର ଜୀବନଧାରଣର ମାନ ବୃଦ୍ଧି କରଯାଇ ପାରିବ ।

ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦିତ ଖାଦ୍ୟଶସ୍ୟର ଉଚିତ ମୂଲ୍ୟ ଦେବା ଲାଗି ସରକାର ଏକ ନୂତନ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ୧୯୮୦-୮୧ ମସିହା ଖରିଫ୍ ବର୍ଷ ମଧ୍ୟରେ ଖାଦ୍ୟଶସ୍ୟ ସଂଗ୍ରହ ନିମନ୍ତେ ଯେଉଁ କାର୍ଯ୍ୟକ୍ରମ ସ୍ଥିର କରଯାଇଛି, ତାକୁ ତ୍ୱରାନ୍ୱିତ କରିବାଲାଗି ନୂଆକରି ଗଠିତ ହୋଇଥିବା ଯୋଗାଣ କର୍ପୋରେସନ, ଆଞ୍ଚଳିକ ବିକ୍ରିବଟା ସମବାୟ ସଂସ୍ଥା ଓ ପ୍ରାଥମିକ ସମବାୟ ସମିତିଗୁଡ଼ିକୁ ଏହି ସଂଗ୍ରହ କାର୍ଯ୍ୟରେ ସଂଶ୍ଳିଷ୍ଟ କରିଛନ୍ତି ।

## ପାରିପାର୍ଶ୍ୱିକ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ଜଙ୍ଗଲଗୁଡ଼ିକର ତତ୍ତ୍ୱାବଧାନ

ଜଙ୍ଗଲଗୁଡ଼ିକୁ ଯେପରି ଅବିଚାରିତ ଓ ବ୍ୟାପକଭାବେ ନଷ୍ଟ କରଯାଉଛି ତାହାର କୁଫଳ ସ୍ୱାୟ ଅନେକ ଉପଲବ୍ଧି କରିସାରିଲେଣି । ପାରିପାର୍ଶ୍ୱିକ ଭାରସାମ୍ୟ ରକ୍ଷା କରିବା ସଙ୍ଗେ ସଙ୍ଗେ ଜଙ୍ଗଲଗୁଡ଼ିକର ସନ୍ନିକଟରେ ବସବାସ କରୁଥିବା ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଜଙ୍ଗଲଗୁଡ଼ିକର ସୁରକ୍ଷା ଓ ଉନ୍ନୟନ ନିମନ୍ତେ ଗୋଟିଏ ଯୋଜନା ପ୍ରବର୍ତ୍ତନ କରିଛନ୍ତି ।

ବ୍ୟାପକଭାବେ ନୂତନ ଜଙ୍ଗଲ ସୃଷ୍ଟି ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହା ଫଳରେ ପରିବେଶର ଉନ୍ନତି ସାଧନ କରାଯିବା ସଙ୍ଗେ ସଙ୍ଗେ ଗାଁ ଗହଳର ଜନସାଧାରଣ ବିଶେଷକରି ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଇ ପାରିବ । ଏହି କେତେମାସ ମଧ୍ୟରେ ୮,୦୦୦ ହେକ୍‌ଟରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ନୂତନ ବୃକ୍ଷ ରୋପଣ କରଯାଇଛି ।

ଏକ ନୂତନ ତଥା ଦାରିଦ୍ର୍ୟମୁକ୍ତ ଓଡ଼ିଶା ଗଠନ କରିବା କ୍ଷେତ୍ରରେ ନୂତନ ସରକାର ଯେଉଁ ବ୍ୟବସ୍ଥାମାନ ଗ୍ରହଣ କରିଛନ୍ତି, ଉପରୋକ୍ତ ବିବରଣୀ ସେସବୁର ଦୃଷ୍ଟାନ୍ତ ମାତ୍ର । ରାଜ୍ୟର ଜନସାଧାରଣ ଯେଉଁ ଆସ୍ଥା ଏହି ସରକାର ଉପରେ ସ୍ଥାପନ କରିଛନ୍ତି, ତାହା ବଜାୟ ରଖିବାକୁ ସରକାର ବଦ୍ଧପରିକର । ଗୋଟିଏ ସରକାର ପକ୍ଷରେ ୧୮୦ ଦିନ ଅତି ନଗଣ୍ୟ ସମୟ । ମାତ୍ର ଏକ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଓ ଦାରିଦ୍ର୍ୟ ଦୂର କରିବା ନିମନ୍ତେ ଜନସାଧାରଣଙ୍କ ଦୃଢ଼ ମନୋବଳକୁ ନେଇ ଏକ ସୁସ୍ଥ ତଥା ସମୃଦ୍ଧ ଓଡ଼ିଶା ଗଠନ କରିବା କ୍ଷେତ୍ରରେ ରହିଥିବା ଲକ୍ଷ୍ୟ ଅଚିରେ ପୂରଣ କରଯାଇ ପାରିବ ।

ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ

# ଓଡ଼ିଶାରେ ଶିଳ୍ପ ବିକାଶର ସମ୍ଭାବନା

ଅଧ୍ୟାପକ ପି. କେ. ଜେନା

ପ୍ରାକୃତିକ ସଂପଦ ଦୃଷ୍ଟିରୁ ଓଡ଼ିଶା ଯେ କେବଳ ସାରା ଭାରତରେ ଏକ ସମୃଦ୍ଧ ରାଜ୍ୟ ତା' ନୁହେଁ, ପରନ୍ତୁ ପୃଥିବୀରେ ଓଡ଼ିଶା ଭଳି ଖୁବ୍ କମ୍ ସଂଖ୍ୟକ ପ୍ରାକୃତିକ ସଂପଦ-ସମୃଦ୍ଧ ରାଜ୍ୟ ରହିଛି । ସାରା ଭାରତର ଖଣି ଓ ଖଣିଜ ସଂପଦର ଭଣ୍ଡାର ହେଉଛି ଓଡ଼ିଶା, ଏକଥା କହିବା କିଛି ଅପ୍ରାସଂଗିକ ନୁହେଁ । ଓଡ଼ିଶାରେ ବିପୁଳ ତଥା ବହୁବିଧ ଖଣିଜ ସଂପଦ ରହିଛି । ଏଥିମଧ୍ୟରୁ ବିଶିଷ୍ଟ ଖଣିଜ ସଂପଦଗୁଡ଼ିକ ହେଲା: ଲୁହା, କ୍ରୋମାଇଟ୍, ମାଂଗାନିଜ, କୋଇଲା, ଚୂନପଥର, ସିଲିମାନାଇଟ୍, ଇଲମେନାଇଟ୍, ବକ୍‌ସାଇଟ୍, ଗ୍ରାଫାଇଟ୍, ଲାଟେରିଟିକ୍ ନିକେଲ ଏବଂ ମାଗନେଟାଇଟ୍ ଥିବା ଭନାଡ଼ିୟମ୍ ପଥର । ଖଣିଜ ସଂପଦ ବ୍ୟତୀତ ବିସ୍ତୃତ ଜଂଗଲ ସଂପଦ ଓ ସାମୁଦ୍ରିକ ସଂପଦରେ ମଧ୍ୟ ଓଡ଼ିଶା ପରିପୂର୍ଣ୍ଣ । ରାଜ୍ୟରେ ଶତକଡ଼ା ୪୦ ଭାଗ ଜଂଗଲ ଏବଂ କାଠ, ବାଉଁଶ, କେନ୍ଦୁପତ୍ରଭଳି ମୁଖ୍ୟ ଜଙ୍ଗଲ ସଂପଦ ସମେତ ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ଯଥା:— ଗୋଦପଠା, ଝୁଣା, ତେଜବାଜ ଏବଂ ଔଷଧ ଗଛ ପ୍ରଭୃତି ସେଥିରୁ ମିଳିଥାଏ । ଏହି ରାଜ୍ୟର ପ୍ରାୟ ୪୮୦ କିଲୋମିଟର ସମୁଦ୍ର ଉପକୂଳ ରହିଛି । ଏହା ସମୁଦ୍ର ତଟବର୍ତ୍ତୀ ତଥା ଗଭୀର ସମୁଦ୍ରରୁ ମାଛ ଧରିବାପାଇଁ ଉପଯୁକ୍ତ । ଆଉମଧ୍ୟ ଦୈନନ୍ଦିନ ଘରେଇ ଚାହିଦା ତଥା ଶିଳ୍ପ କାରଖାନା ଚାହିଦା ତୁଲାଇବାପାଇଁ ଲୁଣମରା ଫାର୍ମ ପ୍ରତିଷ୍ଠା ସମୁଦ୍ର ତଟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି । ପାରାଦୀପ ବନ୍ଦର ଓ ଗୋପାଳପୁର ବନ୍ଦର ଜରିଆରେ ଆନ୍ତର୍ଜାତିକ ବାଣିଜ୍ୟ କାରବାର କରିବାର ମଧ୍ୟ ସୁଯୋଗ ରହିଛି । ଏଥି ସଂଗେ ସଂଗେ ରାଜ୍ୟରେ ବହୁ ନଦନଦୀ ପରିବେଷ୍ଟିତ ବିସ୍ତୃତ ଉର୍ବର ଜମି ରହିଛି । ଏହି ନଦୀଗୁଡ଼ିକରେ ବନ୍ଧ ନିର୍ମାଣ କରଯାଇ ବନ୍ୟା ନିୟନ୍ତ୍ରଣ କରାଯିବା ସଂଗେ ସଂଗେ ଜଳସେଚନ ବ୍ୟବସ୍ଥା ଓ ପର୍ଯ୍ୟାପ୍ତ ଜଳ ବିଦ୍ୟୁତ୍ ଉତ୍ପାଦନ ହୋଇ ପାରିବାର ସୁବିଧା ମଧ୍ୟ ରହିଛି । ଏ ସମସ୍ତ ପ୍ରକାରର ପ୍ରାକୃତିକ ସଂପଦ ବ୍ୟତୀତ ରାଜ୍ୟରେ କାରିଗରି ଜ୍ଞାନ ସଂପନ୍ନ ବହୁ କୁଶଳୀ ଜନଶକ୍ତି ରହିଛି । ଏହି ଜନ-ଶକ୍ତିର ସହାୟତାକ୍ରମେ ଆଧୁନିକ ଯନ୍ତ୍ରପାତି ଓ କାରିଗରି ବିଦ୍ୟା ସାହାଯ୍ୟରେ କୃଷି ଓ ଶିଳ୍ପ ଉତ୍ପାଦନ ସମେତ ବହୁବିଧ ବିକାଶମୂଳକ ପରିକଳ୍ପନା କାର୍ଯ୍ୟକାରୀ ହୋଇପାରିବ ।

ବିପୁଳ ପ୍ରାକୃତିକ ସଂପଦ ରହିଥିବା ସତ୍ତ୍ୱେ ସାମାଜିକ-ଅର୍ଥନୈତିକ ବିକାଶ କ୍ଷେତ୍ରରେ ଆମ ରାଜ୍ୟ ପଛରେ ପଡ଼ିରହିବା ବାସ୍ତବିକ ଏକ ବିଡ଼ମ୍ବନା ଏବଂ ରାଜ୍ୟର ଶତକଡ଼ା ୮୦ ଭାଗରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ୧୯୭୬-୧୯୭୭ରେ ସର୍ବଭାରତୀୟ ସ୍ତରରେ ହାରାହାରି ମୁଣ୍ଡପିଛା ଆୟ ୧୦୪୮·୬ ଟଙ୍କା ଥିବା ସ୍ଥଳେ ଓଡ଼ିଶାରେ ତାହା ଥିଲା ୬୬୭.୪ ଟଙ୍କା ମାତ୍ର । ଏହି ସମୟ ମଧ୍ୟରେ ରାଜ୍ୟରେ ମଧ୍ୟ-ଇଂରାଜୀ ଠାରୁ ସ୍ନାତକୋତ୍ତର ସ୍ତରର ୨,୪୩୫,୮୭ଜଣ ବ୍ୟକ୍ତି ବେକାର ଥିଲେ । ବର୍ତ୍ତମାନ ଏ ପରିସ୍ଥିତିର ଅଧିକ ଅବନତି ଦେଖାଦେଇଛି । ତାହାହେଲେ ମଧ୍ୟ ଏ ପ୍ରକାର ପରିସ୍ଥିତି ଆଉ ବେଶି ଦିନ ତିଷ୍ଠି ରହିବାକୁ ଦିଆଯାଇ ପାରିବ ନାହିଁ । ଏଣୁ ରାଜ୍ୟରେ ଥିବା ବିପୁଳ ପ୍ରାକୃତିକ ସଂପଦ ଉପଯୋଗ କରି କୃଷି ଓ ଶିଳ୍ପ ଉତ୍ପାଦନ ବୃଦ୍ଧି କରିବା ସଂଗେ ସଂଗେ ଯୋଗାଯୋଗ ଗୃହ ନିର୍ମାଣ ଓ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତିବିଧାନ କରି ଲୋକମାନଙ୍କର ଜୀବନଧାରଣ ମାନ ବୃଦ୍ଧି କରିବା ଦିଗରେ ସକ୍ରମତେ ଉଦ୍ୟମ କରିବାକୁ ହେବ ।

ରାଜ୍ୟର ଚାହିଦା ତଥା ସୁବିଧା ସୁଯୋଗ ତୁଳନାରେ ଶିଳ୍ପାନୁଷ୍ଠାନ ସଂଖ୍ୟା ବହୁତ କମ୍ । ବିପୁଳ ତଥା ବହୁବିଧ ଖଣିଜ ସଂପଦ ସହିତ ପ୍ରଚୁର କୋଇଲା ଓ ଜଳ-ବିଦ୍ୟୁତ୍ ମହଜୁଦ୍ ଥିଲେ ହେଁ ରାଜ୍ୟରେ ଖଣିଜ, ଧାତବ ଓ ରିଫ୍ରାକ୍ଟରୀଭିତ୍ତିକ ଶିଳ୍ପ ବିକାଶ କ୍ଷେତ୍ରରେ ସେପରି କୌଣସି ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରଯାଇ ପାରିନାହିଁ । ରାଜ୍ୟରେ ବର୍ତ୍ତମାନ ଯେଉଁ କେତେଗୋଟି ମୁଖ୍ୟ ଧାତବ ଏବଂ ରିଫ୍ରାକ୍ଟରୀଭିତ୍ତିକ ଶିଳ୍ପାନୁଷ୍ଠାନ ରହିଛି ସେଗୁଡ଼ିକ ହେଲା, ରାଉରକେଲାସ୍ଥିତ ଇସ୍ପାତ କାରଖାନା, ହୀରାକୁଦ୍‌ସ୍ଥିତ ଆଲୁମିନିୟମ୍ କାରଖାନା, ଯାଜପୁର ରୋଡ଼ସ୍ଥିତ ଫେରୋକ୍ରୋମ୍ କାରଖାନା, ତିରୁବାଲିସ୍ଥିତ ଫେରୋସିଲିକନ୍ କାରଖାନା, ରାୟଗଡ଼ା ଓ ଯୋଡ଼ାସ୍ଥିତ ଫେରୋ-ମାଂଗାନିଜ କାରଖାନା, ରାଜଗାଂଗପୁର ଓ ବରଗଡ଼ସ୍ଥିତ ସିମେଣ୍ଟ କାରଖାନା, ବଡ଼ବିଲସ୍ଥିତ ଲୋ-ଶାଫ୍ଟ ପିଗ୍ ଆଇରନ୍ କାରଖାନା, ଲଠିକଟା, ବାରଂଗ, ରାଜଗାଂଗପୁର ଓ ବେଲପାହାଡ଼ସ୍ଥିତ ରିଫ୍ରାକ୍ଟରୀ କାରଖାନା, ପାଟଣାଗଡ଼ସ୍ଥିତ ଗ୍ରାଫାଇଟ୍ କ୍ରୁସିବ୍ଲ କାରଖାନା ଏବଂ ସୁନାବେଡ଼ାସ୍ଥିତ ଏରୋ-ଇଂଜିନିୟରିଂ କାରଖାନା । ଏହା ବ୍ୟତୀତ ରାଜ୍ୟରେ ଅଳ୍ପ ସଂଖ୍ୟକ ଫାଉଣ୍ଡ୍ରି ଏବଂ ଫାବ୍ରିକେଶନ କାରଖାନା ମଧ୍ୟ ରହିଛି । ରାସାୟନିକ, ଜଂଗଲ ଏବଂ ଖଣିଜଭିତ୍ତିକ ଶିଳ୍ପାନୁଷ୍ଠାନର ଅବସ୍ଥା ମଧ୍ୟ ତଦ୍ରୂପ । ବଡ଼ ଧରଣର ରାସାୟନିକ କାରଖାନା ରୂପେ କେବଳ ଜୟଶ୍ରୀ କେମିକାଲ୍‌ର ନାମ ଉଲ୍ଲେଖଯୋଗ୍ୟ । ରାଜ୍ୟରେ କାଗଜ ଶିଳ୍ପ ପାଇଁ ପ୍ରଚୁର ପରିମାଣର ଆବଶ୍ୟକ କଞ୍ଚାମାଲ ଯଥା :— ବାଉଁଶ, ନରମ କାଠ ଓ ସବାଇ ଘାସ ପ୍ରଭୃତି ଥିଲେ ମଧ୍ୟ ରାୟଗଡ଼ା, ଚୌଦ୍ୱାର ଏବଂ ବ୍ରଜରାଜନଗରଠାରେ ମାତ୍ର ତିନିଗୋଟି କାଗଜ କଳ ରହିଛି ଯେଉଁଠାରୁ ଉତ୍ପାଦିତ କାଗଜ, ରାଜ୍ୟର କାଗଜ ଚାହିଦା କିୟଦଂଶ ପୂରଣ କରିଥାଏ । ରାଜ୍ୟର ବର୍ତ୍ତମାନ ସାଧାରଣ ଲୁଣ ଚାହିଦାର ମାତ୍ର ଶତକଡ଼ା ୫୦ ଭାଗ ଗଂଜାମ ଜିଲ୍ଲା ହୁମା ଏବଂ ସୁମାଣ୍ଡି ଲୁଣ ଫାର୍ମରୁ ମିଳିଥାଏ । ରାଜ୍ୟରେ ଥିବା ଜଂଗଲଗୁଡ଼ିକରେ ଯଥେଷ୍ଟ ପରିମାଣର କଞ୍ଚାମାଲ ମହଜୁଦ୍ ଥିଲେ ହେଁ କ୍ୱଚିତ ପ୍ଲାଇଉଡ୍ କିମ୍ବା ଟିମ୍ବର (ରଦ୍‌କାଠ) କାରଖାନା ରହିଛି । ଓଡ଼ିଶାରେ ନାମକୁ ମାତ୍ର ଚମଡ଼ା ଶିଳ୍ପ ରହିଛି । ରାଜ୍ୟର ବହୁ ସଂଖ୍ୟକ ଲୋକ ଗାଁ ଗହଳରେ ବାସ କରୁଥିଲେ ହେଁ ଏବଂ ସେମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିଲେ ହେଁ କୃଷିଭିତ୍ତିକ ଶିଳ୍ପ ସଂଖ୍ୟା ସେପରି ଆଶାନୁରୂପ ନୁହେଁ ଏବଂ ଅମଳ ପରବର୍ତ୍ତୀ କୌଶଳ ସଂପର୍କରେ ବହୁ ଲୋକଙ୍କର କୌଣସି ଧାରଣା ନାହିଁ । ମୋଟାମୋଟିଭାବେ କହିବାକୁଗଲେ ରାଜ୍ୟର କୃଷି ତଥା ଶିଳ୍ପ ଉନ୍ନୟନ ସଂପର୍କିତ ବାସ୍ତବିକ ପରିସ୍ଥିତି ଆଦୌ ସନ୍ତୋଷଜନକ ନୁହେଁ । ଏଣୁ ରାଜ୍ୟରେ ମହଜୁଦ୍ ଥିବା ବିଭିନ୍ନ ପ୍ରାକୃତିକ ସଂପଦକୁ ଭିତ୍ତିକରି କୃଷି ଏବଂ ଶିଳ୍ପ ବିକାଶ ଘଟାଇବା ପାଇଁ ଆଶୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । କେତେକ ଗୁରୁତ୍ୱପୂର୍ଣ୍ଣ ଅଂଚଳରେ କେତେକ ଶିଳ୍ପ ପ୍ରତିଷ୍ଠା ସଂଭାବରେ କେତେକ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା ।

## ଖଣିଜ, ଧାତବ ଏବଂ ରିଫ୍ରାକଟରୀଭିତ୍ତିକ ଶିଳ୍ପ

ଓଡ଼ିଶାରେ ବିଭିନ୍ନ କିସମର ବିପୁଳ ଖଣିଜ ସଂପଦ ରହିଥିଲେ ମଧ୍ୟ ଅଦ୍ୟାବଧି ଏହାର ଏକ-ତୃତୀୟାଂଶ ଉତ୍ତୋଳନ କରାଯାଇ ପାରିନାହିଁ । ରାଜ୍ୟରେ ଲୌହ ଏବଂ ମାଙ୍ଗାନିଜ ଧାତୁ ଯଥାକ୍ରମେ ପ୍ରାୟ ୧୦,୦୦୦ ଏବଂ ୬୦,୦୦୦ ନିୟୁତ ଟନ୍ ସଞ୍ଚିତ ରହିଛି । ଭାରତରେ ଯେତେ ପରିମାଣର ଲୌହ ଏବଂ ମାଙ୍ଗାନିଜ ଧାତୁ ସଞ୍ଚିତ ଅଛି ଏହା ତହିଁର ଯଥାକ୍ରମେ ଶତକଡ଼ା ୩୦ ଓ ୪୦ ଭାଗ । ଓଡ଼ିଶାରେ ସଞ୍ଚିତ ଥିବା ବକ୍ସାଇଟ୍ ପରିମାଣ ୭୦୦ ନିୟୁତ ଟନ୍ ବୋଲି ସଂପ୍ରତି ଅଟକଳ କରାଯାଉଛି । ସାରା ଦେଶର ଶତକଡ଼ା ୯୦ ଭାଗ କ୍ରୋମାଇଟ୍ ଓଡ଼ିଶାରେ ସଞ୍ଚିତ ଅଛି ଯାହାର ପରିମାଣ ପ୍ରାୟ ୩୦ ନିୟୁତ ଟନ୍ । ଏହା ବ୍ୟତୀତ ଓଡ଼ିଶାରେ ପ୍ରଚୁର ପରିମାଣରେ ଗ୍ରାଫାଇଟ୍, ଚୂନ ପଥର, ଡୋଲମାଇଟ୍, ଅଗ୍ନି ବାରଣ ମୃତ୍ତିକା, ଚୀନାମାଟି, କ୍ୱାର୍ଜାଇଟ୍, କ୍ୟାନାଇଟ୍, ଅଭ୍ର, ଆସ୍‌ବେଷ୍ଟସ୍, ସିଲିମାନାଇଟ୍, ସିଲିକା ଓ ଲବଣ ପ୍ରଭୃତି ସଞ୍ଚିତ ରହିଛି । ପୁନଶ୍ଚ ରାଜ୍ୟର କଟକ ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା ଅଂଚଳରେ ପ୍ରାୟ ୬୫ ନିୟୁତ ଟନ୍ ନିକେଲ ଧାତୁ ସଞ୍ଚିତ ରହିଛି ଓ ଏ କ୍ଷେତ୍ରରେ ସାରା ଦେଶରେ ଓଡ଼ିଶାର ସ୍ଥାନ ଅଦ୍ୱିତୀୟ । ଗୋପାଳପୁର ସମୁଦ୍ର ବେଳାଭୂମିରେ ପ୍ରଚୁର ଇଲ୍‌ମେନାଇଟ୍‌ର ସଂଧାନ ମିଳିଛି ଓ ଧଳା ଟିଟାନିୟମ୍ ଡାଇଅକ୍ସାଇଡ୍ ପିଗ୍‌ମେଣ୍ଟସ୍, ଟିଟାନିୟମ ଧାତୁ ଏବଂ ମିଶ୍ରଧାତୁ ପ୍ରସ୍ତୁତ କରିବାରେ ଏହା ବ୍ୟବହୃତ ହୋଇ ପାରିବ । ଏହାର ପ୍ରଚୁର ସୁବିଧା ରହିଛି । ମୟୂରଭଞ୍ଜ ଜିଲ୍ଲାରେ ପ୍ରଚୁର ପରିମାଣର ଟିଟାନିଫେରସ୍ ମାଗ୍ନେଟାଇଟ୍ ମିଶ୍ରିତ ଭାନାଡ଼ିୟମ ଧାତୁର ସଂଧାନ ମିଳିଛି । ଏହି ଧାତୁର ବିଶେଷତ୍ୱ ହେଉଛି, ଏଥିରୁ ୩ଗୋଟି ଗୁରୁତ୍ୱପୂର୍ଣ୍ଣ ଧାତୁ ଯଥା ଭାନାଡ଼ିୟମ, ଟିଟାନିୟମ ଏବଂ ଲୌହ ନିଷ୍କାସନ କରାଯାଇ ପାରିବ । ସୁନ୍ଦରଗଡ଼ ଜିଲ୍ଲା ସର୍ଗିପାଲି ଅଞ୍ଚଳରେ ବ୍ୟାପକ ପରିମାଣରେ ସୀସା ଓ ଦସ୍ତା (ପ୍ରାୟ ୬ ନିୟୁତ ଟନ୍) ମହଜୁଦ ରହିଛି ।

ଖଣିଗୁଡ଼ିକରୁ ମିଳୁଥିବା ଉଚ୍ଚ-ମାନଯୁକ୍ତ ଧାତବପିଣ୍ଡ ବ୍ୟତୀତ ବହୁ ପରିମାଣର ସୂକ୍ଷ୍ମ ଧାତବ ଅଂଶ ମିଳିଥାଏ ଯାହାକି ସାଧାରଣତଃ ଖଣିଗୁଡ଼ିକରେ ଅବ୍ୟବହୃତ ଜିନିଷରୂପେ ପକାଇ ଦିଆଯାଏ ଏବଂ କାଳକ୍ରମେ ସେଗୁଡ଼ିକ ବାୟୁ ମଣ୍ଡଳ ସଂସର୍ଶରେ ଆସି ତଥା କ୍ଷୟ ହୋଇ ନଷ୍ଟ ହୋଇଯାଏ । ଖଣିଜ ସଂପଦ ସଂରକ୍ଷଣ ଏବଂ ଖଣି କାର୍ଯ୍ୟରେ ବିଶେଷ ମିତବ୍ୟୟିତା ଅବଲମ୍ବନ ଦୃଷ୍ଟିରୁ ବିଶେଷ କରି ଚୂନା କ୍ରୋମାଇଟ୍, ମାଙ୍ଗାନିଜ, ଗ୍ରାଫାଇଟ୍, ଏବଂ ଚୂନପଥର ପ୍ରଭୃତି ସହିତ ବାହାରୁଥିବା ନିମ୍ନ ଧରଣର ଧାତୁଗୁଡ଼ିକ ଖଣି ଅଂଚଳରେ ସଂଗ୍ରହକରି ଆବଶ୍ୟକ ଧାତବ ପିଣ୍ଡ ପ୍ରସ୍ତୁତି ପାଇଁ ସାଇତି ରଖିବା ଦରକାର । ଯାନ୍ତ୍ରିକ ପଦ୍ଧତିରେ ଖଣିଜ ପଦାର୍ଥ ଆହରଣ କାର୍ଯ୍ୟ କରାଯାଉଥିବାରୁ ଏବଂ କେତେକ ଧାତୁ ଭଂଗପ୍ରବଣ ହୋଇଥିବା ଦୃଷ୍ଟିରୁ (ଯଥା :— କ୍ରୋମାଇଟ୍) ପ୍ରାୟ ଶତକଡ଼ା ୫୦ ଭାଗ ଧାତୁ ଚୂର୍ଣ୍ଣ ଆକାରରେ ଆହରଣ କରାଯାଉଥାଏ । ଏହି ଧାତବ ଚୂର୍ଣ୍ଣଗୁଡ଼ିକୁ ସେପରିକି ଉପଯୋଗ କରିବା ପାଇଁ କିମ୍ବା ଧାତୁ ନିଷ୍କାସନ ଉଦ୍ଦେଶ୍ୟରେ ତଥା ରିଫ୍ରାକ୍‌ଟରୀ ନିମନ୍ତେ ଧାତୁରେ ପରିଣତ କରିବା ପରେ ପାନ୍‌ସିଣ୍ଟେରିଂ ,ପେଲେଟାଇଜିଂ କିମ୍ବା ବ୍ରିକେଟିଂ ପଦ୍ଧତିରେ ଏଗୁଡ଼ିକ ପିଣ୍ଡ ଆକାରରେ ପ୍ରସ୍ତୁତ କରିବାକୁ ପଡ଼ିବ । ଏଇ ତିନିଗୋଟି ପଦ୍ଧତି ମଧ୍ୟରୁ ସ୍ୱଳ୍ପ ମୂଳଧନ ବିନିଯୋଗରେ ତଥା ଶସ୍ତାରେ ଧାତୁ ନିଷ୍କାସନ ପାଇଁ ପାନ୍‌ସିଣ୍ଟେରିଂ ପଦ୍ଧତି ସୁବିଧାଜନକ । ଖଣିଜ ପଦାର୍ଥ ଅଂଶ ବିଶେଷକୁ ଲୌହ ମିଶ୍ରଶିଳ୍ପରେ ଉପଯୋଗ କରିବାପାଇଁ କିମ୍ବା ରପ୍ତାନୀ କରିବା ଉଦ୍ଦେଶ୍ୟରେ ଖଣି ଅଂଚଳରେ ଆବଶ୍ୟକ ଧାତବ ପିଣ୍ଡ ପ୍ରସ୍ତୁତ କରିବା ସକାଶେ ମାଙ୍ଗାନିଜ ଏବଂ କ୍ରୋମାଇଟ୍ ଖଣି ଅଂଚଳରେ ବହୁ ସଂଖ୍ୟକ ପାନ୍‌ସିଣ୍ଟେରିଂ କାରଖାନା ସ୍ଥାପିତ କରାଯାଇ ପାରିବ । କୋକ୍‌ବ୍ରିଜ ସାହାଯ୍ୟରେ ଚୂନାପଥର ଅଂଶବିଶେଷକୁ ସିଣ୍ଟେରିଂ କରିବା ପାଇଁ ବୈଜ୍ଞାନିକ ତଥା ଶିଳ୍ପ ଗବେଷଣା ପରିଷଦ ଦ୍ୱାରା ଭୁବନେଶ୍ୱରଠାରେ ସ୍ଥାପିତ ହୋଇଥିବା ଆଂଚଳିକ ଗବେଷଣାଗାର ନିଜର ବୈଷୟିକ ଜ୍ଞାନ କୌଶଳ ବଳରେ ବଡ଼ବିଲ୍‌ସ୍ଥିତ କଳିଙ୍ଗ ଚୂନା କାରଖାନାରେ ଦୈନିକ ୨୫-୩୦ ଟନ୍ ସାମର୍ଥ୍ୟ ବିଶିଷ୍ଟ ଏକ ପାନ୍ ସିଣ୍ଟେରିଂ କାରଖାନା ସ୍ଥାପିତ କରି ପାରିଛନ୍ତି । ବିଗତ ଦୁଇବର୍ଷ ହେଲା ଏଠାରେ ଉଚ୍ଚ ମାନଯୁକ୍ତ ସିଣ୍ଟର ଉତ୍ପାଦିତ ହେଉଛି । ଅନ୍ଧ୍ରପ୍ରଦେଶ ଗାରିଭିଡ଼ିଠାରେ ଫେରୋ ଆଲୋଏଜ କର୍ପୋରେସନ (ଫାକର) ନିମନ୍ତେ ଦୈନିକ ୫୦ ଟନ୍ ସାମର୍ଥ୍ୟ-ବିଶିଷ୍ଟ ଗୋଟିଏ ପାନ୍ ସିଣ୍ଟେରିଂ କାରଖାନା ପ୍ରତିଷ୍ଠା କରିବା ପାଇଁ ବର୍ତ୍ତମାନ ଏହି ଗବେଷଣାଗାର ପଦକ୍ଷେପ ନେଉଛି । ଏହି ଅଂଚଳର ବିଭିନ୍ନ ସ୍ଥାନରେ ଥିବା ମାଙ୍ଗାନିଜ ଖଣି ଉପକାରେ ବହୁ ସଂଖ୍ୟକ ପାନ୍ ସିଣ୍ଟେରିଂ କାରଖାନା ବସାଯିବା ପାଇଁ ଆବଶ୍ୟକ ବିଶେଷଜ୍ଞ ସାହାଯ୍ୟ ଯୋଗାଇ ଦେବା ସକାଶେ ଭାରତ ସରକାରଙ୍କ ଖଣିଜ ଉନ୍ନୟନ ବୋର୍ଡ ଏହି ଆଂଚଳିକ ଗବେଷଣାଗାର ସହିତ ଆଲୋଚନା ଚଳାଇଛନ୍ତି । କ୍ରୋମାଇଟ୍ ପଥର ଅଂଶ-ବିଶେଷକୁ ସିଣ୍ଟେରିଂ କରିବା ପାଇଁ ଏକ ପାନ୍ ସିଣ୍ଟେରିଂ କାରଖାନା ପ୍ରତିଷ୍ଠା କରିବା ସକାଶେ ଏହି ଗବେଷଣାଗାର ସହିତ ଅନ୍ୟ ଏକ ସଂସ୍ଥା ମଧ୍ୟ ଆଲୋଚନା ଚଳାଇଛନ୍ତି ।

ବକ୍ସାଇଟ୍, ଅଗ୍ନିବାରଣ ମାଟି, ଚୀନାମାଟି, କ୍ୟାନାଇଟ୍, ସିଲିମାନାଇଟ୍ ଏବଂ ଗ୍ରାଫାଇଟ୍ ଭଳି ରିଫ୍ରାକ୍‌ଟରୀ ଉପଯୋଗୀ ବହୁ ଖଣିଜ ପଦାର୍ଥ ମଧ୍ୟ ଓଡ଼ିଶାରେ ବହୁଳ ପରିମାଣରେ ରହିଛି । ଆମର ରସାୟନିକ, ଧାତବ, ରିଫ୍ରାକ୍‌ଟରୀ ଏବଂ ସିମେଣ୍ଟ କାରଖାନାଗୁଡ଼ିକର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ସକାଶେ ଅଗ୍ନି ବାରଣ ମାଟି, ସିଲିକା, ହେଭି ଡ୍ୟୁଟି ଆଲୁମିନା, କ୍ରୋମାଇଟ୍ ବ୍ରିକ୍ ଓ ଗ୍ରାଫାଇଟ୍ ଓ୍ୱାୟାର ପ୍ରଭୃତି ରିଫ୍ରାକ୍‌ଟରୀ କାରଖାନା ବସାଇବା ଦିଗରେ ଧାତବ ପରିଣତ ହୋଇଥିବା କିମ୍ବା ହୋଇ ନଥିବା ଏହି କଂଗ୍ଲୋମାଟଗୁଡ଼ିକ ବ୍ୟବହାର କରାଯାଇ ପାରିବ । ଏହି ରିଫ୍ରାକ୍‌ଟରୀ ଡାରଗୁଡ଼ିକ ବିଦେଶକୁ ରପ୍ତାନୀ କରିବାର ମଧ୍ୟ ବହୁ ସୁଯୋଗ ରହିଛି ।

ଓଡ଼ିଶା ଉଚ୍ଚକୋଟୀର ଲୌହ, ମାଙ୍ଗାନିଜ ଓ କ୍ରୋମାଇଟ୍ ଲୌହ ପଥରରେ ବିଶେଷ ସମୃଦ୍ଧ । ଫାଉଣ୍ଡ୍ରି ଓ ଇସ୍ପାତଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଲୌହ ସାପର ଅସମ୍ଭବ ବୃଦ୍ଧି ପାଉଛି । ତେଣୁ ତାଳଚେର ଅଂଚଳରେ ବିପୁଳ ପରିମାଣରେ ମିଳୁଥିବା ଉଚ୍ଚଧରଣର ଚୂନାପଥର ଓ ଧୂମହୀନ ଅଣକୋକେଣି କୋଇଲା ବ୍ୟବହାର କରି ବହୁ ସଂଖ୍ୟକ ସ୍ପଞ୍ଜ ଲୌହ କାରଖାନା ପ୍ରତିଷ୍ଠା କରିବା ସକାଶେ ବହୁ ସୁବିଧା-ସୁଯୋଗ ରହିଛି । ପାରାଦୀପ ବନ୍ଦରକୁ ଅନ୍ୟାନ୍ୟ ଦେଶରୁ କୋକ୍ ଆମଦାନୀ କରିବା ଏବଂ ଲୌହ ଓ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ବିଷୟ ଯଥାର୍ଥ ହୋଇଥିବାରୁ ଉକ୍ତ ପ୍ରସ୍ତାବ ସରକାରଙ୍କର ସକ୍ରିୟ ବିଚାରାଧୀନ ରହିଛି । ଆମଦାନୀ କରାଯାଉଥିବା କୋକ୍‌ର ବ୍ୟୟ ଭରଣା କରିବା ନିମନ୍ତେ ଉତ୍ପାଦିତ ସାମଗ୍ରୀର କିଛି ଅଂଶ ବିଦେଶକୁ ରପ୍ତାନୀ କରାଯିବ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପାରାଦୀପଠାରେ ଫେରୋ ମାଙ୍ଗାନିଜ, ଫେରୋ ସିଲିକନ୍ ଫେରୋକ୍ରୋମ ଓ ଚାର୍ଜକ୍ରୋମ୍ କାରଖାନା ଓ ଖଣିଜଭିତ୍ତିକ ରସାୟନିକ କାରଖାନାମାନ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ । ଏହି କାରଖାନାଗୁଡ଼ିକରୁ ଉତ୍ପାଦିତ ଅଧିକାଂଶ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଇ ପାରିବ ।

ଦେଶରେ ଅଣ-ଲୌହ ଧାତୁର ଚାହିଦା ବୃଦ୍ଧି ପାଉଥିବାରୁ ଏବଂ ଅଧିକାଂଶ ଖଣିଜ ପଥର କେବଳ ଓଡ଼ିଶାରେ ମିଳୁଥିବାରୁ ସୁକିନ୍ଦା ଅଂଚଳର ଲାଟେରିଟିକ୍ ନିକେଲ ପଥର, ମୟୂରଭଞ୍ଜ ଜିଲ୍ଲାର ଟିଟାନିଫେରସ୍ ମାଗ୍ନେଟାଇଟ୍ ମିଶ୍ରିତ ଭାନାଡ଼ିୟମରୁ

କିମ୍ବା ସିଡ ଭନାଡ଼ିୟମ୍ ଓ ଏହାର ମିଶ୍ରଧାତୁ ଏବଂ କ୍ରୋମାଇଟ୍ ପଥରରୁ ମିଳୁଥିବା କ୍ରୋମିୟମ୍ ଧାତୁକୁ ଉପଯୋଗ କରି ନିକେଲ ଏବଂ କୋବାଲ୍ଟ ଭଳି କେତେକ ଅଣ-ଲୌହ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାର ବହୁ ସୁଯୋଗ ରହିଛି । ଗୋପାଳପୁର ଅଂଚଳରେ ମିଳୁଥିବା କୃଷ୍ଣବାଲୁକା କୁ (ଇଲମିନାଇଟ୍) ଉପଯୋଗ କରି ସେଠାରେ ଗୋଟିଏ ସିନ୍ଥେଟିକ୍ ରୁଟାଇଲ୍ କାରଖାନା ପ୍ରତିଷ୍ଠା କରିବା ପାଇଁ ଭାରତୀୟ ବିରଳ ମୃତ୍ତିକା ସଂସ୍ଥା ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଆମେ ସଂପୂର୍ଣ୍ଣ ଅବହିତ । ସମୁଦ୍ରଜଳ ଉପଯୋଗକରି ସିନ୍ଥେଟିକ୍ ରୁଟାଇଲ୍ କଷ୍ଟିକ୍‌ସୋଡ଼ା ଏବଂ କ୍ଲୋରିନ୍ କାରଖାନା ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି । ଦେଶ ବିଦେଶରେ କ୍ରମବର୍ଦ୍ଧିଷ୍ଣୁ ଚାହିଦା ମେଂଟାଇବା ପାଇଁ ପିଗ୍‌ମେଂଟ ଶ୍ରେଣୀର ଟିଟାନିୟମ୍ ଡ଼ାଇଅକ୍‌ସାଇଡ଼, ଫେରୋ-ଟିଟାନିୟମ୍ ଏବଂ ଟିଟାନିୟମ୍ ଧାତୁ ତଥା ମିଶ୍ରଧାତୁ କାରଖାନା ଭଳି ଅଧିକ ସଂଖ୍ୟକ ବିଭିନ୍ନ କିସମର ଶିଳ୍ପ ଏହି ଅଂଚଳରେ ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । କ୍ରୋମିୟମ୍ ନିକେଲ ଓ ଲୌହ ଧାତୁ ପ୍ରସ୍ତୁତ କରିବା ପାଇଁ ଓଡ଼ିଶାରେ ଯଥେଷ୍ଟ ଖଣିଜ ସଂପଦ ରହିଥିବା ସଂଗେ ସଂଗେ ଏଠାରେ ପ୍ରଚୁର ବିଦ୍ୟୁତ୍ ଶକ୍ତି ମିଳୁଥିବାରୁ ଯାଜପୁର କିମ୍ବା ସୁକିଂଦା ଅଂଚଳରେ ଗୋଟିଏ ଅକଳଂକି ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରିବା ଯଥାର୍ଥ ହେବ, ଯେଉଁଥିରୁ କି ଶୈଲ୍ୟ ଚିକିତ୍ସା ଯନ୍ତ୍ରପାତି, ବାସନକୁସନ ଏବଂ ରସାୟନିକ ଶିଳ୍ପ ଯନ୍ତ୍ରପାତି ସମେତ ବିଭିନ୍ନ କିସମର ଅକଳଂକି ଇସ୍ପାତ ସାମଗ୍ରୀ ପ୍ରସ୍ତୁତ ହୋଇ ପାରିବ । ଧାତବ, ରସାୟନିକ, ଅଟୋମୋବାଇଲ ଏବଂ ମେକାନିକାଲ ଶିଳ୍ପ ପାଇଁ ଆବଶ୍ୟକ ହେଉଥିବା ଲୌହ, କ୍ରୋମିୟମ ଓ ତମ୍ବା ପ୍ରଭୃତି ଧାତବଗୁଣ୍ଡର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି । ଏଣୁ ଧାତବଗୁଣ୍ଡ ପ୍ରସ୍ତୁତ ନିମନ୍ତେ କାରଖାନା ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ । କେବଳ ଭାରତରେ ନୁହେଁ, ସମଗ୍ର ଏସିଆ-ମହାଦେଶ ମଧ୍ୟରେ ଓଡ଼ିଶାରେ ସବୁଠାରୁ ଅଧିକ ଉଚ୍ଚମାନଯୁକ୍ତ ବକସାଇଟ୍ ମହଜୁଦ୍ ରହିଛି । ବୈଦ୍ୟୁତିକ ତଥା ଅନ୍ୟାନ୍ୟ ଶିଳ୍ପ ନିମନ୍ତେ ଆଲୁମିନିୟମ୍ ଏବଂ ଏହାର ମିଶ୍ରଧାତୁର ଚାହିଦା ବିଶେଷ ଭାବେ ବୃଦ୍ଧି ପାଉଛି । ଏଣୁ, ପ୍ରଚୁର ବକ୍‌ସାଇଟ୍ ମହଜୁଦ୍‌ଥିବା କୋରାପୁଟ ତଥା ତା'ର ଆଖପାଖ ଅଂଚଳରେ ବହୁ ସଂଖ୍ୟକ ରିଫ୍ରାକ୍‌ଟରୀ ଆଲୁମିନା ଓ ଆଲୁମିନିୟମ୍ ଏବଂ ଏହାର ମିଶ୍ରଧାତୁଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା ଆବଶ୍ୟକ ।

ଓଡ଼ିଶା ମୁଖ୍ୟତଃ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବା ଦୃଷ୍ଟିରୁ ଏଠାରେ କୃଷି ଯନ୍ତ୍ରପାତି ପ୍ରସ୍ତୁତ କରିବା ପାଇଁ ଯଥେଷ୍ଟ ସୁଯୋଗ ରହିଛି । ରାଜ୍ୟର ବିଭିନ୍ନ ଅଂଚଳରେ ବ୍ୟାପକ ଆକାରରେ ବିଭିନ୍ନ ଧରଣର ଆଧୁନିକ କୃଷି ଯନ୍ତ୍ରପାତି ପ୍ରସ୍ତୁତି କାରଖାନା ପ୍ରତିଷ୍ଠା କରାଯାଇପାରିବ ଏବଂ ଆମର କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇପାରିବ । ବିଭିନ୍ନ ଖଣିରେ ବହୁ ସଂଖ୍ୟାରେ ବ୍ୟବହୃତ ହେଉଥିବା ବିଭିନ୍ନ ଖଣିଜ ଯନ୍ତ୍ରପାତି ଆମ ରାଜ୍ୟରେ ପ୍ରସ୍ତୁତ ହେବା ଆବଶ୍ୟକ । ବର୍ତ୍ତମାନ ଉଭୟ ରେଳପଥ ଓ ସଡ଼କ ପଥରେ କୋଇଲା ଓ ଅନ୍ୟାନ୍ୟ ଧାତୁର ପରିବହନ କାର୍ଯ୍ୟ ସଂପାଦିତ ହେଉଛି । ଯାହା ଜଣାଯାଏ, ରେଳ ୱାଗନ୍ ତିଆରି ନିମନ୍ତେ ସରକାର ପଦକ୍ଷେପ ନେଉଛନ୍ତି । ଏଥି ସଂଗେ ସଂଗେ ଦେଶ ଓ ରାଜ୍ୟର ବିଭିନ୍ନ ଅଂଚଳକୁ ଖଣିଜ ପଥର ଓ ଧାତବ ପଦାର୍ଥ ପରିବହନ ନିମନ୍ତେ ସ୍ୱତନ୍ତ୍ର ଧରଣ ଟ୍ରକ୍‌ର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ ପାଇଁ ପାରଦୀପ କିମ୍ବା ଦଇତାରୀ ନିକଟସ୍ଥ ଅଂଚଳରେ ଟ୍ରକ୍ ଯନ୍ତ୍ରପାତି ଖଂଜିବା ଓ ଟ୍ରକ୍ ବଡ଼ି ନିର୍ମାଣ କାରଖାନା ପ୍ରତିଷ୍ଠା କରାଯାଇ ପାରିବ ।

ଘରୋଇ ତଥା ସରକାରୀ ଅଫିସରେ ବ୍ୟବହାର ନିମନ୍ତେ ଇସ୍ପାତ ଓ ଆଲୁମିନିୟମ ନିର୍ମିତ ବିଭିନ୍ନ ଧରଣର ଆସବାବପତ୍ରର ପ୍ରଚୁର ଚାହିଦା ରହିଛି । ଏହି ଧରଣର ଶିଳ୍ପ କାରଖାନା ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରତିଷ୍ଠା କରାଯିବା ଆବଶ୍ୟକ ।

## ରାସାୟନିକ ଶିଳ୍ପ

ଖଣିଜ ପଦାର୍ଥ, କୋଇଲା ଓ କୋକ୍, କୋକ୍ ଉତ୍ପାଦିତ ଦ୍ରବ୍ୟ ଏବଂ ଔଷଧପତ୍ର ସମ୍ବନ୍ଧୀୟ ତଥା ସୁବାସିତ ବୃକ୍ଷଲତା-ଭିତ୍ତିକ ବିଭିନ୍ନ ରସାୟନିକ ଶିଳ୍ପର ବିକାଶ ନିମନ୍ତେ ଓଡ଼ିଶାରେ ବ୍ୟାପକ ସୁବିଧା ରହିଛି । ଖଣିଜ ପଦାର୍ଥକୁ ଭିତ୍ତିକରି ଲବଣ, ଲୌହ, ତାମ୍ର, ମାଂଗାନିଜ୍, କ୍ରୋମିୟମ, ଟିଟାନିୟମ୍ ଇତ୍ୟାଦି ରସାୟନିକ ଶିଳ୍ପ କାରଖାନା ପ୍ରତିଷ୍ଠା କରାଯାଇ ପାରିବ । କୋଲ୍ ଓ କୋକ୍ ଉତ୍ପାଦିତ ପଦାର୍ଥ ଓ ଆଲ୍‌କାତରା ଉପଯୋଗ କରି ବହୁ ସଂଖ୍ୟକ ଜୈବ ରସାୟନିକ ପଦାର୍ଥ ଉତ୍ପନ୍ନ କରାଯାଇ ପାରିବ । ଓଡ଼ିଶାରେ ପାଲମୋରସା, ସିଟ୍ରୋନେଲା, ଯୋଗନମ୍ ଖାସିଆନମ୍ ପ୍ରଭୃତି ସୁବାସିତ ତଥା ଔଷଧ ଜାତୀୟ ବୃକ୍ଷଲତାର ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଇ ପାରିବ ଏବଂ ଏଥିରୁ ଉତ୍ପାଦିତ କଞ୍ଚାମାଲକୁ ଭିତ୍ତିକରି ସୁଗନ୍ଧଯୁକ୍ତ ପଦାର୍ଥ, ସୁବାସିତ ରସାୟନିକ ଦ୍ରବ୍ୟ ଓ ଔଷଧ ପ୍ରସ୍ତୁତି କାରଖାନା ବହୁଳଭାବେ ପ୍ରତିଷ୍ଠା କରାଯାଇ ପାରିବ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ବିଭିନ୍ନ ରସାୟନିକ ଶିଳ୍ପର ବିକାଶ ନିମନ୍ତେ ଭୁବନେଶ୍ୱର ଆଞ୍ଚଳିକ ଗବେଷଣାଗାର ବିଶେଷ ପାରଦର୍ଶିତା ହାସଲ କରିଛନ୍ତି । ଏହି ଶିଳ୍ପ କାରଖାନା-ଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରୂପେ ପ୍ରତିଷ୍ଠା କରାଯିବ । ଏହା ଫଳରେ ପ୍ରତିବର୍ଷ ବହୁ ସଂଖ୍ୟକ ଶ୍ରମିକ ନିଯୁକ୍ତିର ସୁବିଧା ପାଇପାରିବେ ।

ଓଡ଼ିଶାରେ ବହୁ ସଂଖ୍ୟକ ଗୋରୁଗାଈ ରହିଛନ୍ତି ଏବଂ ଓଡ଼ିଶାର ଜଙ୍ଗଲ, ସମୁଦ୍ରରେ ମଧ୍ୟ ଅନ୍ୟାନ୍ୟ ଜୀବଜନ୍ତୁମାନେ ରହିଛନ୍ତି । ଏହି ଜୀବଜନ୍ତୁମାନଙ୍କଠାରୁ ଯେଉଁ ଚମଡ଼ା ମିଳେ, ତହିଁରୁ ଅଧିକାଂଶ ଟ୍ୟାନିଂ (କଷେଇ) କରିବା ଓ ଚମଡ଼ା ସାମଗ୍ରୀ ପ୍ରସ୍ତୁତ କରିବା ନିମନ୍ତେ ପଡ଼ୋଶୀ ରାଜ୍ୟଗୁଡ଼ିକୁ ପଠାଯାଉଥାଏ । ରାଜ୍ୟରେ ଚମଡ଼ା ଶିଳ୍ପର ବିକାଶ ନିମନ୍ତେ ବ୍ୟାପକ ସୁବିଧା ରହିଛି ଓ ଏହି ଶିଳ୍ପଗୁଡ଼ିକ ଶ୍ରମଭିତ୍ତିକ ଅଟେ । ଏହି ଶିଳ୍ପର ବିକାଶ ନିମନ୍ତେ କିଛିବର୍ଷ ପୂର୍ବେ ଏକ ଚମଡ଼ା କର୍ପୋରେସନ ପ୍ରତିଷ୍ଠା କରାଯାଇଥିଲା । ଆମ ଦେଶ ତଥା ବିଦେଶୀ ରାଷ୍ଟ୍ରଗୁଡ଼ିକର କ୍ରମବର୍ଦ୍ଧିଷ୍ଣୁ ଚମଡ଼ା ସାମଗ୍ରୀର ଚାହିଦା ପୂରଣ ନିମନ୍ତେ ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବହୁ ସଂଖ୍ୟକ ଚମଡ଼ା କଷା, ଯୋତା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଚମଡ଼ା ଦଉଡ଼ି ଶିଳ୍ପ ବିଶେଷତଃ କୁଟୀର ଓ କ୍ଷୁଦ୍ର ଶିଳ୍ପ ଭିତ୍ତିରେ ପ୍ରତିଷ୍ଠା କରାଯିବା ଆବଶ୍ୟକ । (ଏ ଦିଗରେ ମାଡ୍ରାସସ୍ଥିତ ଚମଡ଼ା ଗବେଷଣା ପ୍ରତିଷ୍ଠାନ ଓଡ଼ିଶାରେ ଚମଡ଼ା ଶିଳ୍ପର ବିକାଶ ନିମନ୍ତେ ସାହାଯ୍ୟ ପ୍ରଦାନ କରିବେ) ।

## ଜଙ୍ଗଲଭିତ୍ତିକ ଶିଳ୍ପାନୁଷ୍ଠାନ

ପୂର୍ବରୁ କୁହାଯାଇଛି, ଆମ ରାଜ୍ୟର ମୋଟ କ୍ଷେତ୍ରଫଳର ଶତକଡ଼ା ୩୦-୪୦ ଭାଗ ଜଙ୍ଗଲ ପରିପୂର୍ଣ୍ଣ । ଜଙ୍ଗଲ ଅଞ୍ଚଳରେ ଥିବା ବହୁ ସଂଖ୍ୟକ ବୃକ୍ଷ ସମ୍ପତ୍ତି ଅଙ୍ଗାର ବା ଜାଳେଣିକାଠରୂପେ ବ୍ୟବହାର କରାଯାଉଛି । ଆମ ରାଜ୍ୟର ଜଙ୍ଗଲଗୁଡ଼ିକରେ ଶୀଘ୍ର ବଂଚି ପାରୁଥିବା ନରମ ତଥା ଶକ୍ତ କାଠ ଏବଂ ଯଥେଷ୍ଟ ପରିମାଣରେ ବାଉଁଶ ଗଛ ଲଗାଗଲେ ତାହା ମଣ୍ଡ ଓ କାଗଜ ଶିଳ୍ପ ପ୍ରତିଷ୍ଠା ଦିଗରେ ଉପଯୋଗ କରାଯାଇ ପାରନ୍ତା । ରାଜ୍ୟରେ ପ୍ଲାଏ ଉଡ୍ ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି । ବାଂଗାଲୋରସ୍ଥିତ ପ୍ଲାଏ-ଉଡ୍ ଗବେଷଣା ପ୍ରତିଷ୍ଠାନ ଏ ଦିଗରେ ଆବଶ୍ୟକ ବୈଷୟିକ କୌଶଳ ଯୋଗାଇବ । ଉନ୍ନତ ଧରଣର କେନ୍ଦୁ ପତ୍ର ଓଡ଼ିଶାର ଜଙ୍ଗଲଜାତ ସାମଗ୍ରୀ ମଧ୍ୟରେ ଅନ୍ୟତମ । ଏହି ପତ୍ରଗୁଡ଼ିକ ଯଥାଯଥ ଭାବେ କମଣ କରିବା ଏବଂ ସଂରକ୍ଷିତ ରଖିବା ଦିଗରେ ଉଦ୍ୟମ ହେବା ବାଞ୍ଛନୀୟ । ଫଳରେ କେନ୍ଦୁପତ୍ରର ଅପଚୟ ହ୍ରାସ ପାଇବ । ଗୋଟିଏ କେନ୍ଦୁପତ୍ର କମଣ କାରଖାନା ଏ ଦଗରେ ବିଶେଷ ସହାୟକ ହେବ । ଶାଳ, ମହୁଆ, ନିମ୍ବ ଓ କରଞ୍ଜଭଳି ତୈଳ ଯୋଗାଉଥିବା ବୃକ୍ଷ-ଗୁଡ଼ିକ ବ୍ୟାପକ ପରିମାଣରେ ତୁରନ୍ତ

ଲଗାଯିବା ଉଚିତ । ହଳଦୀ, ଗୋଲମରିଚ, ଧୁଣା ଏବଂ ବିଭିନ୍ନ ତୈଳବୀଜ ଭଳି କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟର ଉତ୍ପାଦନ ଯଥେଷ୍ଟ ହେବା ଆବଶ୍ୟକ । ସେପରି ଏସବୁ ଦ୍ରବ୍ୟ ଯଥାଯଥଭାବେ ସଂଗ୍ରହ ତଥା ଉପଯୋଗ କରାଯାଉନାହିଁ । ଆଦିବାସୀ ଲୋକମାନଙ୍କୁ ଏସବୁ ସଂଗ୍ରହ କରିବାଲାଗି ପ୍ରୋତ୍ସାହିତ କରାଯିବା ସଙ୍ଗେ ସଙ୍ଗେ ସାବୁନ ତଥା ଆନୁଷଙ୍ଗିକ ଶିଳ୍ପ କାରଖାନା ବସାଇବା ଯଥା ତେଲ ନିଷ୍କାସନ କଳ ଗଢ଼ିବା କରାଯିବା ଆବଶ୍ୟକ ।

## ସାମୁଦ୍ରିକ ଦ୍ରବ୍ୟଭିତ୍ତିକ ଶିଳ୍ପାନୁଷ୍ଠାନ

ଓଡ଼ିଶାର ପ୍ରାୟ ୪୮୦ କିଲୋମିଟର ବିସ୍ତୃତ ଦୀର୍ଘ ସମୁଦ୍ର ଉପକୂଳ ରହିଛି । ପାରାଦୀପ ତଥା ଗୋପାଳପୁର ବନ୍ଦରର ବିକାଶ କରାଯିବା ସଙ୍ଗେ ସଙ୍ଗେ ସାମୁଦ୍ରିକ ସାମଗ୍ରୀକୁ ଭିତ୍ତିକରି ଅନେକଗୁଡ଼ିଏ ଶିଳ୍ପ କାରଖାନା ସ୍ଥାପିତ କରାଯାଇ ପାରିବ । କିଛିବର୍ଷ ତଳେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଗବେଷଣାଗାରର ପ୍ରଚେଷ୍ଟାରେ ଏବଂ ଭାବନଗରସ୍ଥିତ କେନ୍ଦ୍ରୀୟ ବୈଜ୍ଞାନିକ, ଲବଣ ଏବଂ ରାସାୟନିକ ଗବେଷଣା ପ୍ରତିଷ୍ଠାନ ( C.S.M.C.R.I. )ଙ୍କ ସହାୟତାରେ ଗୋଟିଏ ରିପୋର୍ଟ ପ୍ରସ୍ତୁତ କରାଯାଇ ବାଲେଶ୍ୱର ଏବଂ ଓଡ଼ିଶାର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାରେ ଲୁଣ ତଥା ସହାୟକ ଶିଳ୍ପ କାରଖାନା ବସାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କୁ ଦିଆଯାଇଥିଲା । କାରଣ କଷ୍ଟିକ୍ ସୋଡ଼ା ଓ ଅନ୍ୟାନ୍ୟ କ୍ଲୋରିନ୍ ଦ୍ରବ୍ୟର ଯଥେଷ୍ଟ ଚାହିଦା ରହିଥିବା ଦୃଷ୍ଟିରୁ ଏପରି ଅନେକଗୁଡ଼ିଏ ଶିଳ୍ପ କାରଖାନା ସ୍ଥାପିତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଆମର ଉପକୂଳବର୍ତ୍ତୀ ଅଞ୍ଚଳ ବିଶେଷକରି ଚିଲିକା ହ୍ରଦରେ ଚିଙ୍ଗୁଡ଼ି, କଙ୍କଡ଼ା ଏବଂ ଶାମୁକା ଉତ୍ପାଦନ ପାଇଁ ମଧ୍ୟ ଯଥେଷ୍ଟ ସୁବିଧା ରହିଛି । ଏସବୁ ଦ୍ରବ୍ୟର ପ୍ରସାର ଓ କମଣ, କ୍ୟାନିଂ ଏବଂ ପରେ ବ୍ୟବହାର ତଥା ରପ୍ତାନୀ ପାଇଁ ମଧ୍ୟ ଫ୍ରିଜିଂ କରିବା କାର୍ଯ୍ୟକୁ ଭିତ୍ତିକରି ଅନେକ ଶ୍ରମଭିତ୍ତିକ ଶିଳ୍ପାନୁଷ୍ଠାନ କରାଯାଇ ପାରିବ । ଗଭୀର ସମୁଦ୍ରରୁ ମାଛ ଧରିବା କାର୍ଯ୍ୟ ବହୁଳ ଭାବରେ ଲୋକପ୍ରିୟତା ହାସଲ କରିଛି । ଏହା ଫଳରେ ଯଥେଷ୍ଟ ପରିମାଣରେ ମତ୍ସ୍ୟ ଏବଂ ମତ୍ସ୍ୟଜାତ ସାମଗ୍ରୀ ସହଜରେ ଉତ୍ପାଦିତ ହୋଇପାରିବ ଏବଂ ଏହାଦ୍ୱାରା ରାଜ୍ୟ ତଥା ଦେଶ ବିଦେଶର ଚାହିଦା ପରିପୂରଣ ହୋଇ ପାରିବ । ଗଭୀର ସମୁଦ୍ରରୁ ମାଛ ଧରିବାବେଳେ ଯେଉଁସବୁ ବାଜେ ଧରଣର ମାଛ ମିଳିବ ସେଗୁଡ଼ିକୁ କୁକୁଡ଼ା ଓ ଗୋଖାଦ୍ୟ ରୂପେ ଉପଯୋଗ କରାଯାଇ ପାରିବ । ମାଛକୁ ଶୁଷ୍କ କରିବାର ପଦ୍ଧତି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଗବେଷଣାଗାରରେ ମିଳିଛି । ଏହା ସହିତ ମଧ୍ୟ ଲୁଣ, ନୌକା ତିଆରି ତଥା ରଙ୍ଗ କରିବା ଏବଂ ଧାତୁ ଓ ପ୍ଲାଷ୍ଟିକପାତ୍ର ନିର୍ମାଣ କରିବା ଭଳି ଆନୁଷଙ୍ଗିକ ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠା କରଯାଇ ପାରିବ ।

## କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ

ଆମ ରାଜ୍ୟର ଶତକଡ଼ା ୮୦ ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । କେବଳ କିଛି ପରିମାଣରେ ଧାନ, ଗହମ ଓ ମକା ଉତ୍ପାଦନ କରିବେଲେ କୃଷକମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ବିକାଶ ସମ୍ଭବ ନାହିଁ । ଆମମାନଙ୍କର କୃଷକମାନଙ୍କୁ ଠିକ୍ ଧରଣର ବିହନ, ସାର ଯୋଗାଇ ଦେଇ ସେମାନଙ୍କୁ ବିଭିନ୍ନ ଧରଣର ଫସଲ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ପରାମର୍ଶ ଦେବାବେଳେ ଆଧୁନିକ କାରିଗରୀ କୌଶଳ ଉପଯୋଗ କରି କ୍ଷୁଦ୍ର, କୁଟୀର ଓ ବିଭିନ୍ନ କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ବସାଇବା ପାଇଁ ସେମାନଙ୍କୁ ଶିକ୍ଷା ଦିଆଯିବା ଉଚିତ । ଉଦାହରଣ ସ୍ୱରୂପ ବିଲାତିବାଇଗଣ ଅମଳ ସମୟରେ ଚାଷୀମାନେ ହାଟବଜାରେ କିପରି ବାଇଗଣ କିଲୋ ପ୍ରତି ୨୦ରୁ ୨୫ ପଇସା ହାରରେ ବିକ୍ରୟ କରିଥାନ୍ତି । ତାଦ୍ୱାରା ସେମାନେ ସମ୍ଭବତଃ କିଛି ଉପାର୍ଜନ କରନ୍ତି ସତ, ମାତ୍ର ତହିଁରେ କିଞ୍ଚିତ ପରିମାଣରେ ଲାଭ ଥାଏ । ଯେହେତୁ ତାର ଉତ୍ପାଦନ ସାମଗ୍ରୀ କ୍ଷଣସ୍ଥାୟୀ, ତେଣୁ ତାହାକୁ ଶସ୍ତା ଦରରେ ବିକ୍ରୟ କରିବାକୁ ବାଧ୍ୟ ହୋଇଥାନ୍ତି । ଅପର ପକ୍ଷରେ ଫସଲ ଅମଳ ସମୟରେ ଯଦି ଚାଷୀ ତାଙ୍କ ଉତ୍ପାଦିତ ସାମଗ୍ରୀ କିଛି ପରିମାଣରେ ନିୟନ୍ତ୍ରିତ ଦରରେ ପଠାଇ ଅବସ୍ଥିତ ନିକଟବର୍ତ୍ତୀ ଶିଳ୍ପାନୁଷ୍ଠାନକୁ ପଠାଇ ତହିଁରୁ ଜେଲି, ଜାମ୍ ପ୍ରଭୃତି ଭଳି ମୂଲ୍ୟବାନ ସାମଗ୍ରୀ ଉତ୍ପାଦନ କରି ପାରିବେ ଓ ଏହାଫଳରେ ସେମାନେ ଯଥେଷ୍ଟ ଅଧିକ ଉପାର୍ଜନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଖୁବ୍ ଅଳ୍ପ ନଷ୍ଟ ହେବ । ସେହିଭଳି କୃଷି ଉତ୍ପାଦିତ ସାମଗ୍ରୀକୁ କମଣ କରଯାଇ ମୂଲ୍ୟବାନ ଖାଦ୍ୟଦ୍ରବ୍ୟରେ ପରିଣତ କରଯାଇ ପାରିବ । ଏଗୁଡ଼ିକ ଶୁଷ୍କ କରି ପ୍ୟାକେଟରେ ରଖି ଦେଶର ବିଭିନ୍ନ ଅଞ୍ଚଳରେ ବିକ୍ରୀ କରାଯାଇ ପାରିବ ଏବଂ ଅନ୍ୟାନ୍ୟ ଦେଶକୁ ମଧ୍ୟ ରପ୍ତାନୀ କରାଯାଇ ପାରିବ । ଓଡ଼ିଶାର ବହୁ ସଂଖ୍ୟକ ଲୋକମାନଙ୍କ ଅର୍ଥନୈତିକ ମାନ ବୃଦ୍ଧି ନିମନ୍ତେ ଏଭଳି କୃଷିଭିତ୍ତିକ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଦିଗରେ ଅଗ୍ରାଧିକାର ଦିଆଯିବା ଉଚିତ । ଗ୍ରାମାଞ୍ଚଳର ଦୁର୍ବଳ ପରିବାର ଏଭଳି କ୍ଷୁଦ୍ର ଶିଳ୍ପର ମାଲିକ ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ବହୁ ସଂଖ୍ୟକ ଶିଳ୍ପ କାରଖାନା ପ୍ରତିଷ୍ଠା କରଯାଇ ପାରିବ । ଏସବୁ ଦ୍ରବ୍ୟର ବିକ୍ରୟ ନିମନ୍ତେ ସୁବିଧିତ ଉପାୟ ଉଦ୍ଭାବନ କରାଯିବା ଆବଶ୍ୟକ । ଚାଷୀମାନେ ଯେପରି ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଶୀତଳ ଭଣ୍ଡାରରେ ସାଇତି ରଖିପାରିବେ ସେଥିନିମନ୍ତେ ଯଥେଷ୍ଟ ସଂଖ୍ୟକ ଶୀତଳ ଭଣ୍ଡାରର ସୁବିଧା ଯୋଗାଇ ଦିଆଯିବା ଆବଶ୍ୟକ । ଚାଷୀମାନଙ୍କ ମଧ୍ୟରେ ବିଶେଷ କରି ଆଦିବାସୀ ଅଞ୍ଚଳରେ ଗୋ-ପାଳନ, କୁକୁଡ଼ା ପାଳନ, ପନିପରିବା ଫାର୍ମ ଓ ଫଳ ବଗିଚା ଏଭଳି ଉପାୟରେ ଲୋକପ୍ରିୟ କରାଯିବା ଆବଶ୍ୟକ ଯେପରି କି ସେମାନେ ଏସବୁ ଦ୍ରବ୍ୟ ସୁବିଧାରେ ଉତ୍ପାଦନ କରିପାରିବେ ଏବଂ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ବିକ୍ରୟ ବ୍ୟବସ୍ଥା ସରକାର କିମ୍ବା ଅନ୍ୟ କୌଣସି ଅନୁରୂପ ସଂସ୍ଥା ବହନ କରିବା ଉଚିତ ।

ଏଠାରେ ଉଲ୍ଲେଖ କରଯାଇପାରେ ଯେ ଆମ ରାଜ୍ୟର ଆଦିବାସୀ ଅଞ୍ଚଳରେ ଶତକଡ଼ା ୩୫ରୁ ୪୦ ଭାଗ ଲୋକ ବାସ କରନ୍ତି । ଏସବୁ ଲୋକଙ୍କୁ ଆଧୁନିକ ବୈଜ୍ଞାନିକ କୌଶଳ ପଦ୍ଧତିରେ ଅର୍ଥକରୀ ଫସଲ, ଫଳବଗିଚା, କୁଟୀର ଓ କ୍ଷୁଦ୍ର ଧରଣର କୃଷିଭିତ୍ତିକ ଶିଳ୍ପ କାରଖାନା ଏବଂ ଚମଡ଼ା ଶିଳ୍ପ ବସାଇବା ଦିଗରେ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ । ସେମାନଙ୍କୁ ମଧ୍ୟ ତାଲିମ ଦିଆଯାଇ ଦକ୍ଷ ଶ୍ରମିକ ରୂପେ ଖଣି ତଥା ଧାତବ ଶିଳ୍ପାନୁଷ୍ଠାନ, ଖାଦ୍ୟ, କନଣ ଓ ବୟନ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ଦିଆଯିବା ଆବଶ୍ୟକ ।

ପ୍ରତ୍ୟେକ ସହର କିମ୍ବା ନଗରର ବାହାରେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ଚିହ୍ନଟ କରାଯିବା ଆବଶ୍ୟକ, ଯେଉଁଠାରେ ବିଭିନ୍ନ ଉପାୟରେ ପନିପରିବା, ଫଳରସ, ଗୋ-ପାଳନ ଓ କୁକୁଡ଼ା ପାଳନ ପ୍ରଭୃତି ଏକ ସଙ୍ଗେ କରଯାଇ ପାରିବ । ଏହା ଫଳରେ ପଡ଼ୋଶୀ ଅଞ୍ଚଳର ଲୋକମାନେ ଏଥିରୁ ରୋଜଗାର ଲାଭ କରିବା ସଙ୍ଗେ ସଙ୍ଗେ ସହର ଅଞ୍ଚଳର ଲୋକମାନେ ସେମାନଙ୍କର ଦୈନନ୍ଦିନ ଚାହିଦା ପ୍ରସ୍ତୁତ ମୂଲ୍ୟରେ ପାଇ ପାରିବେ । ଏଭଳି ପରିକଳ୍ପନା ଦ୍ୱାରା ଅଧିକ ନିଯୁକ୍ତିର ସୁଯୋଗ ମିଳେ ଏବଂ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଲୋକମାନଙ୍କ ମଧ୍ୟରେ ଐକ୍ୟଭାବ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରୁ ସହରାଭିମୁଖୀ ହେଉଥିବା ଲୋକମାନଙ୍କ ସଂଖ୍ୟା ହ୍ରାସ କରଯାଇ ପାରିବ ଓ ସେମାନଙ୍କ ଜୀବନଧାରଣ ମାନ କ୍ଷେତ୍ରରେ ଥିବା ବୈଷମ୍ୟ ଦୂର କରଯାଇ ପାରିବ ।

ଓଡ଼ିଶା ଖଣିଜ ସଂପଦରେ ଅଧିକ ସମୃଦ୍ଧ । ଜଙ୍ଗଲ ଓ ସାମୁଦ୍ରିକ ସଂପଦରେ ପରିପୂର୍ଣ୍ଣ । ରାଜ୍ୟରେ ବହୁ ନଦୀ ପ୍ରବାହିତ ଏବଂ ମୃତ୍ତିକା ମଧ୍ୟ ଉର୍ବର । କିନ୍ତୁ

ଶକ୍ତି ଦୃଷ୍ଟିକୋଣରୁ ଓଡ଼ିଶା ମଧ୍ୟ ସମୃଦ୍ଧ, କାରଣ ଏ ରାଜ୍ୟରେ ବିପୁଳ ପରିମାଣରେ କୋଇଲା ସଞ୍ଚିତ ହୋଇ ରହିଛି ଏବଂ ସାଂପ୍ରତିକ ନଦୀ ବନ୍ଧ ତଥା ପ୍ରସ୍ତାବିତ ନଦୀବନ୍ଧ ଯୋଜନାରୁ ଯଥେଷ୍ଟ ପରିମାଣରେ ଜଳ-ବିଦ୍ୟୁତ୍ ମିଳିବ । ଏହିସବୁ ସଂପଦ ଓ ଯଥେଷ୍ଟ ସଂଖ୍ୟକ କୁଶଳୀ କାରିଗରମାନଙ୍କୁ ନେଇ ରାଜ୍ୟରେ କୃଷି ଓ କୃଷିଭିତ୍ତିକ ଶିଳ୍ପକାରଖାନା ଏବଂ ଯନ୍ତ୍ର, ସାମୁଦ୍ରିକ, ଖଣିଜ, ଧାତବ ରସାୟନିକ-ଭିତ୍ତିକ ଶିଳ୍ପ କାରଖାନାର ବିକାଶ ଲାଗି ସୁବିଧା ରହିଛି । ଯଦି ରାଜ୍ୟର ବିଭିନ୍ନ ଅଞ୍ଚଳରେ ମିଳୁଥିବା ସମ୍ପଦକୁ ଭିତ୍ତିକରି ଯୋଜନାବଦ୍ଧଭାବେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶିଳ୍ପ-ପ୍ରତିଷ୍ଠାନଗୁଡ଼ିକ ପ୍ରତିଷ୍ଠା କରଯାଏ ତେବେ ନିଶ୍ଚିତଭାବେ ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟର ଜନସାଧାରଣଙ୍କ ଅର୍ଥନୈତିକ ମାନ ଯଥେଷ୍ଟ ବୃଦ୍ଧି ପାଇବ । ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଂଘବଦ୍ଧଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଅପରିହାର୍ଯ୍ୟ ଏବଂ ରାଜ୍ୟ ସରକାର ଏସବୁ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବା ଆବଶ୍ୟକ । ଯଦି ଉପଯୁକ୍ତ ଶିଳ୍ପୋଦ୍ୟୋଗୀଙ୍କୁ ଯଥାଯଥ ବୈଷୟିକ ଜ୍ଞାନ, ଅର୍ଥ ଓ ଅନ୍ୟାନ୍ୟ ଭିତ୍ତିଭୂମିକ ସୁବିଧା ସୁଯୋଗ ଏକ ସଙ୍ଗରେ ଯୋଗାଇ ଦିଆଯାଏ, ତେବେ ସେମାନଙ୍କ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସୃଜନଶୀଳ ମନୋଭାବ ଜାଗ୍ରତ ହେବ ଏବଂ ଶିଳ୍ପ ପ୍ରତିଷ୍ଠାର ବିକାଶ ଘଟିବ । ଏହା ଫଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନଜନିତ ବିଳମ୍ବ ହ୍ରାସ ପାଇବ ଏବଂ ବିଭିନ୍ନ ସୁବିଧାସୁଯୋଗ ପାଇଁ ଶିଳ୍ପୋଦ୍ୟୋଗୀ-ମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଲାଭ କରିବା ସକାଶେ ବିଭିନ୍ନ ସ୍ଥାନକୁ ଧାଁ-ଧପଡ଼ କରିବାକୁ ପଡ଼ିବ ନାହିଁ । ବିଭିନ୍ନ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟରେ କଞ୍ଚାମାଲ ଯୋଗାଣ ଏବଂ ବିକ୍ରିବଟାର ଭିତ୍ତିଭୂମି ସୁସଙ୍ଗଠିତ ହେବା ଆବଶ୍ୟକ । ଯଥାଯଥ ଯୋଜନା ପ୍ରଣୟନ, କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ତାହାର ବାସ୍ତବ ରୂପାୟନ ଏବଂ ରାଜ୍ୟର ବିପୁଳ ସଂପଦର ଉପଯୋଗ କରାଯାଇ ପାରିଲେ, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ସାଂପ୍ରତିକ ଜୀବନଧାରଣର ମାନ ଦ୍ୱିଗୁଣିତ କରିବା ସମ୍ଭବ ହେବ । ପଞ୍ଜାବ ଭଳି ଗୋଟିଏ କ୍ଷୁଦ୍ର ରାଜ୍ୟରେ ଖୁବ୍ କମ୍ ପରିମାଣର ପ୍ରାକୃତିକ ବିଭବ ଥିବା ସତ୍ତ୍ୱେ ସେ ରାଜ୍ୟ ଶିଳ୍ପାୟନ କ୍ଷେତ୍ରରେ କୃତିତ୍ୱପୂର୍ଣ୍ଣ ପ୍ରଗତି ହାସଲ କରିପାରିଛି ଏବଂ ସେଠାରେ ଜନସାଧାରଣଙ୍କ ଅର୍ଥନୈତିକ ତଥା ସାମାଜିକ ବିକାଶ ସମ୍ଭବ ହୋଇପାରିଛି । ତେଣୁ, ଓଡ଼ିଶା ଯଦି ପଞ୍ଜାବର ପଥ ଅନୁସରଣ କରେ, ତେବେ ନିଶ୍ଚିତ ଭାବେ ଓଡ଼ିଶା ଏ ଦିଗରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିପାରିବ ।

ନିର୍ଦ୍ଦେଶକ
ଆଂଚଳିକ ଗବେଷଣାଗାର, ଭୁବନେଶ୍ୱର—୧୩

## ବାଲୱାଡ଼ି ଭବନ ନିର୍ମାଣ ପାଇଁ ୫ ଲକ୍ଷ ୯୪ ହଜାର ଟଙ୍କା ମଂଜୁର

### ଚଳିତ ବର୍ଷ ୯୦ଟି ଭବନ ନିର୍ମିତ ହେବ

ଗ୍ରାମାଞ୍ଚଳର ଦରିଦ୍ର ପରିବାରଙ୍କ ଶିଶୁମାନଙ୍କୁ କ୍ରୀଡ଼ା, କସରତ ଓ ପୁଷ୍ଟିକର ଖାଦ୍ୟ ଇତ୍ୟାଦିର ସୁବିଧା ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ୯୦ଟି ବ୍ଲକରେ ୯୦ଟି ବାଲୱାଡ଼ି ଭବନ ନିର୍ମିତ ହେବ । ୧୨ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପ୍ରତ୍ୟେକ ଭବନ ପାଇଁ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଟ ୬,୬୦୦ଙ୍କା ଏବଂ ରାଜ୍ୟର 'କେୟାର' ସଂସ୍ଥା ଟ ୫,୪୦୦ଙ୍କା ଯୋଗାଇ ଦେବେ । ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ଗୋଷ୍ଠୀ ଉନ୍ନୟନ ବିଭାଗ ରାଜ୍ୟ ସରକାରଙ୍କ ଅଂଶ ବାବଦକୁ ୫ ଲକ୍ଷ ୯୪ ହଜାର ଟଙ୍କା ମଂଜୁର କରିଛନ୍ତି ବୋଲି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରାଙ୍କ ଅଧ୍ୟକ୍ଷତାରେ ଜାନୁୟାରୀ ୧୪ ତାରିଖରେ ଅନୁଷ୍ଠିତ ରାଜ୍ୟ ଶିଶୁବୋର୍ଡର ପ୍ରଥମ ସ୍ଥାୟୀ (ଷ୍ଟାଣ୍ଡିଂ) କମିଟି ବୈଠକରେ ପ୍ରକାଶ ପାଇଛି । ବିଭାଗୀୟ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍, ଏବଂ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା ଡଃ ବେଲରାଣୀ ଦାସ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

ପ୍ରସ୍ତାବିତ ଏହି ଭବନଗୁଡ଼ିକ ବାଲେଶ୍ୱର ଜିଲ୍ଲାର ୯ଟି ବ୍ଲକ୍‌ରେ, ବଲାଙ୍ଗୀରର ୭ଟି ବ୍ଲକ୍‌ରେ, କଟକର ୨୦ଟି ବ୍ଲକ୍‌ରେ, ଢେଙ୍କାନାଳର ୧୦ଟି ବ୍ଲକ୍‌ରେ, ଗଞ୍ଜାମର ୧୦ଟି ବ୍ଲକରେ, କେନ୍ଦୁଝରର ୬ଟି ବ୍ଲକରେ, ପୁରୀର ୧୬ଟି ବ୍ଲକ୍‌ରେ ଏବଂ ସମ୍ବଲପୁର ଜିଲ୍ଲାର ୧୨ଟି ବ୍ଲକରେ ନିର୍ମିତ ହେବ । 'କେୟାର' ସଂସ୍ଥାର ଅଂଶଧନ ବାବଦ ଅର୍ଥ ଏଥିପାଇଁ ଯଥା ସମୟରେ ମିଳିବ ବୋଲି ବୈଠକରେ ସୂଚନା ପାଇଥିଲୁ ।

କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟର ୧୦ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ମଧ୍ୟ ବୈଠକରେ ପ୍ରକାଶ ପାଇଥିଲା । ଏ ବାବଦରେ ରାଜ୍ୟ ସରକାର ଚଳିତ ବର୍ଷ ୩୩ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ବରାଦ କରିଛନ୍ତି । ଏହି ଯୋଜନା ଅନୁଯାୟୀ କାର୍ଯ୍ୟକାରୀ ହେଉଥିବା ପୁଷ୍ଟିକର ଖାଦ୍ୟ ଯୋଗାଣ, ମାରାତ୍ମକ ରୋଗ ପ୍ରତିଷେଧକ, ସ୍ୱାସ୍ଥ୍ୟରକ୍ଷା, ପ୍ରାକ୍ ବିଦ୍ୟାଳୟ ସ୍ତରରେ ଶିକ୍ଷା ଇତ୍ୟାଦି କାର୍ଯ୍ୟକ୍ରମ ଜରିଆରେ ୧,୨୮,୭୬୫ ଜଣ ଶିଶୁ ଉପକୃତ ହେଉଛନ୍ତି । ଏହି କେନ୍ଦ୍ରୀୟ ଯୋଜନା ସବ୍‌ଡେଗା, ଖଲ୍ଲିକୋଟ, ନୀଳଗିରି, କଙ୍କଡାହାଡ, ପଟାଙ୍ଗୀ, ଦାରିଙ୍ଗବାଡ଼ି, ବ୍ରହ୍ମଗିରି, ଲାଂଜିଗଡ, ଜଶିପୁର ଓ ଖପରାଖୋଲ ବ୍ଲକରେ କାର୍ଯ୍ୟକାରୀ ହେଉଛି ।



ପାଣି କମ ହେଉଥିବାରୁ ସେଚନ ପାଇଁ ଯଦି ସମସ୍ୟା ଦେଖାଦେଉଛି
ତାହେଲେ ସମସ୍ୟାର ସମାଧାନ ରହିଛି !
ଭୋଲ୍ଟା
ସ୍ପ୍ରିଂକଲର ସିଷ୍ଟମ
ଭୋଲଟାସ ଦ୍ୱାରା ପ୍ରସ୍ତୁତ ଜଳ-ବ୍ୟବସ୍ଥା ସଂବନ୍ଧୀୟ ବିଭିନ୍ନ ପ୍ରକାର ବିଖ୍ୟାତ ଉପକରଣ:
ନାମ
ଠିକଣା
ଦସ୍ତଖତ
ଭୋଲ୍‌ଟାସ-ଉନ୍ନତ ପ୍ରକାର, ଅଧିକ ଉତ୍ପାଦନ-
ସୁଷ ଦାମରେ କୃଷିର ସହାୟକ
ଭୋଲଟାସ ଲିମିଟେଡ
ଏଗ୍ରୋ-ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ଟସ ଡିଭିଜନ

# କ୍ଷୁଦ୍ର ଶିଳ୍ପ ଏବଂ
# ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ

-ଶ୍ରୀ ଜି. ସି. ପାତ୍ର

ଯାହା କ୍ଷୁଦ୍ର ତାହା ସୁନ୍ଦର, ଯାହା ଆହୁରି କ୍ଷୁଦ୍ର ତାହାତତୋଧିକ ସୁନ୍ଦର ଏବଂ ଯାହା ଅତି କ୍ଷୁଦ୍ର ତାହା ସବୁଠାରୁ ବେଶି ମନୋରମ । ଏହା ଦର୍ଶନ ମଧ୍ୟ, କାରଣ କ୍ଷୁଦ୍ର ଶିଳ୍ପର ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଭାବଶାଳୀ ଭୂମିକା ରହିଛି, ତାକୁ ବାଦ୍ ଦେଇ କୌଣସି ଅର୍ଥନୀତି ବିଷୟ ଚିନ୍ତା କରାଯାଇ ନ ପାରେ । କ୍ଷୁଦ୍ର ଶିଳ୍ପର ଦର୍ଶନ ଭୂମିକା ସମ୍ପର୍କରେ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଜାପାନ ଦେଶର ଅର୍ଥନୀତି କଥା ମନେ ପକାଇବାକୁ ହେବ । ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ଏବଂ ମହାକାଶ ଜୟ କରିବା ଯଦିଓ ମନୁଷ୍ୟ ପକ୍ଷରେ ସମ୍ଭବ ହୋଇଛି, ତଥାପି ପ୍ରକୃତ ସାଫଲ୍ୟ ବଡ଼ ବଡ଼ ଶିଳ୍ପ କାରଖାନା ପରିସର ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ, ପରନ୍ତୁ ବହୁ ଲୋକଙ୍କ ମିଳିତ ଉଦ୍ୟମ ମଧ୍ୟରେ ସାଫଲ୍ୟ ନିହିତ ଅଛି. ଯାହା ଭିତରେ ବହୁ ସଂଖ୍ୟକ କ୍ଷୁଦ୍ର ଶିଳ୍ପାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଅବଶ୍ୟ ଏ କଥା କହିବା ଠିକ୍ ନୁହେଁ ଯେ ଯାହା କ୍ଷୁଦ୍ର ତାହା ସୁନ୍ଦର ଓ ଯାହା ବଡ଼ ତାହା ଅସୁନ୍ଦର । ପ୍ରକୃତ ପକ୍ଷେ ପାରସ୍ପରିକ ସ୍ୱାର୍ଥ ଦୃଷ୍ଟିରୁ ଏକ ସମୟରେ ଉଭୟ ଧରଣର ଶିଳ୍ପ ଅବସ୍ଥାନ କରେ ଏବଂ ଏକ ସମୟରେ ଉଭୟ ସଙ୍ଗଠିତ ହେବା ଏକାନ୍ତ ଆବଶ୍ୟକ । ଏ କଥା ସତ ଯେ ବୃହତ୍ ଧରଣର ଶିଳ୍ପଦ୍ୱାରା କେବେ କେବେ କ୍ଷୁଦ୍ର ଶିଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହୁଅନ୍ତି, ତେବେ ସର୍ବାଙ୍ଗୀନ କଲ୍ୟାଣ ଦୃଷ୍ଟିରୁ ବୃହତ୍ ଧରଣର ଶିଳ୍ପ କବଳରୁ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ରକ୍ଷା କରିବା ବାଞ୍ଛନୀୟ । ନଚେତ୍ କ୍ଷୁଦ୍ର ଶିଳ୍ପଗୁଡ଼ିକ ନିଜର ସ୍ୱାତନ୍ତ୍ର୍ୟ ହରାଇ ବସିବେ ଏବଂ ପ୍ରଗତି ପଥରେ ଏହା ଏକ ଅନ୍ତରାୟ ସୃଷ୍ଟି କରିବ । କ୍ଷୁଦ୍ର ଶିଳ୍ପଗୁଡ଼ିକର ଅର୍ଥନୀତିରେ କେତେକ ଅନ୍ତର୍ନିହିତ ସୁବିଧା ରହିଛି । ସରକାର ଏହାର ସଂରକ୍ଷଣ ତଥା ପ୍ରତିପାଳନ ଦିଗରେ ଧ୍ୟାନ ଦେବା ଆବଶ୍ୟକ । କେଉଁ ଅଞ୍ଚଳରେ ଉଭୟ ଧରଣର ଶିଳ୍ପ ପ୍ରତିଷ୍ଠା କରାଯିବ, ତାହା ବୁଝି ବିଚାରି ନିର୍ଦ୍ଧାରଣ କରିବା ଦରକାର, ଯଦ୍ୱାରା ଉଭୟ କିସମର ଶିଳ୍ପ ମଧ୍ୟରେ କୌଣସି ପ୍ରତିଯୋଗିତା ହେବ ନାହିଁ, ବରଂ ଉଭୟ ପରସ୍ପରର ଅନୁପୂରକ ହେବେ ।

ସୁଖର କଥା, ଆମ ଦେଶରେ କ୍ଷୁଦ୍ର ଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତୀୟ ସମ୍ବିଧାନରେ ସନ୍ନିବିଷ୍ଟ ହୋଇଥିବା ରାଷ୍ଟ୍ର ନୀତିର ନିର୍ଦ୍ଦେଶାତ୍ମକ ନିୟମାବଳୀ ଅନୁଯାୟୀ ରାଜ୍ୟରେ ଅର୍ଥନୈତିକ ଦର୍ଶନ ଅନୁସୃତ ହୋଇଛି, ଯେଉଁଥିରେ କି ଅର୍ଥନୈତିକ ଶକ୍ତିର ବିକେନ୍ଦ୍ରୀକରଣକୁ ମୌଳିକ ନୀତି ରୂପେ ଗ୍ରହଣ କରାଯାଇଛି । କ୍ଷୁଦ୍ର ଉଦ୍ୟୋଗର ଉପଯୁକ୍ତ ଅଭିବୃଦ୍ଧି ବିନା ଆମ ସମ୍ବିଧାନରେ ସ୍ପଷ୍ଟରୂପେ ବୟାନ କରାଯାଇଥିବା ଏ ପ୍ରକାର ବିକେନ୍ଦ୍ରୀକରଣର କଳ୍ପନା କରାଯାଇପାରିବ ନାହିଁ । ବାସ୍ତବ ପକ୍ଷେ ମୁଖ୍ୟତଃ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗର ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ ଗଠିତ ହୋଇଥିବା ରାଜ୍ୟ ଅର୍ଥ କର୍ପୋରେସନ ସମ୍ପର୍କରେ ଅନୁଧ୍ୟାନ କଲେ ଏହା ଆମ ରାଜ୍ୟର ମୌଳିକ ଅର୍ଥନୈତିକ ଦର୍ଶନ ସହ ସଂଶ୍ଳିଷ୍ଟ ଥିବାର ଜଣାପଡ଼େ ।

ଓଡ଼ିଶା ଏପରି ଗୋଟିଏ ରାଜ୍ୟ ଯେଉଁଠାରେ ସକଳ ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ ବିଦ୍ୟମାନ-ବାସ୍ତବିକ୍ ଏହା ଗୋଟିଏ ବିରୋଧାଭାସ । ଏହାର ଅର୍ଥନୀତି କୃଷି ଭିତ୍ତିକ । ଏଠାକାର କୃଷି ପ୍ରଣାଳୀ ଏବେବି ଅତି ପୁରାତନ ଅବସ୍ଥାରେ ରହିଛି ଏବଂ ପ୍ରାୟ ପନ୍ଦର ବର୍ଷ ପୂର୍ବେ ପଞ୍ଜାବରେ ଯେଉଁ ସବୁଜ ବିପ୍ଳବର ପ୍ଳାବନ ଛୁଟିଥିଲା, ଏହାର ପ୍ରଭାବ ଅଦ୍ୟାବଧି ଆମ ରାଜ୍ୟରେ ଅନୁଭୂତ ହୋଇପାରି ନାହିଁ । ଶିଳ୍ପାୟନ ନିମନ୍ତେ ଆବଶ୍ୟକ ବିଦ୍ୟୁତ ଶକ୍ତି ଏ ରାଜ୍ୟରେ ଅଧିକ ପରିମାଣରେ ମିଳୁଥିଲେ ହେଁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସମୟେ ସମୟେ ବିଦ୍ୟୁତ ଶକ୍ତି ଅଭାବ ମଧ୍ୟ ଏଠାରେ ପରିଲକ୍ଷିତ ହୁଏ । ଶିଳ୍ପ କ୍ଷେତ୍ରରେ ଏହା ଦେଶର ଏକ ଅନଗ୍ରସର ରାଜ୍ୟ । ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ନିମନ୍ତେ ଯେତେ ଯାହା ଉଦ୍ୟମ କରାଯିବା ସତ୍ତ୍ୱେ ରାଜ୍ୟରେ ତାହାର ବିଶେଷ କିଛି ପ୍ରଭାବ ପଡ଼ିନାହିଁ । ରାଜ୍ୟରେ ମାତ୍ର ଗୋଟିଏ ଇସ୍ପାତ କାରଖାନା, ଗୋଟିଏ ଆଲୁମିନିୟମ କାରଖାନା ଏବଂ ପ୍ରାୟ ୨୪ ଗୋଟି ଅପେକ୍ଷାକୃତ ବଡ଼ ଧରଣର କାରଖାନା, ଯଥା— ଚିନିକଳ, ସୂତାକଳ, ସିମେଣ୍ଟ କାରଖାନା, କାଗଜ କଳ, ସାର କାରଖାନା, ସେରାମିକ୍ କାରଖାନା ଓ ଫେରୋ- ସିଲିକନ୍ କାରଖାନା ରହିଛି

ଅଦ୍ୟାବଧି ରାଜ୍ୟରେ ବୃହତ୍ ଧରଣର ଶିଳ୍ପ ସଂଖ୍ୟା ଆଶା ବଳିଆ ହୋଇ ନ ଥିବା ସ୍ଥଳେ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଉତ୍ସାହଜନକ ଅଗ୍ରଗତି ସାଧିତ ହୋଇ ପାରିଛି । ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ଯଥା— ରାଜ୍ୟ ସରକାର, ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ, ଓଡ଼ିଶା ଶିଳ୍ପ ଉନ୍ନୟନ ଓ ବିନିଯୋଗ କର୍ପୋରେସନ, ଓଡ଼ିଶା କ୍ଷୁଦ୍ର ଶିଳ୍ପ କର୍ପୋରେସନ, ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକର ସହଯୋଗ କ୍ରମେ କ୍ଷୁଦ୍ର ଶିଳ୍ପର ଦ୍ରୁତ ବିକାଶ ନିମନ୍ତେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ୧୯୫୬ ମସିହାରେ ରାଜ୍ୟ ଅର୍ଥ କର୍ପୋରେସନ ଗଠିତ ହେବା ପରଠାରୁ ୧୯୭୦ ମସିହା ପ୍ରଥମ ଭାଗ ପର୍ଯ୍ୟନ୍ତ ଏହା ମୁଖ୍ୟତଃ ଚାଉଳ କଳ, ତେଲକଳ, ବରଫ କଳ, ଫାବ୍ରିକେସନ କାରଖାନା, ପଥର କଟା ଶିଳ୍ପ, ପାରମ୍ପରିକ କ୍ଷୁଦ୍ର ମୁଦ୍ରଣ କାରଖାନା, ଅଳ୍ପ କେତେକ ପରିବହନ ଓ ହୋଟେଲ ଶିଳ୍ପରେ ପାରମ୍ପରିକ ଶିଳ୍ପଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଆସୁଥିଲା । କେତେକ ନିର୍ଦ୍ଦିଷ୍ଟ କିସମର ଶିଳ୍ପପାଇଁ ଯେ କେବଳ ଆର୍ଥିକ ସହାୟତା ସୀମିତ ଥିଲା ତା ନୁହେଁ, ଆର୍ଥିକ ସାହାଯ୍ୟ ପରିମାଣ ମଧ୍ୟ କମ୍ ଥିଲା ।

୧୯୭୦ ମସିହାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ଅର୍ଥ କର୍ପୋରେସନର ଅର୍ଥ ସାହାଯ୍ୟ ଦ୍ୱାରାରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିଛି, ଯାହା ଫଳରେ ଏ ପର୍ଯ୍ୟନ୍ତ ଅଧିକ ତତ୍ପରତାର ସହ ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ ଅଧିକ ସଂଖ୍ୟାର ଆଧୁନିକ ଶିଳ୍ପକୁ ଏହାର ଆର୍ଥିକ ସାହାଯ୍ୟ ପରିସର-ଭୁକ୍ତ କରାଯାଇ ପାରିଛି । ନିକଟ ଅତୀତରେ ବହୁ ମର୍ଯ୍ୟାଦା ସମ୍ପନ୍ନ ଶିଳ୍ପକୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆ ଯାଇଛି । ଏହି ମଧ୍ୟରେ ଟେଲିଭିଜନ ପ୍ରଭୃତି, ପଙ୍ଖା, ମୋଟର ସାଇକେଲ, ସାର, ଇସ୍ପାତ୍, ଟ୍ୟୁବ୍, ରେଶମ ଓ ଔଷଧ ପ୍ରଭୃତି, ସାବୁନ, ରସାୟନ ଶିଳ୍ପ କାରଖାନା, ଇଞ୍ଜିନିୟରିଂ କାରଖାନା ଏବଂ ସେରାମିକ୍ ଓ ସାନିଟାରୀ ଓୟାର ଦ୍ରାବକ ନିଷ୍କାସନ କାରଖାନା, ଆଧୁନିକ ଧରଣର ହୋଟେଲ କାରଖାନା ଓ ଇଞ୍ଜିନିୟରିଂ କାରଖାନା ଏବଂ ସେରାମିକ୍ ଓ ସାନିଟାରୀ ଓୟାର ପାଇଁ ଋଣ ଯୋଗାଇ ଦେଇଥିଲେ, ଯାହା ଫଳରେ କାରଖାନା ପର୍ଯ୍ୟନ୍ତ । ଏହି କର୍ପୋରେସନ ବ୍ୟାପକ ଆକାରରେ ୩୩୫ଟି ମାଛଧରା ଟ୍ରଲର ପାଇଁ ଋଣ ଯୋଗାଇ ଦେଇଥିଲେ, ଯାହା ଫଳରେ ବହୁ ସଂଖ୍ୟକ ଫ୍ରିଜିଂ କାରଖାନା ଓ ବରଫ କାରଖାନା ପର୍ଯ୍ୟନ୍ତ । ଏହି କର୍ପୋରେସନ ବ୍ୟାପକ ଆକାରରେ ସଦୁପଯୋଗ କରାଯାଇ ପାରିଛି । ବହୁ ସଂଖ୍ୟକ ଶିଳ୍ପ ଉପଯୋଗ ହୋଇ ପାରି ନ ଥିବା ସାମୁଦ୍ରିକ ସମ୍ପଦର ସଦୁପଯୋଗ କରାଯାଇ ପାରିଛି । ଏହି ଶିଳ୍ପଗୁଡ଼ିକ ଜରିଆରେ ମୂଲ୍ୟବାନ୍ ବୈଦେଶିକ ମୁଦ୍ରା ଉପାର୍ଜନ କରିବା ସହଜ-ସାଧ୍ୟ ହୋଇଛି । ଏହି ଶିଳ୍ପଗୁଡ଼ିକ ମଧ୍ୟ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି । ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ବୋଧହୁଏ ଦେଶର ଏକମାତ୍ର ଅର୍ଥ କର୍ପୋରେସନ ଯେ କି ଯାତ୍ରୀବାହୀ ବିମାନ ଚଳାଚଳ କରିବା ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛି । ଶହ ଶହ ଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତି ଉଦ୍ଦେଶ୍ୟରେ ସେମାନଙ୍କୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଏବଂ ବ୍ୟବସାୟ ଭିତ୍ତିକ ଗାଡ଼ି କିଣିବା ପାଇଁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ଏହି କର୍ପୋରେସନ ପକ୍ଷରୁ ଯୋଗାଇ ଦିଆଯାଉଛି । ଏତଦ୍‌ଭିନ୍ନ ବେକାର ଟେକ୍‌ନିସିଆନ୍ ଏବଂ ଡାକ୍ତରମାନେ ଯେପରି ନିଜ ନିଜର ପ୍ରତିଷ୍ଠାନ ତଥା ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲି ଆତ୍ମ-ନିଯୁକ୍ତି ପାଇ ପାରିବେ, ସେଥି ନିମନ୍ତେ ସେମାନଙ୍କୁ ସୁବିଧାରେ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି ।

ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ବାବଦରେ ରାଜ୍ୟ ଅର୍ଥ କର୍ପୋରେସନର ଆର୍ଥିକ ସହାୟତା ବେଶ୍ ଉଲ୍ଲେଖଯୋଗ୍ୟ ତଥା ଉତ୍ସାହପ୍ରଦ ହୋଇ-ଥିବା ସଙ୍ଗେ ସଙ୍ଗେ କ୍ଷୁଦ୍ର ଶିଳ୍ପ ବାବଦରେ ଏହାର ସହାୟତା ଅତ୍ୟନ୍ତ ସନ୍ତୋଷଜନକ ତଥା ଚମତ୍କାର । ୧୯୭୮ ମସିହାରେ ପ୍ରବର୍ତ୍ତିତ କରାଯାଇ-ଥିବା ନିର୍ଦ୍ଦିଷ୍ଟ ଋଣ ପରିକଳ୍ପନା ଅନୁଯାୟୀ ୧୯୭୯-୮୦ ମସିହାରେ ଏହି କର୍ପୋରେସନ ଦୂରଦୂରାନ୍ତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ କିସମର ଶିଳ୍ପ ଯଥା—ଗୋଡ଼ା କାରିଗର, ମହମବତୀ, କୁମ୍ଭାର, ବଢ଼େଇ, ଲୁହା କାରିଗର, ଶଙ୍ଖ କାମ କାରିଗର, କୁମ୍ଭାର, କଂସା, ପିତଳ କାରିଗର, ଯୋଗାଣ ପ୍ରଭୃତି କାରିଗର, ଇଞ୍ଜିନିୟରିଂ କାରଖାନା, ରେଡ଼ିଓ ଏବଂ ଘଣ୍ଟା ମରାମତି ଦୋକାନ ବାବଦରେ ୧,୫୨୦ ଜଣ କାରିଗରଙ୍କୁ ଋଣ ଯୋଗାଇ ଦେଇଛନ୍ତି । ପ୍ରକୃତ ପକ୍ଷେ, ରାଜ୍ୟର ଦୂର ଦୂରାନ୍ତ ଅଞ୍ଚଳରେ ଶିଳ୍ପ ସଂସ୍କୃତି ପ୍ରସାର କରିବା ଦିଗରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

୧୯୭୦ ମସିହା ମଧ୍ୟ ଭାଗରୁ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଯେଉଁ ପଦକ୍ଷେପ ଗ୍ରହଣ କରିଛି, ତାହାର ପ୍ରଭାବ ଫଳରେ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗର ଦ୍ରୁତ ଅଭିବୃଦ୍ଧି ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ୧୯୭୮-୭୯ ମସିହାରେ ୧୮ ଗୋଟି ରାଜ୍ୟ ଅର୍ଥ କର୍ପୋରେସନର କାର୍ଯ୍ୟକାରିତା ସମ୍ପର୍କରେ କରାଯାଇଥିବା ସମୀକ୍ଷାରୁ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ ଯାହା ଅନୁଧ୍ୟାନ କରିଛନ୍ତି ତଦନୁଯାୟୀ, ରେଜେଷ୍ଟ୍ରିଭୁକ୍ତ ହୋଇଥିବା ସମସ୍ତ ଅର୍ଥ କର୍ପୋରେସନର କାରବାର ମଧ୍ୟରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର ସ୍ଥାନ ପ୍ରଥମ ଏବଂ ୧୯୭୭-୭୮ ତୁଳନାରେ ୧୯୭୮-୭୯ରେ ଏହି କର୍ପୋରେସନ ଦ୍ୱିଗୁଣ ଅର୍ଥ ମଞ୍ଜୁର କରିଥିଲେ । ଏ କଥା ମଧ୍ୟ ଜଣା ପଡ଼ିଥିଲା ଯେ, ଟେକ୍‌ନିସିଆନ୍ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଦିଗରେ ଉତ୍କଳ ପ୍ରଦେଶ ଅର୍ଥ କର୍ପୋରେସନ ତଳକୁ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର ସ୍ଥାନ । ତାର ଅର୍ଥ ବଣ୍ଟନ ସମ୍ପର୍କରେ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ କରିଥିବା ଅନୁଧ୍ୟାନ ମୁତାବକ ୧୯୭୭-୭୮ ବର୍ଷ ତୁଳନାରେ ୧୯୭୮-୭୯ରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର ଏ ବାବଦରେ ଶତକଡ଼ା ୫୪ ଭାଗ ବୃଦ୍ଧି ଘଟିଥିଲା ।

ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ଏ ପ୍ରକାର ପ୍ରଶଂସାସୂଚକ ମନ୍ତବ୍ୟରେ ଅଧିକ ଉତ୍ସାହିତ ହୋଇ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ତାଙ୍କର ୧୯୭୯-୮୦ର ବାର୍ଷିକ ମଞ୍ଜୁର, ବଣ୍ଟନ ଏବଂ ଆଦାୟ ଲକ୍ଷ୍ୟ ଯଥାକ୍ରମେ ୧୫ କୋଟି, ୮ କୋଟି ଏବଂ ୪ କୋଟି ଟଙ୍କା ଧାର୍ଯ୍ୟ କରିଥିଲେ । ଏହି ତିନିଗୋଟି ମୁଖ୍ୟ କାର୍ଯ୍ୟରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ପ୍ରକୃତରେ କେତେଦୂର ସଫଳ ହୋଇଛି ତାହା ନିମ୍ନଲିଖିତ ବିବରଣୀରୁ ଜଣା ପଡ଼ିବ । ସେଥିପାଇଁ କି ପୂର୍ବ ଦୁଇ ବର୍ଷର ତୁଳନାତ୍ମକ ବିବରଣୀ ଦିଆଯାଉଛି:—

(ଟଙ୍କା ଲକ୍ଷ ଆକାରରେ)

| | | ମଞ୍ଜୁର ପରିମାଣ | ବଣ୍ଟନ ପରିମାଣ | ଆଦାୟ ପରିମାଣ |
|---|---|---|---|---|
| ୧୯୭୭-୭୮ | .. | ଟ ୫୪୨.୪୪ | ଟ ୩୩୭.୮୯ | ଟ ୧୦୭.୯୯ |
| ୧୯୭୮-୭୯ | .. | ଟ ୧,୨୫୮.୯୪ | ଟ ୫୨୪.୭୧ | ଟ ୨୪୨.୪୮ |
| ୧୯୭୯-୮୦ | .. | ଟ ୧,୬୪୦.୯୬ | ଟ ୧,୦୭୮.୦୮ | ଟ ୪୦୫.୭୩ |

କର୍ପୋରେସନ ୧୯୭୭-୭୮ରେ ୪୨୫ଟି ଓ ୧୯୭୮-୭୯ରେ ୧,୨୧୬ଟି ଶିଳ୍ପପାଇଁ ଋଣ ମଞ୍ଜୁର କରିଥିବା ବେଳେ ୧୯୭୯-୮୦ରେ ମୋଟ ୩,୧୬୯ଟି ଶିଳ୍ପପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆ ଯାଇଥିଲା ଓ ପୂର୍ବ ବର୍ଷ ତୁଳନାରେ ଏ ବାବଦ ଶିଳ୍ପସଂଖ୍ୟାରେ ଅଭିବୃଦ୍ଧି ହାର ଶତକଡ଼ା ୨୫୦ ଭାଗ । ସବୁଠାରୁ କୌତୁହଳର କଥା ହେଉଛି, ୧୯୫୬ ମସିହାରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଗଠିତ ହେବା ପରଠାରୁ ୧୯୭୮-୭୯ ଶେଷ ସୁଦ୍ଧା ବିଗତ ୨୩ ବର୍ଷ ମଧ୍ୟରେ ୩,୫୨୯ଟି ଶିଳ୍ପ ବାବଦରେ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥିବା ସ୍ଥଳେ କେବଳ ୧୯୭୯-୮୦ ମଧ୍ୟରେ ୩,୧୬୯ଟି ଶିଳ୍ପପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି ।

ଏହି କର୍ପୋରେସନ ୧୯୭୯-୮୦ରେ ୧,୯୯୯ଟି ଶିଳ୍ପପାଇଁ ୧୦୬୮.୦୮ ଲକ୍ଷ ଟଙ୍କା ବଣ୍ଟନ କରିଥିବା ବେଳେ ପୂର୍ବ ବର୍ଷ ୫୧୫ଟି ଶିଳ୍ପ ପାଇଁ ୫୨୪.୨୧ ଲକ୍ଷ ଟଙ୍କା ବଣ୍ଟନ କରିଥିଲେ । ୧୯୮୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର କ୍ରମବର୍ଦ୍ଧନଶୀଳ ବଣ୍ଟନ ପରିମାଣ ୩୨୪୨.୫୧ ଲକ୍ଷ ଟଙ୍କା ଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ପୂର୍ବବର୍ଷ ତୁଳନାରେ ୧୯୭୯-୮୦ରେ ଅର୍ଥ ବଣ୍ଟନ ପରିମାଣ ଦ୍ୱିଗୁଣିତ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ସାହାଯ୍ୟପ୍ରାପ୍ତ ଶିଳ୍ପ ସଂଖ୍ୟା ଶତକଡ଼ା ୨.୫ ଗୁଣ ବୃଦ୍ଧି ପାଇଛି । ୧୯୫୬ ମସିହାରେ ଏହି କର୍ପୋରେସନ ଗଠିତ ହେବା ପରଠାରୁ ବିଗତ ୨୪ ବର୍ଷ ମଧ୍ୟରେ ମୋଟ ଅର୍ଥ ବଣ୍ଟନ ପରିମାଣ ତୁଳନାରେ ୧୯୭୯-୮୦ ମଧ୍ୟରେ ହୋଇଥିବା ଅର୍ଥ ବଣ୍ଟନ ପରିମାଣ ହାର ଶତକଡ଼ା ୩୩ ଭାଗ ।

କର୍ପୋରେସନ ଗଠିତ ହେବା ପରଠାରୁ ୧୯୮୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଅର୍ଥ ମଞ୍ଜୁର, ବଣ୍ଟନ, ଆଦାୟ ଏବଂ ସାହାଯ୍ୟପ୍ରାପ୍ତ ଶିଳ୍ପ ସଂଖ୍ୟା ଇତ୍ୟାଦିର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା—

| | | |
|---|---|---|
| ୧. କ୍ରମବର୍ଦ୍ଧନଶୀଳ ମଞ୍ଜୁର | .. | ୬୧୮୦.୦୮ ଲକ୍ଷ ଟଙ୍କା |
| ୨. କ୍ରମବର୍ଦ୍ଧନଶୀଳ ବଣ୍ଟନ | .. | ୩୨୪୨.୫୧ ଲକ୍ଷ ଟଙ୍କା |
| ୩. କ୍ରମବର୍ଦ୍ଧନଶୀଳ ଆଦାୟ | .. | ୬୯୦.୯୫ ଲକ୍ଷ ଟଙ୍କା |
| ୪. କ୍ରମବର୍ଦ୍ଧନଶୀଳ ସାହାଯ୍ୟପ୍ରାପ୍ତ ଶିଳ୍ପ | .. | ୬୬୫୮.୦୦ ଲକ୍ଷ ଟଙ୍କା |

କ୍ଷୁଦ୍ରଶିଳ୍ପ ଉଦ୍ୟୋଗ ବାବଦରେ ଆର୍ଥିକ ସହାୟତା କରିବା କ୍ଷେତ୍ରରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିବା ପାଇଁ ବିଗତ ୪ବର୍ଷ ମଧ୍ୟରେ କର୍ପୋରେସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି । ଉଦାହରଣ ସ୍ୱରୂପ ଶିଳ୍ପୋଦ୍ୟୋଗୀମାନଙ୍କୁ ସେମାନଙ୍କର ଅତି ନିକଟରେ ଋଣ ସାହାଯ୍ୟ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ କର୍ପୋରେସନ ପକ୍ଷରୁ ୧୪ଟି ଶାଖା ଅଫିସ (କଟକ ଜିଲ୍ଲାରେ ୨ଟି ଏବଂ ଅବଶିଷ୍ଟ ବାରଟି ଜିଲ୍ଲାରେ ଗୋଟିଏ ଲେଖାଏଁ) ଏବଂ ୧୧ଟି କ୍ଷେତ୍ର ଅଫିସ ଖୋଲାଯାଇଛି । କର୍ପୋରେସନ ପକ୍ଷରୁ ୧୯୭୭-୭୮ରେ ପ୍ରବର୍ତ୍ତିତ ହୋଇଥିବା ନୂତନ ପରିକଳ୍ପନା ଯୋଗୁଁ ମଧ୍ୟମ ଧରଣର ଆୟକାରୀ ଗୋଷ୍ଠୀର ବହୁସଂଖ୍ୟକ ଶିଳ୍ପୋଦ୍ୟୋଗୀ ଆକୃଷ୍ଟ ହୋଇଛନ୍ତି, ଯେହେତୁ ସହଜ ଉପାୟରେ ଋଣ ପାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ପାରିଛି । ପ୍ରକୃତ ପକ୍ଷେ ୧୯୭୭-୭୮ରେ କର୍ପୋରେସନରେ ଯେଉଁସବୁ ପରିବର୍ତ୍ତନ ଘଟିଲା, ତଦ୍ୱାରା କର୍ପୋରେସନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ଏବଂ କର୍ପୋରେସନ ଇତିହାସରେ ଏହି ବର୍ଷଟିକୁ ଏକ ବିଭାଜକ ବର୍ଷ ରୂପେ ଗ୍ରହଣ କରାଯାଇପାରେ ।

ଅଦ୍ୟାବଧି ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଯେଉଁସବୁ ସଫଳତା ହାସଲ କରିଛି, ସେଥିରେ ଆଦୌ ସନ୍ତୋଷ ଲାଭ କରିନାହିଁ । ଆଗାମୀ ବର୍ଷଗୁଡ଼ିକରେ ଅଧିକ ଦାୟିତ୍ୱ ବହନ କରିବା ସମ୍ପର୍କରେ କର୍ପୋରେସନ ସଚେତନ ଓ ଏଥିପାଇଁ ପ୍ରସ୍ତୁତ ମଧ୍ୟ । ରାଜ୍ୟ ସରକାର ସଂପ୍ରତି ନୂତନ ଶିଳ୍ପନୀତି ଘୋଷଣା କରି ସାରିଛନ୍ତି ଯାହାକି ଏକ ଚମତ୍କାର ଶିଳ୍ପାୟନ ବାତାବରଣ ସୃଷ୍ଟି କରିବା ଦିଗରେ ସହାୟକ ହୋଇଛି । କେତେକ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାଥମିକ ପ୍ରସ୍ତୁତି ଚାଲିଛି ଯାହାର ଆନୁସଙ୍ଗିକ ସହଯୋଗ କ୍ରମେ କ୍ଷୁଦ୍ର ଶିଳ୍ପର ବିକାଶ ଘଟି ପାରିବ । ଆଶା କରାଯାଏ ଯେ ଖୁବ୍ ଶୀଘ୍ର ଆମ ରାଜ୍ୟ ଏକ ବିକାଶୋନ୍ମୁଖୀ ପର୍ଯ୍ୟାୟରେ ପହଞ୍ଚିବ. ସେଥିପାଇଁକି ଶିଳ୍ପାୟନ କ୍ଷେତ୍ରରେ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଯାହା ସୁଦ୍ଧା ତା'କୁ ଅଧିକ ଦୃଢ଼ ଓ କର୍ମତତ୍ପର କରି ଗଢ଼ିବା ନିମନ୍ତେ ସଙ୍କଳ୍ପବଦ୍ଧ ।

ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ

ଜାଣନ୍ତି କି ?

❊ ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ବ୍ୟୟ ବରାଦ ୨ କୋଟି ୬୦ ଲକ୍ଷରୁ ୪ କୋଟି ୬୦ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି । ଆଦିବାସୀ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

❊ ନିର୍ମାଣ ଅବସ୍ଥାରେ ଥିବା ଯୋଜନା ଏବଂ ରତ୍ନଗିରି ଓ ଉଦୟଗିରି ପର୍ଯ୍ୟଟନ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଶେଷ କରାଯିବ ।

❊ ୩ଟି ନୂତନ ରେଳପଥ ଯଥା—କୋରାପୁଟ-ରାୟଗଡ଼ା, ସମ୍ବଲପୁର-ତାଳଚେର ଏବଂ ଦଇତାରୀ-ବାଂଶପାଣିର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି ।

କବିତା

# ସର୍ଜନା

ଶ୍ରୀ ସାତକଡ଼ି ହୋତା

ସନ୍ତାନ ପ୍ରସବ ପରେ
ଜନନୀ ଯେପରି ଉଲ୍ଲାସ ଏବଂ ତୃପ୍ତି
ଅନୁଭବ କରେ
ମୁଁ ସେହିପରି ସୃଜନ ସୁଖରେ
ବିଭୋର ହୋଇ ଦେଖିଛି
ମୋର ସୃଷ୍ଟିକୁ
ଅନୁପମ ସର୍ଜନାକୁ ।

ମୋର କାବ୍ୟ
ଚରିତ୍ର ଏବଂ ସେମାନଙ୍କର ବୈଚିତ୍ର୍ୟ
ପ୍ରତ୍ୟକ୍ଷ ପରି ସଜୀବ ପରିବେଶ
ଏବଂ ଜୀବନ ପରି ବାସ୍ତବ ଘଟଣାବଳୀ
ମୋ ଆଡ଼କୁ ଅନାଉଥିଲେ
ଯିମିତି ଆଲୋକ ଓ ଆନନ୍ଦର ପରଶ ପାଇ
ମୁଗ୍ଧ ମୋହିତ ହୋଇ ଅନାଏ
ସଦ୍ୟ ପ୍ରସୂତ ଶିଶୁ ।

ଅମୃତ ପାତାଳରୁ ବାହାରି
ଝରଣା ହୋଇ ବହିଯାଏ
ସ୍ୱର୍ଗର ପାରିଜାତ ଫୁଟେ
ପ୍ରତ୍ୟେକ ଜୀବ କୋଷରେ
ଏବଂ ତାର ସୁବାସରେ ଶିହରି
ଉଠେ ଶରୀର
ଫୁଟେ ଅରୁଣିମା ଓଠରେ, କପାଳରେ
କଣ୍ଠର ପୂରିଯାଏ
ଗୀତ ଗାଇ ଗାଇ
ଛନ୍ଦ ଖେଳାଇ
ମୁଁ ଲୋଟିଯାଏ
ମୁଁ ଫୁଟିଯାଏ ।

ବୃନ୍ତରେ ପ୍ରଥମ କଳିକାଟି ଚହଟି ଉଠିଲେ
ଗଛର ଅପାଶୋର ଲାବଣ୍ୟ ଯେପରି
ମଥା ହସଏ
ଆକାଶର ତାରମାନେ
ଆଖି ମିଟିକା ମାରି ସ୍ୱାଗତ କରନ୍ତି
ସଂସାରକୁ
ବୀରଭୋଗ୍ୟା ବସୁନ୍ଧରା
ମହାନାୟକର ଅପେକ୍ଷା କରେ
ମୋ ଭିତରେ ଅବଚ୍ଛାଦ ହୁଏ ସୃଷ୍ଟି
ଅମୃତ ଲଗ୍ନ ହୁଏ ମୁହୂର୍ତ୍ତ ।

ହେ ଅମୃତକୋଷର ସଞ୍ଜିବନୀ
ତୁମେ ମୋ ଭିତରେ
ନା ମୁଁ ତୁମ ଭିତରେ
ଜୀବନ ସୃଷ୍ଟିର
ନା ସୃଷ୍ଟି ଜୀବନର
ସୁଷମା କାହାର
ମୁଁ କାହାର ?

ମୁଁ ରକ୍ତବୀର୍ଯ୍ୟ ପରି
ବାରମ୍ବାର ବଞ୍ଚିବି
ମୃତ୍ୟୁକୁ ଦୂରରେ ରଖି
ଜୀବନକୁ ବରଣ କରିବି
ମିଶରର ଫିନ୍ସ ପରି
ମଶାଣି ଭିତରୁ ଶୁଣିବ ଜୀବନର ସ୍ୱର
ଏବଂ ଆଗକୁ ପାଦ ବଢ଼ାଇବ
ମଣିଷର ବଂଶଧର ।

ହେ ଅମୃତର ଶିଶୁଗଣ
ଆଗକୁ ଆସ
ସୃଷ୍ଟିର ସୁଷମା ଭିତରେ ମୁଁ
ତୁମକୁ ଥରେ ଦେଖିନିଏ ।
ତା'ପରେ ସାଙ୍ଗ ହୋଇ ଯିବା
ମୃତ୍ୟୁରୁ ଅମୃତକୁ
ଅସତ୍ୟରୁ ସତ୍ୟକୁ
ଅନ୍ଧାରରୁ ଆଲୋକକୁ
ଏବଂ ସର୍ଜନା ଭିତରେ
ଆଲିଙ୍ଗନ କରିବା ଜୀବନାନନ୍ଦକୁ ।।

ସ୍ପେଶାଲ ସେକ୍ରେଟାରୀ
ପରିବହନ ବିଭାଗ

# ଓଡ଼ିଶାର ହସ୍ତଶିଳ୍ପ

ଶ୍ରୀ ସତ୍ୟରଞ୍ଜନ ପାଲ

ଜନବସତି ସ୍ଥାପନ ସଙ୍ଗେ ସଙ୍ଗେ ମନ୍ଦିର ନିର୍ମାଣ ଓ ଦେବାଦେବୀଙ୍କ ପ୍ରତିଷ୍ଠା ଦେବଭୂମି ଉତ୍କଳର ପରଂପରା । ପୁରପଲ୍ଲୀ ତଥା ରାଜନଗରମାନଙ୍କରେ ଉତ୍କଳୀୟ ହସ୍ତକଳାର ଚରମ ପ୍ରକାଶ ପାଇଛି । ଏହି ମନ୍ଦିର ନିର୍ମାଣ ଓ ଦେବାଦେବୀଙ୍କ ମୂର୍ତ୍ତି ଗଠନରେ ମୃଣ୍ମୟ, ପ୍ରସ୍ତର ଦେହରେ ଜୀବନ୍ତ ମୂର୍ତ୍ତି ଦୃଶ୍ୟ ନିର୍ମାଣ ମୂଲ୍ୟବାନ ଧାତୁରେ ଆରାଧ୍ୟ ଦେବତାଙ୍କ ମୂର୍ତ୍ତି ଗଠନ ଓ ପୂଜାପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ପାଇଁ ଆମର ହସ୍ତକଳା ଯୁଗେ ଯୁଗେ ପ୍ରସିଦ୍ଧ । ରାଜଦରବାରର ସୌଖୀନ ଦ୍ରବ୍ୟଠାରୁ ଆରମ୍ଭକରି ସାଧାରଣ କୃଷକ ପରିବାରର ନ୍ୟୁନତମ ଆବଶ୍ୟକତା ମଧ୍ୟ ପୂରଣ କରିପାରେ ଆମର ଏହି ହସ୍ତଶିଳ୍ପଜାତ ପଦାର୍ଥ । କଂସା ଓ ପିତ୍ତଳ ବାସନ ତଥା ମୂର୍ତ୍ତି ନିର୍ମାଣ, ପଥର ମୂର୍ତ୍ତି ଗଠନ, କାଠ ଖୋଦେଇ, ରୂପାର ତାରକସି କାମ, ପଟ୍ଟଚିତ୍ର ଅଙ୍କନ, ଶିଙ୍ଗକାମ, ଗୁବୁଆ ଶିଳ୍ପ, ବାଉଁଶ କାଇଁଚର ବିଭିନ୍ନ କାମ ଓ କଣ୍ଢେଇ ତିଆରି ଇତ୍ୟାଦି ୫୦ଟି କାର୍ଯ୍ୟ ହସ୍ତଶିଳ୍ପ ହିସାବରେ ପରିଗଣିତ । ହସ୍ତଶିଳ୍ପଜାତ ପଦାର୍ଥର ଉତ୍ପାଦନପାଇଁ କାରିଗରଙ୍କୁ ପରିବାର ଓ ଗ୍ରାମ ପରିତ୍ୟାଗ କରି ଦୂର ଦେଶକୁ ଯିବାକୁ ପଡ଼େ ନାହିଁ କିମ୍ବା ନିଜର ବ୍ୟକ୍ତି ସ୍ୱାଧୀନତାର ବିନିମୟରେ କଳକାରଖାନା ଶ୍ରମିକ ସାଜିବାକୁ ପଡ଼େ ନାହିଁ । ଏଥିପାଇଁ ଆବଶ୍ୟକ ସାମାନ୍ୟ ପୁଞ୍ଜି ଓ ହାତ ହତିଆର ଗାଁ ଗହଳିରେ ହିଁ ସଂଗ୍ରହ କରାଯାଇଥାଏ । ଯୋଗାଯୋଗର ସୁବିଧା ଓ ଜନସାଧାରଣଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଯୋଗୁଁ ହସ୍ତଶିଳ୍ପଜାତ ପଦାର୍ଥର ଚାହିଦା ଦେଶ ବିଦେଶରେ ବହୁ ପରିମାଣରେ ବୃଦ୍ଧି ପାଉଅଛି ।

ବସ୍ତ୍ରଶିଳ୍ପକୁ ବାଦଦେଲେ ଓଡ଼ିଶାର ପ୍ରାୟ ୩୫ ହଜାର ପରିବାର ଉକ୍ତ ୫୦ ଗୋଟି ହସ୍ତ ଶିଳ୍ପର ସାମଗ୍ରୀ ଉତ୍ପାଦନରେ ନିଯୁକ୍ତ । ପ୍ରତିବର୍ଷ ପ୍ରାୟ ପାଞ୍ଚକୋଟି ଟଙ୍କାର ହସ୍ତଶିଳ୍ପ ସାମଗ୍ରୀ ଏ ରାଜ୍ୟରେ ଉତ୍ପାଦିତ ହୋଇଥାଏ । ଏ ପର୍ଯ୍ୟନ୍ତ ସଠିକ୍ ହିସାବ ସଂଗୃହୀତ ହୋଇ ନ ଥିଲେ ସୁଦ୍ଧା ଆମର ହସ୍ତଶିଳ୍ପ ସାମଗ୍ରୀର ବୈଦେଶିକ ରପ୍ତାନୀ ପରିମାଣ ପଚାଶରୁ ଷାଠିଏ ଲକ୍ଷ ଟଙ୍କା ମଧ୍ୟରେ । ଅଦ୍ୟାବଧି ପ୍ରାୟ ୬ ହଜାର ପରିବାରକୁ ଶିଳ୍ପ ସମବାୟ ସମିତିର ସଭ୍ୟ କରାଯାଇ କାରିଗରମାନଙ୍କୁ ଆର୍ଥିକ ସାହାଯ୍ୟ, ଋଣ ଓ ମୂଳଧନ ଯୋଗାଇ ଦିଆଯାଇଅଛି । ଷଷ୍ଠ ଯୋଜନା କାଳରେ ଏହି ସଭ୍ୟ ସଂଖ୍ୟା ଦୁଇଗୁଣକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଅଛି । ଚତୁର୍ଥ ଓ ପଞ୍ଚମ ଯୋଜନାରେ ଏ ବାବଦରେ ୩୫ରୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ସ୍ଥଳେ ଷଷ୍ଠ ଯୋଜନାରେ ହସ୍ତଶିଳ୍ପର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୁଇକୋଟି ପନ୍ଦର ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ହେଉଅଛି ।

କାରିଗରମାନଙ୍କର ଆବଶ୍ୟକ ହେଉଥିବା କଞ୍ଚାମାଲ ହାତହତିଆର ଓ ପୁଞ୍ଜି ବିଭିନ୍ନ ଶିଳ୍ପ ସମବାୟ ସମିତି ଜରିଆରେ ତାଙ୍କୁ ଯୋଗାଇ ଦିଆଯାଏ । ସମବାୟ ସମିତି ତଥା ବ୍ୟକ୍ତିଗତ ପ୍ରଚେଷ୍ଟାରେ ନିର୍ମିତ ହସ୍ତଶିଳ୍ପ ପଦାର୍ଥମାନ ଓଡ଼ିଶା ହସ୍ତଶିଳ୍ପ ନିଗମ ଓ ଜିଲ୍ଲାସ୍ତରୀୟ ଗ୍ରାମୋଦ୍ୟୋଗ ସମବାୟ ସମିତିଗୁଡ଼ିକ ଉଚିତ୍ ମୂଲ୍ୟ ଦେଇ କିଣି ନିଅନ୍ତି । ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଆୟୋଜନକରି ଓ ବଡ଼ ବଡ଼ ପ୍ରଦର୍ଶନୀମାନଙ୍କରେ ଯୋଗଦାନକରି ଏବଂ ନିଖିଳ ଭାରତ ହସ୍ତଶିଳ୍ପ ସପ୍ତାହରେ ରିହାତି ବିକ୍ରୟର ସୁବିଧା ନେଇ ହସ୍ତଶିଳ୍ପଜାତ ପଦାର୍ଥର ବିକ୍ରୟ ବୃଦ୍ଧି କରାଯାଉଅଛି । କଂସା-ପିତ୍ତଳଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ଓ ସେଗୁଡ଼ିକର ବିକ୍ରୟ ସୁବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ କଂସା ପିତ୍ତଳ ଶୀର୍ଷ ସମବାୟ ସମିତି ଗଠିତ ହୋଇଅଛି । ହସ୍ତଶିଳ୍ପଜାତ ଦ୍ରବ୍ୟର ରପ୍ତାନୀ ଓ ବିକ୍ରୟ ବୃଦ୍ଧି ନିମନ୍ତେ ଦିଲ୍ଲୀରେ ଓଡ଼ିଶା ହସ୍ତଶିଳ୍ପ ନିଗମ ଉତ୍କଳିକାର ଗୋଟିଏ ଶାଖା ଖୋଲି ଅଛନ୍ତି । କଲିକତା ଓ ବମ୍ବେ ଭଳି ସହରରେ ଉତ୍କଳିକାର ଶାଖାମାନ ଖୋଲିବାର ବ୍ୟବସ୍ଥା ହେଉଅଛି । ଏତଦବ୍ୟତୀତ ରାଜ୍ୟ ମଧ୍ୟରେ କାରିଗରମାନଙ୍କ ସୁବିଧା ନିମନ୍ତେ ୬ ଗୋଟି କ୍ରୟ କେନ୍ଦ୍ର ଓ ଉତ୍କଳିକାର କେତେକ ଶାଖା ସଂପ୍ରସାରଣ କରିବା ବ୍ୟବସ୍ଥା ହେଉଅଛି ।

ସର୍ବୋପରି ଉତ୍କଳର ଏହି ଉନ୍ନତ ହସ୍ତକଳାର ପରଂପରା ରକ୍ଷା ଓ ଏହାର କ୍ରମୋନ୍ନତି ପାଇଁ ବିଭିନ୍ନ କାରିଗରି ବିଦ୍ୟାରେ ବର୍ଷକୁ ପ୍ରାୟ ଏକ ହଜାର ଯୁବକ

ଯୁବତୀଙ୍କୁ ତାଲିମ ଦିଆଯାଉଅଛି । ପୁରାତନ ପରମ୍ପରା ରକ୍ଷା ପୂର୍ବକ ଆଧୁନିକ ରୁଚି ଅନୁସାରେ ନୂଆ ନୂଆ ନମୁନା ତିଆରି କରି କାରିଗର ଓ ଉତ୍ପାଦନ କେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଉଅଛି । ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ଗୋଟିଏ ହସ୍ତଶିଳ୍ପ ଭବନ ପ୍ରତିଷ୍ଠା କରାଯାଇ ପ୍ରାୟ ଦୁଇ ହଜାର ପୁରାତନ ଓ ନୂତନ ହସ୍ତ ଶିଳ୍ପର ନମୁନା କଳାକାର ଓ ଗବେଷକଙ୍କ ସୁବିଧା ପାଇଁ ଏକତ୍ର ରଖାଯାଇଅଛି । ଏହି ହସ୍ତଶିଳ୍ପ ଭବନଟି କାର୍ଯ୍ୟ ଦିବସମାନଙ୍କରେ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ।

ଶିଳ୍ପ ନିର୍ଦ୍ଦେଶକ
ଓଡ଼ିଶା



## ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶପାଇଁ ବିପୁଳ ସମ୍ଭାବନା

### ଏଥିପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଦିଆଯିବାକୁ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦାବୀ

ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ୧୯୮୦ ଡିସେମ୍ବର ୧୦ ତାରିଖ ଦିନ ଦିଲ୍ଲୀଠାରେ ଅନୁଷ୍ଠିତ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାରେ ଥିବା ପର୍ଯ୍ୟଟନ ଶିଳ୍ପର ବିପୁଳ ସମ୍ଭାବନାକୁ ଉପଯୋଗ କରିବାକୁ କେନ୍ଦ୍ରୀୟ ସହାଯ୍ୟପାଇଁ ଦୃଢ଼ ଦାବୀ ଉପସ୍ଥାପିତ କରିଥିଲେ ।

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମିର ବିକାଶ ସାଧନ ପାଇଁ ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ କେନ୍ଦ୍ରୀୟ ଉଦ୍ୟମରେ ଏକ ଘଣ୍ଟା ଉଡ଼ୟନ ପାର୍ଟି ଗଠନ କରିବା ପାଇଁ ଅନୁରୋଧ କରିଥିଲେ । କୋଣାର୍କଠାରେ ଏକ 'ଆଲୋକ ଏବଂ ଶବ୍ଦ ଶୋ' ପ୍ରତିଷ୍ଠା କରିବା, ଖଣ୍ଡଗିରି ଓ ଉଦୟଗିରି ମଧ୍ୟରେ ଏକ ରଜ୍ଜୁପଥ 'ରୋପ୍‌ୱେ' ନିର୍ମାଣ କରିବା ଏବଂ ଚିଲିକା ହ୍ରଦରେ ଜଳକ୍ରୀଡ଼ାର ବ୍ୟବସ୍ଥା କରିବା ପାଇଁ ଶ୍ରୀ ପଟ୍ଟନାୟକ ସମ୍ମିଳନୀରେ ଦାବୀ ଜଣାଇଥିଲେ । ଏହାଛଡ଼ା ଶ୍ରୀ ପଟ୍ଟନାୟକ ତୃତୀୟ ସ୍ତରୀୟ ବିମାନ ଚଳାଚଳ ନିମନ୍ତେ ପ୍ରସ୍ତାବ ଦେଇ କହିଲେ ସେ ଏକ ଦିଗରେ ସିମିଳିପାଳ-ରାଉରକେଲା ଓ ହୀରାକୁଦ ସହିତ ସଂଯୋଗ ସ୍ଥାପନ କରିବା ସଙ୍ଗେ ସଙ୍ଗେ ଅନ୍ୟ ଦିଗରେ ଚିଲିକା-ତପ୍ତପାଣି-କୋଣାର୍କ ସହିତ ସଂଯୋଗ ସ୍ଥାପନ ହେବ । ବର୍ତ୍ତମାନ ଥିବା ଭୁବନେଶ୍ୱର-ପୁରୀ-କୋଣାର୍କ ସଂଯୋଗକାରୀ ଆକାଶ ପଥକୁ ତୁରନ୍ତ ଉନ୍ନତି କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, ପୁରୀ, କୋଣାର୍କ, ଚିଲିକା, କଟକ ଓ ପାରାଦୀପଠାରେ ଚିହ୍ନିତାରେକାଠାରୁ ପାଞ୍ଚ-ତାରକା ବିଶିଷ୍ଟ ହୋଟେଲ ସ୍ଥାପନ ପାଇଁ ପୂର୍ବରୁ ଦେଇଥିବା ପ୍ରସ୍ତାବ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଶ୍ରୀ ପଟ୍ଟନାୟକ ଦାବୀ ଜଣାଇଥିଲେ । ଏହାଛଡ଼ା ଦେଶ ତଥା ବିଦେଶୀ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଜାତୀୟ ରାଜପଥରେ ଫରେଷ୍ଟ ଲଜ୍, ହୋଟେଲ ଓ ମୋଟେଲ ବସାଇବାକୁ ସେ ପ୍ରସ୍ତାବ ଦେଇଥିଲେ ।

ଶ୍ରୀ ପଟ୍ଟନାୟକ ତାଙ୍କର ଦିଲ୍ଲୀ ରହଣିକାଳ ମଧ୍ୟରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଏ. ପି. ଶର୍ମା, ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ଚନ୍ଦ୍ରକର, ପର୍ଯ୍ୟଟନ ଶାସନ ସଚିବ ଡଃ ଟି. ଭେଙ୍କଟରମଣ ଏବଂ ଜନତନ୍ତ୍ର ବିଭାଗର ଡାଇରେକ୍ଟର ଜେନେରାଲ ଶ୍ରୀ ବି. କେ. ଥାପର୍‌ଙ୍କ ସହିତ ଆଲୋଚନା କରିଥିଲେ ।

# ଶବରମାନଙ୍କ ସାମାଜିକ ଜୀବନ

ଡକ୍‌ଟର କୃଷ୍ଣଚନ୍ଦ୍ର ଜେନା

ଶବରମାନଙ୍କ ଉପରି ସଂପର୍କରେ ବହୁ ପ୍ରକାର ତଥ୍ୟ ପ୍ରକାଶ ପାଇଥାଏ । କେତେକଙ୍କ ମତରେ ଏମାନେ ଭାରତର ଏକ ପୁରାତନ ଜାତି । ଏମାନଙ୍କ ସଂପର୍କରେ ମହାଭାରତ ଓ ରାମାୟଣରେ ମଧ୍ୟ ବର୍ଣ୍ଣନା ରହିଛି । ରାମଚନ୍ଦ୍ରଙ୍କ ସହ ଗୁହକ ଶବର ବନ୍ଧୁତା କରିଥିଲେ । ସେହିପରି ମହାଭାରତ କାଳରେ କଳିଙ୍ଗର ରାଜା ଶବର ସୈନ୍ୟମାନଙ୍କ ସହ ଦୁର୍ଯ୍ୟୋଧନଙ୍କୁ ସାହାଯ୍ୟ କରିଥିଲେ ବୋଲି ଉଲ୍ଲେଖ ରହିଛି । ଟୋଲମି ଏବଂ ପ୍ଲିନି ଶବରମାନଙ୍କ ସଂପର୍କରେ ବର୍ଣ୍ଣନାକରି ଏମାନଙ୍କୁ ଏସିଆ ଭୂଖଣ୍ଡର ଆଦିମ ଜାତିମାନଙ୍କ ମଧ୍ୟରେ ଅନ୍ୟତମ ବୋଲି ସ୍ୱୀକାର କରିଛନ୍ତି ।

ପାରଳାଖେମୁଣ୍ଡିର ମହେନ୍ଦ୍ରଗିରି ଅଞ୍ଚଳରେ ବଂଶଧାରା ଅବବାହିକାରେ ଯେଉଁ ଶବରମାନେ ରହିଛନ୍ତି ସେମାନଙ୍କ ସଂପର୍କରେ ବିଶେଷ କିଛି ଅନୁଧ୍ୟାନ ହୋଇନାହିଁ । ଏମାନେ କଳିଙ୍ଗ ରାଜ୍ୟର ଅଧିବାସୀ ଥିଲେ ଏବଂ କଳିଙ୍ଗର ବହୁ ସମର ପ୍ରାଙ୍ଗଣରେ ଅବତୀର୍ଣ୍ଣ ହୋଇଥିଲେ ବୋଲି ଇତିହାସରୁ ପ୍ରମାଣ ମିଳେ । କୁହାଯାଏ ଯେ ପାରଳାଖେମୁଣ୍ଡିର ନାମକରଣ ମଧ୍ୟ ଶାବରୀକ ଶବ୍ଦରୁ ସମ୍ଭବ ହୋଇଛି । ଜଣେ ଶବର ରାଜା ଥିଲେ । ତାଙ୍କର ନାମ ଥିଲା "ପ୍ରବଳ ଖେମୁଣ୍ଡ" ଓ ତାଙ୍କ ନାମାନୁସାରେ ରାଜ୍ୟର ନାମ ହେଲା ପାରଳାଖେମୁଣ୍ଡି । ଗଜପତି ରାଜବଂଶର ଆଗମନ ପରେ, ଏହି ଅଞ୍ଚଳରେ ଶବରମାନଙ୍କର ଆଧିପତ୍ୟ କମିଲା ।

ଶବରମାନଙ୍କ ସାମାଜିକ ଜୀବନ ସଂପର୍କରେ ବିଶେଷ ବିବରଣୀ ପ୍ରକାଶ ପାଇପାରିନି । ଏହାର ମୂଳକାରଣ ହେଲା ଯେ ତାଙ୍କର ଭାଷା ସାଧାରଣତଃ କଠିନ ଓ ଦ୍ୱିତୀୟରେ ଏମାନେ ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳରେ ଭିନ୍ନ ଭାଷା ବ୍ୟବହାର କରିଥାନ୍ତି । ମୁଠାଠାରୁ ମୁଠା, ଏମାନେ ଭିନ୍ନ ଭିନ୍ନ ପ୍ରକାର ଶବ୍ଦ ବ୍ୟବହାର କରିଥାନ୍ତି । ବୟସ, ଲିଙ୍ଗ ଓ ଅବସ୍ଥାକୁ ନେଇ ଭାଷାର ପ୍ରୟୋଗ ହୋଇଥାଏ ।

ଶବରମାନଙ୍କ ମଧ୍ୟରେ ବିଭିନ୍ନ ଶ୍ରେଣୀର ଶବର ଦେଖାଯାନ୍ତି । ସେମାନେ ହେଲେ ଲମ୍ବାଲଂଜିଆ, ଯାହୁ, ଲୁରା, କୁଂଦି, ମାଳ, ସୁନାପାନିଆ, କାପୁ ଓ ସୁଧ । ମାଳିଆ ଶବରମାନେ ଅନ୍ୟମାନଙ୍କଠାରୁ ଉତ୍ତମ ବୋଲି ଦାବୀ କରିଥାନ୍ତି । ଏମାନଙ୍କ ମଧ୍ୟରେ ବହୁ ପ୍ରଭେଦ ରହିଛି । ଆଗ୍ରର, ବ୍ୟବହାର, ବୈବାହିକ ରୀତିନିୟମ ଓ ସାମାଜିକ ପ୍ରଚଳନ କ୍ଷେତ୍ରରେ ସେମାନେ ବିଭିନ୍ନ ପ୍ରକାର ମନୋଭାବ ପୋଷଣ କରିଥାନ୍ତି । ପାରଳାଖେମୁଣ୍ଡି ଅଞ୍ଚଳରେ ଲମ୍ବାଲଞ୍ଜିଆ ଶବରମାନେ ସାଧାରଣତଃ ବସବାସ କରନ୍ତି । କାଳକ୍ରମେ ଏମାନେ ନିଜକୁ ଉନ୍ନତ ବୋଲି ଦାବୀ କରୁଛନ୍ତି । ସେମାନେ ପାରଳାଖେମୁଣ୍ଡି ସହର ସହ ସଂପର୍କ ରକ୍ଷା କରି ସଭ୍ୟତାର ସଂସ୍ପର୍ଶରେ ଆସୁଛନ୍ତି । ସେମାନେ ଲୁଗା ବୁଣିବା, ଛୋଟ ଛୋଟ କାରିଗରି କାମ କରିବା ଏବଂ ଏହିପରି ସାଧାରଣ ବ୍ୟବସାୟରେ ମନ ଦେଲେଣି ।

ଲମ୍ବାଲଞ୍ଜିଆ ଶବରମାନେ ମାଙ୍କଡ଼ମାନଙ୍କୁ ସେମାନଙ୍କ ପୂର୍ବପୁରୁଷ ବୋଲି ଗ୍ରହଣ କରନ୍ତି । ଡାରଉଇନ୍‌ଙ୍କ ତଥ୍ୟ ସେମାନେ କିପରି ଏତେ ଆଗରୁ ଆବିଷ୍କାର କଲେ ତାହାହିଁ ମଜାର କଥା । ମାଙ୍କଡ଼କୁ ସେମାନେ ନିଜର ପୂର୍ବପୁରୁଷ ବୋଲି ଗ୍ରହଣ କରୁଥିବାରୁ ସେମାନେ ଲମ୍ବା ଲାଞ୍ଜକୁ ଆଦର କରନ୍ତି । ସେମାନେ ନିଜ ପିନ୍ଧିବା ଲୁଗାକୁ ପଛ ପାଖରେ ଏକ ଲମ୍ବାଲାଞ୍ଜ ପରି ଝୁଲାଇ ଦେଇଥାନ୍ତି; ତେଣୁ ତାଙ୍କୁ ଲମ୍ବାଲଞ୍ଜିଆ କୁହାଯାଏ ।

ଶବରମାନଙ୍କ ଲୁଗା ପିନ୍ଧିବା ପ୍ରଣାଳୀ ଆକର୍ଷଣୀୟ । ସେମାନେ ବିଭିନ୍ନ ବର୍ଣ୍ଣର ଲୁଗା ବ୍ୟବହାର କରନ୍ତି, ମୁଣ୍ଡରେ ପାଗ ଓ ଶରୀରରେ ବିଭିନ୍ନ ପ୍ରକାର ମାଳି ପିନ୍ଧିଥାନ୍ତି । ବିଭିନ୍ନ ପ୍ରକାରର କାଠମାଳି, ମୟୂରପୁଚ୍ଛ ଓ ଅନ୍ୟାନ୍ୟ ସାମଗ୍ରୀରେ ଶରୀରକୁ ଆଚ୍ଛାଦନ କରିବାକୁ ସେମାନେ ଭଲପାନ୍ତି । ଶବର ରମଣୀମାନେ ନିଜର ବକ୍ଷକୁ ବାଦ ଦେଲେ ସାଧାରଣତଃ ଶରୀରକୁ ନଗ୍ନ ରଖିଥାନ୍ତି । ସେମାନେ ବାଳକୁ ପଛ ପାଖରେ ଜୁଡ଼ା କରି ବାନ୍ଧିଦିଅନ୍ତି । ଶବର ରମଣୀମାନେ ଆନନ୍ଦପ୍ରିୟ । ପ୍ରକୃତିର ନିବିଡ଼ ଆଲିଙ୍ଗନରେ ନିଜକୁ ଭୁଲିଯାଇ ସେମାନେ ଜୀବନର ସଙ୍ଗୀତକୁ ଆକଣ୍ଠ ଗାନ କରିଥାନ୍ତି । ସେମାନଙ୍କ ଗ୍ରଲିଚଳନ ଓ ସାଧାରଣ ବ୍ୟବହାରରେ ଜୀବନର ଅଫୁରନ୍ତ ଆନନ୍ଦହିଁ ପ୍ରତିଫଳିତ ହୋଇଥାଏ ।

ଏହି ଅଞ୍ଚଳର ଅନ୍ୟାନ୍ୟ ଆଦିବାସୀମାନଙ୍କ ତୁଳନାରେ ଶବରମାନେ ଜୀବନକୁ ଅଧିକ ସ୍ୱଚ୍ଛରେ ଉପଭୋଗ କରିଥାନ୍ତି । ଆଧୁନିକ ଜୀବନରେ ବିଳାସ ବା ଉପଭୋଗ ସେମାନଙ୍କୁ ବିଶେଷ ଭାବରେ ଆକର୍ଷଣ କରେ ନାହିଁ । ଏହାଫଳରେ ସରକାରଙ୍କ ପକ୍ଷରୁ ଯେଉଁସବୁ ଚେଷ୍ଟା କରାଯାଉଛି, ତାହା ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଶବରମାନେ ସେହିପରି ହିଁ ରହିବାକୁ ଭଲ ପାଆନ୍ତି ।

ଶବରମାନେ ଏକ ସାହସୀ ଜାତି । ସେମାନେ ବଣ ଜଙ୍ଗଲରେ ଶୀକାର କରି ଜୀବନ ନିର୍ବାହ କରନ୍ତି । ଶୀକାର କରିବାକୁ ଗଲବେଳେ ସେମାନେ ଧନୁଶର, ଟାଙ୍ଗିଆ ଏବଂ ଅନ୍ୟାନ୍ୟ ଉପକରଣମାନ ନେଇଥାନ୍ତି । ସେମାନଙ୍କ ଧନୁ ପ୍ରାୟ ସାଢ଼େ ତିନି ଫୁଟର ବାଉଁଶରେ ତିଆରି ହୋଇଥାଏ । ଧନୁ ଓ ଶରକୁ ସେମାନେ ମୟୂର ପୁଚ୍ଛରେ ସଜ୍ଜିତ କରିଥାନ୍ତି । ଅତି ବାଲ୍ୟକାଳରୁ ସେମାନେ ଶୀକାର କରୁଥିବାରୁ କାଳକ୍ରମେ ପ୍ରବୀଣ ଶିକାରୀ ହୋଇଥାନ୍ତି । ମହେନ୍ଦ୍ରଗିରିର ଘନ ଅରଣ୍ୟ ଭିତରେ ବାସ କରିବାପାଇଁ ଯେମିତି ସାହସ ଦରକାର, ସେଠାର ବଣ୍ୟ ପଶୁମାନଙ୍କୁ ଜୟ କରିବାପାଇଁ ସେହିପରି ଶୀକାରୀ ହେବା ମଧ୍ୟ ଆବଶ୍ୟକ । ପାରଳାଖେମୁଣ୍ଡିର ଶବରମାନେ ଯୁଗ ଯୁଗ ଧରି ଶୀକାର ନୈପୁଣ୍ୟ ଲାଭ କରିଥିବାରୁ ସେମାନଙ୍କ ପାଇଁ ବଞ୍ଚିବା ସହଜ ହୋଇ ପାରିଛି ।

ଶବରମାନେ ସ୍ୱାଧୀନତାପ୍ରିୟ । ସେମାନେ କେବଳ ବୟସ ବ୍ୟକ୍ତି ଓ ସେମାନଙ୍କ ପୁରୋହିତଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି । ସେମାନଙ୍କ ମୁଖିଆଙ୍କୁ ଗୋମାଂଗ କୁହାଯାଏ । ଶବରମାନେ ଛୋଟ ଛୋଟ ଦଳରେ ରହିଥାନ୍ତି । ଏହି ଦଳମାନଙ୍କରେ ସାଧାରଣତଃ ପାଞ୍ଚ, ଛଅଟି ପରିବାର ରହନ୍ତି । ଦଳର ଅଧିପତିଙ୍କୁ ସେମାନେ ମାନନ୍ତି । ଗୋମାଂଗଙ୍କୁ ଶାସନରେ ସାହାଯ୍ୟ କରିବାପାଇଁ ଭୂଇଁଯା ଥାଏ । ସେ ସାଧାରଣତଃ ପୁଲିସ ଓ ସାଧାରଣ ପ୍ରଶାସନର ଦାୟିତ୍ୱ ନେଇଥାଏ । ଗୋମାଂଗ ଓ ଭୂୟାଁଙ୍କ ସାହାଯ୍ୟରେ ଶବର ଶାସନ ସୁରୁଖୁରୁରେ ଚଳି ଆସୁଥିଲା ।

ଶବରମାନଙ୍କ ନିୟମାନୁସାରେ ଗୋମାଂଗ ଓ ଭୂୟାଁର ଅଧିକାର ପରିବାରର ବଡ଼ ପୁଅକୁ ଦିଆଯାଉଥିଲା । ଯଦି ଏମାନଙ୍କ ମଧ୍ୟରୁ କେହି ଅକର୍ମଣ୍ୟ ଥାଆନ୍ତି ତେବେ ଅନ୍ୟ ପନ୍ଥାର ଆଶ୍ରୟ ନିଆଯାଉଥିଲା । ଗୋମାଂଗ ଓ ଭୂୟାଁ ଶାବରୀକ ଜୀବନର ଅବିଚ୍ଛେଦ୍ୟ ଅଂଶ । ଏମାନେ ସବୁ ପ୍ରକାର କାର୍ଯ୍ୟରେ ଉପସ୍ଥିତ ରହିବା ଆବଶ୍ୟକ । ବିବାହ, ମୃତ୍ୟୁ ଓ ଜନ୍ମ ସହ ସେମାନେ ଓତଃପ୍ରୋତ ଭାବରେ ଜଡ଼ିତ । ଏମାନେ ନ ଥିଲେ କୌଣସି ଧର୍ମାନୁଷ୍ଠାନ ସମ୍ଭବ ନୁହେଁ । ଏହାବ୍ୟତୀତ କୌଣସି ସଭାସମିତି ଓ ବିଗ୍ରହ ବେଳେ ମଧ୍ୟ ଏମାନେ ରହିବା ଏକାନ୍ତ ଆବଶ୍ୟକ । କ୍ରୟ-ବିକ୍ରୟ ଏବଂ କୌଣସି ପ୍ରକାର ପ୍ରାକ୍ଟିସ୍ ବେଳେ ମଧ୍ୟ ଏମାନଙ୍କ ଉପସ୍ଥିତି ଏକାନ୍ତ ଆବଶ୍ୟକ ।

ସାଧାରଣ ଶ୍ରେଣି ଓ ଯୌନ-ଜୀବନ ସମସ୍ୟା ଶବରମାନଙ୍କ ପାରିବାରିକ ଶାନ୍ତିକୁ ନଷ୍ଟ କରିଥାଏ । ଏହିପରି ସମୟରେ ଗୋମାଙ୍ଗ ଓ ଭୂୟାଁମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ବିଚାର ଓ ଆଦେଶକୁ ସମ୍ମାନ ସହ ଗ୍ରହଣ କରାଯାଏ । ସେହିପରି ପଡ଼ୋଶୀ ଗାଁମାନଙ୍କ ସହ ଯୁଦ୍ଧ କଲାବେଳେ ଗୋମାଙ୍ଗମାନେ ସେନାବାହିନୀର ନେତୃତ୍ୱ ନେଇଥାନ୍ତି । ଶବରମାନଙ୍କ ସମର ପ୍ରଣାଳୀ ଅତି କଠୋର । ସେମାନେ ଯୁଦ୍ଧ କଲାବେଳେ ଯେଉଁ ତ୍ୟାଗ ଓ ସାହସ ପ୍ରଦର୍ଶନ କରିଥାନ୍ତି, ତାହା ସାଧାରଣତଃ ଅନ୍ୟଜାତି ଲୋକଙ୍କ ଜୀବନରେ ଦେଖିବାକୁ ମିଳେନାହିଁ ।

ଶବରମାନେ ଅପେକ୍ଷାକୃତ ଆଧୁନିକ ଜୀବନରେ ପଛରେ ରହି ଯାଇଛନ୍ତି । ଗଞ୍ଜାମର ଅନ୍ୟ ଆଦିବାସୀଙ୍କ ତୁଳନାରେ ଏହା ସତ୍ୟ । ଏହାର ମୂଳ କାରଣ ହେଲା ଯେ ଶବରମାନେ ଶିକ୍ଷାକୁ ଭଲ ପାନ୍ତିନାହିଁ । ସେମାନଙ୍କ ଧାରଣା ଯେ ସେମାନଙ୍କ ପିଲାମାନେ ଶିକ୍ଷିତ ହୋଇଗଲେ ଆଉ କଠିନ ପରିଶ୍ରମ କରିବେ ନାହିଁ । ଶବରମାନେ ନିଜକୁ ଜଗତଠାରୁ ଅଲଗା ରଖିବାକୁ ଭଲ ପାଉଥାନ୍ତି । ଯେତେ ପ୍ରକାର ପ୍ରଲୋଭନ ପ୍ରଦର୍ଶନ କଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନେ ପ୍ରଭାବିତ ହୋଇ ନାହାନ୍ତି । ଅନେକଙ୍କ ମତରେ ଏହା ଏକ ପ୍ରାଚୀନ ଇତିହାସର ଅନୁଭୂତି । ଶବରମାନେ ଏହି ଅଞ୍ଚଳର ପ୍ରାଚୀନତମ ଆଦିମ ଅଧିବାସୀ । ଏମାନେ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ପୂଜକ । ଆର୍ଯ୍ୟମାନଙ୍କ ଦ୍ୱାରା ବିତାଡ଼ିତ ହୋଇ ଏମାନେ ଏ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ସେହି ପରାଜୟର ଗ୍ଲାନି ଓ ଆଶଙ୍କା ଏ ପର୍ଯ୍ୟନ୍ତ ସେମାନେ ଭୁଲି ନାହାନ୍ତି । ତେଣୁ ସେମାନେ ଆଧୁନିକ ସମାଜକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହନ୍ତି ।

ଶବରମାନଙ୍କ ସାମାଜିକ ଜୀବନ ସଂପର୍କରେ ଅଧିକରୁ ଅଧିକ ଗବେଷଣା ଆବଶ୍ୟକ । ତାହା ନ ହେଲେ ସେମାନେ ଆହୁରି ଅଧିକ ପଛରେ ରହିଯିବେ । ସରକାର ଓ ସମାଜ ଏ ଦିଗରେ ଅଧିକ ଦୃଷ୍ଟିଦେବେ ବୋଲି ଆଶା ।

ନ୍ୟାସନାଲ ଆସୋସିଏଟ୍,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର-୭, ଗଞ୍ଜାମ

# କବିରୁ ନେତ୍ରୀ : ସରୋଜିନୀ ନାଇଡୁ

ଶ୍ରୀ ସୁଭାଷଚନ୍ଦ୍ର ପଟ୍ଟନାୟକ

ଭାରତର ସର୍ବପ୍ରଥମ ନାରୀନେତ୍ରୀ, ସରୋଜିନୀ ନାୟଡୁଙ୍କର ଜନ୍ମ ୧୮୭୯ ମସିହା ଫେବୃଆରୀ ୧୩ ତାରିଖ, ଦକ୍ଷିଣ ଭାରତର ହାଇଦ୍ରାବାଦ୍‌ଠାରେ । ତାଙ୍କର ପିତା ଡକ୍ଟର ଅଘୋରନାଥ ଚଟ୍ଟୋପାଧ୍ୟାୟ ଥିଲେ ଜଣେ ଖ୍ୟାତନାମା ରସାୟନ ଅଧ୍ୟାପକ ଏବଂ ହାଇଦ୍ରାବାଦ୍‌ର ନିଜାମ କଲେଜର ପ୍ରତିଷ୍ଠାତା । ଦକ୍ଷିଣ ଭାରତରେ ଶିକ୍ଷାର ବିକାଶ ନିମନ୍ତେ ତାଙ୍କର ଅବଦାନ ଯଥେଷ୍ଟ ଥିଲା । ସରୋଜିନୀଙ୍କର ମାତା ମଧ୍ୟ ବଙ୍ଗଳା ସାହିତ୍ୟର ଜଣେ ଜଣାଶୁଣା କବି ଥିଲେ । ଏକ ସୁଶିକ୍ଷିତ, ସୁସଂସ୍କୃତ ପରିବାରର ସାରସ୍ୱତ ବାତାବରଣରେ ସରୋଜିନୀଙ୍କର ବାଲ୍ୟଜୀବନର ବିକାଶ ଘଟିଥିଲା । ତାଙ୍କୁ ଯେତେବେଳେ ଏଗାର ବର୍ଷ, ସେଇ କୈଶୋର ସମୟରୁହିଁ ତାଙ୍କ ମାନସପଟରୁ କବିତାର ସ୍ଫୁରଣ ଘଟିଥିଲା । ବାରବର୍ଷ ବୟସରେ ମାଟ୍ରିକ୍ୟୁଲେସନ ପାଶ୍ କରିସାରିବା ପରେ ଷୋଳବର୍ଷ ବୟସରେ ଜୀବନର ପ୍ରଥମ ପ୍ରଣୟ ପଥରେ ତାଙ୍କର ପାଦପଡ଼ିଥିଲା । ତତ୍‌କାଳୀନ ହାଇଦ୍ରାବାଦ ନିଜାମଙ୍କର ମୁଖ୍ୟ ମେଡ଼ିକାଲ ଅଫିସର ଡାକ୍ତର ଗୋବିନ୍ଦ ରାଜୁଲୁ ନାୟଡୁ ପ୍ରଫେସର ଚଟ୍ଟୋପାଧ୍ୟାୟଙ୍କର ଫ୍ୟାମିଲି ଡାକ୍ତର ଥିଲେ ଏବଂ ସେଇ ସୂତ୍ରରେ ସରୋଜିନୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । କିଶୋରୀ ସରୋଜିନୀଙ୍କର କବିତା ଏବଂ କୋମଳ ବାକ୍ ଚାତୁରୀରେ ଡାକ୍ତର ନାୟଡୁ ମୁଗ୍ଧ ହୋଇଥିଲେ ଏବଂ କ୍ରମେ ସମ୍ପର୍କ ପ୍ରେମରେ ପରିଣତ ହୋଇଥିଲା । କିଛିଦିନ ପରେ ଡାକ୍ତର ନାୟଡୁ ପ୍ରଫେସର୍ ଚଟ୍ଟୋପାଧ୍ୟାୟଙ୍କ ନିକଟରେ ବିବାହ ପ୍ରସ୍ତାବ ଉତ୍ଥାପନ କଲେ, କିନ୍ତୁ ଅନ୍ତରାୟ ହେଲା ସାମାଜିକ କୁସଂସ୍କାର । ସରୋଜିନୀ ବଙ୍ଗାଳୀ ବ୍ରାହ୍ମଣ ଥିଲାବେଳେ ନାୟଡୁ ଥିଲେ ଆନ୍ଧ୍ରଲୋକ । ତେଣୁ ଏପରି ଏକ ବିବାହ ତତ୍‌କାଳୀନ ସମାଜରେ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ତେଣୁ ପ୍ରଫେସର୍ ଚଟ୍ଟୋପାଧ୍ୟାୟ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରି ଉଚ୍ଚଶିକ୍ଷା ଆଳରେ ସରୋଜିନୀଙ୍କୁ ଇଂଲଣ୍ଡ ପଠାଇଦେଲେ ।

୧୮୯୫ ମସିହାରେ ସରୋଜିନୀ ଜାତୀୟ ବୃତ୍ତିପାଇ କେମ୍ବ୍ରିଜ୍‌ରେ ଉଚ୍ଚଶିକ୍ଷା ଆରମ୍ଭ କଲେ । ସେଠାରେ ଇଂରାଜୀ କବି (Edmond Gosse) ଙ୍କ ସହିତ ତାଙ୍କର ପରିଚୟ ହେଲା ଏବଂ ସେହିଠାରୁ ହିଁ ଆରମ୍ଭ ହେଲା ସରୋଜିନୀଙ୍କର କବି ଜୀବନ । ତାଙ୍କର କବିତାଗୁଡ଼ିକ ପଢ଼ି ଏଡ୍‌ମଣ୍ଡ୍ ସାହେବ ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ଜଣେ ପ୍ରତିଷ୍ଠିତ କବି ହେବାନିମନ୍ତେ ଶୁଭେଚ୍ଛା ଜଣାଇଥିଲେ । ତିନିବର୍ଷର ଅଧ୍ୟୟନ ଶେଷକରି ଉଣେଇଶ ବର୍ଷ ବୟସରେ ପୂର୍ଣ୍ଣ ଯୌବନା, ସୁନ୍ଦରୀ, ସୁଶିକ୍ଷିତା ସରୋଜିନୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ହୃଦୟରେ ଡାକ୍ତର ନାୟଡୁଙ୍କର ସ୍ମୃତି ତାଙ୍କର ଅକ୍ଷତ ଥିଲା । କୁଳବଧୂ ସାଜି ଡାକ୍ତର ନାୟଡୁଙ୍କର ଘରକୁ ଯିବାର ସ୍ୱପ୍ନ ତାଙ୍କର ସାର୍ଥକ ହେଲା ୧୮୯୮ ରେ । ଏକଦା ଯେଉଁକବି ସ୍ୱପ୍ନ ଦେଖିଥିଲେ ବିବାହ ବନ୍ଧନ ଛାଡ଼ି ଜଙ୍ଗଲର ଶାନ୍ତ ପରିବେଶ ଭିତରକୁ ଚାଲିଯିବେ, ସେହିକବି ପାଲିଙ୍କି ଚଢ଼ି ଡାକ୍ତର ନାୟଡୁଙ୍କର କୁଳବଧୂ ହେବାବେଳେ ନିଶ୍ଚୟ ମନେପଡ଼ିଥିବ ତାଙ୍କ ନିଜର 'The Palanquin Bearers'' କବିତା—

"Softly, O softly
We bear her along,

She hangs like a Star
in the dew of our song

She springs like a beam
on the brow of the tide

She falls like a tear
from the eyes of a bride.''

ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ରଥୀ ଗୋପାଳକୃଷ୍ଣ ଗୋଖ୍‌ଲେ ସରୋଜିନୀଙ୍କର କବିତା ଏବଂ ଓଜସ୍ୱିନୀ ବକ୍ତୃତାରେ ଆକୃଷ୍ଟ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାପାଇଁ ତାଙ୍କୁ ଆହ୍ୱାନ କଲେ । ଲଣ୍ଡନ୍ ରହଣି ସମୟଠାରୁ ହିଁ ମହାତ୍ମା ଗାନ୍ଧୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା ଏବଂ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ଜଣେ ଜାତୀୟ ନେତ୍ରୀ ଭାବରେ ନିଜର ମହାନ୍ ପ୍ରତିଭାର ପରିଚୟ ଦେଇଥିଲେ । ରାଜନୀତି ତାଙ୍କୁ ଯେତିକି ପ୍ରତିଷ୍ଠା ଦେଇଛି, ତାଠାରୁ ଅଧିକ ବିଖ୍ୟାତ ହୋଇଥିଲେ ସେ କବି ଭାବରେ । ତାଙ୍କର ପ୍ରଥମ କବିତା ଗୁଚ୍ଛ (Golden Threshold) ୧୯୦୫ ରେ ଓ ଦ୍ୱିତୀୟ ଗ୍ରନ୍ଥ (Sceptred Flute) ୧୯୪୩ ରେ ପ୍ରକାଶିତ ହୋଇଥିଲା । କିନ୍ତୁ ପ୍ରଥମ ପୁସ୍ତକଟି ହିଁ ତାଙ୍କପାଇଁ ଭାରତ ଓ ଇଂଲଣ୍ଡରୁ ଯଥେଷ୍ଟ ସୁନାମ ଆଣିଦେଇଥିଲା । ୧୯୧୪ ମସିହାରେ (Royal Society of Literature) ତାଙ୍କୁ ଏକ ଫେଲୋସିପ୍ ଦେଇ ସମ୍ମାନିତା କରିଥିଲେ ।

ହୋମ୍ ରୁଲ୍ ମୁଭ୍‌ମେଣ୍ଟ୍ ର ଜଣେ କର୍ମୀ ଭାବରେ ଇଂଲଣ୍ଡ ଯାଇଥିବା ସମୟରେ ସେ ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେଇ ଭାରତୀୟ ମହିଳାମାନଙ୍କ ଭୋଟାଧିକାର ଦେବାନିମନ୍ତେ ଦାବୀ ଉପସ୍ଥାପିତ କରିଥିଲେ । କେବଳ ଭାରତୀୟ ସ୍ୱାଧୀନତା ସଂଗ୍ରାମ ନୁହେଁ, ଆଫ୍ରିକାର ସ୍ୱାଧୀନତା ପାଇଁ ଲଢୁଥିବା ଆଫ୍ରିକୀୟମାନଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟରେ ସେ କେନିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟ ଯାଇଥିଲେ । ଭାରତୀୟ ଜାତୀୟ କଂଗ୍ରେସର ପ୍ରେସିଡେଣ୍ଟ୍ ହେବାରେ ସେ ପ୍ରଥମ ଭାରତୀୟ ମହିଳା । ଜାତୀୟ ନେତ୍ରୀ ଭାବରେ ତାଙ୍କର ଭାଷଣ ଥିଲା ଓଜସ୍ୱିନୀ । ୧୯୨୫ ରେ କାନପୁରଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଚତୁର୍ଥ ଅଧିବେଶନରେ ତାଙ୍କର ପ୍ରେସିଡେଣ୍ଟସିଆଲ୍ ଆଡ୍ରେସ୍ ଅତ୍ୟନ୍ତ ସାରଗର୍ଭକ— "Fear is one unforgivable sin and treachery, the one unforgivable crime. Dare we forget that...... ?" ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରି ତାଙ୍କୁ ଅନେକଥର କାରାବରଣ କରିବାକୁ ହୋଇଥିଲା । କାରାଗାରର ଅନ୍ଧକାର କକ୍ଷରେ ମଧ୍ୟ ତାଙ୍କ ମୁଖ କେବେ ମଳିନ ପଡ଼ିନଥିଲା । ତାଙ୍କର ଯୁକ୍ତି ଥିଲା—"Happiness lies with us. We can be happy anywhere and everywhere if we want to be happy." । ତାଙ୍କର ଜ୍ୱାଳାମୁଖୀ ବକ୍ତୃତା ଭିତରେ ପୁରି ରହିଥିଲା କବି ସୁଲଭ ଭାଷାର ଲାଳିତ୍ୟ । ସଂଗ୍ରାମୀ ମାନଙ୍କୁ ଆହ୍ୱାନ କରି ସେ ଥରେ କହିଥିଲେ—"Come my soldiers I am only a woman, only a poet. But as a woman, I give you the weapons of faith and courage and the shield of fortitude. And as a poet, I unfurl the banner of song and sound the bugle-call to battle. Thus shall I strive to kindle the flame that awaken you from slavery ! "

ସ୍ୱାଧୀନତା ପରେ ଏକବର୍ଷ ନିମନ୍ତେ ସେ ଉତ୍ତରପ୍ରଦେଶର ରାଜ୍ୟପାଳିକା ରୂପେ ଦାୟିତ୍ୱ ତୁଲାଇଥିଲେ । ୧୯୪୯ ମସିହା ମାର୍ଚ୍ଚ ମାସ ତିନି ତାରିଖରେ ୭୦ ବର୍ଷ ବୟସରେ ଏହି ମହାନ ମହିଳା—ଭାରତୀୟ ନାଇଟିଙ୍ଗଲ୍ ଙ୍କର ଦେହାବସାନ ହେଲା । ଏକଦା ତାଙ୍କ ଲିଖିତ କବିତା-

"The bridal-songs and cradle-songs
have cadences of sorrow

The laughter of the sun to-day
the wind of death tomorrow"

ଶେଷରେ ସତ୍ୟରେ ପରିଣତ ହେଲା । ତାଙ୍କର ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରି ପଣ୍ଡିତ ନେହେରୁ କହିଥିଲେ—"Sarojini began life as a poet, she could not write much poetry with pen and paper, but her whole life was a poem and a song. She was a poet incarnate." ସରୋଜିନୀ କବି ଭାବରେ ତାଙ୍କର ଜୀବନ ଆରମ୍ଭ କରିଥିଲେ ; ଯଦିଓ ସେ କଲମ ଓ କାଗଜରେ ପ୍ରଚୁର କବିତା ସୃଷ୍ଟି କରିପାରି ନାହାନ୍ତି, ତାଙ୍କର ଜୀବନଟା ହିଁ ଗୋଟିଏ କବିତା ଏବଂ ସେ ଥିଲେ ଜଣେ ଅବତାରୀ କବି ।

C/o. ଶ୍ରୀ ନିମାଇଁ ଚରଣ ପଟ୍ଟନାୟକ
୨ ଆର୍-ଏ/୧୬, ଏଲ୍. ଆଇ. ସି. କଲୋନୀ
ପୁରୀ—୭୫୨୦୦୧

୦୦

## ଜାଣନ୍ତି କି ?

* ଅତ୍ୟାବଶ୍ୟକ ସାମଗ୍ରୀର ସୁଷମ ବଣ୍ଟନ ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ କର୍ପୋରେସନ ଗଠିତ ହୋଇଛି ।
* କୃଷୀମାନଙ୍କ ଉପକାର ପାଇଁ ଧାନର ସଂଗ୍ରହ ମୂଲ୍ୟ ବଢ଼ାଇ ଦିଆଯାଇଛି ।
* ୨୭,୭୦୩ ଟି ମହଜୁଦ୍ ବିରୋଧୀ ଅଭିଯାନ କରାଯାଇଛି ଓ ୯୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଜବତ କରାଯାଇଛି ।
* ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୨୫ ଟଙ୍କାରୁ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି ।
* ବନ୍ୟାଗ୍ରସ୍ତ ଲୋକଙ୍କ ପାଇଁ ୩୮,୦୦୦ ଗୃହ ନିର୍ମାଣ କରାଯାଇଛି ।

# କୃଷ୍ଣ ସଙ୍କେତେ ଜଗନ୍ନାଥ

ଡକ୍ଟର ଅର୍ଜୁନ ଯୋଷୀ

ପୁରୁଷୋତ୍ତମ କ୍ଷେତ୍ର ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ମନ୍ଦିର ବିଦ୍ୟମାନ । ପୁରୀଧାମକୁ ଶ୍ରୀକ୍ଷେତ୍ର, ଶ୍ରୀଧାମ, ଶଂଖକ୍ଷେତ୍ର ଏବଂ ଜଗନ୍ନାଥ ଧାମ କୁହାଯାଉଥିଲା ବୋଲି ପ୍ରସ୍ତର ଅଭିଲେଖ, ତାମ୍ରପଟା ଏବଂ ପୁରାଣ-ଶାସ୍ତ୍ରମାନଙ୍କରୁ ଜଣାଯାଏ । ବର୍ତ୍ତମାନର ଜଗନ୍ନାଥ ମନ୍ଦିରକୁ ଚୋଡ଼ଗଙ୍ଗ ଦେବ ୧୧୩୬ ମସିହାରେ ନିର୍ମାଣ କରିଥିଲେ । କାଳକ୍ରମେ ଲୁଣି ପବନର ସଂସ୍ପର୍ଶରେ ଆସି ମନ୍ଦିରରେ ଫାଟ ଦୃଷ୍ଟିଗୋଚର ହେଲା । ଏଣୁ ୧୯୦୩ ମସିହାରେ ମନ୍ଦିରକୁ ଚୂନର ଏକ ପ୍ରଲେପଦ୍ୱାରା ଆଚ୍ଛାଦିତ କରାଗଲା । ସେହି ଚୂନକୁ ୧୯୭୫ ମସିହାଠାରୁ ଛଡ଼ାଇ ଦିଆଯାଉଛି । ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ନେବାପରେ ସେହି ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ମଧୁ ସୂଦନ ନାରାୟଣ ଦେଶପାଣ୍ଡେ ଏବଂ ଏହି ଲେଖକ ମନ୍ଦିରର ପିଷ୍ଠଠାରୁ ନୀଳଚକ୍ର ପର୍ଯ୍ୟନ୍ତ ସମସ୍ତ ଅଂଶ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ । ସେହି ପରୀକ୍ଷା ଫଳରେ ଅନେକ ଉନ୍ନତିମୂଳକ ବିଷୟ ଦୃଷ୍ଟିଗୋଚର ହେଲା । ଏକ ଉଚ୍ଚଶକ୍ତିସଂପନ୍ନ କମିଟି ଦ୍ୱାରା ସମସ୍ତ ବିଷୟ ତନଖି କରାଯାଇ ମନ୍ଦିର ମରାମତି କାର୍ଯ୍ୟ ଆରମ୍ଭ କରାଗଲା । ଭାରତ ସରକାର ନିରୀକ୍ଷଣ କରି ଦେଖିଲେ ଯେ ଛଅ ଇଞ୍ଚରୁ ନଅଇଞ୍ଚ ପର୍ଯ୍ୟନ୍ତ ଚୂନର ପ୍ରଲେପ ଥିବାରୁ ବାହାରର ପାଣି ଚୂନରେ ଜମି ରହି ପଥରଗୁଡ଼ିକୁ ନଷ୍ଟକରି ଦେଉଛି ଏବଂ ଅନେକ ସ୍ଥାନରେ ପାଣି ଭିତରକୁ ଯାଇ ପଥର ଭେଦକରି ମନ୍ଦିରର ଦୃଢ଼ତା ଏବଂ ମୂଳଦୁଆକୁ ଦୁର୍ବଳ କରିଦେଉଛି । ଏଣୁ ଚୂନର ଦୁର୍ବଳ ପଲସ୍ତରାଗୁଡ଼ିକୁ ଛଡ଼ାଇଦେବା ପାଇଁ ପ୍ରଥମେ ନିଷ୍ପତ୍ତି କରାଗଲା । ବର୍ତ୍ତମାନ ବାଡ଼ ପର୍ଯ୍ୟନ୍ତ ଚୂନଛଡ଼ା କାର୍ଯ୍ୟ ଖୋଲିଛି । ଚୂନଛଡ଼ା ପରେ ପରିଷ୍କାର କରାଯାଇ ତା'ଉପରେ ରାସାୟନିକ ପ୍ରଲେପ ଦେଇ ଏହି କାରୁକାର୍ଯ୍ୟଗୁଡ଼ିକର ସଂରକ୍ଷଣ କରାଯିବ । ସେତେବେଳେ ହୁଏତ ଏହିସବୁ ସଂରକ୍ଷଣ ପଦାର୍ଥ ଅନାବିଷ୍କୃତ ଥିବାରୁ ଉପଯୁକ୍ତ ଜ୍ଞାନଥିବା ଲୋକଙ୍କର ଅଭାବଯୋଗୁଁ ଲୁଣି ପବନର ପ୍ରକୋପରୁ ରକ୍ଷାକରିବା ପାଇଁ ଚୂନର ଏକ ପ୍ରଲେପ ଦିଆଯାଇଥିଲା । କିନ୍ତୁ ବର୍ତ୍ତମାନ ଯୁଗରେ ଆଧୁନିକ ପ୍ରଣାଳୀରେ ସଂରକ୍ଷଣ କରିବା ପାଇଁ ବହୁ ପ୍ରକାର ରାସାୟନିକ ପଦାର୍ଥ ଆବିଷ୍କୃତ ହୋଇଛି । ଏଣୁ ଏହି ପ୍ରଣାଳୀରେ ମୂର୍ତ୍ତିକଳା ଓ କାରୁକାର୍ଯ୍ୟଗୁଡ଼ିକ ସଂରକ୍ଷିତ ହେବା ବାଞ୍ଛନୀୟ ।

ଜଗନ୍ନାଥ ମନ୍ଦିରର ଚୂନ ଛଡ଼ାଇବା ସମୟରେ କ'ଣ ସବୁ ସ୍ଥାପତ୍ୟକଳା ବାହାରିଛି, ତାହାର ଗବେଷଣା ଓ ପରୀକ୍ଷା, ନିରୀକ୍ଷାଦରି ପାଠକମାନଙ୍କ ନିକଟରେ ଉପସ୍ଥାପିତ କରିବାକୁ ଉଚିତ୍ ମନେକରେ । ପାଠକେ ଜାଣି ଖୁସି ହେବେ ଯେ, ବାଡ଼ର ତଳଜଙ୍ଘ ଏବଂ ଉପର ଜଙ୍ଘ ମଧ୍ୟରେ ଥିବା ବନ୍ଧନ ବା ଦଣ୍ଡ ଦେହରେ କୃଷ୍ଣ ଚରିତ ସବୁ ଖୋଦିତ ହୋଇଛି । ତନ୍ମଧ୍ୟରୁ ଗୋବର୍ଦ୍ଧନଧାରୀ କୃଷ୍ଣ, ଶକଟାସୁର ବଧ, ବକାସୁର ବଧ, ଅଶ୍ୱମଲ୍ଲ ସଙ୍ଗେ ଯୁଦ୍ଧ ପ୍ରଭୃତି ବିଭିନ୍ନ କୃଷ୍ଣଲୀଳାର ଦୃଶ୍ୟ ବିଶେଷ ପ୍ରଣିଧାନଯୋଗ୍ୟ । ବାଡ଼ର ସର୍ବୋପରି ଭାଗ ଦ୍ୱାରଶାଳର ଉତ୍ତର ପାର୍ଶ୍ୱରେ ବଂଶୀଧାରୀ କୃଷ୍ଣଙ୍କର ଏକ ବଡ଼ ପ୍ରତିମା ଖୋଦିତ ହୋଇଛି । ଏହାର ସମସାମୟିକ ବହୁ କୃଷ୍ଣମୂର୍ତ୍ତି ଓଡ଼ିଶାରେ ବିଶେଷକରି ପୁରୀଜିଲ୍ଲାରେ ଦୃଷ୍ଟିଗୋଚର ହୁଏ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଏହି ସମୟର ତିନୋଟି କୃଷ୍ଣମୂର୍ତ୍ତି ସଂରକ୍ଷିତ ହୋଇଛି । ସେଥିମଧ୍ୟରୁ ଗୋଟିଏ କୃଷ୍ଣ ଓ ବିଷ୍ଣୁଙ୍କର ମିଳିତ ବିଗ୍ରହ । ଏହି ମିଳିତ ବିଗ୍ରହଟି ଚତୁର୍ହସ୍ତ ବିଶିଷ୍ଟ । ସମ୍ମୁଖସ୍ଥ ଦୁଇହସ୍ତରେ ବଂଶୀଧାରଣ କରିଛନ୍ତି ଓ ଅନ୍ୟ ଦୁଇ ହସ୍ତରେ ଶଂଖ ଏବଂ ଚକ୍ର ଧାରଣ କରିଛନ୍ତି । ଏହି ସମୟରେ ଅନେକ ବିଷ୍ଣୁମୂର୍ତ୍ତି ନିଆଳୀର ଶୋଭନେଶ୍ୱର ମନ୍ଦିର ବେଢ଼ାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମିତ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛନ୍ତି । ଜଗନ୍ନାଥ ମନ୍ଦିରର ସମସାମୟିକ ଏକ କୃଷ୍ଣମୂର୍ତ୍ତି ହୀରାପୁରଠାରେ ପୂଜିତ ହେଉଛନ୍ତି । ଅବଶ୍ୟ ଏହି ବିଷ୍ଣୁମୂର୍ତ୍ତିଗୁଡ଼ିକର ବହୁ ପୂର୍ବରୁ ଓଡ଼ିଶାରେ ବିରାଟ ବିଷ୍ଣୁମୂର୍ତ୍ତିସବୁ ନିର୍ମିତ ହୋଇଥିଲା । ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଅଞ୍ଚଳର ପରଜଙ୍ଗ ଥାନା ଅନ୍ତର୍ଗତ ସାରଙ୍ଗ ଗ୍ରାମରେ ବ୍ରାହ୍ମଣୀ ନଦୀ କୂଳରେ ଦଶ ମିଟର ଲମ୍ବ ବିଶିଷ୍ଟ ଏକ ବିରାଟ ଅନନ୍ତଶୟନ ବିଷ୍ଣୁ ପ୍ରସ୍ତର ଦେହରେ ଖୋଦିତ ହୋଇଛି । ଏହାଠାରୁ ଟିକେ ଛୋଟ ଅନନ୍ତ ଶୟନ ବିଷ୍ଣୁମୂର୍ତ୍ତି ତାଳଚେର ଅଞ୍ଚଳର କନିହା ଥାନା ଅନ୍ତର୍ଗତ ଭୀମକୁଣ୍ଡଠାରେ ବିଦ୍ୟମାନ । ଏହି ଦୁଇମୂର୍ତ୍ତିର ଗଠନ କାଳ ଦଶମ ଶତାବ୍ଦୀର ପୂର୍ବବର୍ତ୍ତୀ । ଜଗନ୍ନାଥ ମନ୍ଦିରର ପରବର୍ତ୍ତୀ ସମୟର ବୈଷ୍ଣବ କୀର୍ତ୍ତି ମଧ୍ୟ ଓଡ଼ିଶାରେ ବିରଳ ନୁହେ । ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ତଥା ନୃସିଂହନାଥର ନୃସିଂହ ମନ୍ଦିର ବୈଷ୍ଣବ ଧର୍ମର ନିଦର୍ଶନ ସ୍ୱରୂପ ବିଦ୍ୟମାନ ।

ଏହି ସମସ୍ତ ବୈଷ୍ଣବୀୟ କୀର୍ତ୍ତିରାଜି ବ୍ୟତୀତ ଜଗନ୍ନାଥ ମନ୍ଦିରର ସମସାମୟିକ କଟକ ଜିଲ୍ଲାର ମାଧବ ମନ୍ଦିରର ଚୂନ ଛଡ଼ା କାର୍ଯ୍ୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସଂପାଦିତ

ହୋଇଛି । ସେହି ମନ୍ଦିରର ଗାତ୍ରରେ ବିଷ୍ଣୁଙ୍କର ଦଶ ଅବତାର ମୂର୍ତ୍ତି ଦେଖିବାକୁ ମିଳେ । ନବମ ଅବତାରର ମୂର୍ତ୍ତି ଏହି ମନ୍ଦିରରେ ବିଦ୍ୟମାନ । ଏ ସମ୍ବନ୍ଧରେ ପୁରୀ ଜିଲ୍ଲାର ଅନନ୍ତ ବାସୁଦେବ ମନ୍ଦିର, ଚନ୍ଦ୍ରଗିରିର ଅଟରନାଥ (ବିଷ୍ଣୁମୂର୍ତ୍ତି), ସିଂହପୁରର ବରାହନାଥ, ହରିପୁରର ମଦନ-ମୋହନ ଇଢେଗୀବାଗୀର ଲକ୍ଷ୍ମୀ ନାରାୟଣ, ଦାନକାଟିର ମାଧବଙ୍କ ନାମ ଉଲ୍ଲେଖଯୋଗ୍ୟ । ପୁରୀଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ଚଉରାଶି ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ମଧ୍ୟରେ ଥିବା ଲକ୍ଷ୍ମୀନାରାୟଣ ମୂର୍ତ୍ତି ଏକ ଅତୀବ ଚମତ୍କାର ଏବଂ ମନୋହର ପ୍ରତିମା । କଟକ ଜିଲ୍ଲାର ମାଧବ ମନ୍ଦିର ବ୍ୟତୀତ କୋଇଲେ ଅସୁରେଶ୍ୱରର ଦଧି-ବାମନ ମନ୍ଦିର, ସାଲେପୁର ଥାନା ଗୋପିନାଥପୁରର ଗୋପିନାଥ ମନ୍ଦିର, ଗୋବିନ୍ଦପୁର ଥାନାର ଶାସନପଡ଼ାଠାରେ ଥିବା ନୀଳମାଧବ ମନ୍ଦିର ଏବଂ ପ୍ରାଚୀ ନଦୀ କୂଳରେ ବିଦ୍ୟମାନ ଥିବା ଅନେକ ବିଷ୍ଣୁ ମନ୍ଦିର ବୈଷ୍ଣବ ଧର୍ମର ପ୍ରସାର ଏବଂ ଲୋକପ୍ରିୟତାର ପ୍ରମାଣ ।

ଓଡ଼ିଶାର ବିଭିନ୍ନ ପ୍ରାନ୍ତରର ଇତିହାସ ଓ ସଂସ୍କୃତି ଗବେଷଣା କଲେ ଜଣାପଡ଼ିବ ଯେ, ବୈଷ୍ଣବ ଧର୍ମର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଷ୍ଟମ ଶତାବ୍ଦୀଠାରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିଦ୍ୟମାନ ଥିଲା । ଏହି ସମ୍ବନ୍ଧରେ ଆଧୁନିକ ଯୁଗର ରାହରଙ୍ଗପୁର ଅଞ୍ଚଳର ଈଶାନେଶ୍ୱର ମନ୍ଦିରର ସ୍ଥାପତ୍ୟକଳା ପ୍ରଣିଧାନଯୋଗ୍ୟ । ଖଡ଼ଖାଇ ନଦୀ କୂଳରେ ଅବସ୍ଥିତ ଥିବା ଈଶାନେଶ୍ୱର ଭଗ୍ନ ମନ୍ଦିର ନିକଟସ୍ଥ ଏକ ମାଟିକୂଦରୁ ରୋମାନ୍ ସାମ୍ରାଜ୍ୟର ସ୍ୱର୍ଣ୍ଣମୁଦ୍ରା ମିଳିଥିବା କଥା ଲୋକଲୋଚନକୁ ଆସିଛି । ଏଠାରେ ଥିବା ମନ୍ଦିରର କାନ୍ଥରେ କଦମ୍ବମୂଳରେ ବଂଶୀଧାରୀ କୃଷ୍ଣ, [illegible] ଦଶଅବତାର ମଧ୍ୟରେ ଜଗନ୍ନାଥ, [illegible] ଦୃଶ୍ୟ, ଗୋବର୍ଦ୍ଧନ ରାମ ଏବଂ କୃଷ୍ଣଙ୍କର ଏକ ମୂର୍ତ୍ତି, ରାଧାକୃଷ୍ଣଙ୍କ ମୂର୍ତ୍ତିଗୁଡ଼ିକ ଦେଖିଲେ ଜଣାଯାଏ ଏଗୁଡ଼ିକ ବାଙ୍କୁଡ଼ା ଜିଲ୍ଲାର ବିଷ୍ଣୁ ମନ୍ଦିର ଏବଂ ମୟୂରଭଞ୍ଜ ଜିଲ୍ଲା ହରିପୁରର ରସିକରାଜ ମନ୍ଦିରର ସାମୟିକ ହେବ । ମୟୂରଭଞ୍ଜ ଜିଲ୍ଲାର ଗୋପୀବଲ୍ଲଭପୁରଠାରେ ଶ୍ୟାମାନନ୍ଦ ଏବଂ ରସିକାନନ୍ଦଙ୍କର ରାଧାକୃଷ୍ଣ ଧର୍ମପ୍ରଚାର କେନ୍ଦ୍ର ଥିଲା । ଏଣୁ ଏହି ଅଞ୍ଚଳରେ ରାଧାକୃଷ୍ଣଙ୍କର ମନ୍ଦିର ଏବଂ ମୂର୍ତ୍ତି ବିଦ୍ୟମାନ ।

ଓଡ଼ିଶାର ଏ ସମସ୍ତ ବିଷ୍ଣୁକ୍ଷେତ୍ରମାନଙ୍କରେ କୃଷ୍ଣଙ୍କର ପ୍ରାଧାନ୍ୟ ଥିବାର କାରଣ କ'ଣ ? ଏହି ଗୂଢ଼ ପ୍ରଶ୍ନର ଉତ୍ତର ହେଉଛି, ଜଗନ୍ନାଥ ମନ୍ଦିର ଗାତ୍ରରୁ ଚୂନ ଛଡ଼ାଯିବା-ପରେ ସେଥିରୁ ବାହାରୁଥିବା ପ୍ରସ୍ତର ନିର୍ମିତ ଚିତ୍ର ଏବଂ ଜଗନ୍ନାଥ ମୂର୍ତ୍ତି ମଧ୍ୟରେ ଥିବା ବ୍ରହ୍ମବସ୍ତୁ । ପ୍ରଥମେ ଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ ଥିବା ବ୍ରହ୍ମବସ୍ତୁ ସଂବନ୍ଧରେ ସମ୍ୟକ୍ ଆଲୋଚନା କଲେ ଜଣାଯିବ ଯେ, ତାହା କୃଷ୍ଣଙ୍କ ଶରୀରର ଅଂଶ ବୋଲି ଧାର୍ମିକମାନଙ୍କର ଦୃଢ଼ ଧାରଣା । ବିଷ୍ଣୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାର ଗ୍ରହଣ କରିଥିଲେ ଏବଂ ଜରା ଶବର ଦ୍ୱାରା ଶରବିଦ୍ଧ ହୋଇ ଇହଧାମ ତ୍ୟାଗ କଲେ । ଶ୍ରୀକୃଷ୍ଣଙ୍କର ମର ଶରୀରର ଏକ ଅଂଶ ଅଗ୍ନିରେ ମଧ୍ୟ ଅପୋଡ଼ା ରହିଗଲା । ସେହି ଅଂଶହିଁ ଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ ରହିଅଛି ବୋଲି ଧାର୍ମିକ ଲୋକମାନଙ୍କର ଧାରଣା । ପ୍ରତ୍ୟେକ ନବକଳେବର ସମୟରେ ଏହି ବ୍ରହ୍ମକୁ ଚକ୍ଷୁରେ ଅନ୍ଧପୁଟୁଳି ବାନ୍ଧି, ସମସ୍ତ ଗୋପନୀୟତା ଅବଲମ୍ବନ କରାଯାଇ ନୂତନ ବିଗ୍ରହରେ ସ୍ଥାପନ କରାଯାଇଥାଏ ।

ଗଭୀର ଭାବରେ ଅନୁଧ୍ୟାନ କରାଯାଇ ଜଣା-ଯାଇଛି ଯେ, ଏହି ଧର୍ମ ଧାରଣା ଯଥା:--ଜଗନ୍ନାଥ ବିଗ୍ରହ ମଧ୍ୟରେ କୃଷ୍ଣଙ୍କ ମର ଶରୀରର ଅଂଶ ବିଦ୍ୟମାନ ଏବଂ ତାହା ପୁରୁଷୋତ୍ତମ କ୍ଷେତ୍ର ନିକଟସ୍ଥ ମହୋଦଧିରୁ ସଂଗ୍ରହ କରାଯାଇଥିଲା--ଏହା ଋଗ୍‌ବେଦ ଯୁଗରୁ ପ୍ରଚଳିତ ଅଛି । ଋଗ୍‌ବେଦର ୧୦।୧୫୫ ସୂକ୍ତ ମତରେ ଉଲ୍ଲେଖ ଅଛି--"ଅଦୋୟଦ୍ଦାରୁ ପ୍ଲବତେସିନ୍ଧୋଃ ପାରେ ଅପୋରୁତାମ୍" । ଏ ସଂବନ୍ଧରେ ପୁଣି ସାୟଣଭାଷ୍ୟରେ ଉଲ୍ଲେଖ ଅଛି--"ଦାରୁମୟଂ ପୁରୁଷୋତ୍ତମାଖ୍ୟଂ ଦେବତା ଶରୀରଂ" ।

କେତେକ ଐତିହାସିକଙ୍କ ମତରେ ବୁଦ୍ଧଙ୍କର ଦନ୍ତସ୍ତୂପ ଉପରେ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଛି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କଳିଙ୍ଗ ସମ୍ରାଟ ଖାରବେଳଙ୍କ ଉଦୟଗିରି ପାହାଡ଼ର ହାତୀଗୁମ୍ଫାରେ ଥିବା ଅଭିଲେଖରେ ଜୀନାସୀନ ସମ୍ବନ୍ଧରେ ଉଲ୍ଲେଖ ମିଳେ । କେହି କେହି ଜଗନ୍ନାଥଙ୍କୁ ଜୀନାସୀନ ବୋଲି କହିଥାଆନ୍ତି । ବୌଦ୍ଧ ଓ ଜୈନ ଧର୍ମର ସଂପର୍କ ଜଗନ୍ନାଥଙ୍କ ସଙ୍ଗରେ ଯାହା ଥାଉନା କାହିଁକି ଏ କଥା ସତ୍ୟ ଯେ, ଅନେକ ରୀତିନୀତିରେ ଏହି ଦୁଇ ଧର୍ମର ଯଥେଷ୍ଟ ପ୍ରଭାବ ପରିଲକ୍ଷିତ ହୁଏ । ମହାଭାରତର ବନପର୍ବରେ ପୁରୁଷୋତ୍ତମ ତୀର୍ଥର ବର୍ଣ୍ଣନା ଉଲ୍ଲେଖଯୋଗ୍ୟ । କୂର୍ମ ପୁରାଣ, ନାରଦ ପୁରାଣ, ପଦ୍ମପୁରାଣ, ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ କ୍ଷେତ୍ର ସମ୍ବନ୍ଧରେ ବର୍ଣ୍ଣନା ରହିଛି । ଦଶମ ଶତାବ୍ଦୀରେ ରାଜତ୍ୱ କରୁଥିବା ରାଜା ଇନ୍ଦ୍ରଭୂତି ଯେ ଜ୍ଞାନସିଦ୍ଧିର ଲେଖକ ଥିଲେ ଏବଂ ମହାଯାନ ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଥିଲେ, ଏହା ନିଃସନ୍ଦେହ । ସେ ତାଙ୍କର ପୁସ୍ତକର ମଙ୍ଗଳାଚରଣରେ ଜଗନ୍ନାଥଙ୍କୁ ପ୍ରାର୍ଥନାକରି ଲେଖିଛନ୍ତି--

ପ୍ରଣିପତ୍ୟ ଜଗନ୍ନାଥା ସର୍ବଜିନବରାର୍ଚ୍ଚିତଂ ।
ସର୍ବବୁଦ୍ଧମୟ ସିଦ୍ଧିବ୍ୟାପୀନିଂ ଗଗନୋପମମ୍ ।।

ନବମ ଶତାବ୍ଦୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ (୮୧୦ ଖ୍ରୀଷ୍ଟାବ୍ଦ)ରେ ଭାରତ ଭ୍ରମଣ ସମୟରେ ପୁରୀଠାରେ ଅବସ୍ଥାନ କରି ଭୂଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ । ସେ ନିଜ ଜ୍ଞାନ ବଳରେ ପୁରୀ ପୀଠର ବୌଦ୍ଧମାନଙ୍କୁ ପରାସ୍ତ କରି ନିଜ ଧର୍ମରେ ଦୀକ୍ଷିତ କରାଇଥିଲେ । କମଳାଦେବର ପୁରୁଷୋତ୍ତମଙ୍କ ଯାତ୍ରା ସମୟରେ ମୁରାରୀ (୮୫୦ ଖ୍ରୀଷ୍ଟାବ୍ଦ)ଙ୍କ ଲିଖିତ ଅନର୍ଘ ରାଘବ ନାଟକ ପରିବେଷିତ ହୋଇଥିଲା । କୃଷ୍ଣ ମିଶ୍ର (୧୦୫୦ ଖ୍ରୀଷ୍ଟାବ୍ଦ)ଙ୍କର ପ୍ରବୋଧ ଚନ୍ଦ୍ରୋଦୟ ନାଟକରେ ପୁରୁଷୋତ୍ତମ (ଜଗନ୍ନାଥ)ଙ୍କ ମନ୍ଦିର ସଂବନ୍ଧରେ ବର୍ଣ୍ଣନା

ରହିଛି । ଓଡ଼ିଶାର ଜ୍ୟୋତିର୍ବିଜ୍ଞାନୀ ପଣ୍ଡିତ ଶତାନନ୍ଦ ତାଙ୍କ ଭାସ୍ୱତି ଏବଂ ରତ୍ନମାଳାରେ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ବୋଲି ଉଲ୍ଲେଖ କରିଛନ୍ତି । ଉତ୍କଳର ବିଶିଷ୍ଟ ନରପତି ଚୋଡ଼ଗଙ୍ଗ ଦେବ (୧୦୭୫--୧୧୪୭) ଙ୍କ ରାଜତ୍ୱ ସମୟରେ ରାମାନୁଜ ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ ଏବଂ ସେତେବେଳେ ରାମାନୁଜ ମଠ, ଅଲରନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ । ବୈଷ୍ଣବ ଧର୍ମର ବିଶିଷ୍ଟ ପ୍ରଚାରକ ବିଷ୍ଣୁସ୍ୱାମୀ, ନିମ୍ବାର୍କ, ମାଧବାଚାର୍ଯ୍ୟ, ନରହରି ତୀର୍ଥ ପ୍ରଭୃତିଙ୍କ ଦ୍ୱାଦଶ ଶତାବ୍ଦୀରେ ପୁରୁଷୋତ୍ତମ କ୍ଷେତ୍ର ପରିଭ୍ରମଣଦ୍ୱାରା ବୈଷ୍ଣବ ଧର୍ମର ଉତ୍ଥାନ ଘଟିଥିଲା ।

ଜଗନ୍ନାଥ ମନ୍ଦିରରେ ଗୀତଗୋବିନ୍ଦ ପାରାୟଣ ହୁଏ । ଏହାର ରଚୟିତା ଜୟଦେବ । ପୁରୀ ଜିଲ୍ଲାର ପ୍ରାଚୀ ନଦୀ କୂଳରେ ଥିବା କେନ୍ଦୁଲି ଗ୍ରାମର ଅଧିବାସୀ । ସେ ରାଧାକୃଷ୍ଣ ଲୀଳା ବର୍ଣ୍ଣନା କରିଥିବା ସମୟ (୧୨୨୦ ଖ୍ରୀ :)ର ଅନେକଗୁଡ଼ିଏ କୃଷ୍ଣମୂର୍ତ୍ତି ପ୍ରାଚୀନଦୀ କୂଳରେ ଦେଖିବାକୁ ମିଳେ । ଏହି ରାଧାକୃଷ୍ଣ ଲୀଳା ଜଗନ୍ନାଥ ମନ୍ଦିରରେ ଜୟଦେବ ଏବଂ ତାଙ୍କର ସୁନ୍ଦରୀ ସହଧର୍ମିଣୀ ପଦ୍ମାବତୀ ପ୍ରତିଦିନ ଗାନ କରୁଥିଲେ । ଗୀତ ଗୋବିନ୍ଦର ପ୍ରଥମ ଟୀକା 'ଭାବ ବିଭାବିନୀ ଟୀକା' ଜୟଦେବଙ୍କ ବନ୍ଧୁ ଉଦୟନ ଆଚାର୍ଯ୍ୟ (୧୨୨୦ ଖ୍ରୀ) ରଚନା କରିଛନ୍ତି । ଗଜପତି ପୁରୁଷୋତ୍ତମ ଦେବ (୧୪୬୬–୧୪୯୬ଖ୍ରୀ :) ଅଭିନବ ଗୀତଗୋବିନ୍ଦ ରଚନା କରି ଜଗନ୍ନାଥଙ୍କ ସମ୍ମୁଖରେ ଗାୟନ କରିବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ ଜଗନ୍ନାଥ ମନ୍ଦିରରେ ଥିବା ଅଭିଲେଖରୁ ଜଣାଯାଏ ଯେ, ପ୍ରତାପରୁଦ୍ର ଦେବ ପୁନଶ୍ଚ ଗୀତଗୋବିନ୍ଦ ପାରାୟଣ ପାଇଁ ଆଦେଶ ଦେଲେ । ସେହି ସମୟରେ କୃଷ୍ଣଲୀଳା ବହୁଳ ଭାବରେ ପ୍ରଚାର ଓ ପ୍ରସାର ଲାଭ କଲା । ପ୍ରତାପରୁଦ୍ର ଗଜପତିଙ୍କ ସମୟରେ କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ ଯେଉଁ ଭକ୍ତି ଭାଗବତ ମହାକାବ୍ୟ ରଚନା କରିଥିଲେ, ତାହା ଦୋଳଯାତ୍ରା ସମୟରେ ପୁରୀ ମନ୍ଦିର ପ୍ରାଙ୍ଗଣରେ ପ୍ରଦର୍ଶିତ ହୋଇଥିଲା । ତାଙ୍କ ପିତା ପୁରୁଷୋତ୍ତମ ଗଜପତି (୧୪୬୬–୧୪୯୬ ଖ୍ରୀ :) ଗୋପାଳ ପୂଜା ପଦ୍ଧତି ରଚନା କରିଥିଲେ ।

ପ୍ରତାପରୁଦ୍ର ଗଜପତିଙ୍କ ରାଜତ୍ୱ କାଳରେ ଶ୍ରୀ ଚୈତନ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ୨୪ବର୍ଷ (୧୫୦୯–୧୫୩୩ ଖ୍ରୀ :) ରହିଥିଲେ ଏବଂ ପୁରୀଧାମରେ ସେ ଇହଧାମ ତ୍ୟାଗ କରିଥିଲେ । ଶ୍ରୀ ଚୈତନ୍ୟଙ୍କ ସମୟରେ ବୈଷ୍ଣବ ଧର୍ମ, ରାଧାକୃଷ୍ଣ ଲୀଳା ଚରିତର ବହୁଳ ପ୍ରସାର ଓ ପ୍ରଚାର ହୋଇଥିଲା ।

ଏହି ସମସ୍ତ ଐତିହ୍ୟ ଓ ସଂସ୍କୃତ ସାହିତ୍ୟ ଗବେଷଣା କଲେ ଜଣାଯାଏ ଯେ ପୁରୁଷୋତ୍ତମ କ୍ଷେତ୍ରରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କୁ କବି ଓ ଭକ୍ତମାନେ ଯୁଗଯୁଗ ଧରି କୃଷ୍ଣ ରୂପରେ ପୂଜା କରି ଆସୁଛନ୍ତି । ଏଣୁ ମନ୍ଦିର ଗାତ୍ରରେ କୃଷ୍ଣ ଚରିତ ଖୋଦିତ ହେବା ଯଥାର୍ଥ । ଚୈତନ୍ୟଙ୍କ ସମସାମୟିକ ଭକ୍ତକବି ଜଗନ୍ନାଥ ଦାସଙ୍କର ଧର୍ମ ଥିଲା ରାଧା ଭାବରେ ଭଗବାନ କୃଷ୍ଣଙ୍କୁ ଆରାଧନା କରିବା । ଅତିବଡ଼ି ସଂପ୍ରଦାୟର ଗ୍ରନ୍ଥ ସମୂହ ବିଶେଷ କରି ପଦ୍ମପାଦ ସୁଧାନିଧିରେ ଏହାର ବହୁଳ ବର୍ଣ୍ଣନା ରହିଛି । ଜଗନ୍ନାଥ ଦାସଙ୍କର ଭାଗବତ ବ୍ୟତୀତ ଗୋପୀଭାଷା ଅର୍ଥ, କାଳୀୟ ଦଳନ, କୃଷ୍ଣ ଭକ୍ତି କଳ୍ପଲତା, ଶ୍ରୀ ଜଗନ୍ନାଥ ଚରିତାମୃତ ସରଣୀ ପ୍ରଭୃତି ଅନେକ କୃଷ୍ଣ ରସାମୃତ ଗ୍ରନ୍ଥ ରହିଛି, ଯାହାକି କୃଷ୍ଣଚରିତ ଅନୁସରଣରେ ରଚିତ । ଜଗନ୍ନାଥ ଦାସଙ୍କର ଭାଗବତ ଓଡ଼ିଶାରେ ଏପରି ଲୋକପ୍ରିୟ ହୋଇଥିଲା ଯେ, ବୈଷ୍ଣବ ଧର୍ମର ସନ୍ଦେଶ ପ୍ରତ୍ୟେକ ପୁରପଲ୍ଲୀରେ ପ୍ରତି-ଧ୍ୱନିତ ହୋଇ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀର ଆବିର୍ଭାବ ଘଟିଲା । ଗ୍ରାମ ଭାଗବତ ଟୁଙ୍ଗୀରେ ପ୍ରତିଦିନ ସଂଧ୍ୟାରେ ଜଗନ୍ନାଥ ଦାସଙ୍କର ଏହି ଭାଗବତ ଶ୍ରବଣ କରି ପୁରପଲ୍ଲୀର ଧର୍ମାନ୍ଧ ଜନତା ଅନୁପ୍ରାଣିତ ହେଲେ ।

କବିଗୁରୁ ଜୟଦେବଙ୍କ ଗୀତଗୋବିନ୍ଦର କାନ୍ତ କୋମଳ ସଂଗୀତ ଜଗନ୍ନାଥ ମନ୍ଦିର ସଙ୍ଗେ ସଙ୍ଗେ ପୁର-ପଲ୍ଲୀରେ ମଧ୍ୟ ଗୁଂଜରି ଉଠିଲା । ରାଧାକୃଷ୍ଣ, ଗୋପୀନାଥ, ମାଧବ, ଜଗନ୍ନାଥ ଜଣାଣ, ଭଜନ ଓ କୀର୍ତ୍ତନ ଭାଗବତ ଟୁଙ୍ଗୀମାନଙ୍କରେ ପ୍ରାତଃ ଓ ସାୟଂ କାଳରେ ବେଦ, ବେଦାନ୍ତ, ସଂହିତା, ପୁରାଣ, ଗୀତା, ଭାଗବତ, ରାମାୟଣ ଏବଂ ଅନ୍ୟାନ୍ୟ ହିନ୍ଦୁ ଗ୍ରନ୍ଥ ଭକ୍ତ, ବୈଷ୍ଣବ, ଆବାଳ ବୃଦ୍ଧବନିତା ସମସ୍ତଙ୍କ ଦ୍ୱାରା ଆଦୃତ ହେଲା । ପଲ୍ଲୀ ଅଞ୍ଚଳର ଗ୍ରାମେ ଗ୍ରାମେ ସାଂସ୍କୃତିକ ପୀଠ ରୂପେ ଭାଗବତ ଟୁଙ୍ଗୀ ଗଢ଼ି ଉଠିଲା । ସାଂସ୍କୃତିକ ପୁନରୁତ୍ଥାନ ନିମିତ୍ତ ସେହି ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁତ୍ଥାନ ଆବଶ୍ୟକ । ଗ୍ରାମର ଭାଗବତ ଟୁଙ୍ଗୀଗୁଡ଼ିକ ପୁନର୍ବାର ଗଢ଼ିଉଠି ସାଂସ୍କୃତିକ କାର୍ଯ୍ୟକ୍ରମମାନ କଲେ ସାଂସ୍କୃତିକ ବିପ୍ଲବ ସୃଷ୍ଟି ହେବ ଏବଂ ଆଧୁନିକ ଯୁଗର ବିଶୃଙ୍ଖଳାର ଅବସାନ ଘଟିବ । ଏଥିପାଇଁ ଏକ ସୁଚିନ୍ତିତ ଯୋଜନା ଆବଶ୍ୟକ । ସାଂସ୍କୃତିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ସଂସ୍କୃତି ପ୍ରେମୀ ବ୍ୟକ୍ତିଙ୍କୁ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀର ପୁନଃ ପ୍ରତିଷ୍ଠା ପାଇଁ ବିନୀତ ଆହ୍ୱାନ କରୁଛି ।

ଉପ-ନିର୍ଦ୍ଦେଶକ,
ସଂସ୍କୃତି ବିଭାଗ

# ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ

ରାଜ୍ୟ ସଂଗ୍ରହାଳୟର ତାଳପତ୍ର ପୋଥି ବିଭାଗରେ ସଂରକ୍ଷିତ ଥିବା ଓଡ଼ିଶାର ବହୁ ପ୍ରାଚୀନ କବି, ପଣ୍ଡିତମାନଙ୍କ ପ୍ରଣୀତ ଗ୍ରନ୍ଥମାନ ସଂପାଦିତ ହୋଇ ରାଜ୍ୟ କ୍ରୀଡ଼ା ଓ ସଂସ୍କୃତି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଥିବା କେତୋଟି ଉପାଦେୟ ପୁସ୍ତକ ।

| | |
|---|---|
| ଶିବଲୀଳାମୃତ ମହାକାବ୍ୟମ୍ | .. ଟ ୯.୦୦ |
| ଗଙ୍ଗବଂଶାନୁଚରିତମ ଚମ୍ପୂ | .. ଟ ୧୪.୦୦ |
| ଅଦ୍ଭୁତ ସାଗର | .. ଟ ୧୧.୦୦ |
| ଅଭିମନ୍ୟୁ ଗୁଚ୍ଛାବଳୀ | .. ଟ ୬୨.୦୦ |
| ରସସିନ୍ଧୁ ସୁଲକ୍ଷଣା | .. ଟ ୧୦.୦୦ |
| ଓଡ଼ିଆ ଭଜନ (ପ୍ରଥମ, ଦ୍ୱିତୀୟ, ତୃତୀୟ ଖଣ୍ଡ) | ଟ ୨୬.୭୫ |
| ସୀତା ବିଳାସ | .. ଟ ୧୧ ୦୦ |
| ଅଭିନବ ଗୀତଗୋବିନ୍ଦ | .. ଟ ୧୧.୦୦ |
| ସାରଳା ମହାଭାରତ | .. ଟ ୬୭.୮୫ |
| ରୁକ୍ମିଣୀ ପରିଣୟ ମହାକାବ୍ୟମ୍ | .. ଟ ୬.୦୦ |
| ବୈଦେହୀଶ ବିଳାସ | .. ଟ ୧୨.୦୦ |
| ଅର୍ଥ ଗୋବିନ୍ଦ | .. ଟ ୮.୫୦ |
| ସ୍ୱଚିତ୍ର ରାମାୟଣ | .. ଟ ୯.୩୦ |

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବହୁ ଉପାଦେୟ ପୁସ୍ତକ ପ୍ରତ୍ୟେକ ଜିଲ୍ଲା ପାଠାଗାରମାନଙ୍କରେ, ରାଜ୍ୟ ସଂଗ୍ରହାଳୟ ବିକ୍ରୟ କେନ୍ଦ୍ର, ସୂଚନା ଭବନ ବିକ୍ରୟ କେନ୍ଦ୍ର, ଭୁବନେଶ୍ୱରରେ ବିକ୍ରୟ ପାଇଁ ରକ୍ଷିତ ଅଛି । ...କ ସଙ୍ଗେ ଟ ୨୦୦ କିମ୍ବା ବା ତଦୂର୍ଦ୍ଧ ମୂଲ୍ୟର ବହି କ୍ରୟ କଲେ ଶତକଡ଼ା ୨୦ ଭାଗ ଓ ଟ ୫୦୦୦ କାରୁ ଅଧିକ କ୍ରୟ କଲେ ଶତକଡ଼ା ୨୫ ଭାଗ ରିହାତି ଦେବାର ବ୍ୟବସ୍ଥା ଅଛି ।

ନିର୍ଦ୍ଦେଶକ
ପର୍ଯ୍ୟଟନ, କ୍ରୀଡ଼ା ଏବଂ ସଂସ୍କୃତି

# ଖାଉଟି ଦ୍ରବ୍ୟ ବଣ୍ଟନରେ ଯୋଗାଣ ନିଗମ

ଶ୍ରୀ ଜି. ଭି. ଏଲ୍. ଏନ୍. ମୂର୍ତ୍ତି

ଦୈନନ୍ଦିନ ଜୀବନରେ ପ୍ରତ୍ୟୁଷରେ ଶଯ୍ୟା ତ୍ୟାଗ କରିବାଠାରୁ ରାତ୍ରରେ ପୁନରାୟ ଶଯ୍ୟା ଗ୍ରହଣ କରିବା ପର୍ଯ୍ୟନ୍ତ ଆମ୍ଭମାନଙ୍କ ଜୀବନ-ଧାରଣ ନିମନ୍ତେ ଖାଦ୍ୟ ପଦାର୍ଥ, ପୋଷାକ ପରିଚ୍ଛେଦ ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ଚାଉଳ, ଗହମ ଓ ଗହମଜାତ ଦ୍ରବ୍ୟ, ଚିନି, ଲୁଗା, ଖାଇବା ତେଲ, ଜାଳେଣୀ ତେଲ, ଦିଆସିଲି, ଲଗାଇବା ଏବଂ ଲୁଗା ସଫା ସାବୁନ ପ୍ରଭୃତିକୁ ଅତ୍ୟାବଶ୍ୟକ ଖାଉଟି ଦ୍ରବ୍ୟ ବୋଲି ଆମ୍ଭେ କହିଥାଉ । ଖୋଲା ବଜାରରେ ଏ ସବୁର ଅଭାବ କିମ୍ବା ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା କୃତ୍ରିମ ଅଭାବ ସୃଷ୍ଟି ହେଲେ ଖାଉଟିମାନେ ନିତାନ୍ତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏଣୁ ସରକାର ନିଜେ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ଉପରୋକ୍ତ ଦ୍ରବ୍ୟ ରାଜ୍ୟ ମଧ୍ୟରୁ କିମ୍ବା ରାଜ୍ୟ ବାହାରୁ ସଂଗ୍ରହ କରି ସାଧାରଣ ବଣ୍ଟନ ପ୍ରଣାଳୀ ଜରିଆରେ ଖୋଲା ହୋଇଥିବା ଖୁଚୁରା ଦୋକାନମାନଙ୍କରେ ସୁଲଭ ମୂଲ୍ୟରେ ଖାଉଟିମାନଙ୍କୁ ଯୋଗାଇ ଦିଅନ୍ତି ।

ଗତ ୩-୯-୧୯୮୦ ତାରିଖ ଠାରୁ ରାଜ୍ୟ ସରକାର, 'ଖାଦ୍ୟ ଯୋଗାଣ ନିଗମ' ଗଠନ କରିଛନ୍ତି । ଏହି ନିଗମର ବହୁମୁଖୀ ଲକ୍ଷ ମଧ୍ୟରୁ ପ୍ରଧାନ ହେଲା ସରକାରଙ୍କ ନିର୍ଦ୍ଦେଶରେ ଓ ତାଙ୍କର ପ୍ରତିନିଧି ଭାବେ କେତେକ ଅତ୍ୟାବଶ୍ୟକ ଖାଉଟି ଦ୍ରବ୍ୟ ରାଜ୍ୟ ମଧ୍ୟରୁ ତଥା ବାହାରୁ ସଂଗ୍ରହ କରି ସାଧାରଣ ବଣ୍ଟନ ପ୍ରଣାଳୀ ଜରିଆରେ ଖାଉଟିମାନଙ୍କୁ ଯୋଗାଇଦେବା । ଚଳିତ ବର୍ଷ ରାଜ୍ୟର ଖୋଲା ବଜାରରେ ଚିନିର ଅଭାବ ପରିଲକ୍ଷିତ ହେଉଛି । ଏଣୁ ଏହି ନବଗଠିତ ନିଗମ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ଆନ୍ଧ୍ରର ଚିନି କଳମାନଙ୍କରୁ ଚିନି ସଂଗ୍ରହ କରି ଖାଦ୍ୟ ଓ ଯୋଗାଣ ବିଭାଗମାନଙ୍କୁ ଯୋଗାଇ ଦେବା ପାଇଁ ଆଶୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଗତ କିଛି ଦିନ ତଳେ ହଠାତ୍ ବଜାରରେ ଆଳୁର ଦାମ ଅସମ୍ଭବ ଭାବେ ବଢ଼ି ଯିବାରୁ ଏହି ନିଗମ ଖୋଲା ବଜାରରେ ଯୋଗାଇ ଦେବା ପାଇଁ ରାଜ୍ୟ ବାହାରୁ ୩୦ ଟନ୍ ଆଳୁ ଆମଦାନୀ କରିଥିଲେ ଓ ଏହାଫଳରେ ଆଳୁର ଦାମ ଆଶାନୁରୂପଭାବେ କମିଗଲା । ଏତଦ୍ ବ୍ୟତୀତ ଖାଇବା ତେଲର ଚାହିଦା ମେଣ୍ଟାଇବା ପାଇଁ ରାଇ ସୋରିଷ ତେଲ ମଧ୍ୟ ରାଜ୍ୟ ବାହାରୁ ଆମଦାନୀ କରି ଖାଉଟିମାନଙ୍କୁ ଯୋଗାଇ ଦେବାରେ ବ୍ୟବସ୍ଥା ଗ୍ରହଣ କରାଯାଉଛି । ରାଜ୍ୟ ଯୋଗାଣ ନିଗମ କ୍ରମେ କ୍ରମେ କେତେକ ବା ସମସ୍ତ ଅତ୍ୟାବଶ୍ୟକ ଖାଉଟି ଦ୍ରବ୍ୟ ସଂଗ୍ରହ କରି ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରିବା ଲକ୍ଷ୍ୟ ରହିଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ସଦର ମହକୁମାରେ ଏହିପରି କେତେକ ସୁଲଭ ମୂଲ୍ୟର ଦୋକାନ ନିଗମ ଦ୍ୱାରା ଖୋଲା ଯାଇଛି । ଏଥିରେ ସମସ୍ତ ଅତ୍ୟାବଶ୍ୟକ ପଦାର୍ଥ ସୁଲଭ ମୂଲ୍ୟରେ ଖାଉଟିମାନଙ୍କୁ ଯୋଗାଇ ଦିଆଯିବ । ବର୍ତ୍ତମାନ ସାରା ରାଜ୍ୟରେ ସର୍ବମୋଟ ୧୪,୮୯୦ଟି ସରକାରୀ ଖୁଚୁରା ଦୋକାନ ଜରିଆରେ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯଥା—ଚାଉଳ, ଗହମ, ଚିନି ଓ କିରାସିନି ଇତ୍ୟାଦି ଯୋଗାଇ ଦିଆଯାଉଛି । ଏତଦ୍ ବ୍ୟତୀତ ସରକାରଙ୍କର ପ୍ରଚଳିତ ନୀତି ଅନୁଯାୟୀ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ପ୍ରତ୍ୟେକ ୧,୦୦୦ ଖାଉଟିଙ୍କ ପାଇଁ ଗୋଟିଏ ଲେଖାଏଁ ଓ ଅଣ - ଆଦିବାସୀ ଅଞ୍ଚଳରେ ପ୍ରତ୍ୟେକ ୨,୦୦୦ ଖାଉଟିଙ୍କ ପାଇଁ ଗୋଟିଏ ଲେଖାଏଁ ଖୁଚୁରା ଦୋକାନ ଜରିଆରେ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣର ଲକ୍ଷ୍ୟ ରହିଛି । ଏଥିପାଇଁ ବର୍ତ୍ତମାନ କାର୍ଯ୍ୟ କରୁଥିବା ୧୪,୮୯୦ ଟି ଖୁଚୁରା ଦୋକାନ ରାଜ୍ୟର ସମସ୍ତ ଖାଉଟିମାନଙ୍କର ଚାହିଦା ମେଣ୍ଟାଇବା ସମ୍ଭବ ନ ହେଲେ ନିଗମ ଆବଶ୍ୟକ ହେଉଥିବା ସ୍ଥାନରେ ଖୁଚୁରା ଦୋକାନ ମଧ୍ୟ ଖୋଲିବାର ଲକ୍ଷ୍ୟ ରହିଛି । ରାଜ୍ୟରେ ବ୍ଲକ ସ୍ତର ପର୍ଯ୍ୟନ୍ତ ଏପରିକି ଗମନାଗମନ ସୁବିଧା ନ ଥିବା ଗାଁ-ଗହଳିର ଖାଉଟିମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ନିଗମଦ୍ୱାରା ଆବଶ୍ୟକୀୟ ଖୁଚୁରା ଦୋକାନ ଖୋଲିବାର ବ୍ୟବସ୍ଥା ରହିଛି । ଏଥିପାଇଁ ନିଗମ ଆବଶ୍ୟକୀୟ ଗୋଦାମ ଓ ପରିବହନ ବ୍ୟବସ୍ଥା ମଧ୍ୟ କରୁଛନ୍ତି । ନିଗମ ଜିଲ୍ଲା ସବ୍‌ଡିଭିଜନର ତଥା ବ୍ଲକର ସଦର ମହକୁମାରେ ଗୋଦାମ ବ୍ୟବସ୍ଥା କରି ସେହିଠାରୁ ସମସ୍ତ ସହର ଓ ମଫସଲର ଖୁଚୁରା ଦୋକାନମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯୋଗାଣର ବ୍ୟବସ୍ଥା କରୁଛନ୍ତି । ସ୍ଥଳ ବିଶେଷରେ ଯେଉଁଠାରେ ସରକାରଙ୍କର ନିଜର ଗୋଦାମ ନାହିଁ ସେଠାରେ ଷ୍ଟେଟ ଓ୍ୱାର ହାଉସ୍ କରପୋରେସନର ଗୋଦାମରେ ଜିନିଷ ପତ୍ର ଗଚ୍ଛିତ କରାଯିବ ଓ ଘରୋଇ

ଗୋଦାମ ମଧ୍ୟ ଭଡ଼ାରେ ନିଆଯିବ । ଅବଶ୍ୟ ଏ ସମସ୍ତ କାର୍ଯ୍ୟ ପର୍ଯ୍ୟାୟ କ୍ରମେ ନିଗମ କରିବାର ବନ୍ଦୋବସ୍ତ କରୁଛି । ଏ ସବୁ ସୁସ୍ଥରୂପେ ଚାଲିଲେ ଖାଉଟିମାନେ ସେମାନଙ୍କର ସୁବିଧା ମୁତାବକ ଅତ୍ୟାବଶ୍ୟକୀୟ ଜିନିଷ ପତ୍ର ସୁଲଭ ମୂଲ୍ୟରେ ଏବଂ ସେମାନଙ୍କର ଅତି ନିକଟରେ ଅବସ୍ଥିତ ଖୁଚୁରା ବିକ୍ରୟ କେନ୍ଦ୍ରରୁ ପାଇ ପାରିବା ସଂଗେ ସଂଗେ ଖୋଲା ବଜାରରେ ଜିନିଷ ପତ୍ରର ଅଭାବ କିମ୍ବା ଅସାଧୁ ବ୍ୟବସାୟୀଙ୍କ ସୃଷ୍ଟ କୃତ୍ରିମ ଅଭାବ ତଥା ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

୧-୧୧-୧୯୮୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଚଳିତ ଫସଲି ବର୍ଷରେ ରାଜ୍ୟରେ ସାଧାରଣ ବଣ୍ଟନ ପ୍ରଣାଳୀର ସୁବିଧା ମେଣ୍ଟାଇବା ପାଇଁ ଏହି ନିଗମ ରାଜ୍ୟ ସରକାରଙ୍କର ପ୍ରତିନିଧି ଭାବରେ ଧାନ, ଚାଉଳ ସଂଗ୍ରହ କରିବା ପାଇଁ ନିଯୁକ୍ତି ପାଇଛି । ଏହାଫଳରେ ଏହି ନିଗମ ଋଣ ସହ ବିକ୍ରି ବଟାରେ ସଂଯୋଗ ଯୋଜନାକୁ କାର୍ଯ୍ୟ କରି ପାରିବେ । ରାଜ୍ୟରେ ଦରିଦ୍ର ଚାଷୀମାନେ ସମବାୟ ବ୍ୟାଙ୍କରୁ ଋଣ ନେଇ ଫସଲ ଅମଳ ପରେ ସେହି ଫସଲକୁ ବଜାରରେ ବିକ୍ରୀ କରି ଋଣ ପରିଶୋଧ କରି ଥାଆନ୍ତି । ଚାଷୀମାନେ ବ୍ୟାଙ୍କର ଅଧିକ ସୁଧକୁ ଏଡ଼ାଇବା ପାଇଁ ସେମାନଙ୍କର ଅମଳ ଧାନକୁ କମ୍ ଦାମରେ ବିକ୍ରି କରି ବ୍ୟାଙ୍କରେ ଋଣ ପରିଶୋଧ କରି ଥାଆନ୍ତି । ଏଥିପାଇଁ ନିଗମ ସେହି ସବୁ ଚାଷୀଙ୍କ ଠାରୁ ସରକାରଙ୍କର ଧାର୍ଯ୍ୟ ଦାମରେ ଧାନ ସବୁ କିଣି ନେବେ । ଏହା ଫଳରେ ଚାଷୀମାନେ ସେମାନଙ୍କର ବହୁ ଶ୍ରମ ନିୟୋଜିତ ଫସଲକୁ ଉଚିତ ଦାମରେ ବିକି ଦୁଇ ପଇସା ପାଇ ପାରିବେ । ଏହିଭଳି ଭାବରେ ସଂଗୃହୀତ ଧାନକୁ ନିଗମ ସମବାୟ ଚାଉଳ କଳରେ କୁଟାଇ ସୁଲଭ ମୂଲ୍ୟରେ ଖୁଚୁରା ଦୋକାନ ମାଧ୍ୟମରେ ଖାଉଟିମାନଙ୍କୁ ଯୋଗାଇଦେବେ । ଏହା ଦ୍ୱାରା ସମବାୟ ଚାଉଳ କଳଗୁଡ଼ିକ ମଧ୍ୟ ଉପକୃତ ହେବେ । ନିଗମ ମୁଖ୍ୟତଃ ଆଞ୍ଚଳିକ ସମବାୟ ବାଣିଜ୍ୟିକ ସମିତି ବା ରିଜିଓନାଲ କୋ-ଅପରେଟିଭ୍ ମାର୍କେଟିଂ ସୋସାଇଟିଦ୍ୱାରା ଧାନ, ଚାଉଳ ସଂଗ୍ରହ କରିବେ । ଏହାଫଳରେ ରାଜ୍ୟର ସମସ୍ତ ସେବା ସମବାୟ ସମିତି-ଗୁଡ଼ିକ ଏହି ଧାନ, ଚାଉଳ ସଂଗ୍ରହ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ସଂଗେ ସଂଗେ ମଫସଲର ସମସ୍ତ ଦରିଦ୍ର ଓ ନାମ ମାତ୍ର ଚାଷୀମାନେ ସେମାନଙ୍କର ଉତ୍ପାଦିତ ଫସଲକୁ ନିଜ ଦ୍ୱାରରେ ବସି ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ବିକ୍ରୀ କରି ପାରିବେ । ଏହାଦ୍ୱାରା ସାଧାରଣ ବଣ୍ଟନ ପ୍ରଣାଳୀ ଜରିଆରେ ଖାଉଟିମାନେ ସୁଲଭ ମୂଲ୍ୟରେ ଚାଉଳ କିଣି ସେମାନଙ୍କର ସୁବିଧା ମେଣ୍ଟାଇ ପାରିବେ

ମ୍ୟାନେଜିଂ ଡାଇରେକ୍ଟର
ଓଡ଼ିଶା ରାଜ୍ୟ ଯୋଗାଣ ନିଗମ,
ଭୁବନେଶ୍ୱର

---

**ଜାଣନ୍ତି କି ?**

* କୋରାପୁଟ ଓ ଦାମନଜୋଡ଼ି ଠାରେ ୧,୪୦୦ କୋଟି ଟଙ୍କା ବ୍ୟୟ ସମ୍ବଳିତ ଆଲୁମିନିୟମ କାରଖାନା ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ପାଇଁ ୩୬ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।
* ପାରାଦ୍ୱୀପ ଠାରେ ୨,୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ବନ୍ଦର - ଭିତ୍ତିକ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି ।
* ଭଦ୍ରକ ଓ କେନ୍ଦୁଝର ଠାରେ ୬୦ କୋଟି ଟଙ୍କା ବ୍ୟୟରେ ୨ଟି ଫେରୋକ୍ରୋମ୍ କାରଖାନା ପ୍ରତିଷ୍ଠା ।
* ପାରାଦ୍ୱୀପ ଠାରେ ୩୨୦ କୋଟି ଟଙ୍କା ବ୍ୟୟରେ ଗୋଟିଏ ଫସ୍‌ଫେଟିକ୍ କାରଖାନା ସ୍ଥାପନର ନିଶ୍ଚିତ ସମ୍ଭାବନା ।
* ପାରାଦ୍ୱୀପ ବନ୍ଦରରେ ଗୋଟିଏ ତୈଳ ଭଣ୍ଡାର ପ୍ରତିଷ୍ଠା କରାଯିବ ।
* ଅଧିକ ପ୍ରୋତ୍ସାହନ ବ୍ୟବସ୍ଥା ସମ୍ବଳିତ ନୂତନ ଶିଳ୍ପ ନୀତିର ଘୋଷଣା ।

# ଜାଗ୍ରତ ପ୍ରହରୀ ଗୃହରକ୍ଷୀ

ଶ୍ରୀ ଏସ୍. ଏସ୍. ପାଢୀ

"ହିନ୍ଦି-ଚୀନା-ଭାଇ-ଭାଇ" ଧ୍ୱନିରେ ଯେତେବେଳେ ଭାରତର ଗଗନ ପବନ ମୁଖରିତ ହେଉଥିଲା ଠିକ୍ ସେତିକିବେଳେ ଚୀନାମାନେ ଅତର୍କିତ ଭାବରେ ଭାରତ ଉପରେ ଆକ୍ରମଣ କରିଦେଲେ । ଭାରତ ପଞ୍ଚଶୀଳ ନୀତିରେ ଅଟଳ ବିଶ୍ୱାସ ରଖି ଥିବାରୁ ଅଯଥା ଅର୍ଥ ଅପବ୍ୟୟ ନକରି ଉନ୍ନୟନ ମୂଳକ ଯୋଜନାରେ ଆଗେଇ ଚାଲିଥିଲା । ତେଣୁ ବହିଃଆକ୍ରମଣବେଳେ ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ଭାରତର ଶାସକଗଣ ବିଶେଷ ଧ୍ୟାନ ଦେଇନଥିଲେ । କିନ୍ତୁ ୧୯୬୨ ମସିହାରେ ଭାରତ ଉପରେ ଚୀନର ଆକ୍ରମଣ ଭାରତୀୟ ଶାସକମାନଙ୍କର ଆଖି ଖୋଲିଦେଲା । ଯୁଦ୍ଧ ସମୟରେ ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା କରିବାବେଳେ ପୁଲିସକୁ ସାହାଯ୍ୟ କରିବା ପାଇଁ ଗୃହରକ୍ଷୀ ସଂସ୍ଥାର ସୃଷ୍ଟି ହେଲା । ଏହା ଏକ ସ୍ୱେଚ୍ଛାସେବୀ ସଂସ୍ଥା । ଏହି ସଂସ୍ଥା ନିମ୍ନ କର୍ତ୍ତବ୍ୟମାନ ପାଳନ କରିଥାଆନ୍ତି—

୧ । ନିରାପତ୍ତା ରକ୍ଷା ଦିଗରେ ପୁଲିସକୁ ସାହାଯ୍ୟ କରନ୍ତି ।

୨ । ମେଳା ଓ ଉତ୍ସବମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହନ ନିୟନ୍ତ୍ରଣ, ଦିନରେ ଓ ରାତିରେ ପେଟ୍ରୋଲିଙ୍ଗ୍ କରିବା ଇତ୍ୟାଦି କାର୍ଯ୍ୟରେ ଗୃହରକ୍ଷୀମାନଙ୍କୁ ମୁତୟନ କରାଯାଇଥାଏ ।

୩ । ବନ୍ୟା, ମଡ଼କ, ମହାମାରୀ, ଭୂମିକମ୍ପ, ଉଡ଼ାଜାହାଜ ଆକ୍ରମଣ ପରି ସଙ୍କଟଜନକ ପରିସ୍ଥିତିମାନଙ୍କରେ କାମ କରନ୍ତି ।

୪ । ଏହି ବାହିନୀରେ ଡାକ୍ତର, ଇଞ୍ଜିନିୟର, ନର୍ସିଂ, ପାୱାର ହାଉସ୍ ଚଳେଇବା ପ୍ରଭୃତି ବିଶେଷଜ୍ଞମାନଙ୍କର ଛୋଟ ଛୋଟ ସଙ୍ଗଠନ ଥାଏ । ଦରକାର ହେଲେ ସେମାନଙ୍କୁ ଏହି କାମମାନଙ୍କରେ ମୁତୟନ କରାଯାଇଥାଏ ।

୫ । ସାମ୍ପ୍ରଦାୟିକ ସଦ୍ଭାବ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସୁରକ୍ଷା ନିମନ୍ତେ ଏମାନେ ବ୍ୟବହୃତ ହୁଅନ୍ତି ।

ବର୍ତ୍ତମାନ ଭାରତର ଗୃହରକ୍ଷୀଙ୍କ ସଂଖ୍ୟା ୫,୧୩,୬୮୩ । ତନ୍ମଧ୍ୟରୁ ଓଡ଼ିଶାରେ ୧୪,୮୭୫ ଗୃହରକ୍ଷୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୪,୧୭୯ ପୁରୁଷ ଓ ୬୯୬ ଜଣ ମହିଳା । ପୁନଶ୍ଚ ଏହି ଗୃହରକ୍ଷୀମାନେ ଦୁଇ ଭାଗରେ ବିଭକ୍ତ । ସହରାଞ୍ଚଳ ଗୃହରକ୍ଷୀ ଓ ଗ୍ରାମାଞ୍ଚଳ ଗୃହରକ୍ଷୀ । ଓଡ଼ିଶାର ୩୨୫ଟି ଥାନାରେ ଏହି ଗୃହରକ୍ଷୀମାନେ ମୁତୟନ ହୋଇଛନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗୃହରକ୍ଷୀଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା—

| କ୍ରମିକ ସଂଖ୍ୟା | ପୁଲିସ ଜିଲ୍ଲାର ନାମ | | ଗୃହରକ୍ଷୀଙ୍କ ସଂଖ୍ୟା: ସହରାଞ୍ଚଳ | | ଗ୍ରାମାଞ୍ଚଳ | | ମୋଟ ସଂଖ୍ୟା |
|---|---|---|---|---|---|---|---|
| | | | ପୁରୁଷ | ମହିଳା | ପୁରୁଷ | ମହିଳା | |
| (୧) | (୨) | | (୩) | (୪) | (୫) | (୬) | (୭) |
| ୧ | କଟକ | .. | ୮୮୫ | ୭୦ | ୧,୧୯୦ | – | ୨,୧୪୫ |
| ୨ | ପୁରୀ | .. | ୫୩୦ | ୩୫ | ୫୧୪ | ୧୧ | ୧,୦୯୦ |
| ୩ | ବାଲେଶ୍ୱର | .. | ୫୦୪ | ୪୬ | ୫୪୩ | – | ୧,୦୯୩ |
| ୪ | ଭୁବନେଶ୍ୱର | .. | ୨୫୦ | ୩୫ | ୧୭୫ | .. | ୪୬୦ |
| ୫ | ମୟୂରଭଞ୍ଜ | .. | ୨୮୫ | ୩୫ | ୭୬୨ | .. | ୧,୦୮୨ |
| ୬ | ଗଞ୍ଜାମ | .. | ୫୪୫ | ୮୨ | ୯୩୫ | .. | ୧,୫୬୨ |
| ୭ | କୋରାପୁଟ | .. | ୩୯୫ | ୭୦ | ୭୦୬ | .. | ୧,୧୭୧ |
| ୮ | ଫୁଲବାଣୀ | .. | ୧୮୭ | ୨୩ | ୨୫୦ | .. | ୪୬୦ |
| ୯ | କଳାହାଣ୍ଡି | .. | ୩୫୫ | ୩୫ | ୨୫୫ | .. | ୬୪୫ |
| ୧୦ | କେନ୍ଦୁଝର | .. | ୨୮୫ | ୩୫ | ୨୪୦ | .. | ୫୬୦ |
| ୧୧ | ସୁନ୍ଦରଗଡ଼ | .. | ୩୫୭ | ୬୮ | ୩୯୦ | .. | ୮୧୫ |
| ୧୨ | ରାଉରକେଲା | .. | ୨୯୫ | ୩୫ | .. | – | ୩୩୦ |
| ୧୩ | ଢେଙ୍କାନାଳ | .. | ୨୮୨ | ୩୫ | ୫୨୨ | .. | ୮୩୯ |
| ୧୪ | ସମ୍ବଲପୁର | .. | ୯୯୪ | ୪୬ | ୫୨୬ | .. | ୧,୫୬୬ |
| ୧୫ | ବଲାଙ୍ଗୀର | .. | ୭୫୦ | ୩୫ | ୨୭୨ | .. | ୧,୦୫୭ |
| | | .. | ୬,୮୯୯ | ୬୮୫ | ୭,୨୮୦ | ୧୧ | ୧୪,୮୭୫ |

ପ୍ରତ୍ୟେକ ଜିଲ୍ଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ପଦ ପ୍ରଯୁକ୍ତ ଗୃହରକ୍ଷୀ ସେନାନୀ ( Ex Officio Commandant Home guard) କୁହାଯାଏ । ଗୃହରକ୍ଷୀ ମାନଙ୍କର ମୁକ୍ତିର ଓ ଶୃଙ୍ଖଳାଗତ ଶାନ୍ତିବିଧାନ ସେମାନଙ୍କ (Commdt. H. G.) ଦାୟିତ୍ୱ । ଗୃହରକ୍ଷୀ ବାହିନୀର କାର୍ଯ୍ୟ ତଦାରଖ କରିବା ଓ ତାଲିମ ଦେବାପାଇଁ ପ୍ରତି ଜିଲ୍ଲା ମହକୁମାରେ ଜଣେ ଡି.ଏସ୍.ପି.-ଆସିଷ୍ଟାଣ୍ଟ, ଜଣେ ଇନିସ୍ପେକ୍ଟର, ଜଣେ ସର୍ଜେଣ୍ଟଙ୍କ ଛଡ଼ା ନିର୍ଦ୍ଦିଷ୍ଟ ସଂଖ୍ୟକ ହାବିଲଦାର, କିରାଣି, ବଗେଷ୍ଟର, ପୁକାରୀ ଓ ପାଣିବାଲା ପ୍ରଭୃତି ନିଯୁକ୍ତି ପାଇଛନ୍ତି । ରାଜ୍ୟ ସ୍ତରରେ ଜଣେ ଆଇ. ଜି. ଏହି ସଂସ୍ଥାର ପରିଚାଳନା ଦାୟିତ୍ୱରେ ଅଛନ୍ତି । ତାଙ୍କୁ କମାଣ୍ଡାଣ୍ଟ ଜେନେରାଲ ହୋମଗାର୍ଡ କୁହାଯାଏ । ଏହି ବାବଦରେ ହାରାହାରି ୬୦ ଲକ୍ଷ ଟଙ୍କା ଓଡ଼ିଶା ସରକାର ଖର୍ଚ୍ଚ କରନ୍ତି । ଏହି ଖର୍ଚ୍ଚର ଅଧା ଭାରତ ସରକାର ବହନ କରନ୍ତି । ଗୃହରକ୍ଷୀ ବାହିନୀରେ ୧୮ ବର୍ଷରୁ ୫୦ ବର୍ଷ ବୟସ ମଧ୍ୟରେ ଯେକୌଣସି ବ୍ୟକ୍ତି ଆବଶ୍ୟକୀୟ ଯୋଗ୍ୟତା ଥିଲେ ଯୋଗ ଦେଇ ପାରିବେ । ସେ ସରକାରୀ ଓ ବେସରକାରୀ ଚାକିରୀ କରିଥିଲେ ମଧ୍ୟ ଏହି ସଂସ୍ଥାରେ ଯୋଗ ଦେବା ପାଇଁ କୌଣସି ମନା ନାହିଁ । ନିର୍ଦ୍ଦିଷ୍ଟ ଫର୍ମରେ କମାଣ୍ଡାଣ୍ଟ ହୋମଗାର୍ଡଙ୍କ ପାଖକୁ ପ୍ରାର୍ଥୀ ଦରଖାସ୍ତ କଲାପରେ ସେମାନଙ୍କର ଉଚ୍ଚତା ପ୍ରଭୃତି ମାପଚୁପ କରି ଉପଯୁକ୍ତ କ୍ଷେତ୍ରରେ ନିଯୁକ୍ତି ଦିଆଯାଏ । ଏହି ସଂସ୍ଥାକୁ ୩ବର୍ଷ କାର୍ଯ୍ୟକାଳ ପରେ ଗୃହରକ୍ଷୀମାନଙ୍କୁ ବାହାର କରି ( Discharge ) ସେମାନଙ୍କ ମଧ୍ୟରୁ ଉପଯୁକ୍ତ ବ୍ୟକ୍ତିଙ୍କୁ ପୁନଃନିଯୁକ୍ତି ମଧ୍ୟ ଦିଆଯାଇ ପାରେ ।

ନିଯୁକ୍ତି ପରେ ଗୃହରକ୍ଷୀମାନଙ୍କୁ ଖିଆପିଆ ଭତ୍ତା ସହିତ ଦଶ ସପ୍ତାହ ମୂଳ ତାଲିମ ଶିକ୍ଷା ( Basic Training ) ଦିଆଯାଏ । ତାଲିମ ପରେ ସେମାନଙ୍କୁ ଦରକାର ସମୟରେ କର୍ତ୍ତବ୍ୟରେ ମୁତୟନ କରାଯାଏ । ସେହି ସମୟରେ ସେମାନଙ୍କୁ ପୋଷାକ ଦିଆଯାଏ । ଏହିପରି ବର୍ଷକ ପରେ ଦ୍ୱିତୀୟ ବର୍ଷରେ ସପ୍ତାହକୁ ଦିନେ ୮ଘଣ୍ଟାରେ ମୁତୟନ ପାଇଁ ସେମାନଙ୍କୁ ଦୈନିକ ଆଠ ଟଙ୍କା ହିସାବରେ ଭତ୍ତା ଦିଆଯାଏ । ତୃତୀୟ ବର୍ଷ ସେମାନଙ୍କ ମଧ୍ୟରୁ ପୁଣି ସେମାନଙ୍କୁ ୫୨ ଦିନ ରିଫ୍ରେସର କୋର୍ସ ( Refresher Course ) ଟ୍ରେନିଙ୍ଗ ଦିଆଯାଏ । ତାଲିମପ୍ରାପ୍ତ ଅଭିଜ୍ଞ ଗୃହରକ୍ଷୀମାନଙ୍କୁ ଏକ-ତୃତୀୟାଂଶ ଲୋକଙ୍କୁ ଅଧିକା ୨୫ ଦିନ ( Advance Course ) ଟ୍ରେନିଙ୍ଗ ଦିଆଯାଏ । ପରୀକ୍ଷା କରାଇ ସେମାନଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ କମ୍ପାନୀ କମାଣ୍ଡର, ପ୍ଲାଟୁନ କମାଣ୍ଡର, ସେକ୍ସନ ଲିଡ଼ର ଓ ଆସିଷ୍ଟାଣ୍ଟ ସେକ୍ସନ ଲିଡ଼ର ହିସାବରେ ନିଯୁକ୍ତି ଦିଆଯାଏ । ସେମାନଙ୍କ ମଧ୍ୟରୁ ଯେଉଁମାନେ କମ୍ପାନୀ କିମ୍ବା ପ୍ଲାଟୁନ କମାଣ୍ଡର ରୂପେ ବଛା ହୋଇଥାନ୍ତି ସେମାନଙ୍କୁ ଓ. ଏମ୍. ପି. ବାଟାଲିୟନରେ ଯଥାକ୍ରମେ ୩୦ ଦିନ ଓ ୨୧ ଦିନ ନେତୃତ୍ୱ ( Leadership ) ଟ୍ରେନିଙ୍ଗ କରିବାକୁ ପଡ଼େ । ଯେଉଁମାନେ ସେକ ସନ ଲିଡ଼ରମାନଙ୍କୁ ଜିଲ୍ଲା ମହକୁମାରେ ୨୧ ଦିନ ଲିଡ଼ରସିପ୍ ଟ୍ରେନିଙ୍ଗ କରିବାକୁ ପଡ଼େ । ଏହା ବ୍ୟତୀତ କେନ୍ଦ୍ରର ଉଚ୍ଚପଦ ଟ୍ରେନିଙ୍ଗ ସ୍କୁଲ, ସିଭିଲ ଡିଫେନସ୍ କଲେଜ, ଇନ୍ଦୋର, ନାଗପୁର ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ଟ୍ରେନିଙ୍ଗ ସେଣ୍ଟର, ନିମଚରେ ସ୍ୱତନ୍ତ୍ର ଶିକ୍ଷା ( Specialised Training ) ଦେବାର ମଧ୍ୟ ବ୍ୟବସ୍ଥା ଅଛି । ଏହି ଟ୍ରେନିଙ୍ଗ ସମୟରେ ସେମାନେ ସ୍ୱତନ୍ତ୍ର ଭତ୍ତା ପାଆନ୍ତି । ସେମାନେ ବନ୍ଧୁକ ଚାଳନା, ବିନା ଅସ୍ତ୍ରରେ ଲଢ଼ିବା, ଶାରୀରିକ ଶିକ୍ଷା, ନିଆଁ ଲିଭେଇବା ପ୍ରଭୃତି ବିଷୟ ଟ୍ରେନିଙ୍ଗ ପାଆନ୍ତି ।

ଗୃହରକ୍ଷୀ ସଂସ୍ଥାର ଗଠନ ପ୍ରଣାଳୀ ନିମ୍ନଲିଖିତ ଅନୁସାରେ କରାଯାଇଥାଏ ।

୧ । ୧୧ ଜଣ ଗୃହରକ୍ଷୀଙ୍କୁ ନେଇ ଗୋଟିଏ ସେକ୍ସନ୍ ଗଢ଼ାଯାଏ । ଏହି ସେକ୍ସନରେ ଜଣେ ସେକ୍ସନ୍ ଲିଡ଼ର ଓ ଜଣେ ଆସିଷ୍ଟାଣ୍ଟ ସେକ୍ସନ୍ ଲିଡ଼ର ଥାଆନ୍ତି ।

୨ । ତିନୋଟି ସେକସନକୁ ନେଇ ଗୋଟିଏ ପ୍ଲାଟୁନ ଗଢ଼ାଯାଏ । ଏହି ପ୍ଲାଟୁନରେ ଅଧିକ ଜଣେ ପ୍ଲାଟୁନ୍ ସର୍ଜେଣ୍ଟ ଓ ଜଣେ ପ୍ଲାଟୁନ୍ କମାଣ୍ଡର ଥାଆନ୍ତି ।

୩ । ତିନୋଟି ପ୍ଲାଟୁନରେ ଗୋଟିଏ କମ୍ପାନୀ ଗଠିତ ହୁଏ । ତିନୋଟି ପ୍ଲାଟୁନ୍ ବ୍ୟତୀତ କମ୍ପାନୀରେ ଅଧିକା ଜଣେ କମ୍ପାନୀ କମାଣ୍ଡର ଜଣେ ସେକେଣ୍ଡ-ଇନ୍ କମାଣ୍ଡ, ଜଣେ ହାବିଲଦାର ମେଜର, ଜଣେ କ୍ୱାର୍ଟର ମାଷ୍ଟର ହାବିଲଦାର, କିରାଣି ଓ ଜଣେ ଭଗର ଥାଆନ୍ତି । ଗୋଟିଏ କମ୍ପାନୀରେ ସର୍ବମୋଟ ୧୧୦ ଜଣ ଗୃହରକ୍ଷୀ ଥାଆନ୍ତି।

ଦେଶର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଗୃହରକ୍ଷୀ ବାହିନୀ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସ୍ଥାପନର ଏକ ଅପରିହାର୍ଯ୍ୟ ସଂସ୍ଥା ରୂପେ ପରିଗଣିତ ହୋଇପାରିଛି । ଅସାଧାରଣ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ପାଇଁ ସେମାନେ ଜନ ସାଧାରଣଙ୍କର ପ୍ରଶଂସା ଭାଜନ ହୋଇ ପାରିଛନ୍ତି । ଏମାନେ ମେଳା ଓ ଉତ୍ସବମାନଙ୍କରେ ବିନା ଦ୍ୱିଧାରେ ଦିନ ଦିନ ଧରି କାମ କରନ୍ତି । ବହୁ ଚୋରି ଓ ଡକାୟତି ସମୟରେ ଅପରାଧୀଙ୍କୁ ଏବଂ ଚୋରା କାରବାର କରୁଥିବା ବ୍ୟବସାୟୀଙ୍କୁ ଧରିଛନ୍ତି । ଚୋରି ଜିନିଷ ମଧ୍ୟ ଉଦ୍ଧାର କରିଛନ୍ତି । ନିଆଁ ଲିଭାଇବାରେ, ବନ୍ୟା ପ୍ରପୀଡ଼ିତ ଅଞ୍ଚଳମାନଙ୍କରେ ସାହାଯ୍ୟ ଯୋଗାଇ ଦେବାରେ ସେମାନଙ୍କ ଭୂମିକା ଉଲ୍ଲେଖଯୋଗ୍ୟ । ଜନସାଧାରଣଙ୍କର ହିତ ସାଧନ ପାଇଁ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ସେମାନେ ଆର୍ଥିକ ପୁରସ୍କାର ପାଆନ୍ତି । ବିଶେଷ ସାହସିକତା ପାଇଁ ରାଷ୍ଟ୍ରପତି ପଦକ ମଧ୍ୟ ମିଳେ । ଓଡ଼ିଶାରେ ଗୃହରକ୍ଷୀ ବାହିନୀ ଗଠିତ ହେବା ଦିନୁ କୌଣସି ଗୃହରକ୍ଷୀ ଏହି ପଦକ ଲାଭ କରି ନଥିଲେ । କିନ୍ତୁ ୧୯୮୦ ଜନଗଣତନ୍ତ୍ର ଦିବସରେ ବଡ଼ଚଣା ଥାନାର ବଉରି ଗ୍ରାମର ଗୃହରକ୍ଷୀ ଶ୍ରୀ ସପୁର ଖୁଣ୍ଟିଆ ଅପୂର୍ବ ସାହସିକତା ପାଇଁ ଏହି ଗୌରବ ଅର୍ଜନ କରିବାରେ ପ୍ରଥମ ଓଡ଼ିଆ । ତାଙ୍କପରେ ଗତ ୧୯୮୦ ସ୍ୱାଧୀନତା ଦିବସରେ ସୋନପୁରର ଗୃହରକ୍ଷୀ ଶ୍ରୀ କୃଷ୍ଣଚନ୍ଦ୍ର ସେଠୀ ଏହି ପଦକ ପାଇବା ପାଇଁ ଘୋଷଣା କରାଯାଇଥିଲା । ସେ ଆସନ୍ତା ୧୯୮୧ ଜନଗଣତନ୍ତ୍ର ଦିବସରେ ଉକ୍ତ ପଦକ ଗ୍ରହଣ କରିବେ । ବିପଦ ଆପଦ ସମୟରେ ଜନସାଧାରଣଙ୍କର ପ୍ରକୃତ ବନ୍ଧୁ ଭାବରେ କାର୍ଯ୍ୟ କରି ଆସୁଥିବାରୁ ଗୃହରକ୍ଷୀମାନେ ଆମ ଦେଶର ତଥା ଜାତିର ଗର୍ବ ଓ ଗୌରବ ।

ପୁଲିସ ଆଇ. ଜି. (ଗୃହରକ୍ଷୀ ବାହିନୀ)
କଟକ, ଓଡ଼ିଶା

# ଓଡ଼ିଶାର ଶିଳ୍ପବିକାଶ କ୍ଷେତ୍ରରେ

# "ସ୍ପଞ୍ଜ ଲୁହା କାରଖାନା"

ଅଧ୍ୟାପକ ସୂର୍ଯ୍ୟମଣି ବେହେରା

ପ୍ରାକୃତିକ ସଂପଦଭରା ଓଡ଼ିଶା ଶିଳ୍ପ ବିକାଶ କ୍ଷେତ୍ରରେ, ଅନ୍ୟାନ୍ୟ ରାଜ୍ୟ ତୁଳନାରେ ପଛରେ ରହିଛି। ସେଇଥିପାଇଁ ଏହି ରାଜ୍ୟରେ ଦ୍ରୁତ ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାର ଶିଳ୍ପୋଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବାଭଳି ଆବଶ୍ୟକ ପଦକ୍ଷେପମାନ ନେଉଛନ୍ତି । ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି, ଜଳ ଓ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଯେପରି ସେମାନେ ଅସୁବିଧା ଭୋଗ ନ କରିବେ ସେଥିପାଇଁ ମାତ୍ର ଏକୋଇଶ ଦିନ ମଧ୍ୟରେ ଯେପରି ସମସ୍ତ ସୁବିଧା ସୁଯୋଗ ସେମାନେ ପାଇ ପାରିବେ, ତାର ଯଥାବିଧି ନିର୍ଦ୍ଦେଶ, ବିଭିନ୍ନ ଜିଲ୍ଲା ଶିଳ୍ପ କେନ୍ଦ୍ରମାନଙ୍କୁ ଦିଆଯାଇଛି । ପୁନଶ୍ଚ ସମଗ୍ର ରାଜ୍ୟକୁ ପନ୍ଦର ଗୋଟି ଅଞ୍ଚଳରେ ବିଭକ୍ତ କରି ପ୍ରତ୍ୟେକ ଅଞ୍ଚଳରେ ଗୋଟିଏ କରି ଶିଳ୍ପ ଅଭିବୃଦ୍ଧି କେନ୍ଦ୍ର ( Industry Growth Centre ) ଖୋଲି ସେହି ଅଞ୍ଚଳମାନଙ୍କରେ ଯେପରି ବିଭିନ୍ନ କଳ କାରଖାନା ସ୍ଥାପିତ ହୋଇ ପାରିବ, ତାର ସୁଯୋଗ ନେବାପାଇଁ ଆଗ୍ରହୀ ଶିଳ୍ପୋଦ୍ୟୋଗୀମାନଙ୍କୁ ଏକ ନୈତିକ ଆହ୍ୱାନ ଦିଆଯାଇଛି ।

ଏ ଧରଣର ଶିଳ୍ପ ନୀତି ବାସ୍ତବିକ୍ ସ୍ୱାଗତଯୋଗ୍ୟ । ବଡ଼ ଆନନ୍ଦର କଥା, ଓଡ଼ିଶା ଯେତେବେଳେ ଲୌହ ପଥରରେ ପୂର୍ଣ୍ଣ, ସେତେବେଳେ ରାଉରକେଲା ଇସ୍ପାତ କାରଖାନା ବ୍ୟତୀତ ଆହୁରି ଗୋଟିଏ ଇସ୍ପାତ କାରଖାନା ସ୍ଥାପନ କରିବାର ଉଦ୍ୟମ ଏ ରାଜ୍ୟରେ ଚାଲିଛି । ତଥାପି ଏକ ଆନୁସଙ୍ଗିକ "ବନ୍ଦର ଭିତ୍ତିକ ଇସ୍ପାତ କାରଖାନା" ପାରାଦୀପଠାରେ ପ୍ରତିଷ୍ଠା ହେବାର ଉଜ୍ଜ୍ୱଳ ସମ୍ଭାବନା ଦେଖାଦେଲାଣି । ଆଉ ଏକ ସୁ-ଖବର ଯେ କେନ୍ଦୁଝର ଜିଲ୍ଲାର ଟାଙ୍ଗରାନୀ ( Tangarani ) ଠାରେ ଏକ "ସ୍ପଞ୍ଜ ଲୁହା କାରଖାନା" ପ୍ରତିଷ୍ଠା ହେବାକୁ ଯାଉଛି । ଏହାର ଏକ ପର୍ଯ୍ୟାଲୋଚନା ଉକ୍ତ ପ୍ରବନ୍ଧଟିର ମୁଖ୍ୟ ଉଦ୍ଦେଶ୍ୟ ।

## ସ୍ପଞ୍ଜ ଲୁହା କଣ ?

ସ୍ପଞ୍ଜ ଲୁହା, ଲୌହ ପିଣ୍ଡ ( Iron ore ) ରୁହିଁ ପ୍ରସ୍ତୁତ କରା ହୋଇଥାଏ । ମୁଖ୍ୟତଃ ଲୌହ ପିଣ୍ଡକୁ ନ ତରଳାଇ ତହିଁରେ ଲୁକ୍କାୟିତ ଥିବା ଅମ୍ଳଜାନ ଅଂଶକୁ କାଢି ନେଲେ ସ୍ପଞ୍ଜ ଲୁହା ତିଆରି ହୋଇଯାଏ । ଏହା ଦେଖିବାକୁ ମୁଣ୍ଡା ମୁଣ୍ଡା ଏବଂ ଗୋଲିଆ ଆକୃତିର ।

ଓଡ଼ିଶାରେ ସାଧାରଣତଃ ହେମାଟାଇଟ୍ ( Haematite ) ଓ ମ୍ୟାଗ୍ନେଟାଇଟ୍ ( Magnetite ) ଲୌହ ପିଣ୍ଡ ପ୍ରଚୁର ପରିମାଣରେ ସଂଗୃହୀତ ହୋଇଥାଏ । ସୁତରାଂ ଉପରୋକ୍ତ ଲୌହପିଣ୍ଡରୁ "ସ୍ପଞ୍ଜ ଲୁହା" ପ୍ରସ୍ତୁତ ହେବାର ଯୋଜନା କରାଯାଇଛି ।

ଏହାର ବ୍ୟବହାର ବର୍ତ୍ତମାନପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଦେଖାଦେଇଛି । ଯଥା—ଉଚ୍ଚତାପ ବିଦ୍ୟୁତ୍ ଚୁଲ୍ଲୀରେ ସ୍ପଞ୍ଜ ଲୁହାର ବ୍ୟବହାର ସର୍ବଜନ ବିଦିତ । ସେହିପରି ଶିଳ୍ପକ୍ଷେତ୍ରରେ ବ୍ୟବହୃତ ଯେକୌଣସି ଚୁଲ୍ଲୀ ( Industrial Furnaces ) ପାଇଁ ଏହା ନିଶ୍ଚିତ ଭାବରେ ଲୋଡ଼ା ଯାଇଥାଏ ।

ଉନ୍ନତ ଧରଣର ଇସ୍ପାତ ତିଆରି ପାଇଁ ମଧ୍ୟ ଏହା ବ୍ୟବହୃତ ହୋଇଥାଏ । ଏଠାରେ ଏକ ଉଲ୍ଲେଖନୀୟ ବିଷୟ ହେଉଛି, ଯେଉଁଠାରେ ସ୍କ୍ରେପ୍ ଇସ୍ପାତ) ( Steel Scrap) ବ୍ୟବହୃତ ହୁଏ । ସେଠାରେ ତା' ବଦଳରେ ସ୍ପଞ୍ଜ ଲୁହା ବ୍ୟବହାର କରା ଯାଇପାରିବ । ସୁତରାଂ, ସେ ଧରଣର ଷ୍ଟିଲର ଦାମ୍ ତୁଳନାରେ ସ୍ପଞ୍ଜ ଲୁହାର ଦାମ୍ ଖୁବ୍ କମ୍ ପଡୁଥିବାରୁ, ବର୍ତ୍ତମାନ ଏହାକୁ ବିଦେଶରୁ ଆମଦାନୀ କରାଯାଇ ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ କରାଯାଉଅଛି । ଏହି ପରିପ୍ରେକ୍ଷୀରେ "ଓଡ଼ିଶାରେ ସ୍ପଞ୍ଜ ଲୁହା କାରଖାନା ସ୍ଥାପନ" ଏକ ଗର୍ବ ଓ ଗୌରବର ବିଷୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି କାରଖାନାରୁ ସ୍ପଞ୍ଜ ଲୁହା ଉତ୍ପାଦିତ ହେଲେ ତାହା ଦେଶର ଚାହିଦା ପୂରଣ କରିବା ସଙ୍ଗେ ସଙ୍ଗେ ଅନେକ ପରିମାଣର ବୈଦେଶିକ ମୁଦ୍ରା ମଧ୍ୟ ସଞ୍ଚୟ କରା ଯାଇପାରିବ ।

## ସ୍ପଞ୍ଜ ଲୁହା କାରଖାନା ପ୍ରତିଷ୍ଠାର ମୂଳକଥା

୧୯୭୧ ମସିହାର କଥା । ଏହି ମସିହାରେ ଓଡ଼ିଶାର ଶିଳ୍ପ ଉଦ୍ୟୋଗ ସଂସ୍ଥା ( Industrial Development Corporation of Orissa, Limited ) ଓ ଭାରତର ଟରଷ୍ଟିଲଗବେଷଣା ପ୍ରତିଷ୍ଠାନ ( Torsteel Research Foundation of India ) ଉଭୟଙ୍କର ମିଳିତ ଉଦ୍ୟମରେ ଏକ ସ୍ପଞ୍ଜ ଲୁହା କାରଖାନା ଏ ରାଜ୍ୟରେ

ପ୍ରତିଷ୍ଠା କରିବାକୁ ମନସ୍ଥ କଲେ । କିନ୍ତୁ ଏହାର ପ୍ରସ୍ତୁତ ପ୍ରଣାଳୀ ତଥା ଅନ୍ୟାନ୍ୟ ବୈଜ୍ଞାନିକ କୌଶଳମାନ ସହଜରେ ମିଳିଲା ନାହିଁ । ମାତ୍ର ୧୯୭୩ ମସିହାରେ "ଇପିକଲ ସଂସ୍ଥା" ସ୍ଥାପିତ ହେବା ପରେ ୧୯୭୪ ମସିହାରେ ସ୍ପଞ୍ଜ ଲୁହା କାରଖାନା ପ୍ରତିଷ୍ଠା କରିବାର ଆୟୋଜନ ଆରମ୍ଭ ହେଲା । ପ୍ରାରମ୍ଭିକ ପ୍ରସ୍ତୁତି, ବୈଜ୍ଞାନିକ କୌଶଳ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଆୟୋଜନ ହୋଇସାରି ୧୯୭୯ ମସିହାର ଜୁନ୍‌ମାସ ୨୮ ତାରିଖରେ ବିଧିବଦ୍ଧ ଲାଇସେନ୍‌ସ ଦେଇ ସେହି ସଂସ୍ଥା କାରଖାନା ସ୍ଥାପନ କରିବାର ସମସ୍ତ ଆୟୋଜନ ଆରମ୍ଭ କଲେ । ଏ ସମସ୍ତ କ୍ଷେତ୍ରରେ ଲକ୍ସ-ଜେମ୍‌ବର୍ଗ ( Luxembourg ) ର ଟର-ଇଷ୍ଟିକ୍ ଷ୍ଟିଲ କର୍ପୋରେସନ ତଥା ଭାରତର "ମେକନ ସଂସ୍ଥା" ( MECON—Metallurgical and Engineering Consultants (India) Limited ) ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ କରିଥିଲେ । ଯାହାହେଉ, ବାର୍ଷିକ ଏକଲକ୍ଷ ପଞ୍ଚଷଠୀ ହଜାର ମେଟ୍ରିକ ଟନ ସ୍ପଞ୍ଜ ଲୁହା ଉତ୍ପାଦନ ଲକ୍ଷ୍ୟ ରଖି କେନ୍ଦୁଝର ଜିଲ୍ଲାର ଟାଙ୍ଗରାନୀ ଠାରେ ଏହି କାରଖାନା ସ୍ଥାପନ କରିବାର ଆୟୋଜନ ଚାଲିଲା । ସେଠାରେ ପ୍ରଚୁର ପରିମାଣରେ ଲୌହପିଣ୍ଡ ସଂଗୃହୀତ ହୋଇପାରୁଥିବା ଦୃଷ୍ଟିରୁ ସେ ସ୍ଥାନଟି ଅତ୍ୟନ୍ତ ଉପଯୁକ୍ତ ବୋଲି ସର୍ଭେ ରିପୋର୍ଟରୁ ଜଣା ପଡ଼ିଥିଲା । ପୁନଶ୍ଚ ଏହି ଜିଲ୍ଲାଟି ଶିଳ୍ପ ଅନୁନ୍ନତ ଜିଲ୍ଲା ହୋଇଥିବା ଦୃଷ୍ଟିରୁ କେନ୍ଦ୍ରସରକାରଙ୍କ-ଠାରୁ ଅଧିକ ସାହାଯ୍ୟ ମିଳିବାର ସୁବିଧା ଥିବାଦୃଷ୍ଟିରୁ ସେହି ଜିଲ୍ଲାରେ ଅବସ୍ଥିତ ଟାଙ୍ଗରାନୀ ସ୍ଥାନଟିକୁ ସ୍ପଞ୍ଜ ଲୁହା କାରଖାନା ସ୍ଥାପନ ନିମନ୍ତେ ନିରୂପଣ କରାଗଲା ।

ହିସାବରୁ ଜଣାଯାଉଛି ଯେ ସଂପ୍ରତି ଆମ ଭାରତରେ ସ୍ପଞ୍ଜ ଲୁହାର ଚାହିଦା ବାର୍ଷିକ ପ୍ରାୟ ତିନିଲକ୍ଷ ଟନ । ବର୍ତ୍ତମାନ ଏଥିପାଇଁ ଆମକୁ ବିଦେଶୀ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଛି । ସେଥିପାଇଁ ବିପୁଳ ପରିମାଣର ବୈଦେଶିକ ମୁଦ୍ରା ମଧ୍ୟ ଖର୍ଚ୍ଚ ହୋଇଯାଉଛି । ସୁତରାଂ, ଏହି କାରଖାନାଟି ଯେତେ ଶୀଘ୍ର ସ୍ଥାପିତ ହେବ, ତାହା ଦେଶ ପକ୍ଷରେ ମଙ୍ଗଳ ।

ବିନ୍ଧ୍ୟ ପେଲ୍ଲେ
ରସାୟନ ବିଦ୍ୟା ବିଭାଗ
ବାଣୀ ବିହାର, ଭୁବନେଶ୍ୱର—୭୫୧୦୦୪



## ରାଜ୍ୟରେ ରବିଫସଲ ଓ ତୈଳବୀଜ ଉତ୍ପାଦନ ବୃଦ୍ଧି-ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ରାଜ୍ୟର କୃଷି କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରଯାଇଥିଲା । ଏହି ବୈଠକରେ ରବି ଫସଲ ଓ ତୈଳବୀଜ ଉତ୍ପାଦନ ବୃଦ୍ଧି ଦିଗରେ ଗୁରୁତ୍ୱ ଆରୋପ କରଯାଇଥିଲା ।

ରାଜ୍ୟ ତଥା ଦେଶର ତୈଳବୀଜ ଉତ୍ପାଦନ ଯଥେଷ୍ଟ ହେଉ ନ ଥିବାରୁ ଅତଃ ଆମ ରାଜ୍ୟର ଚାହିଦା ଅନୁଯାୟୀ ଏହାର ବୃଦ୍ଧି ନିମନ୍ତେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଏ ସଂପର୍କରେ ଜରୁରୀ ଭିତ୍ତିରେ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ସୋରିଷ ଏବଂ ଚିନାବାଦାମ ଚାଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ତୈଳବୀଜ ଉତ୍ପାଦନ ବୃଦ୍ଧି ସଙ୍ଗେ ସଙ୍ଗେ ପେଡ଼ିବା ପାଇଁ ତେଲକଳର ଆବଶ୍ୟକତା ଦୃଷ୍ଟିରୁ କେତେକ ତେଲକଳ ସ୍ଥାପନ କରାଯିବ । ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଖାଦ୍ୟ ଓ ଯୋଗାଣ ବିଭାଗ ତତ୍ତ୍ୱାବଧାନରେ ଏକ-କାର୍ଯ୍ୟକାରୀ କମିଟି ଗଠନ କରାଯିବାପାଇଁ ଏହି ବୈଠକରେ ନିଷ୍ପତ୍ତି କରାଗଲା ।

ରାଜ୍ୟରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ ୮ ଗୋଟି ସୂତାକଳ ବସିବାର କାର୍ଯ୍ୟକ୍ରମ ଥିବା ଦୃଷ୍ଟିରୁ ବହୁତ କପା ଚାଷର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ବୈଠକରେ ସୂଚାଇଥିଲେ । ଏହାଛଡ଼ା ଆଖୁ ଉତ୍ପାଦନ ବୃଦ୍ଧି କରି ଚିନିର ଚାହିଦା ମେଂଟାଇବା ଦିଗରେ ପଦକ୍ଷେପ ନିଆଯିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ପୁରୀ ଓ କଟକ ଜିଲ୍ଲାରେ ଗୋଟିଏ ଲେଖାଏଁ ଆଖୁପେଡ଼ା କଳ ସ୍ଥାପନ କରିବା ପାଇଁ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ କୃଷିମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, କୃଷି ଉତ୍ପାଦନ କମିଶନର, କୃଷି ବିଭାଗ ଶାସନ ସଚିବ ସମସ୍ତ ପଦସ୍ଥ ଅଫିସରମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

# ଅତି ଗରିବ ପରିବାରଙ୍କ
# ଅର୍ଥନୈତିକ ଉତ୍ଥାନ ପାଇଁ ପଶୁପାଳନ କାର୍ଯ୍ୟକ୍ରମ

ଆମ ରାଜ୍ୟର ଅଧିକାଂଶ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି ଓ କୃଷି ଉପରେ ନିର୍ଭର କରି ଚଳି ଆସୁଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ କ୍ଷୁଦ୍ର ଚାଷୀ, ନାମ ମାତ୍ର ଚାଷୀ ଓ କୃଷି ଶ୍ରମିକ ଶ୍ରେଣୀ ଭୁକ୍ତ । କୃଷିହିଁ ଏମାନଙ୍କର ଏକମାତ୍ର ଜୀବିକା ହୋଇଥିବାରୁ ଏବଂ ରାଜ୍ୟରେ ସୀମିତ ଜଳ ସେଚନର ସୁବିଧା ଥିବାରୁ, ଏମାନଙ୍କୁ କୃଷି ପାଇଁ ବର୍ଷାଜଳ ଉପରେ ନିର୍ଭର କରିବାକୁ ପଡ଼ି ଥାଏ । ତେଣୁ ସଂପୂର୍ଣ୍ଣ ଭାବରେ କୃଷି କାର୍ଯ୍ୟ ଉପରେ ନିର୍ଭର କରି, ଜଣେ କୃଷି ଶ୍ରମିକ, ନିଜର ତଥା ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ସମ୍ଭବ ପର ନୁହେଁ । ସାଧାରଣତଃ ଗୋଟିଏ ଅତି ଗରିବ ପରିବାର ବର୍ଷସାରା କାମ ଧନ୍ଦା ପାଇବା ସମ୍ଭବ ନୁହେଁ । କୃଷି ସମୟକୁ ବାଦ ଦେଲେ ବର୍ଷର ଅନ୍ୟ ସମୟରେ ସେମାନେ ଅଳସୁଆ ହୋଇ ବସି ରହନ୍ତି । ତଦ୍ଵାରା ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼େ । ତେଣୁ ସରକାର ଚଳିତ ବର୍ଷ ଠାରୁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ଅତି ଗରିବ ପରିବାରଙ୍କୁ ବିଭିନ୍ନ ଆନୁସାଙ୍ଗିକ ଧନ୍ଦା ଯୋଗାଇ ଦେଇ ତାରି ମାଧ୍ୟମରେ ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରି ଅଛନ୍ତି । ଏହି ଆନୁସାଙ୍ଗିକ ଧନ୍ଦାଗୁଡ଼ିକ ମଧ୍ୟରୁ ପଶୁପାଳନ ଅନ୍ୟତମ । ଏଥିପାଇଁ ଗୋପାଳନ, ଛେଳିପାଳନ, ମେଣ୍ଢାପାଳନ, ଘୁଷୁରିପାଳନ, କୁକୁଡ଼ା ଓ ବତକ ପାଳନ ପ୍ରଭୃତି ଅର୍ଥକାରୀ ଧନ୍ଦା ପ୍ରବର୍ତ୍ତନ କରାଯିବାର ସ୍ଥିର କରାଯାଇଛି ।

୧୯୮୦-୮୧ ମସିହାଠାରୁ ୧୯୮୪-୮୫ ମସିହା ସୁଦ୍ଧା ଏହି ପାଞ୍ଚ ବର୍ଷ ମଧ୍ୟରେ ୯୭,୦୦୦ ଅତି ଗରିବ ପରିବାରଙ୍କୁ ପଶୁପାଳନ ମାଧ୍ୟମରେ ଉତ୍ଥାନ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ତଦନୁସାରେ ଚଳିତ ବର୍ଷ ୧୦,୦୦୦.. ପରିବାରଙ୍କୁ ଉତ୍ଥାନ କରାଯିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏଥି ମଧ୍ୟରୁ ୫,୦୦୦ ଦୁଧିଆଳୀ ଗାଈ ପାଳନ କେନ୍ଦ୍ର, ୪,୩୦୦ ଛେଳି ପାଳନ ୟୁନିଟ୍, ୨୫୦ ଟି ଲେଖାଏଁ ମେଣ୍ଢା ପାଳନ ୟୁନିଟ୍ ଓ ଘୁଷୁରି ପାଳନ ୟୁନିଟ ଅତି ଗରିବ ପରିବାରଙ୍କୁ ଯୋଗାଇ ଦିଆଯିବ । ଏହି ଯୋଜନା ରାଜ୍ୟର ସବୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବାର ସ୍ଥିର କରାଯାଇଅଛି ।

ଯେଉଁ ପରିବାରର ବାର୍ଷିକ ଆୟ ଟ ୧,୨୦୦ ବା ତହିଁରୁ କମ୍ ଏପରି ପରିବାରଙ୍କୁ ଅତି ଗରିବ ପରିବାର ବୋଲି ଧରାଯାଇଛି । ଏହି ଶ୍ରେଣୀର ପରିବାରଙ୍କୁ ଚିହ୍ନଟ କରିବା ଦାୟିତ୍ୱ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଦିଆଯାଇଛି । ବ୍ଲକ ଉନ୍ନୟନ ଅଧିକାରୀ ଚିହ୍ନଟ କଲା ପରେ, ଏମାନଙ୍କ ଠାରୁ ଅତିରିକ୍ତ ପଶୁ ଚିକିତ୍ସକମାନେ ଋଣ ପତ୍ର ସଂଗ୍ରହ କରିବେ । ପ୍ରତି ଗାଁରୁ ଅନ୍ତତଃ ୧୦ ଗୋଟି ଅତି ଗରିବ ପରିବାରଙ୍କୁ ଚିହ୍ନଟ କରାଯାଇ, ଋଣ ପ୍ରତି ସଂଗ୍ରହ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଉଲିଖିତ ପଶୁପାଳ ଯୋଜନାଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରକାର ପଶୁପାଳନ ପାଇଁ ଚିହ୍ନଟ ଚାଷୀ, ଋଣ ପତ୍ର ପୂରଣ କରି ପାରିବେ ଏବଂ ଜାତୀୟକରଣ ବ୍ୟାଙ୍କମାନଙ୍କ ତରଫରୁ, ଋଣ ପତ୍ର ଯାଞ୍ଚ କରାଯାଇ ଋଣ ଯୋଗାଇ ଦିଆଯିବ । କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ସଂସ୍ଥା, ତ୍ରିକୋଣ ଭୂମି ଜଳସେଚିତ ଅଞ୍ଚଳ ଯୋଜନା ସଂସ୍ଥା ଆଦି ବିଶେଷ ଧରଣର ଯୋଜନାଗୁଡ଼ିକ ତରଫରୁ, ଅତି ଗରିବ ପରିବାରଙ୍କୁ ପଶୁପାଳନ ୟୁନିଟ୍ ଖୋଲିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଅର୍ଥର ଅଧେ ଅଂଶ ବା ୫୦ ରିହାତି ଯୋଗାଇ ଦିଆଯିବ । ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଋଣ ଟଙ୍କା ଉପରେ ଶତକଡା ୪ ଭାଗ ମାତ୍ର ସୁଧ ଆଦାୟ କରିବେ । ଅତି ଗରିବ ପରିବାର, ସେମାନଙ୍କର କ୍ରୟ ପଶୁକୁ ବନ୍ଧକ ସ୍ୱରୂପ ରଖିବେ ।

ଦୁଇଟି ଗାଈ ବିଶିଷ୍ଟ ଗୋଟିଏ ଗାଈ ପାଳନ ୟୁନିଟ୍ ପାଇଁ ଟ ୮.୦୦୦ (ମୂଳଧନ) ଆବଶ୍ୟକ । ସମସ୍ତ ଖର୍ଚ୍ଚ ପରେ ବର୍ଷ ଶେଷରେ ଗୋଟିଏ ଅତି ଗରିବ ପରିବାର ଟ ୩,୦୦୦ ଲାଭ ପାଇ ପାରିବ । ଏଥିପାଇଁ ଟ ୪,୦୦୦ ଋଣ ଓ ବାକୀ ଟ୪୦୦୦ ରିହାତି ଆକାରରେ ଯୋଗାଇ ଦିଆ ଯିବ । ୫ ଗୋଟି ଛେଳି ଥିବା ଗୋଟିଏ ଛେଳି ପାଳନ ୟୁନିଟ୍ ପାଇଁ ଟ ୯୦୦ ମୂଳଧନ ଖର୍ଚ୍ଚ କରି ଗୋଟିଏ ଅତି ଗରିବ ପରିବାର ସବୁ ଖର୍ଚ୍ଚ ପରେ ବର୍ଷ ଶେଷରେ ଟ ୯୦୦ ଲାଭ ପାଇ ପାରିବେ । ଏଥିରୁ ଟ ୪୫୦ଙ୍କା ଋଣ ଆକାରରେ ଓ ଟ୪୫୦ ରିହାତି ଆକାରରେ ଯୋଗାଇ ଦିଆଯିବ । ସେହିପରି ୧୦ଟି ମେଣ୍ଢା ବିଶିଷ୍ଟ ଗୋଟିଏ ମେଣ୍ଢା ପାଳନ ୟୁନିଟ୍ ପାଇଁ ଟ ୨,୦୦୦ଙ୍କା ମୂଳଧନ ଆବଶ୍ୟକ ହେଉଥିବା ସ୍ଥଳେ ଟ ୧,୦୦୦ଙ୍କା

ଋଣ ଓ ଟ୧,୦୦୦ଙ୍କା ରିହାତି ଆକାରରେ ଅତି ଗରିବ ପରିବାରଙ୍କୁ ଯୋଗାଇ ଦିଆଯିବ ଓ ସେମାନେ ବର୍ଷ ଶେଷରେ ସବୁ ଖର୍ଚ୍ଚ ବାଦ ଦେଇ ଟ୫୪୦ଙ୍କା ଟଙ୍କା ଲାଭ ପାଇ ପାରିବେ । ସେହିପରି ଗୋଟିଏ ୧୦୦ କୁକୁଡ଼ା ଥିବା କୁକୁଡ଼ା ୟୁନିଟ୍ ପାଇଁ ଟ୬,୧୦୦ଙ୍କା (ମୂଳଧନ) ଆବଶ୍ୟକ ହେଉଥିବା ସ୍ଥଳେ ସମସ୍ତ ଖର୍ଚ୍ଚ ପରେ ଟ୭୦୦ଙ୍କା ଲାଭ ମିଳିବ । କୁକୁଡ଼ା ୟୁନିଟ୍ ଖୋଲିବା ପାଇଁ ଟ ୩,୦୫୦ ଋଣ ଓ ବାକି ଟ ୩,୦୦୦ଙ୍କା ରିହାତି ଆକାରରେ ଅତି ଗରିବ ପରିବାରଙ୍କୁ ଯୋଗାଇ ଦିଆଯିବ । ଗୋଟିଏ ୨୫ଟି ବତକ ଥିବା ବତକ ପାଳନ ୟୁନିଟ୍ ପାଇଁ ଟ ୧,୭୦୦ଙ୍କା ମୂଳଧନ ମଧ୍ୟରୁ ଟ୮୫୦ଙ୍କା ଋଣ ଓ ଟ୮୫୦ଙ୍କା ରିହାତି ଆକାରରେ ଯୋଗାଇ ଦିଆଯିବ ଓ ବର୍ଷ ଶେଷରେ ଟ ୫୧୬ଙ୍କା ଲାଭ ମିଳିବ । ସେହିପରି ୩ଟି ଘୁଷୁରି ଥିବା ଗୋଟିଏ ଘୁଷୁରି ପାଳନ ୟୁନିଟ୍ ପାଇଁ ଟ ୧,୪୦୦ ଙ୍କା ମୂଳଧନ ଦରକାର । ଏଥିରୁ ଅତି ଗରିବ ପରିବାରଙ୍କୁ ଟ ୭୦୦ଙ୍କା ଋଣ ଓ ଟ ୭୦୦ଙ୍କା ରିହାତି ଆକାରରେ ଟଙ୍କା ଯୋଗାଇ ଦିଆଯିବ । ସେମାନେ ବର୍ଷ ଶେଷରେ ସମସ୍ତ ଖର୍ଚ୍ଚ ବାଦ ଦେଇ ଟ ୭୫୦ଙ୍କା ଲାଭ ପାଇ ପାରିବେ ।

ଏହି ମଧ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆରମ୍ଭ କରାଯାଇଛି । ଅତି ଗରିବ ପରିବାରଙ୍କୁ ଚିହ୍ନଟ କରାଯାଇ ଋଣ ପତ୍ର ସଂଗୃହୀତ ହୋଇ ସାରିଯାଣି । ବ୍ୟାଙ୍କମାନେ ଋଣ ଦେବା କାର୍ଯ୍ୟ ଆରମ୍ଭ କଲେଣି । ରାଜ୍ୟର କଳାହାଣ୍ଡି ପ୍ରଭୃତି କେତେକ ବ୍ଲକରେ ଗାଈ ଯୋଗା ଗଲଣି ।

ଏହି ଯୋଜନାର ସଫଳ ରୂପାୟନରେ ଅତି ଗରିବ ପରିବାରଙ୍କ ଆର୍ଥିକ ଅବସ୍ଥାର ନିଶ୍ଚିତ ଭାବେ ଉନ୍ନତି ଘଟିବ, ଏଥିରେ ସନ୍ଦେହ ନାହିଁ ।



* ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅବୈତନିକ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ ।
* ଆଦିବାସୀ ଓ ହରିଜନ ଛାତ୍ରମାନଙ୍କ ଶିକ୍ଷାବୃତ୍ତିହାର ବୃଦ୍ଧି ।
* ୧୯୮୧ ମଇ ପର୍ଯ୍ୟନ୍ତ ବନ୍ୟା ବିପନ୍ନ ଅଞ୍ଚଳର ଛାତ୍ରମାନଙ୍କୁ ଦରମା ଓ ପରୀକ୍ଷା ଫିସ୍ ଛାଡ଼ ।
* ଆଦିବାସୀ ଅଞ୍ଚଳରେ ଆବାସୀ ବିଦ୍ୟାଳୟ ଖୋଲାଯିବା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ।
* ବେସରକାରୀ ପରିଚାଳନାରେ ବିଜ୍ଞାନ କଲେଜ ଓ ମହିଳା କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ।
* ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଅଞ୍ଚଳରେ ସ୍କୁଲ ବସାଇବାପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।
* ସମସ୍ତ ଜିଲ୍ଲା ଓ କେତେକ ସବ୍‌ଡିଭିଜନ ସଦର ମହକୁମାର କଲେଜରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଉଛି ।

# ସ୍ରଷ୍ଟା ଓ ସୃଷ୍ଟି

କୁମାରୀ ଜ୍ୟୋତ୍ସ୍ନାମୟୀ ମହାନ୍ତି

ସକାଳୁ ସକାଳୁ ଏମିତି ଏକ ଅପ୍ରୀତିକର ପରିସ୍ଥିତିର ଶବ୍ଦ ତା' କାନକୁ ଶୁଭିବ ବୋଲି ଭାବିପାରିନଥିଲା ସୁରେନ୍ଦ୍ର । ସିଆଡୁ କହି କହି ସୁଶୀଳା ଆସୁଥିଲା, "ଓ, ସ୍ୱାଙ୍କରି ଏକା ପୁଅ ଅଛି । ଏଇ କେବଳ ଲୋଭ କରି ଜାଣନ୍ତି" । ସେପଟରୁ ବୋଉର ବୋଧହୁଏ କାଶ ଶୁଭୁଥିଲା ଓ ସେ ଖାଲି ଖଁ ଖଁ ହୋଇ କାଶୁଥିଲା । "କ'ଣ ବା ହେଲା । ପୁଅ ଦେହ ଭଲ ନଥିଲା ବୋଲି ଏବେ ପାଞ୍ଚଟା ଟଙ୍କାରେ ମାନସିକ ଯାଚିଥିଲି" । କ୍ଷୀଣ କଣ୍ଠରେ ପ୍ରତିବାଦ ବୋଧହୁଏ ବୋଉ କରୁଥିଲା । ତାଙ୍କ କଥାକୁ ସଂପୂର୍ଣ୍ଣ କରିବାକୁ ଦେଇ ନଥିଲା ସୁଶୀଳା ।

"କାହିଁକି–ପାଞ୍ଚଟା ଟଙ୍କା କ'ଣ ପଡ଼ିଛି ? ଡାକ୍ତରତ ପଇସା ନେଲେ ଭଲ କରିଦେଲେ । ଏଥିରେ ମାନସିକ କରିବା କ'ଣ ଦରକାର ଥିଲା । ଘରେ ବସିଛ ବୋଲି ଟଙ୍କା କେଉଁଠୁ ଆସୁଛି ଜାଣୁନା" ।

ମନେ ମନେ କ୍ଷୁବ୍ଧ ହେଉଥିଲେ ସୁମତୀ ଦେବୀ । ସତକଥା–ଟଙ୍କାଟା ଆସିବା କଥା ସେ କେମିତି ଜାଣିବେ । ଦୁଇବର୍ଷର ଘରକରଣା ଭିତରେ କେବଳ ସୁଶୀଳା ହିଁ ଯେପରି ଜାଣିଛି ।

ନାଃ......ଆଉ କିଛି କହି ଅଯଥା ପାଟିକରିବାକୁ ଉଚିତ୍ ମଣୁନଥିଲେ ସୁମତୀ ଦେବୀ । ପାଖ ଖଟରେ ବୁଦ୍ଧବିଙ୍କର ଶୋଇଯାଇଛନ୍ତି । ହେଲେ ସତରେ ଶୋଇଛନ୍ତି କି ମିଛରେ ଶୋଇଛନ୍ତି ସେଇ ଏକା ଜାଣନ୍ତି । ଜାଣି ଜାଣି ହୁଏତ ସେ ଶୋଇବାର ଛଳନା କରୁଛନ୍ତି । ରିଟାୟାର୍ଡ କରିବା ପରଠାରୁ ସେ ଯେପରି ଛାଣୁ ପାଲଟି ଯାଇଛନ୍ତି । ଯେତେ କଥାର ତୋଡ଼ ତାଙ୍କ ଉପରେ ଖେଳିଗଲେ ମଧ୍ୟ ସେ ସବୁକୁ ସମ୍ଭାଳି ନିଅନ୍ତି । କାରଣ ସେ ଯେପରି ଏକ ନିର୍ଜୀବ ପଥରଟିଏ । କେତେ ଶହ ଶହ ଟଙ୍କା ଏଇ ହାତରେ ସେ କାରବାର କରିଛନ୍ତି, କାହିଁ କେହି ଦିନେ ହେଲେ ତ କୈଫିୟତ୍ ତଲବ କରିନାହାନ୍ତି । ସୁମତୀ ଓରଫ୍ ସୁରବୋଉ ଯେପରି ମନେ ମନେ ଆହତ ହେଉଥିଲେ ।

ସୁରେନ୍ଦ୍ର ଆଉ ସୁରଭି ତାଙ୍କ ଆଖିରେ ଦୁଇଟି ମଣି ସଦୃଶ । କେତେ ଦିଅଁ, ଦେବତାଙ୍କ ପାଖରେ ଅଳି କରି ସେ ତାଙ୍କୁ ପାଇଛନ୍ତି । ଟିକିଏ ସେମାନଙ୍କର ଦେହ, ପା' କ'ଣ ହେଲେ ସେ କେତେଥର ଗାଁ ଠାକୁରାଣୀଙ୍କ ପାଖରେ ମାନସିକ କରିଛନ୍ତି, ଭୋଗ କରିଛନ୍ତି । କିନ୍ତୁ ଆଜି ସେଇ ଅଭ୍ୟାସ ନେଇ ସେ ମାନସିକ କରିଥିବାରୁ ଶାସିତ ହେଉଛନ୍ତି । ପୁଣି ଶାସନ କରୁଛି ଏହି ଅଳ୍ପ ବୟସୀ ତରୁଣୀଟି । ଦୀର୍ଘ ପଚିଶବର୍ଷର ଘରକରଣା ଭିତରେ ଯେଉଁ ଅଭିଭାବକତ୍ୱ ସୁରବୋଉ ଜାରି କରି-ନଥିଲେ ଏଇ ଅଳ୍ପଦିନ ଭିତରେ ହିଁ ଏହି ଅଳ୍ପ ବୟସୀ ତରୁଣୀଟି ହିଁ ଯେପରି କ୍ଷମତା ଜାହିର୍ କରୁଛି । ସତେ ଯେପରି ଏ ଘରର ଦୁର୍ବଳତାର ଫାଙ୍କରେ ସେ ତା' କ୍ଷମତାର ପଥର ବୋଝ ହିଁ ଲଦି ଦେଇଥିଲା ।

ମନେ ମନେ ବିଡ଼ି ବିଡ଼ି ହେଉଥିଲେ ସୁମତୀ ଦେବୀ । ସୁରେନ୍ଦ୍ରକୁ ଜନ୍ମଦେଇ ଏଡ଼େ ବଡ଼ ଏଡୁଟିଏ କରିବାର ସାର୍ଥକତା କ'ଣ ଥିଲା ଏଇ ଅଳ୍ପ ବୟସୀ ତରୁଣୀଟି ଦ୍ୱାରା ଶାସିତ ହେବା । ଆଜି ସତରେ ଯେପରି କେବଳ ସୁରେନ୍ଦ୍ର ହିଁ ସୁଶୀଳାର ହୋଇଥିଲା । ମାତ୍ର ଏତେ ଦିନ ଧରି ସେ ମା' ହେବାର ଯେଉଁ ଗୌରବ ଅର୍ଜ୍ଜନ କରିଥିଲେ, ଏ ଘରକୁ ସମ୍ଭାଳି ନେଇଥିଲେ, ତାହା କ'ଣ ଏଇ ସୁଶୀଳା କେବଳ ଛଡ଼ାଇନେଲା । ଆଉ ଆଜି ସୁରେନ୍ଦ୍ରର ଟାଇଫଏଡ୍ ଜ୍ୱର କଥା ଶୁଣି ସେ ମାନସିକ କରିଦେଇଛନ୍ତି ବୋଲି କୈଫିୟତ୍ ମାଗୁଛି ସୁଶୀଳା । ଯାହାହେଉ ଔଷଧର କରାମତି ହେଉକି, ଠାକୁରଙ୍କ ପଥର ହୃଦୟ ତାଙ୍କରି ଡାକରେ ତରଳିଯାଇଥିବାରୁ ସୁର ଦେହ ଭଲ ହୋଇ-ଗଲା । କେତେ ସାଂଘାତିକ ଜ୍ୱର ହୋଇନଥିଲା । ଡାକ୍ତରମାନେ ଏକ ପ୍ରକାର ନିରାଶାବାଣୀ ଶୁଣାଇ ଦେଇ-ଥିଲେ ।

ମନେ ହେଉଥିଲା ଶାଶୁର ଅହଂକାର ନେଇ ଗର୍ଜ୍ଜି-ଉଠିବେ ସୁମତୀ । ମାତ୍ର ଆଉ! କେହି ତ କିଛି କହୁ-ନାହାନ୍ତି । ସେ କାହିଁକି ଏ ପଙ୍ଗୁ ହୃଦୟନେଇ କିଛିଟା ଅଭିଭାବକତ୍ୱ ଜାହିର୍ କରିବେ । ନିଜକୁ ନିଜେ ସାନ୍ତ୍ୱନା ଦେଉଥିଲେ ସୁରବୋଉ ।

ହେଲେ ମା'ର ମନ ନେଇ ସହି ହେଉଛି କେତେବେ । ସୁରେନ୍ଦ୍ର ମଧ୍ୟ ଆଜିକାଲି କେମିତି ଖାପ୍‌ଛଡ଼ା ଲାଗୁଛି । ସବୁକଥାର ସେ କିଛି ବି ପ୍ରତିଉତ୍ତର ଦେବାକୁ ଚାହୁଁନାହିଁ ।

କେମିତି ଏକ ଅହେତୁକ ଅଭିମାନର ତୁଷାରଖଣ୍ଡ ସୁମତୀ ଦେବୀଙ୍କ ମନ ସମୁଦ୍ରରେ ଜମାଟ ବାନ୍ଧୁଥିଲା । ଦଶମାସ ଦଶଦିନଧରି ମା' ହେବାର ଯେଉଁ ଗୌରବ ଅର୍ଜନ କରିଥିଲେ, ତାହ ଯେପରି ସୁଶୀଳା ତା' ଦାନ୍ତୁଆ କଥାର ସ୍ୱରରେ ଚିକିଟିକି କରି କାଟି ପକାଉଥିଲା । ମନେ ପଡୁଥିଲା ଅନେକ ଦିନପରେ ପ୍ରଥମ କରି ସୁରେନ୍ଦ୍ରର ଜନ୍ମ ହୋଇଥିବାରୁ ତାଙ୍କ ଘରେ କେମିତି ଏକ ଆନନ୍ଦର ଶିହରଣ ଯେପରି ଖେଳିଯାଇଥିଲା । ଅନେକ ବନ୍ଧୁ, ବାନ୍ଧବ ଓ ଦୂର ଲୋକମାନଙ୍କର ଗହଣରେ ଖାଲି ଯେ ଘର ପୂରିଉଠିଥିଲା ତାହାନୁହେଁ, ବରଂ ତା'ର ଏକୋଇଶା ଦିନ ଏମିତି ରୋଜି ହୋଇଥିଲା ଯେ ଏମିତି କେହି ବାହାଘରେ ଦେଇପାରିବେ ନାହିଁ ବୋଲି ଗାଁ ଲୋକ କହିଥିଲେ । ଖାଲି ସେତିକି ନୁହେଁ, ସବୁ ସ୍ନେହ, ସୋହାଗ ପାଇ ସୁରେନ୍ଦ୍ର ବଡ଼ ହୋଇଛି, ତାକୁ କେବେହେଲେ ଘରର ଅଭାବ, ଅସୁବିଧା କଥା ଜଣାଇ ଦିଆଯାଇ ନାହିଁ ।

ମାତ୍ର ସେହି ସୁରେନ୍ଦ୍ର—ଯାହାକୁ ସେ ପ୍ରତିଟି ରକ୍ତ-କଣିକାର ବିନିମୟରେ ସୃଷ୍ଟିକରିଥିଲେ, ସେ କ'ଣ ସତରେ ଭୁଲିଗଲା । ଯଦି ସୁରେନ୍ଦ୍ର ତାଙ୍କ କୋଳପୂର୍ଣ୍ଣକରି ଜନ୍ମ ହୋଇ ନଥାନ୍ତା, ତାହାହେଲେ ସୁଶୀଳା କେମିତି........ "ହଠାତ୍ ନିଜ ଭାବନାରେ ଯେପରି ଚମକି ପଡ଼ିଲେ ସୁମତୀ ଦେବୀ । ଏ କ'ଣ ସେ ଭାବୁଛନ୍ତି । ଛି......ଛି ମା' ହୋଇ ତାଙ୍କ ତୁଣ୍ଡରୁ ଏ କି କଥା ବାହାରୁଛି । ନା'..........ନା'............ସୁରର କିଛି ଅମଙ୍ଗଳ ନ ହେଉ । ତାକୁ ଓ ତା' ପିଲମାନଙ୍କୁ ସୁଖରେ ରଖ ପ୍ରଭୁ" । ............ ଅଦୃଶ୍ୟ ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ ସୁମତୀ ଦେବୀ ।

ସୃଷ୍ଟି ନିକଟରେ ସ୍ରଷ୍ଟା ଚିରଦିନ ଉଦାର । ତା'ର ସବୁ ଦୋଷ, ଭୁଲ ସ୍ରଷ୍ଟା ନିକଟରେ ସବୁବେଳେ କ୍ଷମଣୀୟ ।

ନିଜର ଭାବନାକୁ ଅଧିକ ଆଗେଇବାକୁ ନ ଦେଇ ମନେ ମନେ ସ୍ଥିର କରୁଥିଲେ ସୁମତୀ ଦେବୀ । ସତକଥା ଆଜି ସିନା ସେ ମିଛରେ ଖାଲି ଗରଗର ହେଉଛନ୍ତି, ହେଲେ ସୁରବାପାଙ୍କ ଦେହେ ଯେଉଁ ଖର୍ଚ୍ଚ ବର୍ତ୍ତମାନ ଆସିବ ବୁଝିଲୁ । ଦରଦାମ୍ ତ ହୁ ହୁ କରି ବଢ଼ିଯାଉଛି । ସେଥିରେ ପୁଣି ତା'ର ପାଞ୍ଚ ପାଞ୍ଚଟା ପିଲା । ପୁଣି ଦୁଇ ଦୁଇଟା ଚାକର । ଆଜିକାଲି ଚାକରଙ୍କ ଦର ଯେମିତି, ସେଥିରେ ପୁଣି ଗାଡ଼ିଟିଏ କରିଛି । ତାହାଛଡ଼ା ଚୌଧୁରୀ ବଜାରରେ ପୁଣି ଗୋଟେ କୋଠା ତିଆରି ହେଉଛି । ଏତେ କଥା ତଳାଇ ତଳାଇ ଏ ଛୋଟକଥାଗୁଡ଼ିକ ପାଇଁ ଆଉ ପଇସା କାହିଁ ? ସବୁଦିନେ ଏ ପଗ୍, ଅଥଚ ବୁଢ଼ାବୁଢ଼ୀଙ୍କ କଥାଗୁଡ଼ାକ ଛୋଟ ହୋଇ ଯାଏ । କାରଣ ସେମାନଙ୍କ ଜୀବନ ଯେପରି ଅଦରକାରୀ ହୋଇଗଲାଣି ଏବଂ ସେହି ଦରକାରୀ ଜୀବନ ପୁରାପୁରି ଅକାମୀ, ଠିକ୍ ଯେପରି ଧାର ନଥିବା କ୍ଷୁର ପରି ।

ଏ ଘରର ରୋଜଗାରୀ କହିଲେ କେବଳ ସୁରକୁ ହିଁ ବୁଝାଏ । କାରଣ ଅନେକ ଦିନରୁ ସୁରବାପା ଶଯ୍ୟା ଧରି ଛାଡ଼ିଲେଣି । ତା' ପରଠାରୁ ଅନେକ ଅଭାବ, ଅସୁବିଧାର ନିଆଁରେ କେବଳ ସେମାନେ ସନ୍ତୁଳି ହୋଇ ହୋଇ ସେମେଟା ଧରି ଯାଇଥିଲେ । ହୁଏତ ସେହି ଅଭାବ, ଅନାଟନର ଜଞ୍ଜାଳଭରା ଭିତରେ ସେମାନଙ୍କର ଜୀବନ ସଂପୂର୍ଣ୍ଣ ଲୁପ୍ତ ହୋଇ ଯାଇଥାନ୍ତା, ମାତ୍ର ଏହି ସମୟରେ ସୁର ଶ୍ୱଶୁର ଘର ହିଁ ତାଙ୍କର ଆର୍ଥିକ ସାହାଯ୍ୟର ନୌକା ପଠାଇ ହିଁ ଯେପରି ବଞ୍ଚାଇ ଦେଇଥିଲେ । ସେଇ ସାହାଯ୍ୟପ୍ରାପ୍ତ ନୌକାର ଏକମାତ୍ର ମଙ୍ଗୁଆଳ ସୁଶୀଳା ହୋଇଥିବାରୁ ତା'ର ଏ ଘରର ସମସ୍ତଙ୍କ ପ୍ରତି ଦୟା ଭାବ । ସମସ୍ତେ ଯେମିତି ତା' ଅନୁଗ୍ରହର ପ୍ରାର୍ଥୀ । ସୁର ବୋଧହୁଏ ଏଇମିତି ଏକ ଅନୁଗ୍ରହର ଶିକାର ହୋଇ ତା' ବାପ ମା'ଙ୍କ ପ୍ରତି ତା'ର ସମସ୍ତ କର୍ତ୍ତବ୍ୟକୁ ଭୁଲି-ଯାଇଛି । ଶ୍ୱଶୁର ଘରର ଏତେ ଟଙ୍କା, କୋଠା, ମିଲ୍ ର ମାୟାଜାଲରେ ସତେ ଯେପରି ସେ ବନ୍ଦୀ । ସେଠାରୁ ତା'ର ନିଷ୍କୃତି କାହିଁ ?

କରିଡ଼ର ପାଖ ଛୋଟିଆ ରୁମ୍‌ଟିରେ ବୁଢ଼ାବୁଢ଼ୀଙ୍କର ଆବାସ ସ୍ଥାନ । ଘର ଭିତରକୁ ଯିବାକୁ କଷ୍ଟ ପଡ଼ିବ ବୋଲି ପୂଝାରୀ ଆଣି ଦୁଇଟା ଟ୍ରେରେ ହିଁ ଖାଇବା ଜିନିଷ ଦେଇଯାଏ । ବୁଝେନା ଆଉ ଖାଇବ କି, ନାହିଁ । ସକାଳୁ ବି ସେହିପରି ଜଳଖିଆ ଦେଇଯାଏ । ଯେଉଁଦିନ ଦିଏନା ସେଦିନ ସେମିତି ବୁଢ଼ାବୁଢ଼ୀ ଦୁଇଜଣ ଉପାସ ରହିଯା'ନ୍ତି । ପୁଅ, ବୋହୂଙ୍କର କେତେ ସାଙ୍ଗ, ସାଥୀ ଓ ଏତେବଡ଼ ଘରର ଏତେ କୋଠରୀ ଡେଇଁ ପୂଝାରୀକୁ କିମ୍ବା ବୋହୂକୁ ମାଗିବାକୁ ସତରେ ଭାରି ଲାଜ ଲାଗେ । କାହାକୁ କିଛି ନ କହି ସେମିତି ପଡ଼ିରହନ୍ତି ।

ବୁଢ଼ାଦିନେ ମଣିଷ ଯେତେବେଳେ ଟିକିଏ ଅବଲମ୍ବନ ଖୋଜେ ସେହି ସମୟରେ ହିଁ ଏ ଅବସ୍ଥା । ଜୀବନର ସବୁ ସ୍ୱାର୍ଥକୁ ବଳିଦେଇ ନିଜର ସୃଷ୍ଟିପାଇଁ ସ୍ରଷ୍ଟା କେତେ ବଡ଼ ତ୍ୟାଗ ସ୍ୱୀକାର କରେ । କେବଳ ମାତ୍ର ଏହି ଦରମଲା ସମୟରେ କିଛିଟା ଆଶ୍ରୟ ଆଉ ଆଶ୍ୱାସନା ପାଇଁ । ମାତ୍ର ସେତକ ମଧ୍ୟ କାହାରି ଭାଗ୍ୟରେ ଜୁଟେ କି ନାହିଁ ସନ୍ଦେହ ।

"ଥାଉ! ମୋରି ପଦାର୍ଥ ତ" ।........ମନେ ମନେ ନିଜକୁ ସାନ୍ତ୍ୱନା ଦିଅନ୍ତି ସୁମତୀ । ଏତେକଥା ପରେ ମଧ୍ୟ ସେ ତାଙ୍କର ମାନସିକ କଥା ଭୁଲିଯାଇ ନ ଥାନ୍ତି ।

ଏଥର ସୁରବାପା ଯେଉଁ କେତୋଟି ଟଙ୍କା ପେନ୍‌ସନ୍ ପାଇବେ ସେଇଥିରେ ହିଁ ମାନସିକ ପୂରଣ କରିଦେବେ । ନା'............ନା'........ମାନସିକ ଖଣ୍ଡିଆ ରଖିଲେ ସୁରର ଅମଙ୍ଗଳ ହେବ । ବୋହୂ ପଛେ ବାଗଖର୍ଚ୍ଚ କରୁଥିବ, ହେଲେ ସେ ମାଗିଦେଲେ ବୋଲି ଭାବିଲା ଯେ ନୂଆକିଛି ଆଜ ଦେଖାଇ ହିଁ ମାଗୁଛନ୍ତି । ଯେମିତି ସୁରର ସମସ୍ତ ଟଙ୍କାର ଅଧିକାରୀ କେବଳ ସେ ନିଜେ । ସତକଥା, ଏତେଗୁଡ଼ାଏ ଟଙ୍କା ଯୌତୁକ ଆଣିଛି ଯେତେବେଳେ ସେତେବେଳେ ତା' ପାଖରେ ପଇସାଟିକକର ମୂଲ୍ୟ ବି ବହୁତ ।

କେତେବେଳୁ ସୁରବାପା ଉଠି ତାଙ୍କ ନିତ୍ୟକର୍ମ ସାରି-ଲେଣି । ବୋଧହୁଏ ଭଗବତ୍‌ଗୀତାର ପୃଷ୍ଠା ଓଲଟାଉଛନ୍ତି । ସୁର ସହିତ ତାଙ୍କର କ୍ୱଚିତ୍ ଦେଖାହୁଏ । ଯାହ ହେଉ ସେ ଏକପ୍ରକାର ଭଲ ଅଛନ୍ତି । କାହାର ଉପେକ୍ଷା କିମ୍ବା ଅନାସ୍ଥା ପ୍ରତି ସେ ଖିଆଲ କରନ୍ତି ନାହିଁ । କିଛିକଥା ଶୁଣିବାକୁ କିମ୍ବା ଅନୁଭବ କରିବାକୁ ସେ ଉଚିତ୍ ମନେ କରନ୍ତି ନାହିଁ । ସକାଳୁ ସକାଳୁ ଉଠି ଆବଶ୍ୟକୀୟ ନିତ୍ୟକର୍ମ ସାରି ହିଁ ସେ କେବଳ ଭଗବତ୍‌ଗୀତାକୁ ହିଁ ଜାକୁଡ଼ି ବସନ୍ତି । ପେନ୍‌ସନ୍ ଟଙ୍କା କେତେଟାକୁ ସୁମତୀ ଦେବୀଙ୍କ ହାତକୁ ବଢ଼ାଇ ଦେଇ ସତେ ଯେପରି ସେ ମାୟାମୁକ୍ତ ହୋଇ ଯା'ନ୍ତି ।

ବିବାହର ଏତେବର୍ଷ ବିତିଯାଇଥିଲେ ମଧ୍ୟ ସୁରବାପା ଭାବନ୍ତି ସତେ ଯେପରି ସୁମତୀ ପ୍ରତି ତାଙ୍କର କର୍ତ୍ତବ୍ୟ ଯେମିତି ଅଧା ରହିଯାଇଛି । ସୁମତୀଙ୍କ ପାଇଁ ସତେ-ଯେପରି ସେ କିଛି କରିପାରିନାହାନ୍ତି । ବିବାହର ପ୍ରଥମ ବର୍ଷରେ ହିଁ ସୁମତୀଙ୍କ ଗହଣାରେ ହିଁ ସୁରର ପିଉସୀଙ୍କର ବାହାଘର ହୋଇଯାଇଥିଲା । ତଥାପି ସୁରବାପା କିଛି ଅଭିଯୋଗ କରି ନାହାନ୍ତି । ଛଳ ଛଳ ଆଖିରେ ଗହଣା-ଗୁଡ଼ିକୁ କାଢ଼ିଦେଲାବେଳେ କେବଳ ସୁରବାପାଙ୍କର ଶୁଖିଲା ମୁହଁକୁ ଅନାଇ କହିଥିଲେ, "ତୁମେ ତ ମୋର ବଡ଼ ଗହଣା"........ଭୁଲରେ କେବେ ବି ଦିନେ ମନଦୁଃଖ କରିନାହାନ୍ତି । ବରଂ ଶାଶୁ, ଶ୍ୱଶୁରଙ୍କ ପ୍ରତି ସେବା-ଦେଖାଇବାରେ କେବେ ବି ଖିଲାପ କରି ନାହାନ୍ତି । ସେଇଥିପାଇଁ ବୋଧହୁଏ ମନେ ମନେ ଦୋଷୀ ମଣନ୍ତି ସୁରବାପା । ପ୍ରଥମ ମାସର ଦରମା ଗଣ୍ଡାକ ଆଣି ତାଙ୍କୁ ଧରାଇଦେଲାବେଳେ ସେ ବୋଉଙ୍କ ଆଡ଼କୁ ହାତଠାରନ୍ତି । "ବୋଉକୁ ଦିଅ, ମୁଁ କଣ କରିବି" ?..........ସତକୁ ସତ ଶାଶୁଙ୍କୁ ଦେଲାବେଳେ କି ଖୁସି ହୋଇଯା'ନ୍ତି । ଥରଟିଏ ମାତ୍ର ଟଙ୍କାକୁ ଧରି ସେ ଫେରାଇଦିଅନ୍ତି । ଟଙ୍କାଗୁଡ଼ାକ ତା' ତାଙ୍କର କ'ଣ ଦରକାର । ହେଲେ ସେ କେବଳ ଗୋଟାଏ ଆଶ୍ୱାସନା ଅନ୍ତତଃ ଏହାକୁ ଦେଖି ତାଙ୍କର ଶାଶୁ ଅନୁଭବ କରନ୍ତୁ ଯେ ତାଙ୍କର ପୁଅ, ବୋହୂ ତାଙ୍କୁ ଦୂରେଇ ଦେଇ ନାହାନ୍ତି । କାରଣ ଏମିତି ଏକ ବୟସ ଆସେ, ଯେଉଁ ବୟସରେ ମଣିଷ ଭାବେ ତାକୁ ସମସ୍ତେ ଘୃଣା କରୁଛନ୍ତି, ତା' ପ୍ରତି କେହି ନଜର ଦେଉନାହାନ୍ତି, ତାକୁ କେହି ଭଲ ପାଉ ନାହାନ୍ତି । ତେଣୁ ସେ ଯେଉଁ ପୁଅ, ଝିଅଙ୍କ ପାଖରେ ଭଲ ପାଇବା, ସ୍ନେହ, ମମତାର ଖଣି ପକାଇଥାଏ, ସେହି ଅମାପ ଖଣି ଭିତରୁ ଟିକିଏ ମାତ୍ର ସ୍ନେହ, ସେଇଥିରେହିଁ ତା'ର ଅନ୍ତରରୁ ଝରିଆସେ କେତେ ଆଶୀର୍ବାଦ, କେତେ ଶୁଭେଚ୍ଛାର ବାର୍ତ୍ତା ।

ସତକୁ ସତ ସୁରବାପାଙ୍କ ଉପରେ ଶାଶୁଙ୍କର କେତେ ଆଶୀର୍ବାଦର ଝରଣା ଝରଝର ହୋଇ ଝରିପଡ଼େ । କେତେ ଲୋକଙ୍କ ଆଗରେ କେତେ ପ୍ରଶଂସା କରନ୍ତି । ତା'ପରେ ନାତି, ନାତୁଣୀଙ୍କର ଅଳି, ଅର୍ଦ୍ଦଳୀ ଭିତରେ ହିଁ ତାଙ୍କର ଜୀବନ କଟିଗଲା । ହସି ହସି ସେ ଚାଲିଗଲେ । ବହୁ ଆଗରୁ ଶ୍ୱଶୁର ଯାଇଥିଲେ । ତା' ପରେ ପାରିବାରିକ ଜଞ୍ଜାଳ । ପିଲମାନଙ୍କର ସ୍କୁଲ ଯିବା, କଲେଜ ଯିବା, ପାଠ ପଢ଼ିବା..........ଇତ୍ୟାଦି । ସେଇଥିପାଇଁ ସୁରବାପା ଅନେକ ଥର ନିଜକୁ ଦୋଷୀ ମଣନ୍ତି । ତାଙ୍କର ଧାରଣା ସତେ ଯେପରି ସୁମତୀ ପ୍ରତି ସେ କିଛି ବି କର୍ତ୍ତବ୍ୟ କରି-ନାହାନ୍ତି । କିନ୍ତୁ ଆଜି ସୁରକୁ ଦେଖିଲେ ମନେହୁଏନା ବିଗତ ତିରିଶ ବର୍ଷତଳେ ତାକୁ ଜନ୍ମ ଦେଇଥିଲେ ବୋଲି । ସୁର କେମିତି କେଜାଣି ତାଙ୍କୁ କଉଛଡ଼ା ଦେଲାପରି ଲାଗେ । କଦବା ଏ ଯଦି ଆଗରେ ପଡ଼ିଯାଏ ତେବେ କେମିତି ଗୋଟିଏ ଦୋଷୀ ଦୋଷୀ ଭାବ ।

ଯେଉଁଦିନ ସୁରର କଲେଜ ପରୀକ୍ଷାଫିସ୍ ଦେବାକୁ ଟଙ୍କା ନଥିଲା ସେଦିନ ହସି ହସି ନିଜର କାନଫୁଲକୁ ବିକିବାକୁ ଦେଇ ଦେଇଥିଲେ । "ଥାଉ ସୁମତୀ ! କିଛି ତ ତୁମକୁ କରିଦେଇ ନାହିଁ, ତୁମ ବାପାଙ୍କ ଘରର ସନ୍ତକ ତୁମର ଗର୍ବ ସେତକ ହେଲେ ଥାଉ"..........ସୁରବାପାଙ୍କ କଥାକୁ ଅଧାରଖି କହି ଉଠିଥିଲେ ସୁମତୀ, "ଓ ଥାଉ...... ଥାଉ........ । କେବଳ ଏଇ ସାମାନ୍ୟ ଗହଣାକୁ ନେଇ ଗର୍ବ କରିବି । ସୁର ଆଉ ତୁମେ କ'ଣ ମୋର ଗର୍ବ ନୁହଁ । ମୋ ପୁଅ ଯଦି ପାଠ ପଢ଼ି ବଡ଼ ହେବ, ସେଇଟା କ'ଣ ମୋର ଗର୍ବ ନୁହେଁ" । ........ସୁର ବଡ଼ ହେଲା । ହେଲେ ସେ ଭୁଲ କରିଥିଲେ । ବଡ଼ ଚାକିରି କଲେ ପୁଅ ବଡ଼ ହେବ ବୋଲି ବିଶ୍ୱସିଥିଲେ । କିନ୍ତୁ ସତରେ ସୁର ଯଦି ବଡ଼ ହୋଇଥାଆନ୍ତା, ତାଙ୍କୁ କ'ଣ ଏପରି ଦୂରେଇ ଦେଇ ଥା'ନ୍ତା ? ସାମାନ୍ୟ ଆର୍ଥିକ ଦୁରବସ୍ଥାକୁ ସୁଧାରିବା-ପାଇଁ ଯେଉଁ ଧନୀକ ମଶାଲଧାରୀମାନଙ୍କର ଶୋଭାଯାତ୍ରା ଆରମ୍ଭ ହୋଇଥିଲା ସେଇନିଆଁକୁ ଯେପରି ସେ ସୁରର ଉଚ୍ଚଡିଗ୍ରୀ ଓ ବ୍ୟକ୍ତିତ୍ୱକୁ ଅତି ନିଷ୍ଠୁର ଭାବରେ ଫୋପାଡ଼ି ଦେଇଥିଲେ । ତେଣୁ ସେ ପାଉଁଶ ଗଦାଭିତରୁ ପୂର୍ବର ସୁରକୁ ଖୋଜି ପାଇବେ ବା କେମିତି ? ସବୁ ତାଙ୍କରି ହିଁ ଭୁଲ, ତାଙ୍କରି ହିଁ ଦୋଷ । ତେଣୁ ସେଇ ତାତିଥିଲା ନିଆଁର ଉତାପରେ ସେ ଜଳିବେ ନାହିଁତ ଆଉ ଜଳିବ କିଏ । ମନେ ମନେ ନିଜକୁ ଧିକ୍କାର କରୁଥିଲେ ସୁମତୀ ।

"କେଜେ ! କେଜେ !........" ହଠାତ୍ ସୁମତୀ ଦେବୀଙ୍କର ଭାବନା ଅଟକି ଗଲା । ଡ଼ାକି ଡ଼ାକି ପଶି-ଆସୁଥିଲା ସୁରର ଅବିକଳ ଶିଶୁ ପ୍ରତିମୂର୍ତ୍ତି । ବାପା, ମା'ଙ୍କର ବାହାରକୁ ଯିବାର ସୁଯୋଗ ନେଇ ହିଁ ସେ ବୋଧହୁଏ ପଶିଆସିଛି । ନାତିଟିକୁ ଦେଖିଲେ ଆପେ ଆପେ କୋଳ କରିବାକୁ ହାତ ତାଙ୍କର ଉଠିଯାଏ । ସତେ ଯେପରି ଅନେକ ଦିନର ସିଡ଼ିଦେଇ ସେ ପୂର୍ବଦିନର ଚଟାଣ ଉପରେ ଛିଡ଼ା ହୋଇ ଭାବନ୍ତି ଯେ ତାଙ୍କରି ଅତି ଆଦରର ସୁରକୁ ହିଁ ସେ ଯେପରି ଗେଲ କରୁଛନ୍ତି । ମନଭିତରେ ଆସ୍ଥାନ ଜମାଇବା ଅନେକ ଦିନର ସ୍ନେହ, ମମତାଗୁଡ଼ିକ ଯେପରି ସୁରପୁଅର ସ୍ପର୍ଶରେ ହଠାତ୍ ଅଜାଡ଼ି ହୋଇପଡ଼େ । ସବୁ ରାଗ, ଅଭିମାନଗୁଡ଼ାକ କୁଆଡ଼େ କେଜାଣି ଉଭାନ ହୋଇଯା'ନ୍ତି ।

ଅନେକ ବେଳୁ ବୋଧହୁଏ ସୁରବାପା ଗାଧୋଇସାରି 'ଗୀତା' ଧରି ବସିଗଲେଣି । ପାଖରେ ଅତି ଧୀର

ଭାବରେ ବସି ପଢ଼ିଯାଏ ବଡ଼ ନାତି । ସୁର ବି ପିଉବେଳେ ଏମିତି ଧାର ସ୍ଥିର ଥିଲା । "କେଳେ ! ତୁମେ ଟିକିଏ ବଡ଼ପାଟିରେ ପଢ଼ ନେଳେ । ମୋତେ ଟିକିଏ ବୁଝାଇ ଦିଅ । ନାତିର କଥା ରକ୍ଷା କରି ବଡ଼ ପାଟିରେ ଆବୃତ୍ତି କରି ବସିଲେ ସୁରବାପା............

"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ଧ୍ରୁବଂ ଜନ୍ମ ମୃତସ୍ୟ ଚ
ତସ୍ମାଦ ପରିହାର୍ଯ୍ୟେଽର୍ଥେ, ନତ୍ୱଂ ଶୋଚିତୁ ମହର୍ଷି" ।

ନାତିକୁ କୋଳକୁ ଟେକିନେଇ ବୁଝାଇ ବସିଲେ, "ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ଏ ଜଗତରେ କେହି ଅମର ନୁହନ୍ତି । .........." କଥାକୁ ଅଧିକ ଆଗେଇବାକୁ ନ ଦେଇ ହଠାତ୍ କହିଉଠିଲା...........

"କେଳେ ! ତୁମେ ବି କ'ଣ ମରିବ । ଆଉ ମଧ୍ୟ.........." । ସୁମତୀ ଦେବୀଙ୍କର ଅନେକ ଚିନ୍ତାରେ ଗଣ୍ଠିପଡ଼ିଯାଇଥିବା ଅବୁଝା ସୂତାଟା ହଠାତ୍ ନାତିର କଥାରେ ଯେପରି ଫିଟିଗଲା । ସବୁକୁ ଭୁଲିଯାଇ ନାତିକୁ କୋଳ କସ୍ତି କସ୍ତି କହି ଉଠିଲେ, "ହଁ ରେ ଟୋକା । ଆମେ ସମସ୍ତେ ମରିବୁ"............ ।

"ବାପା, ବୋଉ ମଧ୍ୟ..........." ଗେପ୍ ଅଲକ୍ଷଣା । ସେ କଥା ତୁଣ୍ଡରେ ଧରନ୍ତି ।

ମାର୍ଫତ୍:—ଶ୍ରୀ ଜ୍ୟୋତିର୍ମୟ ମହାନ୍ତି
ଘର ନଂ ଏ/ଏମ୍—୫୧
ବୀର ସୁରେନ୍ଦ୍ରସାଏ ନଗର
ବାଣୀବିହାର
ଭୁବନେଶ୍ୱର—୭୫୧୦୦୪

ସୁରବାପା ସେମିତି ତାଙ୍କର ଗୀତା ବୁଝାଇ ଚାଲିଥା'ନ୍ତି । ହେଲେ ସୁମତୀଙ୍କର ମନ ଉପକୂଳରେ ଆଶଙ୍କାର ବକଗୁଡ଼ାକ ଯେପରି ବୁଡ଼ିବୁଲି ବାସ୍ତବତାର ମାଛଗୁଡ଼ାକୁ ଟକ୍ ଟାକ୍ କରି ଗିଳି ପକାଉଥିଲେ । ତୁଣ୍ଡରେ ଏ ଛୁଆଟା କ'ଣ ଧରିଲା ସତେ । ଅଜଣା ଠାକୁରଙ୍କ ଉଦ୍ଦେଶ୍ୟରେ ସେଇ ବସିବା ଜାଗାରୁହିଁ ଗୋଡ଼ତଳେ ପଡ଼ିଗଲେ ସୁମତୀ ଦେବୀ ।

ଛୋଟ ଟିଣ ଡବାଟିରୁ ଅଣ୍ଡାଳି ଅଣ୍ଡାଳି ପାଞ୍ଚ ଟଙ୍କା ଖୋଜୁଥିଲେ । କେବେଠାରୁ ସୁରବାପାଙ୍କର ପେନ୍‌ସନ୍ ଟଙ୍କାଗୁଡ଼ିକ ସେଇଥିରେ ପକାଇ ଦେଉଥିଲେ । ଏହିପରି ଠାକୁରମାନଙ୍କ ନିକଟରେ କେତେ ଭୋଗ, ମେଳା କରି କରି ତା'ର ଆୟୁଷ ସରି ଆସିବଣି । ମାତ୍ର ତଥାପି ସୁର ଆଉ ତା'ର ପିଲାମାନଙ୍କର ମଙ୍ଗଳ ପାଇଁ ଯେମିତି ହେଲେ ମାନସିକ ପୂରଣ କରିବାକୁ ପଡ଼ିବ । ମାନସିକ ଖଣ୍ଡିଆ ହେଲେ କାଳେ କ'ଣ ହୋଇଯିବ । ନା'......ନା .........ଯେମିତି ହେଉ ପୂରଣ କରିବେ । ତରତର କରି ରେଜା ପଇସାଗୁଡ଼ିକୁ ଅଜାଡ଼ି ଦେଇ, ସେଇ ଧୂଳିଆ ଚଟାଣରେ ଗଡୁଥିବା ଛେଉଣ୍ଡ ପିଲାପରି ଧୂଳିମଳିଆ ଦଶ ପଇସି, ପାଞ୍ଚ ପଇସିଗୁଡ଼ିକୁ ବଡ଼ ପାଟିରେ ଗଣି ଚାଲିଥିଲେ...............ଦଶ, ପନ୍ଦର, କୋଡ଼ିଏ........

* ଆଦିବାସୀ ଅଞ୍ଚଳରେ ୩,୧୫୦ଟି ନଳକୂପ ବସା ଯାଇଛି ।
* ୧୯୮୦-୮୧ ଶେଷ ସୁଦ୍ଧା ୭,୧୪୩ଟି ନଳକୂପ ସ୍ଥାପନ କରିବା ନିମନ୍ତେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ।
* ସମ୍ପ୍ରତି ୧୨ ଲକ୍ଷ ହେକ୍‌ଟର ପାଇଁ ଥିବା ଜଳ ଯୋଗାଣ ବ୍ୟବସ୍ଥାକୁ ଦ୍ୱିଗୁଣିତ କରି ୨୪ ଲକ୍ଷ ହେକ୍‌ଟର ଜମିରେ ପାଣି ମଡ଼ାଯିବ ।
* ମହାନଦୀ ବିରୂପା ଆନିକଟର ଆଧୁନିକୀକରଣ ପାଇଁ ୯୧ କୋଟି ଟଙ୍କା ବିଶ୍ୱ ବ୍ୟାଙ୍କରୁ ସାହାଯ୍ୟ ମିଳିଛି ।
* ୨୮୩ଟି ଉଠାଜଳ ସେଚନ ପଏଣ୍ଟ ବସା ଯାଇଛି ।

ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛ କେନ୍ଦୁଝର ଜିଲ୍ଲା ଘଟଗାଁଠାରେ ବାଇଓ୍ଵାଡ଼ି ଉଦ୍‌ଘାଟନ କରି ବୁଣାକାରମାନଙ୍କ ବୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି । (ଜାନୁଆରୀ ୮, ୧୯୮୧)





ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛ ଓଡ଼ିଶା ହାଇକୋର୍ଟର ବିଚାରପତି ରୂପେ ଡକ୍ଟର ବି. ଏନ୍. ମିଶ୍ରଙ୍କୁ ଶପଥ ପାଠ କରାଉଛନ୍ତି । (ଜାନୁଆରୀ ୫, ୧୯୮୧)

ପୂର୍ତ୍ତମନ୍ତ୍ରୀ ଶ୍ରୀ ଦୟାନିଧି ନାୟକ ଇଛନଦୀ ଉପରେ ନିର୍ମିତ ସେତୁ ଉଦ୍‌ଘାଟନ କରୁଛନ୍ତି । ଯୋଜନା ଓ ସମନ୍ୱୟ ତଥା ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଲଳିତ ମୋହନ ଗାନ୍ଧୀ ଏହି ଉତ୍ସବରେ ମଧ୍ୟ ଯୋଗ ଦେଇଥିଲେ ।







ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ଭୁବନେଶ୍ୱର ସୈନିକ ସ୍କୁଲରେ ମଡ଼େଲ ପରିଦର୍ଶନ କରୁଛନ୍ତି । (ଜାନୁଆରୀ ୩, ୧୯୮୧)



ଗୃହସ୍ଥ ମନ୍ତ୍ରୀ ଶ୍ରୀ କା
ଲେଙ୍କା ଯାଜପୁର
ଓଡ଼ିଶା ସ
ଇଞ୍ଜିନିୟରସ୍ ଆସୋ
ଦ୍ୱାରା ଆୟୋଜିତ
ତଥା ବୈଷୟିକ ଅ
ଚକ୍ର ଉଦ୍‌ଘାଟନ କ
(ଡିସେମ୍ବର ୨୬, ୧୯



ଡକ୍ଟର ହରେକୃଷ୍ଣ ମହତାବ ଭୁବନେଶ୍ୱର-ଠାରେ କବିଚନ୍ଦ୍ର ଜୟନ୍ତୀ ପାଳନ ଉପଲକ୍ଷେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ କଳାକାରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି । (ଜାନୁଆରୀ ୧୧, ୧୯୮୧)

# ସାର୍ବଜନୀନ
# ମାନବିକ ଅଧିକାର ଘୋଷଣାନାମା—
## ବିଶ୍ୱ ସମ୍ପ୍ରଦାୟର ଆଇନଗତ-ରାଜନୈତିକ ସଂଗଠନ ମାର୍ଗର ଏକ ସୋପାନ

ଡକ୍ଟର ପି. ଶଙ୍କର ନାରାୟଣ ପାତ୍ର

୧୯୪୮ ମସିହା ଡିସେମ୍ବର ୧୦ ତାରିଖ ଦିନ ପ୍ରାୟ ମଧ୍ୟରାତ୍ରି ସମୟରେ ପ୍ୟାରିସ୍ ସହରରେ ଜାତିସଂଘର ସାଧାରଣ ସଭାର ଅଧିବେଶନରେ ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା ଗୃହୀତ ହୋଇଥିଲା । ଘୋଷଣାନାମାର ଚିଠା ସଂପର୍କରେ ପ୍ରତିନିଧିମାନଙ୍କ ମଧ୍ୟରେ ଦୁଇ ବର୍ଷ କାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇସାରିଥିଲା । ଘୋଷଣାନାମାକୁ ୪୮ ଗୋଟି ରାଷ୍ଟ୍ର ସମର୍ଥନ କରିଥିଲେ । ଘୋଷଣାନାମା ଗ୍ରହଣ ପୂର୍ବରୁ ଶ୍ରୀମତୀ ରୁଜଭେଲଟ୍ କହିଥିଲେ ଯେ ସବୁରାଷ୍ଟ୍ର ସାଧାରଣ ମାନ ନିରୂପଣ ପାଇଁ ମୌଳିକ ନୀତିର ଏହା ଏକ ସର୍ବପ୍ରଥମ ଘୋଷଣା । ମାନବ ସମାଜ ପାଇଁ ଏହା ଏକ ମାଗ୍ନାକାର୍ଟା ହୋଇପାରେ ।

ଅବଶ୍ୟ ଏହି ଘୋଷଣାନାମାର ଶବ୍ଦଗୁଡ଼ିକ ଆମେରିକୀୟ ସ୍ୱାଧୀନତା ଘୋଷଣାନାମାର ଓ ଫ୍ରାନ୍ସର ମାନବ ଅଧିକାର ଘୋଷଣାନାମାର ନାଟକୀୟ ଗାମ୍ଭୀର୍ଯ୍ୟକୁ ସନ୍ନିବିଷ୍ଟ କରିପାରିନାହିଁ, ଯେହେତୁ ଏହା ପାଞ୍ଚଗୋଟି ବିଭିନ୍ନ ଭାଷାରେ ଅନୁବାଦିତ । ଏହି ଅସୁବିଧା ସତ୍ତ୍ୱେ, ଘୋଷଣାନାମାଟି ଏକ ବିସ୍ମୟକର ଅଧ୍ୟୟନ ।

ଘୋଷଣାନାମାଟି ଗ୍ରହଣ ହେବା ସମୟରେ ଜାତିସଂଘ ସାଧାରଣ ସଭାର ସଭାପତି କହିଲେ "ପ୍ରଥମଥର ପାଇଁ ରାଷ୍ଟ୍ରଗୁଡ଼ିକର ସଂଗଠିତ ସଂପ୍ରଦାୟ ମାନବିକ ଅଧିକାର ଓ ସ୍ୱାଧୀନତା ସଂପର୍କରେ ଘୋଷଣା କରିଅଛି ଏବଂ ଏହା ଜାତିସଂଘ ସଦସ୍ୟମାନଙ୍କର ସମୂହ ମତ ଦ୍ୱାରା ଦୃଢ଼ୀଭୂତ" ।

ଆନ୍ତର୍ଜାତିକ ଆଇନ କ୍ଷେତ୍ରରେ ଏହି ଘୋଷଣାନାମା ଏକ ନୂତନ ଦିଗନ୍ତ ସୃଷ୍ଟି କରି ପାରିଅଛି । ଏହା ଏକ ଆନ୍ତର୍ଜାତିକ ରାଜିନାମା ହେଲେ ମଧ୍ୟ, ଏହା ବାଧ୍ୟତାମୂଳକ ନୁହେଁ । କିନ୍ତୁ ସମୟାନୁକ୍ରମେ ଏହା ଆଇନର ଏକ ଉତ୍ସ ହୋଇପାରିଅଛି ଏବଂ ଆଇନ ଭଳି ଅଧିକାଂଶ ରାଷ୍ଟ୍ରଗୁଡ଼ିକ ଦ୍ୱାରା ସମ୍ମାନିତ ହୋଇପାରିଅଛି ।

୧୯୬୩ ଡିସେମ୍ବର ୪ ତାରିଖରେ ଜାକବ୍ ବ୍ଲାଉଷ୍ଟେଇନ କହିଥିଲେ, ଏହି ଘୋଷଣାନାମାଟି ଗ୍ରହଣ ହୋଇ ପନ୍ଦର ବର୍ଷ ବିତିଗଲାଣି ଏବଂ ଏହା ନୈତିକ ଓ ରାଜନୈତିକ କର୍ତ୍ତୃତ୍ୱ ଅର୍ଜନ କରି ପାରିଅଛି । କହିବା ଅତି ରଞ୍ଜନ ହେବନାହିଁ ଯେ କୌଣସି ଆନ୍ତର୍ଜାତିକ ଉପାୟ ଏହା ଭଳି ସମାଜର ସମସ୍ତ ସ୍ତର ଦ୍ୱାରା ସ୍ୱୀକୃତ ହୋଇପାରିଅଛି ।

୧୯୬୨ ସାଲରେ ଜାତିସଂଘର ଆଇନ ବିଷୟ ଦପ୍ତରରୁ ଏକ ସ୍ମାରକୀରେ ପ୍ରକାଶ ପାଇଥିଲା ଯେ ଏହି ଘୋଷଣାନାମା ରାଷ୍ଟ୍ରମାନଙ୍କ ପାଇଁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ, କିନ୍ତୁ ଏହାର ଗୁରୁତ୍ୱ ଓ ପ୍ରାଧାନ୍ୟ ଦୃଷ୍ଟିରୁ ଆଶା କରାଯାଏ ଯେ ଆନ୍ତର୍ଜାତିକ ସଂପ୍ରଦାୟ ଏହାକୁ ମାନି ଚଳିବ । ସମୟାନୁକ୍ରମେ, ଏହାକୁ ମାନି ଚଳିବା ରାଷ୍ଟ୍ରମାନଙ୍କ ପକ୍ଷରେ ଅଭ୍ୟାସ ହୋଇଯିବ ଏବଂ ପ୍ରଥାନୁଯାୟୀ ଏହା ବାଧ୍ୟତାମୂଳକ ରୂପ ଧାରଣ କରିବ ।

ଜାତିସଂଘର ସାଧାରଣ ସଭା ଏହି ଘୋଷଣାକୁ ଭିତ୍ତିକରି ଅନେକ ପ୍ରସ୍ତାବ ଗ୍ରହଣ କରି ପାରିଅଛି । ଏହାର ଅନେକ ଧାରା ଶାନ୍ତି ସନ୍ଧି ବିଶ୍ୱାସ ରାଜିନାମା ଓ ନୂତନ ରାଷ୍ଟ୍ରଗୁଡ଼ିକର ସମ୍ବିଧାନଗୁଡ଼ିକରେ ଏକୀଭୂତ ହୋଇପାରିଅଛି । ଅନେକ ରାଷ୍ଟ୍ରୀୟ ବିଚାରାଳୟ ଏହାର କର୍ତ୍ତୃତ୍ୱକୁ ଉଦ୍ଧାର କରିଥାନ୍ତି । ଜାତିସଂଘର ସଦସ୍ୟ—ରାଷ୍ଟ୍ରଗୁଡ଼ିକ ସେମାନଙ୍କର ସ୍ୱଦେଶୀୟ ମାନବିକ ଅଧିକାର ପାଇଁ ଏହାର ବୟାନ କରିଥାନ୍ତି ଏବଂ ଏହି ସଂପର୍କରେ ସେମାନଙ୍କୁ ଜାତିସଂଘ ପାଇଁ ବିବରଣୀ ଦେବାକୁ ପଡ଼ିଥାଏ ।

ଏହି ଘୋଷଣାର ପ୍ରୟୋଗକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୧୯୫୦ ମସିହା ନଭେମ୍ବର ୪ ତାରିଖ ଦିନ ରୋମଠାରେ ୟୁରୋପୀୟ ପରିଷଦର ସଦସ୍ୟ ରାଷ୍ଟ୍ରମାନେ ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତା ବିଷୟକ ନିବନ୍ଧନ ସ୍ୱାକ୍ଷର କରିଥିଲେ । ଏହି ନିବନ୍ଧନ ପନ୍ଦରଟି ରାଷ୍ଟ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ଏବଂ ଏହା ମାନବିକ ଅଧିକାରର ସଙ୍କୋଚନ ବିରୁଦ୍ଧରେ ଆନ୍ତର୍ଜାତିକ ଅନୁଷ୍ଠାନମାନଙ୍କୁ ଆବେଦନ କରିବାର ଅଧିକାର ବ୍ୟକ୍ତିବିଶେଷଙ୍କୁ ଅର୍ପଣ କରିଥିଲା । ଏହି ନିବନ୍ଧନ ବ୍ୟକ୍ତିବିଶେଷଙ୍କର ଅଭିଯୋଗ ଓ ଆବେଦନ ଇତ୍ୟାଦି ଗ୍ରହଣ କରିବାପାଇଁ

ଗୋଟିଏ କମିଶନ ପ୍ରତିଷ୍ଠା କରିବାପାଇଁ ଏବଂ ଅଭିଯୋଗଗୁଡ଼ିକର ବିଚାର କରିବାପାଇଁ ଏକ ବିଚାରାଳୟର ଅନୁମୋଦନ କରିଥିଲା । ୟୁରୋପୀୟ ପରିଷଦ ନିବନ୍ଧନର ପ୍ରସ୍ତାବନାରେ ଲେଖାଯାଇଥିଲା ଯେ ସାର୍ବଜନୀନ ଘୋଷଣାନାମାର ମାନବିକ ଅଧିକାର-ଗୁଡ଼ିକର ସାମୂହିକ ପ୍ରବର୍ତ୍ତନପାଇଁ ପଦକ୍ଷେପ ନିଆଯିବ ।

କିନ୍ତୁ ପ୍ରଶ୍ନ ହେଉଛି ଯେ ଆଜି ବିଶ୍ୱର ସବୁ ରାଷ୍ଟ୍ର-ଗୁଡ଼ିକ ଏହି ଘୋଷଣାନାମାକୁ ମାନନ୍ତି କି ନାହିଁ ? ଯେଉଁ ନୈତିକ ସଂକଳ୍ପ ନେଇ ମାନବ-ସମାଜ ଏହି ସ୍ୱାଧୀନତାର ସନନ୍ଦକୁ ଘୋଷଣା କରିଅଛି, ତାହା ଦୈନନ୍ଦିନ ଜୀବନରେ ପରିଲକ୍ଷିତ ହୋଇପାରୁ ନାହିଁ । ଅବଶ୍ୟ ପାଶ୍ଚାତ୍ୟ ୟୁରୋପର ରାଷ୍ଟ୍ରଗୁଡ଼ିକ ଏହାର କାର୍ଯ୍ୟକାରିତା ପାଇଁ ଏକ ବିଚାରାଳୟକୁ ମିଶାଇ ଏକ ଆନ୍ତର୍ଜାତିକ ବ୍ୟବସ୍ଥା ପ୍ରତିଷ୍ଠା କରିପାରିଛନ୍ତି ।

ପୃଥିବୀର କେତେକ ଅଞ୍ଚଳରେ ଏହା ଗୃହୀତ ହୋଇଥିଲେ ମଧ୍ୟ ଏହାର ଅବମାନନା କରାଯାଉଅଛି ଯଥା ମଧ୍ୟ ପ୍ରାଚ୍ୟର କେତେକ ଆରବୀୟ ରାଷ୍ଟ୍ରଗୁଡ଼ିକରେ ଦାସତ୍ୱ ପ୍ରଥା ପ୍ରଚଳିତ ଅଛି । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମ୍ୟ ନୀତି ଏକ ସରକାର ସ୍ୱୀକୃତ ନୀତି ଭାବେ ପ୍ରଚଳିତ ।

କେତେକ ଯୁକ୍ତି କରନ୍ତି ଯେ ମାନବିକ ଅଧିକାର ଘୋଷଣାନାମା ଆଇନସିଦ୍ଧ ନୁହେଁ ଏବଂ ଏହି ଘୋଷଣାନାମା ଅନୁସାରେ ରାଷ୍ଟ୍ରମାନଙ୍କ ଉପରେ କୌଣସି କର୍ତ୍ତବ୍ୟ ସଂପାଦନର ଦାୟିତ୍ୱ ପ୍ରଦାନ କରା-ଯାଇନଥିବାରୁ ବ୍ୟକ୍ତିମାନେ ଅଧିକାର ସାବ୍ୟସ୍ତ କରିବାକୁ ଉଦ୍ୟମ କରିପାରନ୍ତି ଏବଂ ରାଷ୍ଟ୍ରମାନେ ନିଜର କର୍ତ୍ତବ୍ୟ ସଂପାଦନ କରିବାରେ ଅବହେଳା ପ୍ରଦର୍ଶନ କରିପାରନ୍ତି । ତେଣୁ ଘୋଷଣାନାମାର 'ଅଧିକାର' ଓ 'କର୍ତ୍ତବ୍ୟ' ମଧ୍ୟରେ ଶୂନ୍ୟତା ପରିଲକ୍ଷିତ ହେଲେ, ତାହାକୁ ପ୍ରାଧାନ୍ୟ ଦେବା ଉଚିତ ନୁହେଁ ।

ଏହି ଦୃଷ୍ଟିକୋଣରୁ ଗ୍ରହଣ କଲେ, ଆନ୍ତର୍ଜାତିକ ଆଇନର କୌଣସି ଅଂଶ ମଧ୍ୟ ଆଇନସିଦ୍ଧ ନୁହେଁ । ରାଷ୍ଟ୍ରର ବ୍ୟକ୍ତିତ୍ୱ ହୁଏତ ଅଧିକାର ଉପରେ ନିର୍ଭର କରେ । କିନ୍ତୁ କର୍ତ୍ତବ୍ୟ ଅଧିକାରର ପରିପୂରକ । ରାଷ୍ଟ୍ରଗୁଡ଼ିକର କର୍ତ୍ତବ୍ୟ ପରିପ୍ରେକ୍ଷୀରେ ମାନବିକ ଅଧିକାର ଘୋଷଣାନାମାର ଯଥେଷ୍ଟ ଆବଶ୍ୟକତା ରହିଅଛି ।

ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
କବିସମ୍ରାଟ ମହାବିଦ୍ୟାଳୟ, ଭଞ୍ଜନଗର

## ଓଡ଼ିଶାରେ ବୈଷୟିକ ତାଲିମ ବ୍ୟବସ୍ଥାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ପଦକ୍ଷେପ

ରାଜ୍ୟରେ ବୈଷୟିକ ତାଲିମପ୍ରାପ୍ତ ଲୋକଶକ୍ତିର ଅଭାବ ଦୂର କରିବା ନିମନ୍ତେ ଭୁବନେଶ୍ୱରଠାରେ ଗୋଟିଏ ଇଞ୍ଜିନିୟରିଂ କଲେଜ, ସମ୍ବଲପୁର-ଠାରେ ଗୋଟିଏ କୃଷି କଲେଜ ଏବଂ ଫୁଲବାଣୀ ଓ ବଲାଙ୍ଗୀରଠାରେ ଗୋଟିଏ ଲେଖାଏଁ ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲିବା ନିମନ୍ତେ ଓଡ଼ିଶା ସରକାର ସ୍ଥିର କରିଛନ୍ତି ।

ନିକଟରେ ରାଜ୍ୟ ସଚିବାଳୟ-ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାଜ୍ୟରେ ବର୍ତ୍ତମାନ ଥିବା କଳକାରଖାନା ଏବଂ ଭବିଷ୍ୟତରେ ସ୍ଥାପନ କରାଯାଉଥିବା କଳକାରଖାନାଗୁଡ଼ିକ ପାଇଁ କାରିଗରୀ ତାଲିମପ୍ରାପ୍ତ ଲୋକଙ୍କର ଯଥେଷ୍ଟ ଅଭାବ ରହିଥିବା ଦୃଷ୍ଟିରୁ ଯଥାଶୀଘ୍ର ଶିଳ୍ପ, କୃଷି, ଖଣି ଓ ମତ୍ସ୍ୟଭିତ୍ତିକ କାରଖାନା ତଥା ଅନ୍ୟାନ୍ୟ ବ୍ୟବ-ସାୟିକ ପ୍ରତିଷ୍ଠାନଗୁଡ଼ିକ ଚଳାଇବା ନିମନ୍ତେ ଅଧିକନ୍ତୁ ଅଧିକ ସଂଖ୍ୟକ ଲୋକେ ଯେପରି ଆବଶ୍ୟକୀୟ ବୈଷୟିକ ତାଲିମ ପାଇ ପାରିବେ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଏହି ବୈଠକରେ ସ୍ଥିର କରାଯାଇଥିଲା ।

ରାଜ୍ୟ ସରକାର ହାତକୁ ନେଇ-ଥିବା ଶିଳ୍ପ ଯୋଜନାଗୁଡ଼ିକରେ ଓଡ଼ିଶାର ଲୋକଙ୍କୁ ଯେପରି ଯଥେଷ୍ଟ ନିଯୁକ୍ତି ମିଳିପାରିବ, ସେଥିପାଇଁ ରାଜ୍ୟରେ ବୈଷୟିକ ତାଲିମର ପ୍ରସାର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ-ଥିଲେ ।

ଏହି ବୈଠକରେ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ, ଜଙ୍ଗଲ ଓ ମତ୍ସ୍ୟ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ କୁଆଁରିଆ ମାଝୀ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟ-ନାୟକ ଓ ସମ୍ପୃକ୍ତ ବିଭାଗୀୟ ଶାସନ ସଚିବ ପ୍ରମୁଖ ଯୋଗ ଦେଇଥିଲେ ।



# ଜୀବନ୍ତ କମାଣ

ଡାକ୍ତର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

ଅତି ଆଦିମ କାଳରୁ ହାତୀ ଓ ମଣିଷର ସମ୍ପର୍କ ରହି ଆସିଛି । ଏହି ସମ୍ପର୍କ କୌଣସି କାଳରେ ବିଚ୍ଛିନ୍ନ ହୋଇନି । ବରଂ ଏହା ଏ ଆଧୁନିକ ଯୁଗରେ ଘନିଷ୍ଠ ହୋଇଛି । ତେଣୁ ଯଥାର୍ଥରେ ସେ ଆମ ସମାଜରେ ତା'ର ଆଦର ବଜାୟ ରଖିପାରିଛି । ହାତୀ ଆମର ସମାଜ, ଧର୍ମ, ସାହିତ୍ୟ, ରାଜନୀତି ତଥା ବ୍ୟବସାୟ କ୍ଷେତ୍ରରେ ସ୍ଥାନ ପାଇଛି । ହାତୀକୁ ଆମ ସମାଜରେ ସୁଖ, ସମୃଦ୍ଧି, ଧନ ଓ ଆଡ଼ମ୍ବରର ପ୍ରତୀକରୂପେ ଗଣାଯାଏ । ଆଫ୍ରିକା ମହାଦେଶରେ ବିଶେଷତଃ ମୋଜାମ୍ବିକ୍‌ର ଅଧିବାସୀମାନେ ହାତୀକୁ ଭଗବାନଙ୍କ ଦୂତରୂପେ ପୂଜା କରନ୍ତି । ଆମ ଦେଶରେ ବି ବିଭିନ୍ନ ପର୍ବ ପର୍ବାଣିରେ ହାତୀକୁ ପୂଜା କରଯାଏ । ରାଜାରାଜୁଡ଼ା ସମୟରେ ରାଜା, ମହାରାଜାମାନେ ଭଲ ଭଲ ଦିନମାନଙ୍କରେ ହାତୀ ଉପରେ ବସି ନଗର ପରିକ୍ରମା କରୁଥିଲେ । ଆମ ଦେଶରେ ଥିବା ମନ୍ଦିରଗୁଡ଼ିକ ମୂଲ୍ୟବାନ କାରୁକାର୍ଯ୍ୟରେ ପୂର୍ଣ୍ଣ । ଏପରି ଗୋଟିଏ ମନ୍ଦିର ନାହିଁ ଯେଉଁଠି ହାତୀର ମୂର୍ତ୍ତିଟିଏ ନଥିବ । ଏ ପରମାଣୁ ଯୁଗରେ ବି ହାତୀ ଭାରବାହୀ ପଶୁ ହିସାବରେ ବେଶ୍ ଆଦୃତ । ଜଙ୍ଗଲରେ କାଠ ବ୍ୟବସାୟୀମାନେ ହାତୀମାନଙ୍କ ଦ୍ୱାରା ବଡ଼ବଡ଼ ଗଛ ଉପାଡ଼ନ୍ତି ଓ ସେଇମାନଙ୍କ ଦ୍ୱାରା କାଠ ବୁହାନ୍ତି । ଏହିପରି ଘୋର ଜଙ୍ଗଲ ଓ ଘାଟି ଅଞ୍ଚଳରେ, ଯେଉଁଠି କୌଣସି ଯାନବାହାନ ପଶିବାର ସମ୍ଭାବନା ନଥାଏ, ହାତୀ ସେଠି ବୁଲଡୋଜର ଓ କ୍ରେନର କାମ କରି ଶେଷକୁ ନିଜେ ତାକୁ ବୋହିଆଣେ ।

ପୂର୍ବକାଳରେ ଯେତେବେଳେ ରାଜାମାନେ ଶାସନ କାର୍ଯ୍ୟ ତୁଲାଉଥିଲେ ସେତେବେଳେ ବିଭିନ୍ନ ରାଜାମାନଙ୍କର ଭଗ୍ୟକୁ ହାତୀ ହିଁ ନିୟନ୍ତ୍ରଣ କରୁଥିଲା । ଅର୍ଥାତ୍ ଯେଉଁ ରାଜାର ଯେତେ ବେଶି ତାଲିମପ୍ରାପ୍ତ ହାତୀ ଥିଲେ, ସେ ରାଜା ସେତିକି ଶକ୍ତିବାନ୍ ଥିଲା । ଐତିହାସିକମାନେ ମତ ଦିଅନ୍ତି ଯେ ଆଲେକ୍‌ଜାଣ୍ଡର କେବଳ ହାତୀମାନଙ୍କୁ ଖୁବ୍ କୌଶଳରେ ବ୍ୟବହାର କରି ପରସିଆ ଯୁଦ୍ଧରେ ବିଜୟ ହାସଲ କରିପାରିଥିଲେ । ସେଇ ଐତିହାସିକମାନଙ୍କ ମତ ଯେ ଆଓରଙ୍ଗଜେବ୍ ଯେତେଥର ଚେଷ୍ଟା କରିଥିଲେ ବି ପରାସ୍ତ ହୋଇଥାନ୍ତେ, ମାତ୍ର ତାଙ୍କ ପାଖରେ ଥିଲା ଯଥେଷ୍ଟ ତାଲିମପ୍ରାପ୍ତ ଓ ଦକ୍ଷ ହସ୍ତିବାହିନୀ । ତେଣୁ ତାଙ୍କୁ ଯୁଦ୍ଧରେ ପରାସ୍ତ କରିବା ଅନ୍ୟମାନଙ୍କ ପକ୍ଷରେ ସମ୍ଭବପର ହେଉ ନଥିଲା । ସେ ଯୁଗରେ ତ ଆଜିକାଲି ପରି ଟ୍ୟାଙ୍କର ନଥିଲା । ଏଇ ହାତୀ ଟ୍ୟାଙ୍କର କାର୍ଯ୍ୟ ତୁଲଉଥିଲା । ଇତିହାସର ପୃଷ୍ଠାରେ ଦେଖାଯିବ ଯେ ରାଜାମାନଙ୍କର ହାର ଜିତ୍ ଏହି ବିରାଟ ପ୍ରାଣୀ ଉପରେ ହିଁ ନିର୍ଭର କରୁଥିଲା ।

ସାହିତ୍ୟରେ ହାତୀ ମଧ୍ୟ ତା' ସ୍ଥାନ ବଜାୟ ରଖିଛି । ଇଂରାଜୀ ଭାଷାରେ ଗୋଦର ଗୋଡ଼କୁ ଏଲିଫାଣ୍ଟିଆସିସ୍ ( Elephant ) ର ଅର୍ଥ ହାତୀ ବୋଲି କହନ୍ତି । ଇଂରାଜୀ ଭାଷାରୁ ଆଣି ଏବେ ଆମଭାଷାରେ ବି "ଧଳା ହାତୀ" ଶବ୍ଦ ବ୍ୟବହାର କରାଗଲାଣି । ଆମର ବହୁକାଳରୁ "ଝୁଲୁରେ ହାତୀ ଝୁଲୁ, ବା' ପାଣି ଖାଇ ଫୁଲୁ" ଗୀତ ବେଶ୍ ଆଦୃତ । ଆହୁରି "ହାତୀ ମୁଣ୍ଡରେ କଳସ ଢ଼ାଳିବା" ପ୍ରବାଦ ଓଡ଼ିଶାର ଇତିହାସରେ ଅତି ପରିଚିତ । କାରଣ ଏହା ପଛରେ ଅଛି ଏକ ବଳିଷ୍ଠ କିମ୍ବଦନ୍ତୀ ।

ଥରେ ପୁରୀ ରାଜାଙ୍କର ହଠାତ୍ ମୃତ୍ୟୁ ହୋଇଗଲା । ତାଙ୍କର ଉତ୍ତରାଧିକାରୀ କେହି ନ ଥିଲେ । ରାଜାଙ୍କ ହାତୀ ତେଣୁ ସୁନା କଳସଧରି ବୁଲିଲା । ବୁଲୁ ବୁଲୁ ଗୋଟିଏ ଗଉଡ଼ପିଲା ମୁଣ୍ଡରେ ସୁନା କଳସଟି ଥିଆଇ ଦେଲା । ସେଇ ଗଉଡ଼ପିଲା କପିଳା, କପିଳେନ୍ଦ୍ରଦେବ ନାମରେ ପୁରୀର ରାଜା ହେଲେ ।

ସତ୍ୟଯୁଗ ପରି ଏବେ ମଧ୍ୟ ସର୍କସ, ସିନେମା ଇତ୍ୟାଦିରେ ହାତୀ ଦେଖଣାହାରିମାନଙ୍କର ଦୃଷ୍ଟି ବେଶ୍ ଆକର୍ଷଣ କରିଥାଏ । ଆମ ଦେଶରେ 'ରାମୁ' ହାତୀକୁ କିଏ ବା ନଜାଣେ ? ରାମୁର ମୃତ୍ୟୁ ସମ୍ବାଦ ତା'ର ହଜାର ହଜାର ଦର୍ଶକବୃନ୍ଦଙ୍କୁ ଶୋକ ସାଗରରେ ଭସାଇଦେଲା । ସର୍କସ ତଥା "ହାତୀ ମେରା ସାଥୀ" ଚଳଚ୍ଚିତ୍ରରେ ତାର ଖେଳ ଓ ଅଭିନୟ ଏବେ ବି ଦର୍ଶକମାନଙ୍କ ମାନସପଟରେ ଜୀବନ୍ତ ।

ଏବେ ଜଣାପଡ଼ିଗଲାଣି ଯେ ପୃଥିବୀର ହାତୀ ସଂଖ୍ୟା କ୍ରମେ କମି ଆସୁଛି । ସେଥିପାଇଁ ଦାୟୀ କେବଳ ମଣିଷ । ହାତୀର ମୂଲ୍ୟବାନ ଦାନ୍ତ ହିଁ ତାର କାଳ ହୋଇଛି । ଆନ୍ତର୍ଜାତିକ ବଜାରରେ ହାତୀଦାନ୍ତର ମୂଲ୍ୟ ହଠାତ୍ ଅତ୍ୟଧିକ ବଢ଼ିଯିବାରୁ ଶିକାରୀମାନେ ବିନାଦ୍ୱିଧାରେ ହାତୀମାନଙ୍କୁ ମାରିପକାଇଲେ । ଶିକାରୀମାନଙ୍କ ଦୌରାତ୍ମ୍ୟ ସାଙ୍ଗକୁ ଦୁ ଦୁ ହୋଇ ବଢ଼ୁଥିବା ଜନସଂଖ୍ୟାକୁ ଜଙ୍ଗଲ ସଫାକରି ବାସୋପଯୋଗୀ ଜମି ଯୋଗାଇବା କାରଣରୁ ହାତୀଙ୍କ ସଂଖ୍ୟା କମିଆସୁଛି ।

ଆମ ଦେଶରେ କର୍ଣ୍ଣାଟକ ରାଜ୍ୟରେ ହାତୀମାନଙ୍କ ପାଇଁ ଗୋଟିଏ ବୋଲି ଅଭୟାରଣ୍ୟ ଅଛି । ସେଠି ମଧ୍ୟ ନିକଟରେ ଅନେକଗୁଡ଼ାଏ ହାତୀ, ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁ ବରଣ କରିଛନ୍ତି ବୋଲି ସମ୍ବାଦପତ୍ରମାନଙ୍କରୁ ଜଣାଯାଏ । ସଂପୃକ୍ତ କର୍ମକର୍ତ୍ତାମାନେ କଡ଼ା ନଜର ନ ଦିଅନ୍ତି ତେବେ ସେଠୁ ବି ହାତୀ ବଂଶ ନିପାତ ହୋଇଯିବେ ।

କଥାରେ ଅଛି "ହାତୀ ବଞ୍ଚିଥିଲେ ଯେତିକି ମଲେ ସେତିକି" । ଏ ଉକ୍ତିର ତାତ୍ପର୍ଯ୍ୟ ଏହି ଯେ ଏ ବିରାଟ ପଶୁଟିକୁ ପୋଷିବା ଗୋଟିଏ ସାଧାରଣ ପରିବାର ପକ୍ଷରେ ବିଶେଷ କଷ୍ଟକର ହେଲେ ବି ତା'ର ଉପକାର କୌଣସି ପକ୍ଷରେ ଊଣା ନୁହେଁ । ଆହୁରି ମରିଗଲା ପରେ ବି ତାରଦାମ କମେ ନାହିଁ । ଏବେ ଆପଣମାନେ ବିଚାର କରନ୍ତୁ ଏହି ପଶୁଟିକୁ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ କରିଦେବାଟା ଆମ ପକ୍ଷରେ କେତେ ଦୂର ସଙ୍ଗତ ।

ରେଞ୍ଜ୍ ଇନ୍‌ଭେଷ୍ଟିଗେସନ୍ ଅଫିସର୍,
କ୍ଲିନିକାଲ୍ ଇନ୍‌ଭେଷ୍ଟିଗେସନ୍ ଲାବୋରାଟୋରୀ
(ସି. ଆର୍.) ଖପୁରିଆ, କଟକ-୧୦

# କୃଷୀ ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ

* ଯାନ୍ତ୍ରିକ କୃଷି ପଦ୍ଧତିର ଏଚ୍. ଏମ୍. ଟି. ଜେଟର ଟ୍ରାକ୍ଟର, କୁବୋଟା ଓ ମିତ୍ସୁବିଶି ପାୱାରଟିଲର ବିକ୍ରୟ ଓ ମରାମତି କାର୍ଯ୍ୟ କରୁ ।

* ବିଭିନ୍ନ ପ୍ରକାରର ହସ୍ତଚାଳିତ ଓ ପାୱାର ସ୍ପ୍ରେୟାର ଶତକଡ଼ା ୫୦ ଭାଗ ରିହାତି ଦରରେ ବିକ୍ରୟ କରୁ ।

* ଉନ୍ନତ ଧରଣର କୃଷି ଯନ୍ତ୍ରପାତି ଶତକଡ଼ା ୨୫ ଭାଗ ରିହାତି ଦରରେ ଓ ଟାଟା ନିର୍ମିତ ଯନ୍ତ୍ରପାତି ସୁଲଭ ଦରରେ ଯୋଗାଇଥାଉ ।

* ମୂଷା ଓ କୀଟମାନଙ୍କ ଦାଉରୁ ଘରେ ନିରାପଦରେ ଶସ୍ୟ ସାଇତି ରଖିବାପାଇଁ ଦସ୍ତାଚଦରରେ ତିଆରି କୋଠି (Storage Bin) ଶତକଡ଼ା ୨୫ ଭାଗ ରିହାତି ଦରରେ ବିକ୍ରୟ କରୁ ।

* କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀଭାଇମାନଙ୍କ ସୁବିଧାପାଇଁ ଆମେ ଟ୍ରାକ୍ଟର ଓ ବୁଲଡୋଜର ଆଦି ସୁଲଭ ଭଡ଼ାରେ ଯୋଗାଇଥାଉ ।

* ପତିତଜମି ଉଦ୍ଧାର ଓ ଚାଷଉପଯୋଗୀ କରି ଭୂମିହୀନ ଆଦିବାସୀ ଭାଇ ତଥା ହରିଜନ ଭାଇଙ୍କୁ ସାହାଯ୍ୟ କରୁ ।

* ଜଳସେଚନ ସୁବିଧାର୍ଥେ ଆମେ ଇଲେକ୍ଟ୍ରିକ୍ ମୋଟର ପମ୍ପସେଟ୍ ବିକ୍ରୟ କରିବା ସଙ୍ଗେ ସଙ୍ଗେ ତାହା ଯଥାସ୍ଥାନରେ ସ୍ଥାପନକରି କାର୍ଯ୍ୟକରିବାରେ ସାହାଯ୍ୟ କରୁ । ଡିଜେଲ ପମ୍ପସେଟ ମଧ୍ୟ ଆମେ ସୁଲଭ ମୂଲ୍ୟରେ ଯୋଗାଇଥାଉ ।

* ବେକାର ଇଞ୍ଜିନିୟର ଓ କୃଷି ବୈଜ୍ଞାନିକଙ୍କୁ ଆତ୍ମନିଯୁକ୍ତିରେ ସାହାଯ୍ୟ କରୁ

* ନିଜର କାରଖାନାରେ ବୈଜ୍ଞାନିକ ଉପାୟରେ ପ୍ରସ୍ତୁତ "ସୁରଭି" ଗୋଖାଦ୍ୟ ଓ 'ଗରୁଡ଼' କୁକୁଡ଼ା ଖାଦ୍ୟ ସୁଲଭ ମୂଲ୍ୟରେ ବିକ୍ରୟ କରିଥାଉ ।

* ଅଧିକ ଘର ଓ ବେଶୀ ଫସଲ ଉତ୍ପାଦନ ନିମନ୍ତେ ଗ୍ରୋମର, ସି. ଏ. ଏନ୍. ଏବଂ ଅନ୍ୟାନ୍ୟ ରାସାୟନିକ ସାର କର୍ପୋରେସନ ପକ୍ଷରୁ ନିଯୁକ୍ତ ଡିଲରମାନଙ୍କ ଜରିଆରେ ଉଚିତ୍ ମୂଲ୍ୟରେ ବିକ୍ରୟ କରୁ ।

ବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ ।

ଶ୍ରୀ ଏସ୍. ଆର୍. ପଟ୍ଟନାୟକ
ମ୍ୟାନେଜିଂ ଡାଇରେକ୍ଟର
ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ଲିଃ
କିଲ୍ଲା ମଇଦାନ, କଟକ-୭୫୩୦୦୧

# ଦେଶର ଉନ୍ନତି ଓ ଗ୍ରାମ ଉନ୍ନୟନ

**ଅଧ୍ୟାପକ ମୋହିତ କୁମାର ଷଡଙ୍ଗୀ**

ଭାରତ ଏକ ସଂସ୍କୃତି ସଂପନ୍ନ ଦେଶ । ବହୁ ବର୍ଷ ପରାଧୀନ ରହିବା ପରେ ସ୍ୱାଧୀନ ହୋଇଛି । ଦୀର୍ଘ ୩୩ ବର୍ଷ ପରେ ଆଜି ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ଦେଶର ଅର୍ଥନୈତିକ ଅବସ୍ଥାକୁ ନିରପେକ୍ଷ ଭାବେ ପର୍ଯ୍ୟାଲୋଚନା କଲେ ଆମର ପ୍ରକୃତ ଆର୍ଥିକଚିତ୍ର ଜଣାଯିବ । ୧୯୫୧ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ପଞ୍ଚବାର୍ଷିକ ଯୋଜନା ଗୁଡ଼ିକର ଉପଯୋଗପରେ ଦେଶର ଅର୍ଥନୀତିରେ କେତେ ମାତ୍ରାରେ ବିପର୍ଯ୍ୟୟ ଘଟିଅଛି ବା କେତେ ମାତ୍ରାରେ ଅଗ୍ରଗତି ଘଟିଛି ତାହା ଏକ ପ୍ରଣିଧାନର ବିଷୟ । ଏଦେଶ ଜଳଭାଗଠାରୁ ସ୍ଥଳଭାଗ ପର୍ଯ୍ୟନ୍ତ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ । ତଥାପି ଅନ୍ୟ ଦେଶମାନଙ୍କ ତୁଳନାରେ ଆମର ଆର୍ଥିକ ସ୍ଥିତି ବହୁ ନିମ୍ନରେ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଜି ପର୍ଯ୍ୟନ୍ତ ଏହା ଏକ ବିବାଦମାନ ଅବସ୍ଥାରେ ଅଛି କି ଗ୍ରାମ ଉନ୍ନତି ତଥା କୃଷିର ଉନ୍ନତି ନା ଶିଳ୍ପ ଉନ୍ନତି ଭାରତର ବିକାଶ, ପ୍ରଗତି ପକ୍ଷେ ଅନୁକୂଳ ? ଏଣୁ ବିଭିନ୍ନ ଯୋଜନାଗୁଡ଼ିକର ଉଭୟ ପକ୍ଷକୁ ପର୍ଯ୍ୟାୟକ୍ରମେ ଗୁରୁତ୍ୱ ଦିଆହେଉଛି । ତଥାପି ବିଭିନ୍ନ ଯୋଜନା ଗୁଡ଼ିକରେ ବ୍ୟୟ ତୁଳନାରେ ଆର୍ଥିକ ଅଭିବୃଦ୍ଧି କେତେ ନିମ୍ନରେ ତାହା ଚିନ୍ତାକଲେ କେତେକାଂଶରେ ହତୋତ୍ସାହ ଲାଗେ ।

ଭାରତ ଏକ ଗ୍ରାମ ବହୁଳ ଦେଶ । ଏ ଦେଶରେ ଶତକରା ୮୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ବେଶୀଭାଗ ଲୋକ ଗ୍ରାମରେ ବାସ କରନ୍ତି ଏବଂ ଖୁବ୍ ଅଳ୍ପ ଭାଗ ଲୋକ ସହରରେ ବାସ କରନ୍ତି । ଓଡ଼ିଶାରେ ଗାଁ ଗହଳରେ ଶତକଡ଼ା ୯୨ଭାଗ ବାସ କରୁଥିବା-ବେଳେ ସହରମାନଙ୍କରେ ମାତ୍ର ୮ଭାଗ ଲୋକ ରହନ୍ତି । ତା'ଛଡ଼ା କୃଷିରୁ ବେଶୀଭାଗ ଜାତୀୟ ଆୟର ଅଂଶ । ଏଣୁ କୃଷିର ଉନ୍ନତି ଅର୍ଥାତ୍ ପୁରପଲ୍ଲୀର ଉନ୍ନତି କୌଣସି ପ୍ରକାର ଅବହେଳା କରିବା ଉଚିତ ନୁହେଁ ଯଦି ଏହି ୮୦ଭାଗ ବାସ କରୁଥିବା ଗ୍ରାମବାସୀଙ୍କର ମୁଖ୍ୟ ଜୀବିକା କୃଷିର ଉନ୍ନତି କରାନଯାଏ ତେବେ ଦେଶର ଆର୍ଥିକ ଅଭିବୃଦ୍ଧି ଏକ ଦିବାସ୍ୱପ୍ନରେ ରହିଯିବ କୃଷି ନିମିତ୍ତ ଯେଉଁ ସବୁ ଉପାଦାନ ଗୁଡ଼ିକ ଦରକାର, ତା'ର ପରିମାଣାତ୍ମକ ଓ ଗୁଣାତ୍ମକ ଭାବେ ଉପଯୋଗ ବୃଦ୍ଧି ପାଇଲେ ହିଁ କୃଷିର ଉନ୍ନତି ସମ୍ଭବ । ଦେଶରେ ଯେଉଁ ଗତିରେ ଲୋକସଂଖ୍ୟା ବୃଦ୍ଧି ହେଉଅଛି, ସେ ତୁଳନାରେ ଯଦି ଆର୍ଥିକ ଅଭିବୃଦ୍ଧି ନ ଘଟେ ଖାଦ୍ୟ ପଦାର୍ଥର ଉତ୍ପାଦନ ନ ବଢ଼େ, ତେବେ ଦେଶ ଯେ, କେତେ ପ୍ରକାର ସମସ୍ୟାର ସମ୍ମୁଖୀନ ହେବ ତା'ର କଳନା କରିହେବ ନାହିଁ । ଆଜି ଦେଶବାସୀ ସେସବୁ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଲେଣି । ଦେଶ ମଧ୍ୟରେ କୃଷି ନିମିତ୍ତ ଭୂମିର ଆୟତନ ସୀମିତି ଜଳସେଚିତ ଜମିର ଅଂଶ ଅତି ନଗଣ୍ୟ ଏବଂ ମୁଖ୍ୟତଃ କୃଷି ମୌସୁମୀବାୟୁ ଉପରେ ନିର୍ଭରଶୀଳ । ଫଳରେ ପ୍ରକୃତି ବାମ ହେଲେ ଦେଶର ମରୁଡ଼ି ଆସନ୍ନ । ଅନ୍ୟଦିଗରୁ ବହୁ ପ୍ରଦେଶ ବନ୍ୟାର କରାଳ ଗ୍ରାସରେ ଉତ୍ପୀଡ଼ିତ । ଏଣୁ ଭାରତର ଚିରସାଥୀ ବନ୍ୟା ବା ମରୁଡ଼ି ଦେଶର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦେଉଛି । ଦେଶରେ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଆର୍ଥିକ ବିକାଶ ନିମନ୍ତେ ଯେତେ ପରିମାଣରେ ପୁଞ୍ଜି ବିନିଯୋଗ କରାହେଉଅଛି, ତାହା କେତେକ କ୍ଷେତ୍ରରେ ଆର୍ଥିକ ସମୃଦ୍ଧି ସାଧନ ପରିବର୍ତ୍ତେ ଆର୍ଥିକ ସମସ୍ୟାମାନ ସୃଷ୍ଟି କରିବାରେ ସାହାଯ୍ୟ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଶ ଆଜି ଆର୍ଥିକ ସଂକଟର ସମ୍ମୁଖୀନ । ଯେଉଁ ମାତ୍ରାରେ ଦରବୃଦ୍ଧି ମୁଦ୍ରାସ୍ଫୀତି, ବେକାରୀ ସୃଷ୍ଟି ହେଉଛି, ସେଥିରୁ ମୁକ୍ତି ପାଇବାକୁ ହେଲେ କୃଷିର ଉନ୍ନତି ଏକାନ୍ତ ଜରୁରୀ ଏଥିରେ ଦ୍ୱିରୁକ୍ତି ନାହିଁ ।

ଆଜି ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱ କୃଷି ଓ ଶିଳ୍ପ ମଧ୍ୟରେ ଯେପରି ବିବାଦ, କୃଷି କ୍ଷେତ୍ରରେ ମଧ୍ୟ ସେପରି ଅବସ୍ଥା ବିଦ୍ୟମାନ । ଏହା ଯେ ବର୍ତ୍ତମାନର ସୃଷ୍ଟି ତାହା ନୁହେଁ । ଇଂରେଜ ଶାସନ କାଳରୁ ଏହାର ଉଦ୍ଭବ । ଦେଶରେ ଆଗରୁ ଜମିଦାର ଓ କୃଷକ ଏପରି ଦୁଇଶ୍ରେଣୀ ଥିଲେ । ଯଦିଓ ଆଇନ ଦୃଷ୍ଟିରୁ ଜମିଦାରୀ ପ୍ରଥା ଲୋପ ପାଇଛି କିନ୍ତୁ ବର୍ତ୍ତମାନ ତାହା ମୁଖ୍ୟତଃ ଦୁଇଶ୍ରେଣୀରେ ବିଭକ୍ତ ହୋଇଛି, ଯଥା ବୃହତ୍, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ କୃଷି ମଜୁରିଆ । ପୁଣି ଏହି କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ସଂଖ୍ୟା ବୃହତ୍ ଚାଷୀମାନଙ୍କ ଅପେକ୍ଷା ବହୁତ ବେଶୀ । ଅର୍ଥାତ୍ ପ୍ରାୟ ୭୦ଭାଗ କ୍ଷୁଦ୍ର ଚାଷୀଙ୍କର ଜମିର ପରିମାଣ ଅତି ନଗଣ୍ୟ । ତେଣୁ ସେମାନଙ୍କ ପକ୍ଷରେ ନିଜର କ୍ଷୁଦ୍ର ଆୟରୁ ବ୍ୟୟ କରି କୃଷିର

ଉନ୍ନତି ସାଧନ କରିବା କେତେ ମାତ୍ରାରେ ସମ୍ଭବ ତାହା ସହଜରେ ଅନୁମେୟ । ଅନ୍ୟ ଦିଗରେ ବୃହତ୍ ଚାଷୀମାନେ ମଧ୍ୟ କୃଷିର ଉନ୍ନତି ନିମନ୍ତେ ଅତିମାତ୍ରାରେ ପ୍ରୟାସୀ ନଥାନ୍ତି ଏବଂ ଅନ୍ୟ ଉପରେ ଚାଷପାଇଁ ନିର୍ଭର କରିଥାଆନ୍ତି । ଅଧିକ ପୁଞ୍ଜି ଖଟାଇବାରେ ଆଗଭର ହୁଅନ୍ତିନାହିଁ । ମୋଟାମୋଟି ଭାବେ ବୃହତ୍ ଚାଷୀମାନେ କୃଷି ଉନ୍ନତି ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ଅକ୍ଷମ ହୁଅନ୍ତି । ଫଳରେ କୃଷିର ଆଶାନୁରୂପକ ଅଗ୍ରଗତି ଘଟି ପାରୁନାହିଁ । କ୍ଷୁଦ୍ର ଓ ନାମ ମାତ୍ର ଚାଷୀ କୃଷି ଉନ୍ନତିର ସଫଳ ଭାଗୀଦାର ମଧ୍ୟ ହୋଇ ପାରୁନାହାନ୍ତି ବିବିଧ କାରଣ] ହେତୁ । ଫଳରେ ସେମାନେ ଗ୍ରାମ୍ୟ ଉନ୍ନତି ନିମିତ୍ତ] ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ଅସହାୟ ଓ ଅସମର୍ଥ ହେଉଅଛନ୍ତି । ଯାହାକି ଭାରତର ଅଗ୍ରଗତିରେ ପରିପନ୍ଥୀ ହେଉଛି । ସେମାନଙ୍କ ମଧ୍ୟରୁ ଅନେକ ସହରାଭିମୁଖୀ ହେଉଛନ୍ତି । ସହର ଲୋକଙ୍କ ଚଳଣି, ଚାକଚକ୍ୟ, ଆର୍ଥିକ ଅବସ୍ଥା ସେମାନଙ୍କ ସମ୍ମୁଖରେ ଏକ କୁହେଳିକା ସୃଷ୍ଟି କରୁଛି । ସେମାନଙ୍କ ପ୍ରବେଶ ସହରର କୌଣସି ସମସ୍ୟା ସମାଧାନ କରି ପାରୁ ନାହିଁ ବରଂ ସମସ୍ୟା ସୃଷ୍ଟି କରୁଛି । ସେମାନେ କେତେକକ୍ଷେତ୍ରରେ ସହରମାନଙ୍କର ଅବାଞ୍ଛିତ ବ୍ୟକ୍ତି ହିସାବରେ ଗଣ୍ୟ ହେଉଅଛନ୍ତି । ଅନ୍ୟ ଦିଗରେ ସହରମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ] ହେଲଣି । ସେଠାରେ ମଧ୍ୟ ଦୁଇଶ୍ରେଣୀ ଲୋକଙ୍କ ସୃଷ୍ଟି ହେଲଣି ଅର୍ଥାତ୍ କେତେକ ବିଭିନ୍ନ ସ୍ତରରେ ନିଯୁକ୍ତ] ଓ କେତେକ] ଶ୍ରମ ନିମିତ୍ତ ଅପେକ୍ଷାକାରୀ । ତେଣୁ ଅଧିକ ଯେଉଁ ମାତ୍ରାରେ ଗ୍ରାମମାନଙ୍କରୁ ଆସୁଅଛନ୍ତି, ସେମାନେ କେବଳ ବେକାରୀ ଗୋଷ୍ଠୀର ସଂଖ୍ୟାବୃଦ୍ଧି କରୁଅଛନ୍ତି, ଯାହାଫଳରେ ଦେଶରେ ଏକ ସଂକଟ ସୃଷ୍ଟି ହେଉଛି । ଏଣୁ ମନ୍ତବ୍ୟ] ଯଦି ଗ୍ରାମମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟାଇବାରେ ନିରବଚ୍ଛିନ୍ନ ଭାବେ ବିଭିନ୍ନପ୍ରକାର ଗଠନମୂଳକ କାର୍ଯ୍ୟ ସଂଗଠିତ କରାଯାଏ, ତେବେ ଦେଶର ସ୍ଥିତି ସୁଦୃଢ଼ ହୋଇପାରିବ । ଗାନ୍ଧିଜୀଙ୍କ ଆଶା ସଫଳ ହେବ ।

ଫକୀର ମୋହନ କଲେଜ
ବାଲେଶ୍ୱର

ଦେଶରେ ବର୍ତ୍ତମାନ ଅଗଣିତ ଗରିବ ଓ ଦୁର୍ବଳଶ୍ରେଣୀ ଲୋକଙ୍କ ଆର୍ଥିକ ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକୁ ହାତକୁ ନେଇଅଛନ୍ତି । ସେଗୁଡ଼ିକ ଯେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଗଠିତ ଏବଂ ସେସବୁ ଯଦି ସୁଷ୍ଠୁରୂପେ ପରିଚାଳିତ କରାଯାଏ, ତେବେ ଏହି ଅଗଣିତ ଛୋଟଚାଷୀ, ନାମମାତ୍ର ଚାଷୀ କୃଷି ଶ୍ରମିକ, ଭୂମିହୀନ ଦୀନ ମଜୁରିଆ, ଆଦିବାସୀ ହରିଜନ ତଥା ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀ ଲୋକଙ୍କ ଆର୍ଥିକ, ସାମାଜିକ କ୍ଷେତ୍ରରେ ଉନ୍ନତି ଘଟିବ ନଚେତ୍ ଦେଶରେ ବ୍ୟୟଭାର ମୁଖ୍ୟ ହେବ, ସମସ୍ୟା ଗୁଡ଼ିକ ପରିବର୍ଦ୍ଧିତ ହେବେ ।

ଯୋଜନା ଗୁଡ଼ିକର ଆଭିମୁଖ୍ୟ କେତେ ମାତ୍ରାରେ ପରିବର୍ତ୍ତନ କରାଗଲେ ଦେଶର ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିପାରିବ । ବର୍ତ୍ତମାନ ଯାହା ଲକ୍ଷ୍ୟ କରାଯାଉଛି, ବିଭିନ୍ନ ଯୋଜନାର ପ୍ରଚୁର ବ୍ୟୟ ପରେ ମାତ୍ର ଶତକଡ଼ା ୧୫ଭାଗ ଲୋକ ଉପକୃତ ହୋଇଅଛନ୍ତି ଏବଂ ଅଧିକରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ରହିଯାଉଅଛନ୍ତି । ସେମାନେ ଯୋଜନାରୁ କିଛି ଲାଭବାନ ହେଉନାହାନ୍ତି । ଏଣୁ ଏକ ଦୀର୍ଘ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ନ ଦେଇ ସ୍ୱଳ୍ପକାଳୀନ ପଦକ୍ଷେପ ଦ୍ୱାରା ଯେପରି ଗ୍ରାମବାସୀଙ୍କର ବିଭିନ୍ନ ସମସ୍ୟାର ଆଶୁ ସମାଧାନ ସମ୍ଭବ ହୋଇପାରିବ, ସେମାନଙ୍କ ନ୍ୟୁନତମ ଚାହିଦା ପୂରଣ ହୋଇପାରିବ, ଏ ଉପରେ ଦୃଷ୍ଟି ଏକାନ୍ତ ଆବଶ୍ୟକ, ଯାହା ଫଳରେ ଦେଶର ସାମୁହିକ ଉନ୍ନତି ସମ୍ଭବ ହେବ, ନଚେତ୍ ଦେଶ ମଧ୍ୟରେ ନିରକ୍ଷରତା , ବେକାରୀ, ସାମାଜିକ ଅସମତା ଅସାମଞ୍ଜସ୍ୟତା ବୃଦ୍ଧି ପାଇବ । ତେଣୁ ବର୍ତ୍ତମାନର ଆଭିମୁଖ୍ୟ ହେବା ଉଚିତ୍ ଜନକଲ୍ୟାଣ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ଅର୍ଥନୈତିକ ବୈଷମ୍ୟର ଦୂରୀକରଣ । ଆସନ୍ତୁ ଆଜି ଏହି ପବିତ୍ର ଦିବସରେ ଗ୍ରାମ୍ୟ ଉନ୍ନତିର ଆଭିମୁଖ୍ୟ ନେଇ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ନଚେତ୍ "ଆମର ସବୁ ଅଛି ମାତ୍ର କିଛି ନାହିଁ" ଉକ୍ତି ବାସ୍ତବର ରୂପାୟନ ହୋଇଯିବ ।



# ଦୁଇଟି ବିଶ୍ୱ—ଦୁଇଟି ଧାରା

ଶ୍ରୀ ଦିବାକର ନାୟକ

ଉପରେ ତାରକା ଖଚିତ ସୁନିର୍ମଳ ମୁକ୍ତ ଆକାଶ, ତଳେ ସବୁଜ ଗାଲିଗ୍ ଘେରା ଆମର ଏଇ ପ୍ରିୟ ଜନ୍ମଭୂମି ଧରିତ୍ରୀ । ଧରିତ୍ରୀର ପଣତ ଛାଇରେ ଆକାଶ ଅଗଣାରେ ସୂର୍ଯ୍ୟ ଆଉ ଚନ୍ଦ୍ରମାର ଲୁଚକାଳି ଖେଳ, ପୁଣି ତା'ର ମନୋରମ ପ୍ରତିବିମ୍ବ ଦିଗନ୍ତ ବିସ୍ତାରୀ ନୀଳ ସାଗର ବୁକୁର ଘନ ନୀଳ ତରଙ୍ଗ ଅଙ୍ଗନରେ । ଏହି ସସାଗରା ଆକାଶ ଓ ଧରଣୀକୁ ନେଇ ଗଢ଼ା ଆମର ବିଶ୍ୱ ବ୍ରହ୍ମାଣ୍ଡ ; ଆଉ ତାରି ସୁକୋମଳ ତନୁ ଉପରେ, ସ୍ନେହମୟୀ ଜନନୀ ଧରିତ୍ରୀ ବକ୍ଷର ରସ ପିଇ, ପ୍ରକୃତିର ଛନ୍ଦମୟ କ୍ରୋଡ଼ରେ ବିଚରଣ କରୁଥିବା ଶାନ୍ତିପ୍ରିୟ ମାନବ ଶିଶୁର ଆମେ ବଂଶଧର ; ଆର୍ଯ୍ୟଭୂମି ଭାରତବର୍ଷର ଯୋଗୀ, ମୁନି ଋଷିମାନଙ୍କ ପବିତ୍ର ଶ୍ଳୋକର ଛନ୍ଦ—ଅମୃତର ସନ୍ତାନ, ମଣିଷ । ମଣିଷ ଶାନ୍ତି ଲୋଡ଼େ, ଧରିତ୍ରୀ ଶାନ୍ତି ଲୋଡ଼େ, ଶାନ୍ତି ଲୋଡ଼େ ଆକାଶ ଓ ସାଗରର ନୀଳିମା । ଏହି ଶାନ୍ତିର ପୁଣ୍ୟ ପୀଠ ହେଉଛି ଆମର ପବିତ୍ର ମାଟି ଭାରତବର୍ଷ । ମହାନ୍ ଆର୍ଯ୍ୟ ସଂସ୍କୃତିର ବେଦୀ ଉପରେ ପ୍ରତିଷ୍ଠିତ ଭାରତୀୟ ସମାଜର ପରଂପରା ହେଉଛି ଶାନ୍ତି । ଏହାର ସାହିତ୍ୟ, ଦର୍ଶନ ଓ ଐତିହ୍ୟର ଛତ୍ରେ ଛତ୍ରେ ପ୍ରତିଧ୍ୱନିତ ହୋଇ ଆସିଛି ଏହି ଶାନ୍ତିର ବାଣୀ । ଶାନ୍ତି ପ୍ରିୟ କ୍ରୌଞ୍ଚ ପକ୍ଷୀର ନିଧନରେ ବ୍ୟଥିତ ହୋଇ ଏ ମାଟିର ମଣିଷ କବି ଗାଇଥିଲେ—ବ୍ୟଥାତୁର କବିର ହୃଦୟରୁ ଉଚ୍ଚାରିତ ହୋଇଛି ଭାରତୀୟ ସାହିତ୍ୟର ପ୍ରଥମ ଶ୍ଳୋକ—"ମାଂ ନିଷାଦ ପ୍ରତିଷ୍ଠା ତ୍ୱମ ଗମଃ ଶାଶ୍ୱତୀ ସମାଃ, ଯତ୍ କ୍ରୌଞ୍ଚ ମିଥୁନାଦକମ୍‌ବଧି କାମ ମୋହିତମ୍" । ଯୁଦ୍ଧ ଓ ହତ୍ୟାର ବିଭୀଷିକାରେ ଅତିଷ୍ଠ ହୋଇ ମାନବ ଜାତିର କଲ୍ୟାଣ ସାଧନ ପାଇଁ ଭାରତୀୟ ମୁନି ଋଷିମାନେ ଯଜ୍ଞ କୁଣ୍ଡରେ ଘୃତାହୁତି ଦେଇ ସମ୍ମିଳିତ କଣ୍ଠରେ ଗାଇ ଉଠିଛନ୍ତି, "ଓଁ ଶାନ୍ତି ଓଁ ଶାନ୍ତି ଓଁ ଶାନ୍ତି" ।

ଏ ଦେଶ ବାଲ୍ମୀକିର ଦେଶ; ବୁଦ୍ଧ, ଚୈତନ୍ୟ ଓ ଧର୍ମାଶୋକର ଦେଶ—ଗାନ୍ଧୀ, ବିବେକାନନ୍ଦ ଓ ଗୋପବନ୍ଧୁର ଦେଶ । ଏ ସଭ୍ୟତା ମନୁପରାସରର ସଭ୍ୟତା ; ଗୀତା, ରାମାୟଣ ଓ ମହାଭାରତର ସଭ୍ୟତା । ଏ ଦେଶର ପରଂପରା ଜଗନ୍ନାଥର ପରଂପରା—ବେଦ, କୋରାନ ଓ ବାଇବେଲର ପରମ୍ପରା । ଏହାର ସଂସ୍କୃତି—ଅଜନ୍ତା, କୋଣାର୍କ, ତାଜମହଲ ଓ କୁତବମୀନାରର ସଂସ୍କୃତି ; ମନ୍ଦିର, ଗୀର୍ଜା ଓ ମସ୍‌ଜିଦ୍‌ର ସଂସ୍କୃତି ।

ଏ ଦେଶରେ କର୍ମମୟ ଦିବସର ଅବସାନ ପରେ ଧରଣୀ ବକ୍ଷକୁ ସଂଧ୍ୟା ନଇଁ ଆସିଲେ, ମନ୍ଦିର ପ୍ରାଙ୍ଗଣରେ ଘଣ୍ଟା ବାଜେ, ତୁଳସୀ ଚଉରାମୂଳେ ସଂଜବତୀ ଜଳେ ; ମସ୍‌ଜିଦ୍‌ରୁ ଭାସିଆସେ, "ଆଲ୍ଲା ହୋ ଆକ୍‌ବର" ର ଧ୍ୱନୀ ଏବଂ ଗୀର୍ଜା ମଧ୍ୟରେ ସମବେତ ନରନାରୀ ଗାଇ ଉଠନ୍ତି, "ଗିଭ ଅସ୍ ଦିସ୍ ଡେ ଆଉଆର ଡେଲି ବ୍ରେଡ୍" । ରଥଯାତ୍ରା, ଇଦ୍ ମୋବାରକ ଓ ବଡ଼ଦିନ ଉତ୍ସବରେ ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସନ୍ୟାସୀ, ବୌଦ୍ଧଭିକ୍ଷୁ, ମୋଲ୍ଲା ଓ ପାଦ୍ରୀ ପର୍ଯ୍ୟନ୍ତ ସମାଜ, ଶାସନ ଓ ଧର୍ମର ପ୍ରତିନିଧି ମାନେ ସମସ୍ତେ ଏକାକାର ହୋଇ ଯାଆନ୍ତି । ଧର୍ମ ନିରପେକ୍ଷତାର ମହାନ୍ ମନ୍ତ୍ରରେ ଏ ଦେଶର ଆକାଶ ଅନୁରଣିତ ହୋଇ ଉଠେ ।

କେବଳ ଶାନ୍ତି ଓ ଧର୍ମନିରପେକ୍ଷତା ନୁହେଁ, ଭାରତ ମାଟିର ପ୍ରତି ରନ୍ଧ୍ରେ ରନ୍ଧ୍ରେ ଭରି ରହିଛି-ଗଣତାନ୍ତ୍ରିକ ପରଂପରାର ମଧୁର ସୁରଭି । ରାଜତନ୍ତ୍ରର ସୁବର୍ଣ୍ଣ ମୁକୁଟ ମଧ୍ୟ ପ୍ରଜା ପାଇଁ ଏଇ ମାଟିରେ ଭୂଲୁଣ୍ଠିତ ହୋଇଛି । ପ୍ରଜାନୁରଞ୍ଜନ ପାଇଁ ରାମଚନ୍ଦ୍ରଙ୍କର ସୀତା ନିର୍ବାସନ, ପ୍ରଜାଙ୍କ ଦୁଃଖ ଦାରିଦ୍ର୍ୟକୁ ଲୋପ କରିବା ପାଇଁ ଛତ୍ରପତି ଶିବାଜୀଙ୍କର ଭିକ୍ଷାପାତ୍ର ଧାରଣ ଭଳି ଉଦାହରଣ ଏ ଦେଶରେ ଅନେକ ରହିଛି । ବ୍ରିଟିଶ୍ ଉପନିବେଶବାଦ କବଳରୁ ମୁକ୍ତି ଲାଭ କରିବା ପାଇଁ ଭାରତୀୟ ଜନତା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲା । ତେଣୁ ଦେଶପ୍ରାଣ ଉତ୍କଳମଣି ଗୋପବନ୍ଧୁ ଲେଖିଥିଲେ—

"ପ୍ରଜା ଲଗି କଲେ ପ୍ରଜାପତି ସୃଷ୍ଟି
ପ୍ରଜା ଲଗି ଇନ୍ଦ୍ର କରେ ଜଳ ବୃଷ୍ଟି ।
ପ୍ରଜା ଲଗି ଉଦେ ରବି ଶଶୀ ତାରା
ପ୍ରଜା ଲଗି ବହେ ଶତ ନଦୀ ଧାରା ।
ପ୍ରଜା ଲଗି ରାଜ୍ୟ ପ୍ରଜାର ଶାସନ
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।"

ଏଣୁ ଶାନ୍ତି, ଧର୍ମନିରପେକ୍ଷତା ଓ ଗଣତନ୍ତ୍ର ହେଉଛି ଭାରତୀୟ ସମାଜ ଓ ଶାସନ ନୀତିର ତିନୋଟି ପ୍ରଧାନ ସ୍ତମ୍ଭ ।

# ଗୋଷ୍ଠୀନିରପେକ୍ଷ ବୈଦେଶିକ ନୀତି

ଏହି ପ୍ରାଚୀନ ପରମ୍ପରାକୁ ଭିତ୍ତିକରି ଗଢ଼ି ଉଠିଛି ସ୍ୱାଧୀନ ଭାରତର ବୈଦେଶିକ ନୀତି । ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ସମୟରେ ପୃଥିବୀର ସାମାଜିକ ଓ ରାଜନୈତିକ ମାନଚିତ୍ର ଯେତେବେଳେ ପରିବର୍ତ୍ତିତ ହେବାକୁ ଲାଗିଲା, ମହାଯୁଦ୍ଧର ଧ୍ୱଂସସ୍ତୂପ ମଧ୍ୟରୁ, ଇତିହାସର ଆତଙ୍କ ହିଟ୍ଲରର ପାନ କରିଥିବା ହଳାହଳର ବଦ୍‌ବୁଦ୍ ମଧ୍ୟରୁ, ବିଶ୍ୱର ଏକ ତୃତୀୟାଂଶ ଭୂଖଣ୍ଡର ମଣିଷ ଯେତେବେଳେ ମଣିଷ ଉପରୁ ମଣିଷର ଶୋଷଣକୁ ଲୋପ୍ କରି ଏକ ନୂତନ ବିଶ୍ୱ ଗଠନ କଲେ; ଯେତେବେଳେ ଉପନିବେଶବାଦ ଓ ସାମ୍ରାଜ୍ୟବାଦର ଜୀର୍ଣ୍ଣ ଜରାୟୁକୁ ଦଳିତ ମଥିତ କରି ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ମାଟିରେ ଜନ୍ମଲାଭ କଲେ ଭାରତ ସମେତ ଅଗଣିତ ନବ ସ୍ୱାଧୀନ ରାଷ୍ଟ୍ର ; ଯେତେବେଳେ ଗୋଟିଏ ବିଶ୍ୱର ଜଠରରେ ମୁଣ୍ଡଟେକିଲା ତିନୋଟି ବିଶ୍ୱ—ପୁଞ୍ଜିବାଦୀ ବିଶ୍ୱ, ସମାଜ-ବାଦୀ ବିଶ୍ୱ ଓ ତୃତୀୟ ବିଶ୍ୱ ବା ଗୋଷ୍ଠୀ ନିରପେକ୍ଷ ଦୁନିଆ ।

ସାମ୍ରାଜ୍ୟବାଦୀ ଶୃଙ୍ଖଳରୁ ମୁକ୍ତିଲାଭ କରିଥିବା ଏହି ନବ ସ୍ୱାଧୀନ ରାଷ୍ଟ୍ରର ରାଷ୍ଟ୍ରନାୟକମାନେ ଉପ-ଲବ୍ଧିକଲେ, ସେମାନଙ୍କ ସମ୍ମୁଖରେ ବିରାଟ କର୍ତ୍ତବ୍ୟ ପଡ଼ି ରହିଛି । ନିଜ ଦେଶର ଅର୍ଥନୀତିକୁ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ପାଇଁ ହେବ ଏବଂ ଯୁଦ୍ଧର ବିଭୀଷିକାରୁ ମୁକ୍ତ ରହି ପୃଥିବୀ ପୃଷ୍ଠରେ ଶାନ୍ତିରେ ବସବାସ କରିବା ପାଇଁ ହେବ । ଏହି ମହାନ ଲକ୍ଷ୍ୟକୁ ବାସ୍ତବତାରେ ରୂପାୟିତ କରିବା ପାଇଁ ଯେଉଁ ରାଷ୍ଟ୍ରନାୟକମାନେ ଆଗେଇ ଆସିଲେ, ସେମାନଙ୍କ ମଧ୍ୟରେ ଅଗ୍ରଣୀ ହେଉଛନ୍ତି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ୰ଜବାହରଲାଲ୍ ନେହେରୁ । ସର୍ବ ପ୍ରଥମେ ସେ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କଲେ ଏକ ଶାନ୍ତିର ତତ୍ତ୍ୱ—ପଞ୍ଚଶୀଳ ନୀତି । ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଭିନ୍ନତା ସତ୍ତ୍ୱେ ପ୍ରତ୍ୟେକ ଦେଶ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିକୁ ଅନୁସରଣ କରିବା, ପ୍ରତ୍ୟେକ ଦେଶ ପରସ୍ପରର ଆଞ୍ଚଳିକ ଅଖଣ୍ଡତା ଓ ସାର୍ବଭୌମତାକୁ ସମ୍ମାନ ଦେବା ଏବଂ କୌଣସି ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ଥିଲା ପଞ୍ଚଶୀଳ ନୀତିର ସାର ମର୍ମ । ତତ୍କାଳୀନ ବିଶ୍ୱର ଅନ୍ୟ ଦୁଇଜଣ ନେତା ଯୁଗସ୍ଲୋଭିଆର ରାଷ୍ଟ୍ରପତି ୰ମାର୍ଶାଲ ଟିଟୋ ଏବଂ ମିଶରର ରାଷ୍ଟ୍ରପତି ୰ନାସେର ଏହି ନୀତିକୁ ସମର୍ଥନ କଲେ । ଏହି ତିନିଜଣ ତୁଙ୍ଗ ନେତାଙ୍କ ଆହ୍ୱାନକ୍ରମେ ବେଲ୍‌ଗ୍ରେଡ୍‌ଠାରେ ନବ ସ୍ୱାଧୀନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହେଲା ଏବଂ ବିଶ୍ୱର ରାଜନୈତିକ ମାନଚିତ୍ରରେ ଏକ ନୂତନ ଶକ୍ତିର ଆବିର୍ଭାବ ଘଟିଲା—ଗୋଷ୍ଠୀ ନିରପେକ୍ଷ ଦୁନିଆ ବା ତୃତୀୟ ବିଶ୍ୱ ।

ଯେତେବେଳେ ବିଶ୍ୱ ସାମ୍ରାଜ୍ୟବାଦର ବଡ଼ ପଣ୍ଡାମାନେ ନବ ସ୍ୱାଧୀନ ରାଷ୍ଟ୍ରମାନଙ୍କୁ ପୁଣିଥରେ ଅଧୀନସ୍ଥ କରିବା ପାଇଁ ଶୀତଳ ଯୁଦ୍ଧର ପର୍ବ ଆରମ୍ଭ କରିଦେଇଥିଲେ, ବିଶ୍ୱ ବଜାରକୁ ପୁଣି ଥରେ ଭାଗ ବଣ୍ଟାଆରା କରିନେବା ପାଇଁ ସାମରିକ ମେଣ୍ଟ ଗଢ଼ି ତୋଳିଥିଲେ ଏବଂ ଅନ୍ୟ ପକ୍ଷରେ ସାମ୍ରାଜ୍ୟବାଦକୁ ପ୍ରତିହତ କରିବା ପାଇଁ, ନବ ସ୍ୱାଧୀନ ରାଷ୍ଟ୍ର ତଥା ଜାତୀୟ ମୁକ୍ତି ଆନ୍ଦୋଳନକୁ ରକ୍ଷା କରିବା ପାଇଁ ସମାଜବାଦୀ ଦେଶମାନେ ଏକ ସାମରିକ ମେଣ୍ଟ ଗଠନ କରିଥିଲେ, ସେତିକିବେଳେ ଗୋଷ୍ଠୀ ନିରପେକ୍ଷ ମଞ୍ଚ ଉପରୁ ତୃତୀୟ ବିଶ୍ୱର ଏହି ତିନିଜଣ କର୍ଣ୍ଣଧାର ଘୋଷଣା କରିଥିଲେ—"ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସଦସ୍ୟ ରାଷ୍ଟ୍ରମାନେ କୌଣସି ସାମରିକ ମେଣ୍ଟରେ ସାମିଲ୍ ହେବେନାହିଁ । ସେମାନେ କୌଣସି ରାଷ୍ଟ୍ରର ଭୂଖଣ୍ଡକୁ ବଳପୂର୍ବକ ଦଖଲ କରିବେ ନାହିଁ କିମ୍ବା ଦଖଲକୁ ଅନୁମତି ଦେବେ ନାହିଁ । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ ହେଉଛି ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱ ଶାନ୍ତି" । ଭାରତର ବୈଦେଶିକ ନୀତିରେ ଗୋଷ୍ଠୀ ନିରପେକ୍ଷତାର ଏହି ମହାନ୍ ଲକ୍ଷ୍ୟ ଏପର୍ଯ୍ୟନ୍ତ ସର୍ବଦା ପ୍ରତିଫଳିତ ହୋଇ ଆସିଛି । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଆଦିପର୍ବଠାରୁ ଏପର୍ଯ୍ୟନ୍ତ ଅନେକ ଦଶନ୍ଧି ଅତିକ୍ରାନ୍ତ ହୋଇଗଲାଣି । ବେଲ୍‌ଗ୍ରେଡ୍‌ଠାରେ ଗୋଷ୍ଠୀ ନିରପେକ୍ଷତାର ଯେଉଁ ଚାରାଟିକୁ ରୋପଣ କରାଯାଇଥିଲା ତାହା ଆଜି ପରିଣତ ହେଲାଣି ବିଶାଳ ଦ୍ରୁମରେ । ବେଲ୍‌ଗ୍ରେଡ୍‌ଠାରୁ ହାଭାନର ଦୂରତ୍ୱକୁ ଅତିକ୍ରମକରି ଏହି ସ୍ରୋତ ମାଡ଼ି ଚାଲିଛି ଆଗକୁ ଆହୁରି ଆଗକୁ ।

ତୃତୀୟ ବିଶ୍ୱ ଚାହେଁ ଶାନ୍ତି । କାରଣ ଏକ ଯୁଦ୍ଧ ମୁକ୍ତ ପୃଥିବୀରେ ହିଁ ସେମାନେ ନିଜ ଦେଶର ଖଟିଖିଆ ଲୋକଙ୍କ ପାଇଁ ସୁଖ ଶାନ୍ତି ଆଣି ଦେଇ ପାରିବେ । ଅନ୍ୟ ପକ୍ଷରେ ସମାଜବାଦୀ ବିଶ୍ୱ ମଧ୍ୟ ଚାହେଁ ଶାନ୍ତି । କାରଣ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ବିଭତ୍ସତାର ଚିହ୍ନ ଏଯାଏ ବି ସେଠାରୁ ଲିଭିଯାଇନି । ଯୁଦ୍ଧରୁ ଫେରିନଥିବା ପୁତ୍ରକୁ ମନେ ପକାଇ ଏବେ ସୁଦ୍ଧା ପୁତ୍ରହରା ଜନନୀ ବାହୁନିବାହୁନି କାନ୍ଦୁଛି, "ଗଲା ପୁତ୍ର ବାହୁଡ଼ି ନଇଲା ଲୋ କୋଇଲି !", ନିଖୋଜ ହୋଇଥିବା ସ୍ୱାମୀକୁ ପ୍ରତୀକ୍ଷା କରି ଆଜି ମଧ୍ୟ ପରିପକ୍ୱ ବୟସରେ ଯୌବନର ସ୍ମୃତି ସ୍ମରଣ କରି ଶଯ୍ୟାଧାରରେ ଅଶ୍ରୁମୋଚନ କରୁଛି ସ୍ୱାମୀ ବିଧୁରା ରମଣୀ । ୪ କୋଟି ନରନାରୀଙ୍କୁ ହରାଇଲାପରେ ଆଜି ସମାଜବାଦୀ ବିଶ୍ୱର ଜନଗଣ ଚାହାଁନ୍ତି— ପୃଥିବୀ ପୃଷ୍ଠକୁ ପୁଣି ଥରେ ଯୁଦ୍ଧର ବିଭୀଷିକା ନଆସୁ ସେମାନଙ୍କ ସୁନାର ସଂସାର ଅଶ୍ରୁର ପାରାବାରରେ ଭାସିନଯାଉ ।

ଏଣୁ ବିଶ୍ୱ ଶାନ୍ତିର ଏହି ମହାନ୍ ଲକ୍ଷ୍ୟ ଆଜି ଦୁଇଟି ବିଶ୍ୱକୁ ପରସ୍ପରର ନିକଟତର କରିଦେଇଛି । ଉଭୟ ସମାଜବାଦୀ ବିଶ୍ୱ ଓ ଗୋଷ୍ଠୀ ନିରପେକ୍ଷ ବିଶ୍ୱର ନେତୃ ବୃନ୍ଦ ଆଜି ଚାହାଁନ୍ତି—ବିଶ୍ୱର କୌଣସି ପ୍ରାନ୍ତରେ ଆଉ ଯୁଦ୍ଧର ଦାବାନଳ ସୃଷ୍ଟି ନହେଉ । ମହାସାଗରର ଶାନ୍ତ ଜଳରାଶିକୁ ଆଲୋଡ଼ିତ କରି ପରମାଣୁ ଅସ୍ତ୍ରବାହୀ ରଣତରୀ ଆଉ ଭାସି ନ ବୁଲୁ ! ମଣିଷ ଶିକାର ପାଇଁ ଖୋଲିଥିବା

ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ବନ୍ଦ ହେଉ ଏବଂ ମଣିଷ ଶିଶୁର ମୁହଁରେ ହସର ପାଖୁଡ଼ା ଫୁଟି ଉଠୁ ।

## ଦୁଇଟି ବିଶ୍ୱ--ଦୁଇଟି ଦେଶ

ଏହି ଦୁଇଟି ବିଶ୍ୱ ହେଉଛନ୍ତି ବିଶ୍ୱଶାନ୍ତିର ଦୁଇଟି ଧାରା ଏବଂ ଏହି ଧାରାର ଭଗୀରଥ ହେଉଛନ୍ତି ଦୁଇଟି ଦେଶ–ଭାରତ ଓ ସୋଭିଏତ୍ ୟୁନିୟନ୍ । ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ହେଉଛି ଏହି ଦୁଇ ଦେଶର ବୈଦେଶିକ ନୀତିର ପ୍ରଧାନ ସ୍ତମ୍ଭ । ଏହି ଦୁଇଦେଶ ମଧ୍ୟରେ ଗଢ଼ି ଉଠିଥିବା ବନ୍ଧୁତାର ପରଂପରା ଅତି ପ୍ରାଚୀନ । ଯୁଦ୍ଧ ବିଗ୍ରହଠାରୁ ଆରମ୍ଭ କରି ମିଳିତ ଜାତିସଂଘର ଅଗଣା ପର୍ଯ୍ୟନ୍ତ ସବୁଠାରେ ସୋଭିଏତ୍ ୟୁନିୟନ ଭାରତ ଆଡ଼କୁ ବନ୍ଧୁତାର ହାତ ବଢ଼ାଇ ଦେଇଛି ।

ଏହି ସଂପର୍କକୁ ଆହୁରି ନିବିଡ଼ କରିଦେଇଛି ବିଭିନ୍ନ ସମୟରେ ଦୁଇଦେଶର ରାଷ୍ଟ୍ରନାୟକମାନଙ୍କ ପାରସ୍ପରିକ ଗସ୍ତ । ଗତ ଡ଼ିସେମ୍ବର ମାସରେ ସୋଭିଏତ୍ ୟୁନିୟନର ରାଷ୍ଟ୍ରପତି ଲିଓନିଦ୍ ବ୍ରେଜନେଭଙ୍କ ଭାରତ ଗସ୍ତ ଏ ଦିଗରେ ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ଗସ୍ତକାଳ ମଧ୍ୟରେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ସୋଭିଏତ୍ ରାଷ୍ଟ୍ରପତି ବ୍ରେଜନେଭଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ମିଳିତ ଘୋଷଣାପତ୍ର ଯେ ବିଶ୍ୱଶାନ୍ତିର ବିକାଶ ପଥରେ ଆଉ ଏକ ମାଇଲ୍ ଖୁଣ୍ଟ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ । ଆଜି ସମସ୍ତ ମାନବ ଜାତି ପ୍ରତୀକ୍ଷା କରି ରହିଛି ସେଇ ଦିନକୁ । ଯେଉଁଦିନ ଆମର ଏହି ମହାନ୍ ବିଶ୍ୱର ସୁନ୍ଦର ନୀଳ ଆକାଶରେ ଶାନ୍ତି କପୋତ ଡେଣାଛାଟି ଉଡ଼ି ବୁଲିବ ।

ମାର୍ଫତ୍ : ନୂଆଦୁନିଆ
ଚାନ୍ଦିନୀଚୌକ, କଟକ-୨

* ପର୍ଯ୍ୟଟକମାନଙ୍କ ସୁବିଧାନିମନ୍ତେ ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ସିଧାସଳଖ ବୋଇଂ ବିମାନ ଚଳାଚଳ ।
* ବିଶ୍ୱବିଖ୍ୟାତ କୋଣାର୍କ ଓ ପୁରୀ ପର୍ଯ୍ୟଟନ କେନ୍ଦ୍ରକୁ ସଂଯୋଗ କରୁଥିବା ବେଳାଭୂମି ସଡ଼କ ନିର୍ମାଣ କାର୍ଯ୍ୟ ୧୯୮୧ ମସିହା ଶେଷବେଳକୁ ସମ୍ପୂର୍ଣ୍ଣ ହେବ ।
* କୋଣାର୍କ, ପୁରୀ ଓ ଭୁବନେଶ୍ୱରଠାରେ ପଞ୍ଚତାରକା ବିଶିଷ୍ଟ ତିନୋଟି ନୂତନ ହୋଟେଲ ନିର୍ମାଣ କରାଯିବ ।
* ଭୁବନେଶ୍ୱରଠାରେ ପ୍ରଥମ କଳଙ୍କିନୀ ଷ୍ଟୁଡ଼ିଓର ଭିତ୍ତିପ୍ରସ୍ତର ସ୍ଥାପନ ।
* କ୍ରୀଡ଼ାକୌଶଳର ବିକାଶପାଇଁ ଭୁବନେଶ୍ୱରଠାରେ ଗୋଟିଏ ବୃହତ୍ ଧରଣର କ୍ରୀଡ଼ା ସଂସ୍ଥା ପ୍ରତିଷ୍ଠା କରାଯିବ । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଷ୍ଟାଡ଼ିୟମ ନିର୍ମାଣ କରାଯିବ ।

# ନିବେଦନ

## ଭାରତର ଜନଗଣନା, ୧୯୮୧

### (ଫେବୃୟାରୀ ୯ ତାରିଖରୁ ମାର୍ଚ୍ଚ ୫ ତାରିଖ)

ଜନଗଣନା ଏକ ମହାନ୍ ଜାତୀୟ କାର୍ଯ୍ୟ, ଯାହାକି ପ୍ରତି ଦଶ ବର୍ଷରେ ଥରେ
ସଂପାଦନ ହୋଇଥାଏ । ଏହା ଏକ ନିର୍ଦ୍ଧାରିତ ସମୟରେ ଦେଶ ଓ ତା'ର
ଲୋକମାନଙ୍କ ସମ୍ବନ୍ଧରେ ଅତ୍ୟନ୍ତ ମୂଲ୍ୟବାନ ତଥ୍ୟମାନ ଯୋଗାଇଥାଏ ।
ଏଥିରୁ ଜନସଂଖ୍ୟାର ଗତିବିଧି ଓ ତତ୍ ସମ୍ପର୍କୀୟ ବିଭିନ୍ନ ବୈଶିଷ୍ଟ୍ୟ ସୂଚିତ
ହୋଇଥାଏ, ଯାହାକି ଯୋଜନା କାର୍ଯ୍ୟ ପାଇଁ ଏକାନ୍ତ ଜରୁରୀ । ଏହା
ଗବେଷକ, ବ୍ୟବସାୟୀ, ଶିଳ୍ପପତି, ଯୋଜନାକାରୀ, ନିର୍ବାଚନ ଅଧିକାରୀ
ଇତ୍ୟାଦିଙ୍କ ଚାହିଦା ପୂରଣ କରିବା ସଙ୍ଗେ ସଙ୍ଗେ ସଫଳ ଓ ସୁଦକ୍ଷ
ଶାସନକ୍ଷେତ୍ରରେ ମଧ୍ୟ ଅପରିହାର୍ଯ୍ୟ ହୋଇଅଛି । ସମସ୍ତ ପ୍ରଗତିଶୀଳ
ରାଷ୍ଟ୍ରମାନଙ୍କରେ ଜନଗଣନା ଏକ ଧାରାବାହିକ କାର୍ଯ୍ୟସୂଚୀ ହୋଇଛି ଏବଂ
ସୁଚିନ୍ତିତ ଲକ୍ଷ୍ୟ ସାଧନ ପାଇଁ ନିୟମିତ ବ୍ୟବଧାନରେ ପରିଚାଳିତ ହୋଇ
ଆସୁଅଛି ।

ଏହି ସମୟ ମଧ୍ୟରେ ଆପଣଙ୍କ ଅଞ୍ଚଳର ଗଣନାକାରୀ ପ୍ରତ୍ୟେକ ପରିବାରପାଇଁ ଏକ ପାରିବାରିକ
ତପସିଲ ଏବଂ ପରିବାରର ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତିଙ୍କପାଇଁ ଏକ ବ୍ୟକ୍ତିଗତ ଚିରକୁଟ ପୂରଣ କରିବାକୁ ଯିବେ

ପରିବାରର ଉପାଦେୟ ତଥ୍ୟସବୁ ଆପଣଙ୍କ ଅଞ୍ଚଳର ଗଣନାକାରୀଙ୍କ ଦ୍ୱାରା ସଂଗୃହୀତ ହେବ ,
ସେଗୁଡ଼ିକ ହେଉଛି—ଗୃହକର୍ତ୍ତାଙ୍କ ନାମ, ଧର୍ମ, ସେ ତପସିଲଭୁକ୍ତ ଜାତି ବା ଆଦିବାସୀ କି ନୁହେଁ , ପରିବାରର
ମୁଖ୍ୟ କଥିତ ଭାଷା, ପରିବାର ନିଜଘରେ ରହୁଛନ୍ତି କି ନା, ପରିବାର ରହୁଥିବା ଘରଟିର ଗୃହନିର୍ମାଣ ଉପାଦାନ,
ପରିବାରପାଇଁ କି କି ସୁବିଧା ସୁଯୋଗ ଅଛି, ପରିବାରରେ ବାସକରୁଥିବା ବିବାହିତ ଦମ୍ପତି, ପରିବାରର ଲୋକ
ସଂଖ୍ୟା (ପୁରୁଷ ଓ ସ୍ତ୍ରୀ), ବୟସ ଇତ୍ୟାଦି ।

ଆପଣଙ୍କ ଅଞ୍ଚଳର ଗଣନାକାରୀ ପ୍ରତ୍ୟେକ ପରିବାରରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କପାଇଁ ନିମ୍ନଲିଖିତ
ତଥ୍ୟ ସବୁ ସଂଗ୍ରହ କରିବେ—ପରିବାରରେ ଗୃହକର୍ତ୍ତାଙ୍କ ସହିତ ସମ୍ବନ୍ଧ, ବୟସ, ବୈବାହିକ ଅବସ୍ଥା, ମାତୃଭାଷା,
ଜାଣିଥିବା ଅନ୍ୟ ଦୁଇଟି ଭାଷା, ଧର୍ମ, ତପସିଲଭୁକ୍ତ ଜାତି/ଆଦିବାସୀ ଗୋଷ୍ଠୀର ଅଟନ୍ତି କି ନା, ସାକ୍ଷର ବା
ନିରକ୍ଷର, ଶିକ୍ଷାଗତ ଯୋଗ୍ୟତା, କି ପ୍ରକାରର କର୍ମୀ (ପୂର୍ଣ୍ଣ ସମୟ କର୍ମୀ କିମ୍ବା ସାମୟିକ କର୍ମୀ), ମୁଖ୍ୟ କର୍ମ
ଏବଂ ଗୌଣ କର୍ମର ବିବରଣ ଏବଂ କାର୍ଯ୍ୟ ଖୋଜୁଛନ୍ତି କି ଇତ୍ୟାଦି । କେବଳ ନମୁନା ଅଞ୍ଚଳରେ ଗଣନାକାରୀ-
ମାନେ ପ୍ରତ୍ୟେକ ବ୍ୟକ୍ତିଙ୍କପାଇଁ ଉପରୋକ୍ତ ତଥ୍ୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଆଉ କେତେକ ଅଧିକା ତଥ୍ୟ
ସଂଗ୍ରହ କରିବେ ଯଥା:—ଜନ୍ମସ୍ଥାନ, ପୂର୍ବବାସସ୍ଥାନ, ପୂର୍ବବାସସ୍ଥାନ ପରିବର୍ତ୍ତନର କାରଣ, ବିବାହିତା ସ୍ତ୍ରୀ ଲୋକଙ୍କ
ପାଇଁ ବିବାହ ସମୟର ବୟସ, ଜନ୍ମହୋଇଥିବା ପିଲାଙ୍କ ସଂଖ୍ୟା ଏବଂ ଜନ୍ମହୋଇ ଜୀବିତ ଥିବା ପିଲାଙ୍କ ସଂଖ୍ୟା
ଇତ୍ୟାଦି ।

ସଠିକ୍ ଉତ୍ତର ଦେବାକୁ ଦ୍ୱିଧା କରନ୍ତୁ ନାହିଁ । ଏହି ସଂଗୃହୀତ ହୋଇଥିବା ତଥ୍ୟଗୁଡ଼ିକ ଗୋପନୀୟ
ରଖାଯିବ ଏବଂ ଜନଗଣନା ଆଇନ ଅନୁଯାୟୀ ଏହା କୌଣସି ବିଚାରାଳୟରେ ସାକ୍ଷ୍ୟରୂପେ ପ୍ରମାଣିତ
ହୋଇପାରିବ ନାହିଁ ।

ଜନସାଧାରଣଙ୍କୁ ନିବେଦନ ଯେ, ସେମାନେ ଦୟାକରି ଗଣନାକାରୀ
ଗଣନାକାରୀଙ୍କ ପାଇଁ ଉନ୍ମୁକ୍ତ ରଖନ୍ତୁ । ଆପଣଙ୍କର ପୂର୍ଣ୍ଣ ସହଯୋଗ
ଚାହୁଁଥିବା ତଥ୍ୟଦେବାରେ ସାହାଯ୍ୟ କରନ୍ତୁ ।
ତଥ୍ୟ ଚାହୁଁଛନ୍ତି ତାହା ଜନତତ୍ତ୍ୱବିତ୍, ସାମାଜିକ ବୈଜ୍ଞାନିକ, ଯୋଜନାକାରୀ
ଏବଂ ସମଗ୍ର ଦେଶର ଗଠନ ଉଦ୍ଦେଶ୍ୟରେ ଆବଶ୍ୟକ । ଗଣନାକାରୀ ଆପଣଙ୍କଠାରୁ ଯେଉଁ

ଜନତା ଏବଂ ଯୋଜନାକାରୀଙ୍କ ମଧ୍ୟରେ ଜନଗଣନା ଏକମାତ୍ର
ଯୋଗସୂତ୍ର ।

ନିର୍ଦ୍ଦେଶକ
ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟ,
କଟକ

# ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ : ୧୯୮୦

ଶ୍ରୀ ଚିତ୍ତରଞ୍ଜନ ମିଶ୍ର

ଓଡ଼ିଆ ଚଳଚ୍ଚିତ୍ର ପାଇଁ ୧୯୮୦ ଏକ ଘଟଣା ବହୁଳ ବର୍ଷ । ଚିତ୍ର ପ୍ରଯୋଜନ, ବିତରଣ, ଓ ପ୍ରଦର୍ଶନ ସବୁ କ୍ଷେତ୍ରରେ ଏ ବର୍ଷ ନୂଆ ନୂଆ ଇତିହାସ ସୃଷ୍ଟି ହୋଇଛି । ଏ ବର୍ଷ ଭିତରେ ସମୁଦାୟ ୧୩ ଟି ନୂଆ ଓଡ଼ିଆ ଚିତ୍ର ମୁକ୍ତି ଲାଭ କଲା । ସେ ଭିତରୁ ୬ ଟି ଚିତ୍ର ରଙ୍ଗୀନ । ସେ ଗୁଡ଼ିକ ହେଲା, ଡି: କେ: ପ୍ରୋଡ଼କ୍ସନ୍‌ର "ରାମାୟଣ" (ନିର୍ଦ୍ଦେଶକ: ଗୋବିନ୍ଦ ତେଜ୍) ଗୌରାଙ୍ଗ ଫିଲ୍ମିସ୍‌ର 'ଅଗ୍ନି ପରୀକ୍ଷା' (ନିର୍ଦ୍ଦେଶକ : କହ୍ଲାର ସେନ) ସଂଦୀପ ଫିଲ୍ମିସ୍ ର 'ମେଘ ମୁକ୍ତି' (ନିର୍ଦ୍ଦେଶକ : ବିନୁ ବର୍ଦ୍ଧନ) ଦାସ ବନ୍ଧୁ ଫିଲ୍ମିସ୍‌ର "ଚାଟ ଅଚାଟ" (ନିର୍ଦ୍ଦେଶକ : ବୃନ୍ଦାବନ ଜେନା) ଏମ୍: ଏମ୍: ପ୍ରୋଡ଼କ୍ସନ୍‌ର 'ମା ଓ ମମତା' (ନିର୍ଦ୍ଦେଶକ : ପ୍ରଶାନ୍ତ ନନ୍ଦ) ଏବଂ ଶ୍ରୀ ଲକ୍ଷ୍ମୀ ଫିଲ୍ମିସ୍‌ର ପ୍ରଯୋଜିତ 'ରାମ ବଳରାମ" (ନିର୍ଦ୍ଦେଶକ : ସଂଜୀବୀ) ଏହା ପୂର୍ବରୁ କୌଣସି ବର୍ଷ ଓଡ଼ିଆ ଭାଷାରେ ଏତେ ରଙ୍ଗୀନ କଥା ଚିତ୍ର ନିର୍ମିତ ହୋଇ ନ ଥିଲା ।

ଦୁଇଟି ଆଂଶୀକ ରଙ୍ଗୀନ ଚିତ୍ର ହେଲା ଜୟଦୁର୍ଗା ଫିଲ୍ମିସ୍‌ର "ଜୟ ମା ମଙ୍ଗଳା" (ନିର୍ଦ୍ଦେଶକ : ଅକ୍ଷୟ ମହାନ୍ତି) ଏବଂ ପ୍ରଶାନ୍ତ ପିକ୍‌ଚର୍ସର ତପସ୍ୟା (ନିର୍ଦ୍ଦେଶକ : ନଗେନ୍ ରାୟ) ।

ଅନ୍ୟ ପାଞ୍ଚଟି ଚିତ୍ର ହେଉଛି କିଏଟିଭ୍ ମୁଭିଜ୍ ପ୍ରଯୋଜିତ 'ଅନୁରାଗ' (ନିର୍ଦ୍ଦେଶକ : ନିତାଇ ପାଲିତ୍), ପୁଷ୍ପାଞ୍ଜଳୀ ପ୍ରୋଡ଼କ୍ସନ୍‌ର 'ଅନୁରାଧା' (ନିର୍ଦ୍ଦେଶକ : ଗିରିଧର) । ଇଚ୍ଛା ପିକ୍‌ଚର୍ସର 'ତ୍ରିନାଥ ମେଳା' (ନିର୍ଦ୍ଦେଶକ : କୃଷ୍ଣ ଚନ୍ଦ୍ର ରଥ), ପର୍ଶୁରାମ ପିକ୍‌ଚର୍ସର 'ଅପରାଜିତା' (ନିର୍ଦ୍ଦେଶକ : ସାଧୁ ମେହେର) ଏବଂ ଶ୍ରୀ ଚଳ ଚିତ୍ର ପ୍ରତିଷ୍ଠାନର "ଅଭିନବ ଦାଗ" (ନିର୍ଦ୍ଦେଶକ: ରମାରମଣ ପାଢ଼ୀ) । ଶେଷୋକ୍ତ ଚିତ୍ର "ଅଭିନବ ଦାଗ" ଓଡ଼ିଶାର ସର୍ବ ପ୍ରଥମ "କେବଳ ବୟସ୍କଙ୍କ ପାଇଁ" ପ୍ରଦର୍ଶନ ଯୋଗ୍ୟ ଚିତ୍ର ।

କଥା ବସ୍ତୁ ଦୃଷ୍ଟିରୁ ରାମାୟଣ ହେଉଛି ଏକ ସଂପୂର୍ଣ୍ଣ ପୌରାଣିକ ଚିତ୍ର । "ଜୟ ମା ମଙ୍ଗଳା" ଓ "ତ୍ରିନାଥ ମେଳା" ଓଡ଼ିଶାର ଦେବା ଦେବୀ ପୂଜା କିମ୍ବଦନ୍ତୀ ଉପରେ ଆଧାରିତ । 'ଅଗ୍ନି ପରୀକ୍ଷା' ଓ 'ମେଘ ମୁକ୍ତି' ବଙ୍ଗଳା ଚିତ୍ରର ରୂପାନ୍ତର ଏବଂ 'ରାମ ବଳରାମ' ହିନ୍ଦି ଚିତ୍ର 'ରାମ ଔର ଶ୍ୟାମ' ର ଓଡ଼ିଆରେ ପୁନର୍ ନିର୍ମାଣ ।

ଉତ୍ତମ ମହାନ୍ତି ୧୯୮୦ ର ସର୍ବାଧିକ ଲୋକ ପ୍ରିୟ ନାୟକ ଭାବରେ ୪ଟି ଚିତ୍ରରେ ଅଭିନୟ କରିଛନ୍ତି । ସେହିପରି ନାୟିକା ଭୂମିକାରେ ମହାଶ୍ୱେତା ରାୟ ମଧ୍ୟ ସର୍ବାଧିକ ୪ଟି ଚିତ୍ରରେ ଅଛନ୍ତି । ଅନ୍ୟ ଦୁଇଜଣ ନାୟିକା ଅନୀତା ଦାସ ଓ ଦୀପା ସାହୁ ତିନୋଟି ଲେଖାଏଁ ଚିତ୍ରରେ ଆସିଛନ୍ତି । 'ମେଘ ମୁକ୍ତି' ର ଦ୍ୱୈତ ଭୂମିକାରେ ଅଭିନୟ କରିଥିବା ଟେଲିଭିଜନର 'ମିନୁ' ହେଉଛନ୍ତି ଏ ବର୍ଷର ସଫଳତମ 'ନବ ନାୟିକା' ।

ଓଡ଼ିଆ ଚଳଚ୍ଚିତ୍ର ପାଇଁ ୧୯୮୦ ଅନେକ ଦିଗରୁ ଶୁଭଙ୍କରୀ । ଓଡ଼ିଶା ସରକାରଙ୍କ ବହୁ ପ୍ରତ୍ୟାଶିତ ଅନେକ ଉନ୍ନୟନ ଯୋଜନା ଏ ବର୍ଷ କାର୍ଯ୍ୟକାରୀ ହୋଇପାରିଛି । ଓଡ଼ିଶା ଫିଲ୍ମ୍ସ ଡେଭଲପ୍‌ମେଣ୍ଟ କର୍ପୋରେସନର ମାଧ୍ୟମରେ ଏବଂ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ ସହାୟତାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କେତେ ଗୁଡ଼ିଏ ନୂଆ ପ୍ରେକ୍ଷାଳୟ ନିର୍ମିତ ହେଉଛି । ସେ ଭିତରୁ ଭୁବନେଶ୍ୱରରେ ଦୁଇଟି ଏବଂ ଜୟପୁର, ତାଳଚେର, ଉଦଳା, ଆନନ୍ଦପୁର, ଛତ୍ରପୁର, ବୌଦ୍ଧରାଜ, ତଥା ବରପାଲିରେ ଗୋଟିଏ ଲେଖାଏଁ ପ୍ରେକ୍ଷାଳୟ ନିର୍ମିତ ହେବାକୁ ଯାଉଛି ।

ଉକ୍ତ କୋଟୀର ନୂଆ ଓଡ଼ିଆ କଥା ଚିତ୍ର ନିର୍ମାଣ କରିବା ନିମନ୍ତେ ଶ୍ରୀ ନିରୋଦ ମହାପାତ୍ର ଙ୍କ "ମାୟା ମିରିଗ" ପାଇଁ ୪ ଲକ୍ଷ ଟଙ୍କା । ଶ୍ରୀ ସାଧୁ ମେହେରଙ୍କ "ଅଭିଳାଷା" ପାଇଁ ୩ ଲକ୍ଷ ଟଙ୍କା ଏବଂ ଶ୍ରୀ ମନମୋହନ ମହାପାତ୍ର ଙ୍କ "ନୀରବ ଝଡ଼" ପାଇଁ ୨'୩୪ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଛି ।

ବର୍ଷ ବର୍ଷ ଧରି ବହୁ ଆଲୋଚିତ ଚଳଚ୍ଚିତ୍ର ପ୍ରଯୋଜକ ଙ୍କୁ 'କ୍ୟାସ୍ ସବ୍‌ସିଡ଼ି' ନୀତି ଏ ବର୍ଷ କାର୍ଯ୍ୟକାରୀ କରାଗଲା । ତଦନୁସାରେ 'ଶୌରୀ' ଚଳଚ୍ଚିତ୍ରର ନିର୍ମାତା ଡି: କେ: ପ୍ରୋଡ଼କ୍ସନ୍ ଏକ ଲକ୍ଷ ଟଙ୍କା ଓ ମଥୁରା ବିଜୟ (ରଂଗୀନ୍) ଚିତ୍ରର ନିର୍ମାତା ଶ୍ରୀ ବାବୁଲାଲ୍ ଦୋଷୀ ଦେଢ଼ ଲକ୍ଷ ଟଙ୍କା ନଗଦ ସାହାଯ୍ୟ ପାଇଲେ ।

ଖଣ୍ଡଗିରି ଠାରେ ନିର୍ମିତ ହେବାକୁ ଯାଉଥିବା ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ଷ୍ଟୁଡ଼ିଓର ଭିତ୍ତି ସ୍ଥାପନ, ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ କ୍ଷେତ୍ରରେ ଏ ବର୍ଷର ସବୁଠାରୁ ସ୍ମରଣୀୟ ଘଟଣା । ମାଡ୍ରାଜର ଶାରଦା ଏଣ୍ଟର ପ୍ରାଇଜସ୍ ଏବଂ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନର ମିଳିତ ଆନୁକୂଲ୍ୟରେ ଆନୁମାନିକ ଏକ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏ ଅତ୍ୟାଧୁନିକ ଷ୍ଟୁଡ଼ିଓ ଏବଂ ଲାବରେଟେରୀର ନାମ ରଖା ଯାଇଛି "କଳିଙ୍ଗ ଷ୍ଟୁଡ଼ିଓଜ୍ ଲିମିଟେଡ୍" । ଓଡ଼ିଶାର ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ତଥା ରାଜ୍ୟ ଫିଲ୍ମ୍ସ ଡେଭଲପ୍‌ମେଣ୍ଟ କର୍ପୋରେସନର ଅଧ୍ୟକ୍ଷ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଏ ଷ୍ଟୁଡ଼ିଓ କମ୍ପାନୀର ପରିଚାଳନା ବୋର୍ଡର ଅଧ୍ୟକ୍ଷ । ରାଜ୍ୟ ଅର୍ଥ କର୍ପୋରେସନ ଏବଂ ଇପିକଲ୍ ମଧ୍ୟ ଏ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା କରୁଛନ୍ତି । ଏ ଷ୍ଟୁଡ଼ିଓ ସ୍ଥାପିତ ହେବା ପରେ ଓଡ଼ିଶାର ପ୍ରଯୋଜକ ମାନଙ୍କୁ ଚିତ୍ର ସୁଟିଂ ଓ ପ୍ରସେସିଙ୍ଗ ପାଇଁ ଆଉ କଲିକତା, ମାଡ୍ରାଜ ବା ବମ୍ବେ ଦଉଡ଼ିବାକୁ ପଡ଼ିବ ନାହିଁ ।

ଏକ ଜାତୀୟ ଚଳଚ୍ଚିତ୍ର ନୀତି ସ୍ଥିର କରିବା ପାଇଁ ଭାରତ ସରକାର ବସାଇଥିବା ଏକ ଅନୁଧ୍ୟାନ କାରୀ କମିଟି ତାଙ୍କ ରିପୋର୍ଟରେ ଓଡ଼ିଶା ସରକାରଙ୍କ ଚଳଚ୍ଚିତ୍ର ନୀତି ଓ ରାଜ୍ୟ ଚଳଚ୍ଚିତ୍ର କର୍ପୋରେସନର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଛନ୍ତି । ଆଶା କରାଯାଏ ଓଡ଼ିଶା ଚଳଚ୍ଚିତ୍ରର ଏ ପ୍ରଗତିର ରଥ ଆଗକୁ ଗଡ଼ି ଚାଲିବ ଆଗାମୀ ବର୍ଷ ମାନଙ୍କରେ ।

କବିତା

# କେଉଁ ଏକ ସୁପ୍ରଭାତ ପାଇଁ

ଶ୍ରୀ ନେତ୍ରାନନ୍ଦ ସାମନ୍ତରାୟ

ଅନ୍ଧକାର କୁଆଡ଼େ କିଛି ଆଖି ଯାଏ ନାହିଁ
ଶବ୍ଦର ପ୍ରତିଶବ୍ଦର ଅଦ୍ଭୁତ ଭେଳକିବାଜିରେ........
ଡଙ୍ଗାଟି ଚାଲିଛିତ ଚାଲିଛି ସମସ୍ତଙ୍କ ଭାଗ୍ୟ ବୋହି ନେଇ
ଦିନଦଣ୍ଡ ମାସବର୍ଷ ସମ୍ମୋହିତ ଋତୁ ପର୍ଯ୍ୟାୟରେ ;
ପ୍ରାଣମୂର୍ଚ୍ଛା ସଂଗ୍ରାମରେ ବିତିଯାଏ କାଳକାଳ
ଯାତ୍ରା ତା'ର କୁଆଡ଼କୁ ଦିଗ୍‌ହରା ନାଉରୀ ଜାଣେନି
ଅଶାୟତ ଆହ୍ଲାଦକୁ ଆବୋରିଛି ବସି ମଙ୍ଗପରେ,
ତା'ର ବା ଚାରା କ'ଣ ଏକାଏକା
ସୀମାହୀନ ସମୁଦ୍ରର ଭୟଙ୍କର ଝଡ଼ ଓ ଝଙ୍କାରେ !!

ସମୟ ସ୍ରୋତରେ ଖାଲି ଠେଲିହୋଇ ଯିବାହିଁ ସାର ହୁଏ
ଦେଖିବାର ଅପାର ଜିଜ୍ଞାସା ଓ କୌତୁହଳ ନେଇ ;
ପ୍ରତୀକ୍ଷାମାଣ ଯାତ୍ରୀଙ୍କର ସାମନାରେ
ପ୍ରତିଶ୍ରୁତିର ହରରଙ୍ଗୀ ଚିତ୍ରପଟ ମନ ମୋହିନିଏ
ନାନା ସ୍ୱପ୍ନର ମାନଚିତ୍ରରେ ଉଦ୍‌ଭାସିତ
ଏ ମାଟିର ଐତିହ୍ୟ
ସତ୍ୟ ଶାନ୍ତି ସାମ୍ୟର ସାମ୍ରାଜ୍ୟ ; ଆନ୍ଦୋଳିତ କୋହ
ଆଶା ଓ ଆଶଙ୍କାରେ ଦିଗ୍‌ବଳୟ ଛାଇ ପଡ଼େ ଧାଇଁ,
ତଥାପି ବି' କ୍ଲାନ୍ତି ମେଣ୍ଟେ ନାହିଁ ।।

ଡଙ୍ଗା ଚାଲିଛିତ' ଚାଲିଛି......ଚାଲିଛି........
ମୌନ ସହଯାତ୍ରୀର ସ୍ୱତଃ ଆଖିରେ ଆଖିଏ ପ୍ରଶ୍ନ :
ଏମିତି ଆଉ କେତେ ମାୟାବାହିଁକୁ ଆପଣାର କରିହେବ
ଚମତ୍କାର ସ୍ୱପ୍ନର ଦୃଶ୍ୟାବଳୀରେ ;
ଅନିର୍ଦ୍ଦିଷ୍ଟ ଦୂରତ୍ୱର ଦିଗ୍‌ବଳୟ ସାଉଣ୍ଟି ସାଉଣ୍ଟି
କେତୋଟି ସୂର୍ଯ୍ୟାସ୍ତ ସୂର୍ଯ୍ୟୋଦୟ ଛୁଇଁ ଆସି ଯାଉଥିବ
ପ୍ରତୀକ୍ଷାର ଯନ୍ତ୍ରଣା ଓ ଯନ୍ତ୍ରଣା ଭିତରେ ;
ନିଶ୍ଚୁପ ସମୟ ଆଉ କେତେକାଳ ଡ଼ିଆଁ ମାରୁଥିବ
ଉଦାସୀନ ନାଉରୀଆର ହୁଏତ ଅନିଚ୍ଛାକୃତ ଅକ୍ଷମତାରେ ??

ଉପରେ ଅନନ୍ତ ମହାଶୂନ୍ୟ ଚାରିପାଖେ ଅଥଳ ସମୁଦ୍ର ଘେର
ଦୀର୍ଘ ପ୍ରଶ୍ନବାଚୀରୁ ସେ ଏବେ କେଉଁଠିକୁ ଲମ୍ଫ ଦେବ
ଲହରୀ ସବୁ ଘୂରି ଘୂରି ରହିଯାନ୍ତି ଆପେ ସ୍ଥିର ହୋଇ,
ନିଜେଇ ନିଜର ଆଶ୍ୱାସନା ନିଜେଇ ମୁକ୍ତିର ରହସ୍ୟ
ଘୁ ଘୁ ଗର୍ଜୁଥିବା ଅଶାନ୍ତ ଲହରୀମାଳା
ବନ୍ଧନ କିଛି ବୁଝେ ନାହିଁ........
ଚିନ୍ତାରେ ଚେତନାରେ ସହଯାତ୍ରୀ ବିବ୍ରତ ବ୍ୟାକୁଳ
ଅପହଞ୍ଚ ଦିଗ୍‌ବଳୟେ ଆଗାମୀର ବର୍ଣ୍ଣବିଭା
ଆକାଂକ୍ଷିତ କେଉଁ ଏକ ସୁପ୍ରଭାତ ପାଇଁ ।।

କ୍ୱାର୍ଟର ନଂ 'ଭି'—୩୮/୪ ୟୁନିଟ—୯ (ଫ୍ଲାଟ)
ଭୁବନେଶ୍ୱର—୭୫୧୦୦୭

# ସ୍ୱାଗତମ୍ ଜନରାଜ୍ୟ ଦିବସ

କୁମାରୀ ବନଜ୍ୟୋତ୍ସ୍ନା ଦେଈ

ଏଇ ଘଟଣାଟି ନିରାଟ ସତ୍ୟ ହେଲେ ମଧ୍ୟ ସମସ୍ତଙ୍କ ମନରେ କେଉଁ ପ୍ରଭାବ ପକାଇବ ତାହା ମୁଁ ଜାଣେ ନାହିଁ । ମନେ ପଡ଼େ ମୋ ଜୀବନର କେତୋଟି ଅବିସ୍ମରଣୀୟ ଅନୁଭୂତି । ଏହା ପ୍ରାୟ ସମସ୍ତଙ୍କ ଭାଗ୍ୟରେ ଖୁବ୍ କମ୍ ମିଳିଥାଇ ପାରେ । ସନ ୧୯୬୭ ମସିହା ଜାନୁଆରୀ ଛବିଶରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଜନରାଜ୍ୟ ଦିବସ ପ୍ୟାରେଡ୍‌ରେ ମୋତେ ଯୋଗ ଦେବାକୁ ଏକ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥିଲା । ମୋର ବୟସ ସେତେବେଳେ ମାତ୍ର ସାତ ବର୍ଷ । ମୋର ସାହସିକ କାର୍ଯ୍ୟ ପାଇଁ ମୋତେ ଜାତୀୟ ପୁରସ୍କାର ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଦାନ କରିଥିଲେ । ଅତି ଅଳ୍ପ ବୟସରେ ମୋ ପରି ଗୋଟିଏ ଗାଉଁଲି ଶିଶୁ ଜାତୀୟ ପୁରସ୍କାର ପାଇବା ଏହ ଓଡ଼ିଶା ପକ୍ଷରେ ଅତି ଆନନ୍ଦର କଥା । ସର୍ବ ଭାରତୀୟ ସ୍ତରରେ ଯେଉଁ ବାଳକ ବାଳିକା ମାନେ ଜାତୀୟ ପୁରସ୍କାର ଗ୍ରହଣ କଲେ ସେମାନଙ୍କ ମଧ୍ୟରେ ମୁଁ ଥିଲି ସର୍ବ କନିଷ୍ଠ ଶିଶୁ । ମୋତେ ବହୁ ଭୟ ଲାଗୁଥିଲା ଦିଲ୍ଲୀ ଯିବା ପାଇଁ । ରେଳରେ ବସି ଦିଲ୍ଲୀ ଗଲି । ବାଟରେ କ୍ରମଶଃ ମୋର ସାହାସ ବଢିଗଲା । କାରଣ ବିଭିନ୍ନ ଭାଷାର ଲୋକମାନଙ୍କ ବେଶ ପୋଷାକ ମୋ ମନକୁ ପରିବର୍ତ୍ତନ କରି ଦେଲା । ଦିଲ୍ଲୀର ବିଭିନ୍ନ ପ୍ରକାର ପ୍ରାକୃତିକ ଦୃଶ୍ୟ, କୋଠା ବାଡ଼ି, ରାସ୍ତାର ଆଲୋକମାଳା ମୋ ମନରେ ଆଣିଦେଲା ଏକ ନବ ଉଦ୍ଦୀପନା । ସେତେବେଳେ ଭୟଙ୍କର ଅଣ୍ଡା ପଡ଼ିଥାଏ ଏବଂ ଆକାଶ ସର୍ବଦା କୋହଲା ରହୁଥାଏ । ତଥାପି ମୁଁ ଭୟଭୀତ ହୋଇ ନ ଥିଲି । ସେଠାରେ ରହଣି ସମୟରେ ଆଶ୍ଚର୍ଯ୍ୟ କଥା ଭୁଲି ପାରୁ ନାହିଁ । ଜାନୁୟାରୀ ଛବିଶ ପ୍ରତିବର୍ଷ ମହା ଆଡ଼ମ୍ବର ସହକାରେ ପାଳନ ହୁଏ । ସମସ୍ତ ବଡ଼ ବଡ଼ କୋଠା ମାନଙ୍କରେ ଉପରୁ ତଳକୁ ଗେଣ୍ଡୁଫୁଲର ମାଳ ଝୁଲୁଥାଏ ଏବଂ ବିଭିନ୍ନ ପ୍ରକାର ଆଲୋକ ମାଳା ରାସ୍ତାର ଶୋଭା ବର୍ଦ୍ଧନ କରୁଥାଏ । ରାସ୍ତାର ଦୁଇପାର୍ଶ୍ୱରେ ଓ କୋଠାମାନଙ୍କରେ ଜାତୀୟ ପତାକା ଫର ଫର ହୋଇ ଉଡୁଥାଏ । ସେ ଦିନର ଦୃଶ୍ୟ ଦର୍ଶକ ମାନଙ୍କ ମନରେ ଆଣି ଦେଇଥିଲା ଏକ ନବ ଜାଗରଣ । ଦିଲ୍ଲୀରେ ଦେଖିଲି ମାଇଲ ମାଇଲ ଜମିରେ କେବଳ ଗେଣ୍ଡୁଫୁଲ । ଏହି ଫୁଲ ସେଠାରେ ବହୁ ମୂଲ୍ୟରେ ବିକ୍ରୟ ହୁଏ ।

ଜନରାଜ୍ୟ ଦିବସ ପ୍ୟାରେଡ୍‌ରେ ଯୋଗ ଦେବା ନିମିତ୍ତ ମୋର ସମସ୍ତ ଖର୍ଚ୍ଚ ଭାରତ ସରକାର ଗ୍ରହଣ କରିଥିଲେ । ସେଠାରେ ଗୋଟିଏ ଶୀତତାପ ନିୟନ୍ତ୍ରିତ ଘରେ ଭାରତବର୍ଷର ବିଭିନ୍ନ ପ୍ରଦେଶରୁ ଆସିଥିବା ପିଲାମାନେ ସମସ୍ତେ ଗୋଟିଏ ସ୍ଥାନରେ ରହି ମିଳାମିଶା ହେବାର ସୁଯୋଗ ଲାଭ କରିଥିଲୁ । ହାତୀରେ ବସିବା ଓ ତଳକୁ ଖସିବା ତାଲିମ୍ ପିଲାମାନଙ୍କୁ ହାତୀର ଚାଳକମାନେ ଶିକ୍ଷା ଦେଉଥିଲେ । ଏହା ମୋ ପକ୍ଷରେ ଗୋଟିଏ ବିରାଟ ପରୀକ୍ଷା ଥିଲା । କାରଣ ମୁଁ ହାତୀରେ କେବେ ବସି ନଥିଲି । ବିରାଟକାୟ କାଳୁରାମ ହାତୀ ଦେଖି ଭୟରେ କାନ୍ଦି ଉଠିଥିଲି । ପ୍ରଥମ ଥର ହାତୀ ପିଠିରୁ ତଳକୁ ଖସି ପଡ଼ିବା ସମୟରେ ହାତୀର ମାହୁନ୍ତ ମୋତେ ଟେକି ଧରିଥିଲେ । କିଛି କ୍ଷଣ ପରେ ମୋର ଭୟ ଦୂର ହେଲା ଓ ମୁଁ ହାତୀରେ ବସି ଖୁସି ହୋଇଥିଲି । ଗୋଟିଏ ହାତୀରେ ଚାରି ଜଣ ଶିଶୁ ବସିବାର ବ୍ୟବସ୍ଥା ଥିଲା ।

ଜନରାଜ୍ୟ ଦିବସ ପ୍ରଭାତରୁ ରାଷ୍ଟ୍ରପତିଙ୍କ ଭବନରେ ଆମେ ସମସ୍ତେ ଏକତ୍ରିତ ହୋଇଥିଲୁ । ପରେଡ଼ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ତାଙ୍କ ବାସଭବନରୁ ବାହାରି ଇଣ୍ଡିଆ ଗେଟ୍ ଠାରେ ଆମ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଜବାନ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଅମର ଜ୍ୟୋତିରେ ଫୁଲମାଳ ଦେଇଥିଲେ । ତା' ପରେ ରାଷ୍ଟ୍ରପତି ଭବନକୁ ଆସି ଜାତୀୟ ପତାକା ରାଷ୍ଟ୍ରପତିଙ୍କ ଗହଣରେ ସମ୍ମାନ ସହିତ ଭକ୍ତି ଓ ବିନମ୍ର ଅଭିନନ୍ଦନ ଜଣାଇଥିଲେ । ସେଠାରେ ଭାରତବର୍ଷର ବିଭିନ୍ନ ଅଞ୍ଚଳର ସୁନାମଧାରୀ ଜବାନ୍ ଏବଂ ସ୍କୁଲ କଲେଜ ଛାତ୍ର ଛାତ୍ରୀ ପ୍ରସ୍ତୁତ ହୋଇ ରହିଥିଲେ । ହଠାତ୍ ଛବିଶ ଥର ତୋପ ଧ୍ୱନି ହେଲା ।ଏହି କମାଣ ଗର୍ଜନରେ ମୋ ଦେହ ବରଡ଼ାପତ୍ର ପରି ଥରିଗଲା । ମୋ ସହିତ ହାତୀରେ

କର୍ତ୍ତବ୍ୟରତ ପିଲାମାନେ ମୋତେ ଜୋର କରି ଧରି ନେଇ ଥିଲେ । ତତ୍କାଳୀନ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ଅହମ୍ମଦ ଓ ପ୍ରଧାନ ମନ୍ତ୍ରୀ ଗୋଟିଏ ସୁ ସଜ୍ଜିତ ମଞ୍ଚ ଉପରେ ଆମର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜଳ ସ୍ଥଳ, ଆକାଶ ବାହିନୀର ଜବାନ ମାନଙ୍କ ସହିତ ଆମ୍ଭେମାନେ ଆମର ଜାତୀୟ ପତାକାକୁ ବିନମ୍ର ପ୍ରଣାମ ଜଣାଇ ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଥିଲୁ । ରାଷ୍ଟ୍ରପତି ଗୋଟିଏ ଅତି ସୁନ୍ଦର ଘୋଡାଗାଡ଼ିରେ ବସି ଜନରାଜ୍ୟ ଦିବସ ପ୍ୟାରେଡ୍ ପରିଦର୍ଶନ କରିଥିଲେ । ପ୍ରଧାନ ମନ୍ତ୍ରୀ, ଉପରାଷ୍ଟ୍ରପତି ଶ୍ରୀ ବି. ଡ଼ି. ଜତି ଆଉ ଗୋଟିଏ ସୁସଜ୍ଜିତ ମଟର ଗାଡ଼ିରେ ଇଣ୍ଡିଆ ଗେଟ ଅଭିମୁଖେ ଆଗେଇ ଆସିଲେ । ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟର ଦୂରତ୍ୱ ଦଶ ମାଇଲ । ସେମାନଙ୍କ ପଛରେ ତିନି ବାହିନୀର ସେନାଧ୍ୟକ୍ଷ ମାନେ ଚାଲୁଥିଲେ । ଜବାନମାନଙ୍କ ପଛରେ ଆମର ସ୍ମରି ଗୋଟି ହାତୀ ସୁସଜ୍ଜିତ ହୋଇ ଶୁଣ୍ଡରେ ଘଣ୍ଟି ବଜାଇ ଧିରେ ଧିରେ ପାହୁଣ୍ଡ ପକାଇ ଚାଲୁଥିଲେ । ମୁଣ୍ଡରେ ଧଳା ରଙ୍ଗର ରିବନ, ବେକରେ ପ୍ରଧାନ ମନ୍ତ୍ରୀଙ୍କ ପୁଷ୍ପହାର, ଓ ନାଲି ରିବନ ଦ୍ୱାରା ରାଷ୍ଟ୍ରପତିଙ୍କ ପୁରସ୍କାର ପଦକ ଶୋଭା ପାଉଥିଲା । ପ୍ରତି ହାତୀରେ ଚାରି ଜଣ ପିଲା ବସିଥିଲୁ । ହାତୀ ଗୁଡ଼ିକ ଅତି ଚମତ୍କାର ବେଶ ହୋଇଥିଲେ ତାହା ମୋ ମନରୁ ପାଶୋରି ହେବନି । ରଙ୍ଗ, ବେରଙ୍ଗର ସୁନ୍ଦର ଚାଦୁଆ ଦ୍ୱାରା ହାତୀ ଗୁଡ଼ିକ ସଜ୍ଜିତ ହୋଇଥିଲେ । ହାତୀ ମାନଙ୍କର ପରିଚାଳକମାନେ ରଙ୍ଗିନ ପୋଷାକ ପିନ୍ଧି ହାତରେ ରଙ୍ଗ ବେରଙ୍ଗର ଛତ୍ରି ଧରି ଜବାନ ମାନଙ୍କ ପଛରେ ଚାଲୁଥିଲେ । ବାଃ, କି ସୁନ୍ଦର ସେ ଦୃଶ୍ୟ ! ଲକ୍ଷ ଲକ୍ଷ ନର ନାରୀ ଜନ ରାଜ୍ୟ ଦିବସ ପରେଡ୍ ଦେଖିବାକୁ ରାସ୍ତାର ଦୁଇ ପାଖରେ ଦଣ୍ଡାୟମାନ ହୋଇଥିଲେ । ଏତେ ଲୋକ ମୁଁ ମୋ ଜୀବନରେ କେବେ ପୂର୍ବରୁ ଦେଖି ନଥିଲି । ଆମ ପଛରେ ଆସୁଥିଲେ ଜଳ, ସ୍ଥଳ, ଆକାଶ ବାହିନୀର ଜବାନ ମାନେ । ବନ୍ଧୁକ ଧାରୀ, ଅଶ୍ୱାରୋହୀ ଓ ଓଟ ଚାଳକ ସୈନ୍ୟ । ସେମାନଙ୍କ ପଛରେ ଥିଲେ ଲଢୁଆ ଗୁର୍ଖା, ଓ ପଞ୍ଜାବୀ ସୈନ୍ୟ ତିନି ବାହିନୀର ରଣ ବାଦ୍ୟରେ ଦିଲ୍ଲୀର ରାଜ ପଥ ଉଛୁଳି ପଡୁଥିଲା । ସେମାନଙ୍କ ପଛରେ ଚାଲୁଥିଲେ କମାଣ ଟ୍ୟାଙ୍କ୍, ରକେଟ । ବୁଡ଼ା ଓ ଉଡ଼ାଜାହାଜର ଜବାନ ମାନେ ଯୁଦ୍ଧ କୌଶଳର କେତୋଟି ଦୃଶ୍ୟ ସର୍ବସାଧାରଣରେ ଦେଖାଉଥିଲେ । ସେମାନଙ୍କ ପଛରେ ଆସୁଥିଲେ ବିଭିନ୍ନ ରାଜ୍ୟର ସ୍କୁଲ, କଲେଜ ଛାତ୍ର- ଛାତ୍ରୀ ମାନେ । ପିଲା ମାନେ ସମସ୍ତେ ଧଳା ରଙ୍ଗର ପୋଷାକ ପିନ୍ଧି ଚାଲୁଥିଲେ । ମୋତେ ସବୁ ଠାରୁ ଅଧିକ ଆନନ୍ଦ ଦେଉଥିଲେ ମଣିପୁର ଆସାମ, ନାଗାଲାଣ୍ଡ, ଗୁଜୁରାଟ ଓ ଅନ୍ୟାନ୍ୟ ରାଜ୍ୟର ଲୋକ ନୃତ୍ୟ ଦଳ । ଆକାଶ ମାର୍ଗରୁ ଛଅ ଗୋଟି ବିମାନ ଆମ୍ଭ ମାନଙ୍କ ଉପରେ ପୁଷ୍ପ ବୃଷ୍ଟି କରିଥିଲେ । ଆଉ ଖୋଳିଏ ଗୋଟି ବିମାନ ଜାତୀୟ ପତାକାରେ ସଜ୍ଜିତ ହୋଇ ଆକାଶ ମାର୍ଗର ଶୋଭା ବର୍ଦ୍ଧନ କରିଥିଲେ । ପରେ ବ-ଇଣ୍ଡିଆ ଗେଟ ଦେଇ ଲାଲକିଲ୍ଲା ଅଭିମୁଖେ ସହର ପରିକ୍ରମା କରିଥିଲୁ । ଜନ ରାଜ୍ୟ ଦିବସ ପରେଡ୍ ଦେଖିବାକୁ ଦେଶ ଓ ବିଦେଶର ବହୁ ବରେଣ୍ୟ ଅତିଥି ଇଣ୍ଡିଆ ଗେଟ ପାଖରେ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଇଣ୍ଡିଆ ଗେଟ ଠାରୁ ରାଷ୍ଟ୍ରପତି ଭବନକୁ ଫେରି ଯାଇଥିଲେ ।

ଦିଲ୍ଲୀ ରହଣି ସମୟରେ ମୁଁ ବିଭିନ୍ନ ଦର୍ଶନୀୟ ସ୍ଥାନମାନ ବୁଲି ଦେଖିଥିଲି । ରାଜ ଘାଟରେ ଓ ଶାନ୍ତିବନରେ ନେହେରୁ ଓ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଗୋଲାପ ଫୁଲ ଦେଇ ମୋର ଭକ୍ତିପୂର୍ଣ୍ଣ ବିନମ୍ର ପ୍ରଣାମ ଜଣାଇଥିଲି ସେଠାର ଶୋଭା ଅତି ମନୋହର । ଗୋଲାପର ଉଦ୍ୟାନ ଯମୁନା ନଦୀ କୂଳରେ ଅତି ସୁନ୍ଦର ଦେଖାଯାଉଥିଲା । କୁତବମିନାର, ଲକ୍ଷ୍ମୀ ନାରାୟଣ ମନ୍ଦିର, ଗାନ୍ଧୀ ଓ ନେହେରୁ ମିଉଜିୟମ, ଚିଡ଼ିଆଖାନା, ପାଲମ୍ ବିମାନ ବନ୍ଦର, ପାର୍ଲାମେଣ୍ଟ ଭବନ, ଲାଲକିଲ୍ଲାରେ ମୋଗଲମାନଙ୍କର ବିଭିନ୍ନ ପ୍ରକାର ପୁରାତନ ଯୁଦ୍ଧ ସରଞ୍ଜାମ ଦେଖି ଅତି ଆଶ୍ଚର୍ଯ୍ୟ ହୋଇଥିଲି । ଆମ ଦେଶ ରକ୍ଷା ପାଇଁ ସେଠାରେ ହଜାର ହଜାର ଜବାନ୍ ସଦା ସର୍ବଦା ଜାଗ୍ରତ ଅଛନ୍ତି । ଭାରତର ରାଜଧାନୀ ଦିଲ୍ଲୀର ଦୃଶ୍ୟ ମୋ ମନରୁ ଆଜୀବନ ପାଶୋରି ହେବ ନାହିଁ । ଆଗ୍ରାରେ ପୃଥିବୀ ପ୍ରସିଦ୍ଧ ତାଜମହଲ ଦେଖି ମୁଁ ମୋ ନିଜକୁ ହଜାଇ ଦେଲି ସେହି ଯମୁନା ନଦୀ କୂଳରେ । ସେଠାରେ ହଜାର ହଜାର ଦର୍ଶକ ତାଜମହଲ ଦୃଶ୍ୟ ଦେଖି ଆନନ୍ଦରେ ବିଭୋର ହୋଇ ଉଠୁଥିଲେ । ବୃନ୍ଦାବନରେ କୃଷ୍ଣ ଭଗବାନଙ୍କ ରାସ ଲୀଳା, ରାଧାକୃଷ୍ଣ ମିଳନ ଦେଖି ମୋ ମନରେ ଧର୍ମ ଭାବ ଓ ଭକ୍ତି ଆସିଥିଲା । ମନେ ପଡ଼େ, ବୃନ୍ଦାବନରେ ଯେଉଁ ଆଡ଼େ ଗଲି ଶୁଣିଲି, 'ହରିନାମ, ଧନ୍ୟ ଧନ୍ୟ ସେ ବୃନ୍ଦାବନ' । ଦିଲ୍ଲୀ ଦୂରଦର୍ଶନ ଓ ଆକାଶ ବାଣୀରେ ମଧ୍ୟ ମୁଁ ଭାଗ ନେଇ ଥିଲି ।

୬ଷ୍ଠ ଶ୍ରେଣୀ ଛାତ୍ରୀ
ଡି. ଏମ୍. ସ୍କୁଲ, ଭୁବନେଶ୍ୱର

# ପଲ୍ଲୀ ପ୍ରଗତି

## ମଶାଣି ଭୂଇଁରେ ବି ଫୁଲ ଫୁଟେ

ଶ୍ରୀ ଜୟକୃଷ୍ଣ ସାହୁ

ମଶାଣି ଭୂଇଁରେ ଫୁଲ ଫୁଟିବା ଅସ୍ୱାଭାବିକ ମନେ ହୋଇପାରେ । କିନ୍ତୁ ଭୂଇଁକୁ ଶସ୍ୟଶ୍ୟାମଳା କରି ସେଥିରେ ଯେ ଫୁଲ ଫୁଟାଯାଇପାରେ ତାହା ପ୍ରମାଣିତ କରିଛନ୍ତି କେନ୍ଦୁପଡ଼ା ଗାଁର ଚାଷୀ ଶ୍ରୀ ଗୋପୀନାଥ ସାମଲ । କେତେବର୍ଷ ତଳେ ଯେଉଁ ଜମି ମଶାଣି, ଢିପ ଓ ଟାଙ୍ଗର ଥିଲା ତାହା ଆଜି ଗୋପୀନାଥଙ୍କ ଉଦ୍ୟମରେ ସବୁଜ ଶସ୍ୟରେ ମଣ୍ଡିତ । ଗୋପୀନାଥଙ୍କ ପୂର୍ବ ପୁରୁଷଗଣ ନିଜ ଭାଗ୍ୟକୁ ଆଦରି ଗାଁ ପାଖର ବିସ୍ତୀର୍ଣ୍ଣ ପ୍ରାନ୍ତରକୁ ଚାହିଁ ଯେଉଁ ଦୀର୍ଘଶ୍ୱାସ ଛାଡୁଥିଲେ ଗୋପୀନାଥଙ୍କ ପ୍ରବଳ ଇଚ୍ଛାଶକ୍ତି ଓ ପ୍ରଗାଢ଼ ପ୍ରଚେଷ୍ଟା ସେହି ଦୀର୍ଘଶ୍ୱାସ ଉପରେ ଗଢ଼ି ତୋଳିଛି ଆଗାମୀ ପୁରୁଷପାଇଁ ଏକ ଉଜ୍ଜ୍ୱଳଭବିଷ୍ୟତର ସମ୍ଭାବନା । ତେଣୁ ଗୋପୀନାଥଙ୍କ ପଚିଶ ପ୍ରାଣୀ କୁଟୁମ୍ବପାଇଁ ଆଜି ଅଭାବର ତାଡ଼ନା ନାହିଁ । ସମୃଦ୍ଧିର ଦ୍ୱାର ଆଜି ସେମାନଙ୍କପାଇଁ ଉନ୍ମୁକ୍ତ ।

ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ମହିମାଗାଦିଠାରୁ ମାତ୍ର ୫ କିଲୋମିଟର ଦୂରରେ କେନ୍ଦୁପଡ଼ା ଗାଁ ଅବସ୍ଥିତ । ବଣ, ପାହାଡ଼ ଘେରା ଏହି ଗାଁଟି ଜିଲ୍ଲାର ଅନ୍ୟ ଯେ କୌଣସି ସାଧାରଣ ଗାଁ ଭଳି । ଗାଁର ଅଧିକାଂଶ ଲୋକଙ୍କ ବେଉସା ଚାଷ—କୁଳ ବେଉସା ବୋଲି ଯାହା ଗାଁ ଲୋକେ ଭିଟାମାଟି କାମୁଡ଼ି ପଡ଼ିଥାନ୍ତି । ଚାଷ ଲାଭଜନକ ହେବାତ ଦୂରର କଥା, ସମୟେ ସମୟେ ସେଥିରୁ ବର୍ଷକର ଖାଇବା ଯୋଗାଡ଼ କରିବା ହିଁ, କଷ୍ଟକର ହୋଇପଡ଼େ । ଲୋକଙ୍କ ହାତରେ ଜମିଥିଲେ କ'ଣ ହେବ ! ଇନ୍ଦ୍ରଦେବଙ୍କ କୃପାଦୃଷ୍ଟି ନପଡ଼ିଲେ ଜମିରେ ଘାସ ବୁଦାଟିଏ କଅଁଳିବା ସ୍ୱପ୍ନ । ବର୍ଷାଭଲ ହେଲେ ଗୋଟିଏ ଫସଲରୁ ଚାଷୀ ଯାହା ପାଏ ସେଥିରେ କଷ୍ଟେମଷ୍ଟେ ଗୁଜୁରାଣ ମେଣ୍ଟିଯାଏ । ସଞ୍ଚିବାକୁ ହାତରେ ପଇସାଟିଏ ରହେ ନା । ବାହାପୁଅାଣି ପଡ଼ିଗଲେ ଦୁଃଖ ବଳିପଡ଼େ ।

ସାରା ଗାଁର ଭାଗ୍ୟଡୋରି ସହିତ ନିଜ ଭାଗ୍ୟକୁ ଖାପ ଖୁଆଇ ୨୫ ବର୍ଷର ଯୁବକ ଗୋପୀନାଥ ସଂସାରର ଭାର ବହି ଚାଲିଥାନ୍ତି । ହଠାତ୍ ତାଙ୍କ ଜୀବନରେ ପରିବର୍ତ୍ତନର ସୂତ୍ରପାତ ହେଲା ମାତ୍ର ଆଠବର୍ଷ ତଳେ । ଢେଙ୍କାନାଳ ଭୂ-ବନ୍ଧକ ବ୍ୟାଙ୍କର ଋଣ ଯୋଜନା ପ୍ରତି ଆକୃଷ୍ଟ ହୋଇ ଗୋପୀନାଥ ୬ହଜାର ୫ଶହ ଟଙ୍କାର ଏକ ଋଣ ନେଇ ନିଜର ତିନି ଏକର ଗୋଚର ଜମିରେ ସେଚ କୂପଟିଏ ଖୋଳାଇଲେ । କୂଅଖୋଳା ସରିବାପରେ ଚାଷ ଜମିରେ ଜଳସେଚନର ସୁବିଧା ଲାଗି ସେଥିରେ ପାଞ୍ଚ ଅଶ୍ୱଶକ୍ତି ବିଶିଷ୍ଟ ପମ୍ପ ସେଟ୍‌ଟିଏ ଲଗାଇଲେ । ଗୋପୀନାଥଙ୍କ ସେଚକୂପ ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକର ସର୍ବପ୍ରଥମ ସେଚକୂପଭାବେ ଗୌରବ ଅର୍ଜନ କରିଛି । ସେଚକୂପଟି ହୋଇଗଲାପରେ ଗୋପୀନାଥଙ୍କ ମନରେ ରୂପନେଲା ନୂଆ ନୂଆ ଯୋଜନା । ବର୍ଷାର କୃପାବାରି କାମନା କରି ଯୁଗଯୁଗରୁ ପଡ଼ିଥିବା ପଡ଼ିଆ ଜମିରେ ଯେମିତି ନୂତନ ପ୍ରାଣ ସଞ୍ଚାର ହେଲା । ସବୁଜ ରଙ୍ଗରେ ହସି ଉଠିଲା ପଡ଼ିଆ ଜମି । ଗୋପୀନାଥ ଦ୍ୱିଗୁଣ ଉତ୍ସାହରେ କିଆରୀ-ଗୁଡ଼ିକୁ ଧାନ, ଗହମ, ଆଳୁ ଓ ବିଭିନ୍ନ କିସମ ପନିପରିବା ଓ ତୈଳବୀଜରେ ମଣ୍ଡିତ କରି ଦେଲେ । ଗୋପୀନାଥଙ୍କ ଉଦ୍ୟମକୁ ଯେଉଁ ଗ୍ରାମବାସୀମାନେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ତାଙ୍କର ସଫଳତା ସେମାନଙ୍କୁ ଉଦ୍‌ବୁଦ୍ଧ କଲା ଏବଂ ସେମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଲାଗିଲେ ।

ଗୋପୀନାଥଙ୍କର ଆଗ୍ରହ ଓ ଉତ୍ସାହ ଥିଲା । ତେଣୁ ଉପାୟର ସନ୍ଧାନ ତାଙ୍କ ପାଇଁ କଷ୍ଟସାଧ୍ୟ ହେଲାନାହିଁ । ଅର୍ଥନୈତିକ ଦୃଷ୍ଟିରୁ ସମାଜର ଅନଗ୍ରସର ଜନସାଧାରଣଙ୍କ କଲ୍ୟାଣପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଯୋଗନେଇ ପାରଂପାରିକ କୃଷି ପଦ୍ଧତିରେ ଉନ୍ନତି ଘଟାଇ ନୂତନ କୃଷିପଦ୍ଧତି ଅନୁସରଣ କରିବାପାଇଁ ଗୋପୀନାଥ ମନେ ମନେ ଚିନ୍ତା କରୁଥିବା ବେଳେ ତାଙ୍କ ପାଖରେ ଆସି ଠିଆ ହେଲେ କୃଷି ବିଶେଷଜ୍ଞ ଶ୍ରୀ ପ୍ରେମାନନ୍ଦ ପଣ୍ଡା । ଗବେଷଣା-ଲବ୍ଧ ଜ୍ଞାନ କୃଷକ ନିକଟରେ ପହଞ୍ଚାଇ ଦେବା ଉଦ୍ଦେଶ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ହାତକୁ ନିଆଯାଇଥିବା ଯୋଜନା ଅଧୀନରେ କେନ୍ଦୁପଡ଼ାକୁ ଏକ ପୋଷ୍ୟଗ୍ରାମ୍ୟରୂପେ ଗ୍ରହଣ କରାଗଲା । ଏହି ଯୋଜନାର ବିଶେଷଜ୍ଞ ଶ୍ରୀ ପଣ୍ଡା ଓ ଅନ୍ୟାନ୍ୟ

କର୍ମଚାରୀମାନେ କେନ୍ଦୁପଡ଼ାରେ ଉପସ୍ଥିତ ରହି ଚାଷୀମାନଙ୍କୁ ସେମାନଙ୍କ ପରାମର୍ଶ ବିତରଣ କଲେ । ଚାଷୀମାନଙ୍କ ମନରେ ଉନ୍ନତ କୃଷି ପଦ୍ଧତି ପ୍ରତି ବିଶ୍ୱାସ ସ୍ଥାପନ କରିବା ଉଦ୍ଦେଶ୍ୟରେ ବିଶେଷଜ୍ଞମାନଙ୍କ ପକ୍ଷରୁ ପ୍ରଦର୍ଶନୀ କ୍ଷେତ୍ରମାନ ଆୟୋଜନ କରାଗଲା । ଗୋପୀନାଥ ମନେ ମନେ ଯାହା ଭାବୁଥିଲେ ବିଶେଷଜ୍ଞମାନଙ୍କ ପରାମର୍ଶରେ ତାହା ପୂରଣ ହେବାର ସମ୍ଭାବନା ଦେଖି ସେ ଉନ୍ନତ କୃଷିପଦ୍ଧତି ଅବଲମ୍ବନ ପାଇଁ ଆଗେଇ ଆସିଲେ ।

ଗୋପୀନାଥ ନିଜର ୪ ଏକର ଜମିରେ ୨ ହଜାର ଟଙ୍କା ଖଟାଇ ସୋନାଲିକା ଗହମ, କୁଫ୍ରି ଚନ୍ଦ୍ରମୁଖୀ ଆଳୁ, ବିଲାତି ବାଇଗଣ ଓ କୋବି ଆଦି ବହୁ ଫସଲ ଆରମ୍ଭ କଲେ । ଉନ୍ନତ କୃଷି ପଦ୍ଧତିର ଅବଲମ୍ବନର ସୁଫଳ ତାଙ୍କୁ ମିଳିଲା । ଉତ୍ପାଦିତ ଶସ୍ୟ ଓ ପନିପରିବା ବିକ୍ରୟ କରି ସେ ବର୍ଷ ସେ ପ୍ରାୟ ୫ ହଜାର ଟଙ୍କା ଲାଭ ପାଇଲେ । ଏଥିରେ ନିୟମିତ ଋଣ ପରିଶୋଧ କରି ଅବଶିଷ୍ଟ ଟଙ୍କା ସେ ବ୍ୟୟ କଲେ ନିଜ ବିବାହରେ । ପରିଶ୍ରମ ଲବ୍ଧ ଧନ ଜୀବନ ସାଥିଟିଏ ସନ୍ଧାନ କରିବାରେ ମଧ୍ୟ ସହାୟକ ହେଲା ଗୋପୀନାଥଙ୍କ ପାଇଁ ।

ଜମିରେ ବ୍ୟାପକ ଜଳସେଚନର ସୁବିଧା ପାଇଁ କୃଷି ବିଶେଷଜ୍ଞମାନଙ୍କ ପରାମର୍ଶାନୁଯାୟୀ ଗୋପୀନାଥ ଚୁନେଲ ତିଆରି କଲେ । ଚାଷର ପ୍ରସାର ଘଟାଇବାରେ ଏହା ବିଶେଷ ସହାୟକ ହେଲା । ଖରିଫ୍ ଋତୁରେ ଗୋପୀନାଥ ଅନ୍ନପୂର୍ଣ୍ଣା, ସୁପ୍ରିୟା, କାବେରୀ, ପାରିଜାତ, ଶକ୍ତି, ଜଗନ୍ନାଥ, ରତ୍ନା, ଟି–୯୦, ଏମ୍. ଆର.–୧୫୫୦, ଓ. ଆର. ୪୯୮, ଓ. ଆର. ୬୩–୨୫୨ ପ୍ରଭୃତି ଅଧିକ ଅମଳକ୍ଷମ ଧାନ ଚାଷ କରି ଏକର ପିଛା ୨୦ କୁଇଣ୍ଟାଲରୁ ଅଧିକ ଉତ୍ପାଦନ ପାଉଛନ୍ତି । ଏହା ସାଙ୍ଗକୁ ଗୋପୀନାଥ ରବି ଋତୁରେ ବୋଇତି କଖାରୁ, ବିଲାତି ବାଇଗଣ, ବାଇଗଣ, କୋବି, ହରଡ଼, ମଟର, ବିନ୍, ଲଙ୍କା ଓ କାକୁଡ଼ି ମଧ୍ୟ ଚାଷ କରୁଛନ୍ତି । ଗତବର୍ଷ ୧ ଏକର ଜମିରେ ବଇଦବାଟି, ଗୁଆମାଲ ଓ କିନିଇନ୍‌ମାମଥ୍ କିସମର ବୋଇତି କଖାରୁ ଚାଷ କରି କିଲୋ ପିଛା ୪୫ ପଇସା ବିକ୍ରୟ କରି ୨ ହଜାର ୨ ଶହ ଟଙ୍କା ଏବଂ ୨୪ ଡ଼ିସିମିଲ ଜମିରେ ମାରଗ୍ଲୋବ୍ ଓ ଅକ୍‌ସହାର୍ଟ କିସମ ବିଲାତି ବାଇଗଣ ଚାଷ କରି ୨ ହଜାର ୫ ଶହ ଟଙ୍କା ଲାଭ କରିଛନ୍ତି । ଗୋପୀନାଥଙ୍କ ଜମିରେ ଫଳିଥିବା ୩୫ କିଲୋଗ୍ରାମ ଓଜନର ବୋଇତି କଖାରୁ ଢେଙ୍କାନାଳ କୃଷି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇ ଜନସାଧାରଣ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ଉନ୍ନତଧରଣ ଫସଲ ଓ ପନିପରିବା ଚାଷରେ ଉତ୍କଳ କୃଷି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଶ୍ରୀ ପ୍ରେମାନନ୍ଦ ପଣ୍ଡା ଓ ତାଙ୍କ ସହଯୋଗୀ ମାନେ ଗୋପୀନାଥଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀଙ୍କୁ ସହାୟତା ପ୍ରଦାନ କରି ଧାଡ଼ିବୁଣା, ସାର ଓ କୀଟନାଶକ ଔଷଧ ପ୍ରୟୋଗ ସଂକ୍ରାନ୍ତରେ ସମୟୋପଯୋଗୀ ପରାମର୍ଶ ଯୋଗାଇ ଦେଉଛନ୍ତି ।

ଉନ୍ନତ କୃଷି ପଦ୍ଧତି ଅବଲମ୍ବନ ପାଇଁ ଗୋପୀନାଥ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ତଥା ସମବାୟ ସୂତ୍ରରୁ ଋଣ ପାଇ ଆସୁଛନ୍ତି ।

ଇତି ମଧ୍ୟରେ ଗୋପୀନାଥ ଆହୁରି ୭ ଏକର ଜମି କିଣିଛନ୍ତି ଏବଂ ସଂପ୍ରତି ଗୋଟିଏ ଚକରେ ତାଙ୍କର ୧୦ ଏକର ଜମି ରହିଛି । ଜମି ପରିମାଣ ବୃଦ୍ଧି ପାଇବାରୁ ୧୯୮୦ ମସିହାରେ ନିଜ ଜମିରେ ଗୋପୀନାଥ ଆଉ ଗୋଟିଏ ସେଚକୂପ ଖୋଳି ସେଥିରେ ପମ୍ପସେଟ୍ ବସାଇ ଚୁନେଲ ତିଆରି କରିଛନ୍ତି । ଫଳରେ ଗତ ଖରିଫ୍ ଋତୁରେ ନୂଆ କରି ୪ ଏକର ଜମିରେ ଯଯାତି ଧାନ ଚାଷ କରି ସେ ଏକର ପିଛା ୨୫ କୁଇଣ୍ଟାଲ ଏବଂ ୬ ଏକର ଜମିରେ ଓ. ଆର. ୨୦–୧୩, ସୁପ୍ରିୟା, ଜଗନ୍ନାଥ, ଟି–୯୦, ଅନ୍ନପୂର୍ଣ୍ଣା ଏବଂ ସି. ଆର. ଏମ୍.–୧୩ ଧାନ ଚାଷ କରି ଭଲ ଅମଳ ପାଇଛନ୍ତି । ଖରିଫ୍ ଋତୁରେ ତାଙ୍କର ମୋଟ ଧାନ ଉତ୍ପାଦନ ୨ଶହ କୁଇଣ୍ଟାଲ ପର୍ଯ୍ୟନ୍ତ ହୋଇଛି । ରବି ଋତୁରେ ଗୋପୀନାଥ ୧ ଏକର ଜମିରେ କୁଫ୍ରି ଚନ୍ଦ୍ରମୁଖୀ ଓ ନୈନିତାଲ ଆଳୁ, ୪୦ ଡ଼ିସିମିଲିରେ ଲଙ୍କା (ଜ୍ୱାଳା), ୬୦ ଡ଼ିସିମିଲିରେ ମାର୍ଗଗ୍ଲୋବ୍ ଓ ଅକ୍‌ସହାର୍ଟ୍ କିସମର ବିଲାତି ବାଇଗଣ, ୧ ଏକରରେ ଏସ୍–୫ ହରଡ଼, ୧ ଏକରରେ ଚିନାବାଦାମ, ୨ ଏକରରେ ବଇଦବାଟି ଓ କିନିଇନ୍‌ମାମଥ କିସମର ବୋଇତି କଖାରୁ, ୨୪ ଡ଼ିସିମିଲିରେ ବିନ୍, ୫ ଡ଼ିସିମିଲିରେ ବାଇଗଣ, ୫ ଡ଼ିସିମିଲିରେ ଭେଣ୍ଡି, ୨୪ ଡ଼ିସିମିଲିରେ ବିଭିନ୍ନ କିସମର କୋବି, ୫୦ ଡ଼ିସିମିଲିରେ ମଟର, ୧ ଏକରରେ ବିରି, ମୁଗ ଓ ୩ ଏକରରେ ଗହମ ଚାଷ କରିଛନ୍ତି । ନିଜ ଜମିଛଡ଼ା ସେ ପଡ଼ୋଶୀ ଚାଷୀମାନଙ୍କ ଜମି ଭାଗରେ ନେଇ ମଧ୍ୟ ଚାଷ କରିଛନ୍ତି ।

ଚାଷ କାମରେ ଗୋପୀନାଥଙ୍କୁ ତାଙ୍କ ପିତା ଶ୍ରୀ ଉପେନ୍ଦ୍ର ସାମଲ ଏବଂ ଭାଇ ସନାତନ, ତ୍ରିନାଥ ଓ ପଞ୍ଚାନନ ସାହାଯ୍ୟ କରୁଛନ୍ତି । ପରିବାରର ସମସ୍ତ ଦାୟିତ୍ୱ ଗୋପୀନାଥଙ୍କ ଉପରେ ନ୍ୟସ୍ତ ଥିବାରୁ ସେ ସୁରୁଖୁରୁରେ ଏ ସବୁକୁ ନିର୍ବାହ କରିବାକୁ ସମର୍ଥ ହୋଇଛନ୍ତି ଦୁଇଟି ଶକ୍ତି ଚାଳିତ ସେଚକୂପ ଦ୍ୱାରା ।

ଗୋପୀନାଥଙ୍କ ସଫଳତା ନିଜ ତଥା ଆଖପାଖ ଗାଁର ଚାଷୀମାନଙ୍କ ମଧ୍ୟରେ ଏକ ଉତ୍ସାହଜନକ ବାତାବରଣ ସୃଷ୍ଟି କରିଛି । ଜଳସେଚନର ସୁବିଧା ମିଳିଲେ ଚାଷୀ ଯେ ଅସାଧ୍ୟ ସାଧନ କରିପାରିବ ଏଭଳି ଏକ ବିଶ୍ୱାସ କ୍ରମେ ଚାଷୀମାନଙ୍କ ମଧ୍ୟରେ ସୃଷ୍ଟି ହେଉଛି । ଏହି ଅନୁପ୍ରେରଣା ଫଳରେ ଆଖପାଖରେ ବହୁ ସେଚକୂପ ଖୋଳାଯାଇ ସାରିଲାଣି । ଏ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଚାଷୀ ନିଜର ଅର୍ଥନୈତିକ ବିକାଶ ଘଟାଇବା ସଙ୍ଗେ ସଙ୍ଗେ ସ୍ଥାନୀୟ ତଥା ବାହାରର ଖାଉଟି ମାନଙ୍କୁ ଖାଦ୍ୟଶସ୍ୟ ତଥା ପନିପରିବା ସୁଲଭ ଦରରେ ଯୋଗାଇ ଦେଇ ସମାଜର ବ୍ୟାପକ କଲ୍ୟାଣ ସାଧନ କରୁଛି ।

ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଢେଙ୍କାନାଳ



OGPMP—VI (I. & P.R.) 100—10,000—22-1-1981

# ଜାନୁୟାରୀ ପହିଲା: ଏକ ସ୍ମରଣୀୟ ଦିବସ

ଶ୍ରୀ ଅନ୍ତର୍ଯ୍ୟାମୀ ମହାପାତ୍ର

ଅନୁଶୀଳନରୁ ଜଣାଯାଏ, ଖ୍ରୀ: ୧୬୦୦ ଠାରୁ ୧୮୦୩ ପର୍ଯ୍ୟନ୍ତ ଓଡ଼ିଶା ସଂଘର୍ଷ ଓ ସଂଗ୍ରାମ ଭିତରେ ଗତି କରୁଥିଲା । ସେତେବେଳେ ଏହାର ବାୟୁମଣ୍ଡଳ ଅଶାନ୍ତ ଏବଂ ଉତ୍ତେଜନାପୂର୍ଣ୍ଣ ଥିଲା ।

ବରମୂଳଘାଟିଠାରେ ଇଂରେଜ ଏବଂ ମରହଟ୍ଟାମାନଙ୍କ ମଧ୍ୟରେ ୧୮୦୩ ମସିହାରେ ଯେଉଁ ଭୟାବହ ସମର ହୋଇଥିଲା, ସେଇ ସମୟରେ ମରହଟ୍ଟାମାନେ ସଂପୂର୍ଣ୍ଣଭାବେ ପରାଜିତ ହୋଇଥିଲେ ଓ ସେମାନଙ୍କ ଶାସନର ପତନ ହୋଇଥିଲା ।

ଆଜିକାଲି ଆମ୍ଭେମାନେ ଓଡ଼ିଶାର ଯେଉଁ ମାନଚିତ୍ର ଦେଖୁଥାଉଁ, ସେତେବେଳେ ତାହା ଅନ୍ୟ ରକମର ଥିଲା । ଅଳ୍ପ କେତେକ ଅଞ୍ଚଳ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଅଞ୍ଚଳ ରାଜା, ଜମିଦାର ବା ଦେଶୀୟ ରାଜ୍ୟ ଶାସକଙ୍କ ଦ୍ୱାରା ଶାସିତ ହେଉଥିଲା । ସେତେବେଳେ ମୋଟ ଉପରେ ୨୬ଟି ଦେଶୀୟ ରାଜ୍ୟ ଓଡ଼ିଶାରେ ଥିଲା ।

ମରହଟ୍ଟା ଶାସନର ପତନ ପରେ ଇଂରେଜ ସରକାରଙ୍କ ତରଫରୁ ଶାସନ କାର୍ଯ୍ୟ ପରିଚାଳନା ପାଇଁ କଟକ ପ୍ରଦେଶରେ ଯେଉଁ କମିଶନର ନିଯୁକ୍ତ ହେଲେ; ରାଜ୍ୟରେ ବ୍ରିଟିଶ ସ୍ଥିତିର ଦୃଢ଼ତା ଏବଂ ନିରଙ୍କୁଶ ଶାସନ ପାଇଁ ନିଜର ରାଜନୈତିକ କୌଶଳ ପ୍ରୟୋଗ କରି ରାଜା, ଜମିଦାରମାନଙ୍କଠାରୁ ବଶ୍ୟତା ସ୍ୱୀକାର ସମ୍ମତିସୂଚକ ନାମା ଲେଖାଇ ନେଲେ । ଯାହା ଜଣାଯାଏ ; କନିକା ରାଜା ସର୍ବପ୍ରଥମେ ଏଇ ବଶ୍ୟତା ସ୍ୱୀକାର ସମ୍ମତିସୂଚକନାମାରେ ସ୍ୱାକ୍ଷର ପ୍ରଦାନ କରିଥିଲେ । ପରେ ଆଠଗଡ଼, ତାଳଚେର, ରଣପୁର ପ୍ରଭୃତି ୧୨ଟି ଏବଂ ତତ୍‌ପରେ ଅବଶିଷ୍ଟ ୧୪ଜଣ ରାଜା ବା ଜମିଦାର ସ୍ୱାକ୍ଷର ପ୍ରଦାନ କରି ଇଂରେଜ ଶାସନର ବଶ୍ୟତା ସ୍ୱୀକାର କରିଥିଲେ ।

ଏଇ ପରିପ୍ରେକ୍ଷୀରେ ଓଡ଼ିଶାର ଶାସନ ନୀତି ନୂତନ ରୂପ ନେଲା । ଇଂରେଜଙ୍କ ବାହୁଛାୟାତଳେ ଅଭୟ ଆଶ୍ରୟ ପାଇ ଉପରୋକ୍ତ ୨୬ଟି ରାଜ୍ୟର ରାଜା ବା ଜମିଦାରମାନେ ବିଳାସ ବ୍ୟସନରେ ଲିପ୍ତ ରହିଲେ ।

ମରହଟ୍ଟାମାନଙ୍କ ସମୟରେ ରାଜକର ଭାବେ 'କଉଡ଼ି'ର ପ୍ରଚଳନ ଥିଲା । ଇଂରେଜ ସରକାର ନିଜର ମୁଦ୍ରା ପ୍ରଚଳନ ପାଇଁ କଉଡ଼ିକୁ ଆଉ ଗ୍ରହଣ ନ କରିବା ପାଇଁ ୧୮୧୨ରେ ସରକାରୀ ନିର୍ଦ୍ଦେଶନାମା ଜାରି କଲେ । ଏଇ କାରଣରୁ ଏବଂ ଆଉ ଅନ୍ୟାନ୍ୟ କେତେକ କାରଣରୁ ୧୮୧୭ରେ ପ୍ରଥମ ଥର ପାଇଁ ଓଡ଼ିଶାର ପାଇକମାନେ ବିଦ୍ରୋହ ଘୋଷଣା କରିଥିଲେ ।

ଶାସନର ଦୃଢ଼ୀକରଣ ପାଇଁ ଇଂରେଜମାନେ ଶାସନ ପ୍ରଣାଳୀରେ ଘନ ଘନ ପରିବର୍ତ୍ତନ କରିଥିଲେ । ଫଳରେ ରାଜ୍ୟରେ ଅର୍ଥନୈତିକ ବିପର୍ଯ୍ୟୟ ଦେଖା ଦେଇଥିଲା । ତଦ୍ଦ୍ୱାରା ସାମାଜିକ ଜୀବନ ଧ୍ୱଂସାଭିମୁଖୀ ହେଲା । ଓଡ଼ିଶାର ବହୁ ସ୍ୱନାମଧନ୍ୟ ପରିବାର ସର୍ବହରା ହେଲେ । ସେମାନଙ୍କର ଭୂସଂପତ୍ତି ଇତ୍ୟାଦି ଓଡ଼ିଶା ବାହାରର ବ୍ୟକ୍ତିବିଶେଷଙ୍କ ଦ୍ୱାରା ହସ୍ତଗତ ହୋଇଥିଲା ।

ବିଧିର ବିଡ଼ମ୍ବନାରୁ ୧୮୬୬ରେ ନ'ଅଙ୍କ ଦୁର୍ଭିକ୍ଷ ଫଳରେ ଲକ୍ଷ ଲକ୍ଷ ଓଡ଼ିଆ ମୃତ୍ୟୁ ମୁଖରେ ପଡ଼ିଲେ । ବହୁ ବ୍ୟକ୍ତି ସ୍ଥାନ ଚ୍ୟୁତ ଓ ଜାତି ଚ୍ୟୁତ ହେବା ଫଳରେ ଜାତି ଆତଙ୍କିତ ଓ ଭୀତତ୍ରସ୍ତ ହୋଇ ପଡ଼ିଲା ।

ବିଭିନ୍ନ ଘାତ ପ୍ରତିଘାତ ଭିତରେ କ୍ରମେ ଓଡ଼ିଶାରେ ଏକ ଜାତୀୟ ଜାଗରଣର ଉଦ୍ରେକ ୧୯୦୨ରେ ହୋଇଥିଲା । ୧୯୦୩ରେ ଏହା ସଂପୂର୍ଣ୍ଣ ରୂପରେଖ ନେଇ କଟକଠାରେ ଯେଉଁ ସମ୍ମିଳନୀ ଆରମ୍ଭ ହୋଇଥିଲା; ତାହାକୁ "ଉତ୍କଳ ସମ୍ମିଳନୀ" ନାମରେ ନାମିତ କରା ଯାଇଥିଲା । ଏହାର ସ୍ଥାପୟିତା ଥିଲେ ଜାତିର ଗୌରବ ମଧୁସୂଦନ ଦାସ । ସମ୍ମିଳନୀର ପ୍ରଥମ ସଭାରେ ସଭାପତିତ୍ୱ କରି ଜାତିକୁ ଉଦ୍‌ବୋଧନ ଦେଇଥିଲେ ମୟୂରଭଞ୍ଜର ରାଜା ମାନ୍ୟବର ରାମଚନ୍ଦ୍ର ଭଞ୍ଜ । ତାଙ୍କର ଏବଂ ମଧୁସୂଦନଙ୍କର ସେଇ ମର୍ମସ୍ପର୍ଶୀ ବାଣୀ ପ୍ରତି ଓଡ଼ିଆ ପ୍ରାଣରେ ଜାଗ୍ରତ କଲା ଏକ ଅକୁହା କଂପନ । ଜାତି ଫେରି ଚାହିଁଲା ଅତୀତକୁ......ଜାତି ଆଗରେ ଦୋଳାୟମାନ ହେଲା; ଜାଭା, ବାଲି, ସୁମାତ୍ରାର ସାଗର ଯାତ୍ରା ; କଳିଙ୍ଗ ଯୁଦ୍ଧ ଭୂମିର ତାଜା ରକ୍ତ; ଖାରବେଳର ବାରବାର ମଗଧ ବିଜୟ ଏବଂ ଜାତି ପାଇଁ ଜାତୀୟ ଦେବତାର ସୈନିକ ରୂପ............ ।

ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ ସ୍ୱାଧୀନତା ଆନ୍ଦୋଳନ ପ୍ରବଳରୁ ପ୍ରବଳତର ହେଉଥାଏ । ଇଂରେଜ ସରକାରଙ୍କର ନୀତି, ଶାସନଗତ କୌଶଳକୁ ଭାରତୀୟ-ମାନେ ବେଶ୍ ଉପଲବ୍ଧି କରିଲେ । ୧୯୨୦ ମସିହାରେ ଆରମ୍ଭ ହେଲା ଅସହଯୋଗ ଆନ୍ଦୋଳନ । କ୍ରମେ ୧୯୩୦ ବେଳକୁ ତାହା ଭୟଙ୍କର ହୋଇଥିଲା ।

ଏଣେ ବଟଲର କମିଟି ସୁପାରିଶ ଅନୁସାରେ ଓଡ଼ିଶାର ୧୪ଟି ଦେଶୀୟ ରାଜ୍ୟ ବା ଗଡ଼ଜାତକୁ ଇଷ୍ଟର୍ଣ୍ଣ ଷ୍ଟେଟ୍ ଏଜେନ୍ସି ସହିତ ସାମିଲ କରାଯିବା ସଙ୍ଗେ ଅବଶିଷ୍ଟକୁ ଛତିଶଗଡ଼ ଷ୍ଟେଟ୍ ଏଜେନ୍ସି ଓ ବେଙ୍ଗଲ ଷ୍ଟେଟ୍ ଏଜେନ୍ସି ସହିତ ସାମିଲ କରା ଯାଇଥିଲା । ଶାସନର ସୁବିଧା ଦୃଷ୍ଟିରୁ ପ୍ରତି ଷ୍ଟେଟ୍ ଏଜେନ୍ସିକୁ ଜଣେ ଜଣେ ରେସିଡେଣ୍ଟଙ୍କ ମାର୍ଫତରେ ଚଳାଗଲା । ରାଜା ଓ ଜମିଦାରମାନେ ସରକାରଙ୍କ ସହିତ ହୋଇଥିବା ସମସ୍ତ ଚୁକ୍ତି ପାଳନ କରିବା ସଙ୍ଗେ ସଙ୍ଗେ ରେସିଡେଣ୍ଟଙ୍କୁ ଅତିରିକ୍ତ ତୋଷାମଦ ଦ୍ୱାରା ସନ୍ତୁଷ୍ଟ କରାଇ ଏଣେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ । ଇଂରେଜ କର୍ତ୍ତୃପକ୍ଷ ତାହା ଜାଣୁଥିଲେ ସୁଦ୍ଧା ନ ଜାଣିବା ଭଳି ଆଚରଣ ପ୍ରଦର୍ଶନ କରୁଥିଲେ । କାରଣ ସ୍ୱରୂପ କୁହାଯାଇପାରେ, ସରକାର ଜାଣୁଥିଲେ, ଭାରତରେ ନିଜ ସାମ୍ରାଜ୍ୟର ଦୃଢ଼ ସ୍ଥିତି ପାଇଁ ଏହି ରାଜା, ମହାରାଜାମାନଙ୍କର ସହଯୋଗ ଓ ସମର୍ଥନ ଏକାନ୍ତ ଆବଶ୍ୟକ ।

ଅତ୍ୟାଚାର ଅଧିକରୁ ଅଧିକ ହେଲା । ଲୋକମାନଙ୍କର ଧୈର୍ଯ୍ୟ ସୀମା ଲଂଘନ କଲା । "ଅତ୍ୟାଚାର" ଓ "ଜୁଲମ"କୁ ସହି ନ ପାରି ସର୍ବପ୍ରଥମେ ୧୯୦୮ରୁ କ୍ରମାଗତ ଭାବେ ବାମଣ୍ଡା ରାଜ୍ୟରେ ପ୍ରଜା ଆନ୍ଦୋଳନର ଶିଙ୍ଗା ବାଜି ଉଠିଲା ।

ସେହିଭଳି ତାଳଚେରର ତତ୍କାଳୀନ ରାଜା "ବାଜେକର" ନାମରେ ଏକ ପ୍ରକାର ନୂତନ କର ପ୍ରଜାମାନଙ୍କ ଠାରୁ ଆଦାୟ କରିବାରୁ ୧୯୧୧ ମସିହାରେ ସେଠାରେ ମଧ୍ୟ ପ୍ରଜା ଅସନ୍ତୋଷ ଓ ଆନ୍ଦୋଳନର ଉଦ୍ରେକ ହୋଇଥିଲା ।

ପୋଷ୍ୟପୁତ୍ର ବା ଉତ୍ତରାଧିକାରୀ ନିଯୁକ୍ତି ନିମନ୍ତେ ରାଜ-ମଞ୍ଜୁରୀ ନ ମିଳିବାରୁ ଦଶପଲ୍ଲାରେ ୧୯୧୩ରେ ପ୍ରଜା ଆନ୍ଦୋଳନ ମୁଣ୍ଡ ଟେକିଲା ।

ବିଭିନ୍ନ କର ବୃଦ୍ଧି ଯୋଗୁଁ ୧୯୨୨ ମସିହାରୁ ଏକାଧିକ ବାର ପ୍ରଜାଆନ୍ଦୋଳନ ଢେଙ୍କାନାଳ ରାଜ୍ୟରେ ହୋଇଥିଲା ଓ ଇଂରେଜ ସୈନ୍ୟବାହିନୀ ଦ୍ୱାରା ରାଜା ଏହି ଆନ୍ଦୋଳନକୁ ଦବାଇ ରଖୁଥିଲେ ।

"ବେଠି ପ୍ରଥା" ସହିତ "ମାଗଣ" ବିରୁଦ୍ଧରେ ୧୯୨୮ରେ ନୀଳଗିରିରେ ପ୍ରଜାମେଳି ଓ ଆନ୍ଦୋଳନ ହୋଇ ତାହା କ୍ରମଶଃ ସମସ୍ତ ଗଡ଼ଜାତକୁ ଲେଲିହାନ ଶିଖାରେ ବ୍ୟାପିଯାଇ ଏହା ୧୯୩୮ରେ ଏକ ବୃହତ୍ତର ଗଣ-ଆନ୍ଦୋଳନର ରୂପ ଧାରଣକଲା ।

ଭାରତ ସ୍ୱାଧୀନତା ଆନ୍ଦୋଳନ ଲଢ଼େଇ ପ୍ରବଳ ଆକାର ଧାରଣ କରି ସମଗ୍ର ଭାରତ ହୁଲସ୍ଥୁଲ୍ ହେଉଥାଏ । ଗଣତାନ୍ତ୍ରିକ ଅଧିକାର ପାଇଁ ଆକୁମାରୀ ହିମାଚଳର ଗଗନ ପବନ ମୁଖରିତ ହେଉଥାଏ । ଏଣେ ପଡ଼ୋଶୀ ପ୍ରଦେଶରେ ଲୋକ ପ୍ରତିନିଧିମୂଳକ ଶାସନ ପ୍ରତିଷ୍ଠା ହୋଇଥିବାରୁ ଗଡ଼ଜାତ ଅଞ୍ଚଳର ଲୋକେ ଆଉ ଏକଛତ୍ର ଶାସନା-ଧୀନରେ ରହିବାକୁ ଚାହୁଁ ନ ଥିଲେ ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସହିତ ସାନ ବଡ଼ ୫୬୨ଟି ଦେଶୀୟ ରାଜ୍ୟ ମଧ୍ୟ ସ୍ୱାଧୀନ ହେଲେ ବୋଲି ଇଂରେଜ ସରକାର ଘୋଷଣା କଲେ । ଏହି ଉଲ୍ଲିଖିତ ୫୬୨ଟି ଦେଶୀୟ ରାଜ୍ୟ ମଧ୍ୟରୁ କେତେକ ସ୍ୱତନ୍ତ୍ରଭାବେ ସ୍ୱାଧୀନ ରହିବା ପାଇଁ ଚାହିଁଥିଲେ । ସେମାନଙ୍କର ଏହି ପ୍ରକାରର ମତିଗତି ଓ ଅସାଧୁ ଉଦ୍ଦେଶ୍ୟ ତତ୍କାଳୀନ ସରକାରଙ୍କ ପକ୍ଷେ ଏକ ଚିନ୍ତାର କାରଣ ହେଲା । ପ୍ରକୃତରେ ଭାରତୀୟ ଦେଶୀୟ ରାଜ୍ୟମାନଙ୍କର ଇତିହାସ ଅଧ୍ୟୟନ କଲେ ଯେତିକି କୌତୂହଳ ଲାଗେ, ସେତିକି ବିସ୍ମିତ ହେବାକୁ ପଡ଼ିଥାଏ । ସମୟର ଆବର୍ତ୍ତରେ ଭାରତର ଦେଶୀୟ ରାଜ୍ୟମାନେ ଆଉ ଏକଛତ୍ରବାଦର ଦୁର୍ଗ ଭାବେ ତିଷ୍ଠି ରହି ପାରିଲେନାହିଁ ।

ବିରାଟ ଭାରତବର୍ଷରେ ଦେଶୀୟ ରାଜ୍ୟର ଅବସାନ ଯେ ଓଡ଼ିଶାରୁ ଆରମ୍ଭ ହେବ ଏହା କେହି ବିଶ୍ୱାସ କରି-ପାରିନଥିଲେ ।

ଗର୍ବ, ଗୌରବର ବୀର ମାଟି କଳିଙ୍ଗ । ଏହାର ପ୍ରତି ରନ୍ଧ୍ରେ ରନ୍ଧ୍ରେ ଭରି ରହିଛି ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ତ୍ୟାଗର ଅମର କାହାଣୀ । ପ୍ରିୟ ମାଟି ପାଇଁ ଯେଉଁ ଜାତି ଅକାତରେ ନିଜର ପ୍ରାଣପାତ କରିପାରେ ; ଅନ୍ୟକୁ ପ୍ରାଭାବସ୍ତ୍ରକ ପଥ-ପ୍ରଦର୍ଶକର ମହାମନ୍ତ୍ର ଦାନ କରି ଗୌରବମଣ୍ଡିତ କରିପାରେ, ସେହି କଳିଙ୍ଗ ଭୂଇଁରେ ଏ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ କେବଳ ବିଧିର ଇଚ୍ଛାରେ ହିଁ ରୂପାନ୍ତରିତ ହୋଇଛି ।

ବର୍ଦ୍ଦୋଲୀର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ସ୍ୱରାଷ୍ଟ୍ର ତଥା ଉପପ୍ରଧାନ ମନ୍ତ୍ରୀ ଥିବାବେଳେ ଓଡ଼ିଶାର ଜଣେ ସୁଯୋଗ୍ୟ ସନ୍ତାନ ଶ୍ରୀ ହରେକୃଷ୍ଣ ମହତାବ ଥାନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ । ଦୁହେଁ ରାଜନୀତି କ୍ଷେତ୍ରରେ ଖୁବ୍ ପାରଙ୍ଗମ ଥିଲେ । ସେମାନଙ୍କର ଉନ୍ନତର ଚିନ୍ତାଧାରା ଓଡ଼ିଶାରେ ସଫଳ ରୂପ ନେଲା । ଯାହା ଫଳରେ ୧୯୪୮ ଜାନୁୟାରୀ ପହିଲା ଦିନ କେବଳ ମୟୂରଭଞ୍ଜ ରାଜ୍ୟ ବ୍ୟତିରେକ ଅନ୍ୟ ସମସ୍ତ ଗଡ଼ଜାତ ଓଡ଼ିଶାର ଶାସନାଧୀନ ହେବାପାଇଁ ସମ୍ମତିପତ୍ରରେ ସ୍ୱାକ୍ଷର ପ୍ରଦାନ କରିଦେଲେ ।

ମୟୂରଭଞ୍ଜ ବ୍ୟତୀତ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ସମ୍ଭବପର ନୁହେଁ । ଏହା ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉପଲବ୍ଧି କରିଥିଲେ । କାରଣ ମୟୂରଭଞ୍ଜ ରାଜା ଇତି ପୂର୍ବରୁ

(୭୨ପୃଷ୍ଠା ଦେଖନ୍ତୁ)

# THE TRIBAL DEVELOPMENT CO-OPERATIVE CORPORATION OF ORISSA LIMITED

ORISSA HAS TRIBALS, 62 SCHEDULED WITH A VARIETY OF ETHNIC DIVERSITY.

A STATE LEVEL CO-OPERATIVE SOCIETY WITH A TURNOVER OF RUPEES SIX CRORES.

HAVING 2 DIVISIONAL OFFICES AT RAYAGADA AND BERHAMPUR AND 15 BRANCH OFFICES IN 10 OUT OF 13 DISTRICTS.

AND 220 LAMPS (AFFILIATED) AT THE PRIMARY LEVEL

FUNCTIONS AS THE APEX ORGANISATION FOR PUBLIC DISTRIBUTION SCHEME IN TRIBAL SUB-PLAN AREA.

HOLDS LEASE OF MINOR FOREST PRODUCE IN MOST OF THE FOREST DIVISIONS OF THE STATE.

ARRANGES MARKETING INTER-STATE AND EVEN OUTSIDE INDIA

**If you want Tamarind, Turmeric, Myrabolans, Edible and Non-edible Oilseeds, Millets, Pulses Medicinal Herbs, Hill Brooms**

**AND**

**Other Forest and Agricultural Produce.**

*Please Contact :*

S. K. PALIT, I. A. S.
President-*cum*-Managing Director

The Tribal Development Co-operative
Corporation of Orissa Ltd.,
BHUBANESWAR

Gram : APEX

Phone : 52530 & 53885

# ଶାରୀରିକ ଅକ୍ଷମଙ୍କ ପାଇଁ ଆନ୍ତର୍ଜାତିକ ସମ୍ବତ୍ସର ଉଦ୍‌ଘାଟିତ

FULL PARTICIPATION AND EQUALITY

INTERNATIONAL YEAR FOR THE DISABLED PERSONS

1981

ଶାରୀରିକ ଅକ୍ଷମମାନଙ୍କପାଇଁ ଆନ୍ତର୍ଜାତିକ ସମ୍ବତ୍ସର ରାଜ୍ୟ ସୂଚନା ଭବନଠାରେ ୧୯୮୧ ଜାନୁଆରୀ ୫ ତାରିଖ ଦିନ ଉଦ୍‌ଘାଟିତ ହୋଇଛି । ଗୋଷ୍ଠୀ ଉନ୍ନୟନ ଏବଂ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରା ଏହି ରାଜ୍ୟସ୍ତରୀୟ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଓ 'ପୌରୁଷ'ର ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏହା ଉଦ୍‌ଘାଟନ କରିଥିଲେ । ବିଭାଗୀୟ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । (ରାଜ୍ୟସ୍ତରୀୟ ଉଦଘାଟନ ଉତ୍ସବର ଚିତ୍ର ଦ୍ୱିତୀୟ ମଲାଟରେ ଦିଆଯାଇଛି ) ।

ଆନ୍ତର୍ଜାତୀକ ଅକ୍ଷମ ସମ୍ବତ୍ସର ପାଳନ ଅବସରରେ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟ ଅତିଥିଙ୍କ ଭାଷଣ ବିଶେଷ ପ୍ରଣିଧାନଯୋଗ୍ୟ । ସେମାନଙ୍କର ଅଭିଭାଷଣ ଆମରପାଠକ ପାଠିକାମାନଙ୍କପାଇଁ ନିମ୍ନରେ ପ୍ରଦତ୍ତ ହେଲା ।

## ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରାଙ୍କ ପ୍ରାରମ୍ଭିକ ଅଭିଭାଷଣ

ଜାତିସଂଘର ଏକ ପ୍ରସ୍ତାବରେ ଚଳିତ ବର୍ଷଟିକୁ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଆନ୍ତର୍ଜାତିକ ସମ୍ବତ୍ସର ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି । ବିଶ୍ୱ ଜନ ସଂଖ୍ୟାର ଶେଷ ଶତକଡ଼ା ପ୍ରାୟ ଦଶଭାଗ ଲୋକ ଶାରୀରିକ କିମ୍ବା ମାନସିକ ବ୍ୟାଧି ଯୋଗୁ ଅକର୍ମଣ୍ୟ ହୋଇଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ଏହି ସମ୍ବତ୍ସରର ମୂଳ ଲକ୍ଷ୍ୟ । ଭାରତ ବର୍ଷରେ ପ୍ରାୟ ଦୁଇକୋଟି ଏବଂ ଆମ ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ଅକ୍ଷମ ବ୍ୟକ୍ତି ଅଛନ୍ତି । ଜନ୍ମଗ୍ରହଣ କରିଥିବା ଶିଶୁମାନଙ୍କ ମଧ୍ୟରେ ଶତକଡ଼ା ୪ ରୁ ୭ ଭାଗ ଶିଶୁଙ୍କର ଏକ କିମ୍ବା ଏକାଧିକ ଶାରୀରିକ ଅକ୍ଷମତା ରହିଥାଏ ବୋଲି ଅନୁସନ୍ଧାନରୁ ଜଣା ପଡ଼ିଛି । ଏହା ବ୍ୟତୀତ ଶିଳ୍ପ ଓ ପରିବହନର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଦୁର୍ଘଟଣା ଜନିତ ଅସମର୍ଥ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହା ଏକ ଜଟିଳ ସମସ୍ୟା ହୋଇ ପଡ଼ିଛି ।

ଆମେମାନେ ଜାଣୁ ସମସ୍ତେ ଭଗବାନଙ୍କର ସନ୍ତାନ, ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସମସ୍ତଙ୍କର ସମ୍ଭାବନା ଅଛି । ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କଠାରେ ଶିକ୍ଷା, ସଙ୍ଗୀତ, କଳା ଓ ହସ୍ତ ଶିଳ୍ପ ବିକାଶ ଲାଗି ଯେଉଁ ଅନ୍ତର୍ନିହିତ ଶକ୍ତି ପ୍ରଚ୍ଛନ୍ନ ରହିଛି ସେଥିପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଜାତିସଂଘ ଗୁରୁତ୍ୱ ଆରୋପ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବହୁ ଅକ୍ଷମ ତଥା ବିକଳାଙ୍ଗ ବ୍ୟକ୍ତି ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ବଳରେ ପ୍ରତିଷ୍ଠା ତଥା ଖ୍ୟାତି ଲାଭ କରିଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମରେ ଅସମର୍ଥମାନଙ୍କର "ସଂପୂର୍ଣ୍ଣ ଅଂଶ ଗ୍ରହଣ ଓ ସମାନ ଅଧିକାର" ବିଷୟଟି ପ୍ରତି ଏହି ବର୍ଷ ମଧ୍ୟରେ ବିଶେଷ ଦୃଷ୍ଟି ଦିଆଯିବ । ଏହାର ସଫଳ ରୂପାୟନ ପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକର ଉଦ୍ୟମ ସହିତ ଚିକିତ୍ସକ, ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍‌ଙ୍କ ସମେତ ସଂପୃକ୍ତ ପରିବାରମାନଙ୍କର ମଧ୍ୟ ଉଦ୍ୟମ ଆବଶ୍ୟକ ।

ଅସମର୍ଥ ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ଶିକ୍ଷା, ଧନ୍ଦାମୂଳକ ତାଲିମ ଓ ପରାମର୍ଶର ଅଭାବ ସାଙ୍ଗକୁ ସେମାନଙ୍କର ଅର୍ଥନୈତିକ ଥଇଥାନ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗର ଅଭାବ ଦୃଷ୍ଟିରୁ କେତେକାଂଶରେ ଅସନ୍ତୋଷ ପ୍ରକାଶ ପାଉଛି ।

ଶିଶୁମାନଙ୍କ ମଧ୍ୟରେ ବ୍ୟାଧି ଜନିତ ଅକ୍ଷମତା ହ୍ରାସ କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଏବଂ ପ୍ରତିକାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଏକାନ୍ତ ଆବଶ୍ୟକ । ଏହା ସାଙ୍ଗକୁ ଦେଶର ଜାତୀୟ ଯୋଜନା କାର୍ଯ୍ୟକ୍ରମରେ ଅସମର୍ଥ ଶିଶୁଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିବା ଅତି ଗୁରୁତ୍ୱପୂର୍ଣ୍ଣ । ସେହିପରି ଅକ୍ଷମ ଯୁବକ ଓ ସାବାଳକମାନଙ୍କ ପାଇଁ ଧନ୍ଦାମୂଳକ ତାଲିମ ଓ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ତଥା ସହାୟକ ସରଞ୍ଜାମ ଦିଆଗଲେ ସେମାନେ ବିଭିନ୍ନ ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସଂଶ୍ଳିଷ୍ଟ କରି ପାରିବେ ॥

ଦୀର୍ଘ କାଳରୁ ଭୁବନେଶ୍ୱର ଓ ବୁର୍ଲାଠାରେ ଅନ୍ଧ ଓ ମୂକ ବଧିରଙ୍କ ପାଇଁ ବିଦ୍ୟାଳୟ ଖୋଲା ଯାଇଛି । ସେହିପରି ବ୍ରହ୍ମପୁରଠାରେ ଜିଲ୍ଲା ରେଡ଼କ୍ରସଙ୍କ ଉଦ୍ୟମରେ ଚକ୍ଷୁହୀନମାନଙ୍କ ପାଇଁ ମଧ୍ୟ ଏକ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ଏବଂ ସେଠାରେ ବଧିରଙ୍କ ପାଇଁ ଏକ ଶିକ୍ଷାନୁଷ୍ଠାନ ନିର୍ମାଣ କରିବାକୁ ଉଦ୍ୟମ ହେଉଛି । ଏହିସବୁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାୟ ଚାରିଶହ ଛାତ୍ର ଛାତ୍ରୀ ସାଧାରଣ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ପାଉଛନ୍ତି । ସେମାନଙ୍କ ପାଇଁ ମାଗଣାରେ ଶିକ୍ଷାଦାନ ଓ ଛାତ୍ରାବାସର ବ୍ୟବସ୍ଥା ହୋଇଛି । ରାଜ୍ୟର ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକରେ ବିକଳାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ଏବଂ କେତେକ ସ୍ୱତନ୍ତ୍ର ସରଞ୍ଜାମ ଦିଆଯାଇଥାଏ । ସରକାରୀ ସହାୟତାରେ ରାଉରକେଲାଠାରେ ମାନସିକ ବ୍ୟାଧିଗ୍ରସ୍ତ ପିଲାମାନଙ୍କ ପାଇଁ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଉଦ୍ୟମରେ ଗୋଟିଏ ବିଦ୍ୟାଳୟ ଏବେ ପ୍ରତିଷ୍ଠିତ ହୋଇଛି ।

ପ୍ରାଥମିକ ସ୍ତରରୁ ବିକଳାଙ୍ଗ ଶିଶୁମାନଙ୍କୁ ସାଧାରଣ ବିଦ୍ୟାଳୟରେ ଶିକ୍ଷା ଦେଇ ବାଲ୍ୟାବସ୍ଥାରେ ସେମାନଙ୍କ ମନରୁ ଗ୍ଲାନି ଦୂର କରିବାର ବ୍ୟବସ୍ଥା ହୋଇଛି । ତଦନୁଯାୟୀ କେନ୍ଦ୍ର ସରକାରଙ୍କ ସହାୟତାରେ ୯ ଟି ପ୍ରାଥମିକ ଶିକ୍ଷାନୁଷ୍ଠାନ ଖୋଲାଯାଇ ପ୍ରାୟ ୧୫୦ ଜଣ ବାଳକ ବାଳିକାଙ୍କୁ ଶିକ୍ଷା ଦିଆଯାଉଛି । ଏହିପରି ଆଉ କେତେକ ଅନୁଷ୍ଠାନ ଯଥାଶୀଘ୍ର ଖୋଲାଯିବ ।

ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ବିଶ୍ୱ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଲାଭ କରୁଥିବା ବିକଳାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରାଯାଉଛି । ଧନ୍ଦାମୂଳକ ତାଲିମ୍ ପାଉଥିବା ପିଲାମାନଙ୍କ ପାଇଁ ମଧ୍ୟ ବୃତ୍ତି ଦେବାର ବ୍ୟବସ୍ଥା ରହିଛି । ଦରିଦ୍ର ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଶ୍ରୁତି ସହାୟକ ଯନ୍ତ୍ର ଇତ୍ୟାଦି ସରଞ୍ଜାମ ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଉଛି । ଏହା ବ୍ୟତୀତ ରାଜ୍ୟ ପରିବହନ ସଂସ୍ଥାର ବସ୍‌ଗୁଡ଼ିକରେ ଚକ୍ଷୁହୀନମାନଙ୍କ ଯାତାୟତ ପାଇଁ ରିହାତି ଦେବାର ବ୍ୟବସ୍ଥା ହୋଇଛି ।

ସରକାରୀ ବିଭାଗ ଏବଂ ସଂସ୍ଥାଗୁଡ଼ିକରେ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବାର ସୁବିଧା କରା ଯାଇଛି । ନିଯୁକ୍ତି ପାଇଥିବା ଶାରୀରିକ ଅକ୍ଷମ ଓ ଚକ୍ଷୁହୀନ କର୍ମଚାରୀଙ୍କର ଯାତାୟତ ଖର୍ଚ୍ଚ ବାବଦକୁ ସେମାନଙ୍କ ଦରମାର ଶତକଡ଼ା ଦଶଭାଗ କିମ୍ବା ସର୍ବୋଚ୍ଚ ପଚାଶ ଟଙ୍କା ଯାଏ ଭତ୍ତା ଦିଆଯାଉଛି ।

ବିକଳାଙ୍ଗ ବ୍ୟକ୍ତି ଓ ଛାତ୍ର ଛାତ୍ରୀମାନଙ୍କ ପାଇଁ ରାଜ୍ୟ ସରକାର ଯେଉଁସବୁ କଲ୍ୟାଣକର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ତାହା ଉଲ୍ଲେଖନୀୟ ହେଲେ ମଧ୍ୟ ରାଜ୍ୟର ସର୍ବମୋଟ ଦେଢ଼ ଲକ୍ଷ ବିକଳାଙ୍ଗଙ୍କ ଆବଶ୍ୟକତା ପୂରଣ କରିବା ଦିଗରେ ପର୍ଯ୍ୟାପ୍ତ ନୁହେଁ । ସେମାନଙ୍କର ସମସ୍ୟା ଜଟିଳ ତଥା ବ୍ୟାପକ ହୋଇଥିବା ଦୃଷ୍ଟିରୁ ଆନ୍ତର୍ଜାତିକ ଅକ୍ଷମ ସମ୍ବତ୍ସର ପାଳନ ପାଇଁ ରାଜ୍ୟ-ସ୍ତରୀୟ କମିଟିର ପରାମର୍ଶ ଅନୁଯାୟୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହଯୋଗରେ ଶିକ୍ଷାନୁଷ୍ଠାନ ବିଭିନ୍ନ ବୃତ୍ତିମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା ସଂଗେ ସଂଗେ ସେମାନଙ୍କର ସ୍ୱାସ୍ଥ୍ୟୋନ୍ନତି, ନିରାପତ୍ତା ଦିଗରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ଯଥାଶକ୍ତି ଉଦ୍ୟମ କରୁଛନ୍ତି । ତଦନୁଯାୟୀ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ କେତେକ ନୂତନ ପରିକଳ୍ପନା ପ୍ରସ୍ତୁତ କରାଯାଉଛି । ବିକଳାଙ୍ଗ ବ୍ୟକ୍ତି ତଥା ଛାତ୍ର–ଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତି, ସାମର୍ଥ୍ୟ ତଥା ସଦ୍‌ଗୁଣର ପୂର୍ଣ୍ଣ ବିନିଯୋଗ ଓ ବିକାଶ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯଥାଶୀଘ୍ର ଶିକ୍ଷାନୁଷ୍ଠାନ, ଧନ୍ଦାମୂଳକ ତାଲିମ କେନ୍ଦ୍ର ଏବଂ ଆବାସିକ କାରଖାନା ପ୍ରତିଷ୍ଠିତ ହେବ । ସେମାନଙ୍କୁ ଆର୍ଥିକ ସହାୟତା ଦେଇ ଆତ୍ମନିଯୁକ୍ତି ପାଇଁ ସୁବିଧା ଦେବାର ଲକ୍ଷ୍ୟ ରଖା ଯାଇଛି । ଏ କ୍ଷେତ୍ରରେ ବ୍ୟାଙ୍କ ସହାୟତା ଆବଶ୍ୟକ । ଶାରୀରିକ ଅକ୍ଷମମାନଙ୍କ ଅର୍ଥନୈତିକ ଥଇଥାନ ପାଇଁ ଧନ୍ଦାମୂଳକ ତାଲିମ ଦେବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ରାଜ୍ୟ ସରକାର ଯଥେଷ୍ଟ ସାହାଯ୍ୟ ଦେବେ । ଅତୀତରେ ସମାଜର ଏହିସବୁ ଲୋକମାନଙ୍କ କଲ୍ୟାଣ ସାଧନ ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଲ୍ଲେଖନୀୟ ଉଦ୍ୟମ କରିଛନ୍ତି ଏବଂ ଭବିଷ୍ୟତରେ ସେମାନଙ୍କର ଉଦ୍ୟମ ଅବ୍ୟାହତ ରହିବ ବୋଲି ମୁଁ ଗଭୀର ଆଶା ପ୍ରକାଶ କରୁଛି । ସେଥିପାଇଁ ସରକାରୀ ସାହାଯ୍ୟ ଓ ସମର୍ଥନର ଅଭାବ ରହିବ ନାହିଁ । ଏହି ସମ୍ବତ୍ସର ପାଳନ ପାଇଁ ରାଜ୍ୟ ସ୍ତରୀୟ କମିଟିଙ୍କର ମଧ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ରାଜ୍ୟର ବହୁ ସଂଖ୍ୟକ ବିକଳାଙ୍ଗ ତଥା ଅସମର୍ଥ ବ୍ୟକ୍ତିମାନଙ୍କର ଦୁଃଖ ଦୁର୍ଦ୍ଦଶା ମୋଚନ କରିବା ଏବଂ ସମାଜରେ ଯଥାର୍ଥ ସୁଯୋଗ ପ୍ରଦାନ କରିବା ଦିଗରେ ଆମେ ଯେଉଁ ପଦକ୍ଷେପ ନେଇଛୁ ସେଗୁଡ଼ିକର ସଫଳତା ପାଇଁ ମୁଁ ବିଭିନ୍ନ ସରକାରୀ ବିଭାଗ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାର କର୍ତ୍ତୃପକ୍ଷମାନଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି ।

## ମୁଖ୍ୟ ଅତିଥି ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ଅଭିଭାଷଣ

ଆନନ୍ଦର କଥା ମିଳିତ ଜାତିସଂଘ ଅସମର୍ଥ ଭାଇ-ଭଉଣୀମାନଙ୍କ ଯଥୋଚିତ ଉନ୍ନତି ଓ ସମ୍ମାନ ଲାଗି ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୧୯୮୧ ବର୍ଷଟିକୁ ଆନ୍ତର୍ଜାତିକ ଶାରୀରିକ ଅକ୍ଷମମାନଙ୍କ ଲାଗି ସମ୍ବତ୍ସର ରୂପେ ପାଳନ କରିବା ପାଇଁ ସ୍ଥିର କରିଛନ୍ତି ।

ଆମ ଦେଶରେ ଏହା ପାଳିତ ହେଲା ବେଳେ ଆମ ଓଡ଼ିଶାରେ ଏହି ସମ୍ବତ୍ସରଟିକୁ ଉଦ୍‌ଘାଟନ କରିବା ପାଇଁ ମୋତେ ଆପଣମାନେ ସୁଯୋଗ ଦେଇ ଥିବାରୁ ମୁଁ ଆପଣମାନଙ୍କ ପ୍ରତି ମୋର ସବିନୟ କୃତଜ୍ଞତା ଜ୍ଞାପନ କରୁଛି

ଶାରୀରିକ ଅକ୍ଷମମାନଙ୍କର ସମସ୍ୟା ଏକ ବିଶ୍ୱ ସମସ୍ୟା । ଅଧୁନା ପୃଥିବୀର ପ୍ରତ୍ୟେକ ଦେଶର ଚିନ୍ତାଶୀଳ, ଲେଖକ, ବୈଜ୍ଞାନିକ, ସମାଜସେବୀ ଏମାନଙ୍କର ବିଭିନ୍ନ ସମସ୍ୟା ଅନୁଶୀଳନ କରି ତାହାର ସମାଧାନ ଦିଗରେ ଉପାୟମାନ ଉଦ୍‌ଭାବନ କରୁଛନ୍ତି । ଅକ୍ଷମ-ମାନେ ଆମ୍ଭମାନଙ୍କ ପରି ଭଗବାନଙ୍କର ସନ୍ତାନ ଓ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସମସ୍ତଙ୍କର ସାମ୍ବିଧାନିକ ଓ ସାମାଜିକ ଅଧିକାର ସମାନ ; ସମାଜର ବିଭିନ୍ନ କାର୍ଯ୍ୟକ୍ରମରେ ବିକଳାଙ୍ଗ ଅକ୍ଷମ ଶିଶୁଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ପୂର୍ଣ୍ଣ ସହଯୋଗ ଓ ସମାନ ଅଧିକାର ଦିଆଯିବା ଉଚିତ୍ । ସେମାନଙ୍କର ଅନ୍ତର୍ନିହିତ ବିଭିନ୍ନ ସୁପ୍ତ ପ୍ରତିଭାର ବିକାଶ ଦିଗରେ ସର୍ବାନ୍ତଃକରଣ ଚେଷ୍ଟା କରାଗଲେ ଅନ୍ୟମାନଙ୍କ ପରି ସମାଜର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ସେମାନଙ୍କର ମଧ୍ୟ ଅତୁଳନୀୟ ଅବଦାନ ମିଳିପାରିବ, ଏଥିରେ ସନ୍ଦେହ ନାହିଁ । ଧୃତରାଷ୍ଟ୍ର କିପରି ମହାଭାରତ ଯୁଗରେ ଉଚ୍ଚସ୍ଥାନ ଲାଭ କରିଥିଲେ ତାହା ସ୍ମରଣୀୟ । ମିଲଟନ୍, ସୁରଦାସ୍, ହୀମହୋର, ଗାୟକ ଅନ୍ଧଅପନା, କଳାକାର ଓ ଶିକ୍ଷାବିତ୍ ଶ୍ରୀ ବିପିନ୍ ବିହାରୀ ଚୌଧୁରୀ, ମହିୟସୀ ମହିଳା ହେଲେନ୍ କେଲେର, ଲୁଇବ୍ରେଲ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଆପଣମାନେ ଜାଣନ୍ତି ଶାରୀରିକ ଅସାମର୍ଥ୍ୟ ସମସ୍ତ କ୍ଷେତ୍ରରେ ପ୍ରତିବନ୍ଧକ ନୁହେଁ । କୌଣସି ଏକ ଅସମର୍ଥ ତା'ର ଅସାମର୍ଥ୍ୟ ନିମିତ୍ତ ଏକ ନିର୍ଦ୍ଦିଷ୍ଟ କାମ କରିବା ପାଇଁ ଅକ୍ଷମ ହୋଇପାରେ, କିନ୍ତୁ ଅନ୍ୟ ଦିଗରେ ତାର ପ୍ରତିଭା ସାଧାରଣ ଲୋକଙ୍କପରି ବିକଶିତ ହେବାର କୌଣସି ବାଧାନାହିଁ । ଏକ ମୂକ ବଧିର ବିଶେଷ କଳାକାର, ରାଜମିସ୍ତ୍ରୀ, କୁଟୀର ଶିଳ୍ପ ନିପୁଣ ହୋଇପାରନ୍ତି । ଏକ ଦୃଷ୍ଟିହୀନ ସୁଲେଖକ, ଗାୟକ, ବାଦକ, ବକ୍ତା, ଆଇନଜୀବୀ ହୋଇପାରେ; ବେତ, ବାଉଁଶ ଓ ନଡ଼ିଆକତା ବୁଣାବୁଣି ହସ୍ତଶିଳ୍ପ ଇତ୍ୟାଦିରେ ବିଶେଷ କୃତିତ୍ୱ ଅର୍ଜନ କରିପାରେ । ଖଞ୍ଜ ବା ଶାରୀରିକ ଅକ୍ଷମ ବ୍ୟକ୍ତି ବାଧକତା ଅନୁକ୍ରମେ ରେଡ଼ିଓ ତିଆରି, ଘଣ୍ଟା ମରାମତି, ସିଲେଇ, ଟାଇପକାମ, ହସ୍ତଶିଳ୍ପ ଇତ୍ୟାଦିରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିବା ସଙ୍ଗେ ସଙ୍ଗେ ବୌଦ୍ଧିକ ବିକାଶ ଦୃଷ୍ଟିରୁ ସାଧାରଣ ଲୋକ ପରି ଶିକ୍ଷକତା, ଅଧ୍ୟାପନା, ଓକିଲାତି ଓ ବିଭିନ୍ନ ଅଫିସ କାର୍ଯ୍ୟ ଇତ୍ୟାଦିରେ ନିଜର କୃତିତ୍ୱ ପ୍ରଦର୍ଶନ କରିପାରେ । ପ୍ରକୃତରେ ଅନେକ କ୍ଷେତ୍ରରେ ଅସମର୍ଥମାନେ ସାଧାରଣ ଲୋକଙ୍କଠାରୁ ଅଧିକ କୃତିତ୍ୱ ଦେଖାଇ ପାରନ୍ତି । ଏହାର ଦୃଷ୍ଟାନ୍ତର ଅଭାବ ନାହିଁ । ଆମର ଭ୍ରାନ୍ତ ଧାରଣା ଅସମର୍ଥମାନେ ସମର୍ଥଙ୍କ ପରି ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ସମାନ କୃତିତ୍ୱ ଦେଖାଇ ପାରିବେ ନାହିଁ । ସେମାନଙ୍କୁ ଚାକିରୀ କ୍ଷେତ୍ରରେ, କଳ-କାରଖାନାରେ ଓ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ଦେବା ପାଇଁ ଆମ୍ଭେମାନେ ପଛଘୁଞ୍ଚା ଦେଉଛୁଁ । ଅନେକ ଶିକ୍ଷିତ ଓ ତାଲିମ ପ୍ରାପ୍ତ ଅସମର୍ଥ ବେକାର ସମସ୍ୟାର ସମ୍ମୁଖୀନ । ଏହି ସମସ୍ୟାର ସମାଧାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଦରକାର । ଭାରତ ସରକାର ତଥା ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରରେ କିଛି ସ୍ଥାନ ସଂରକ୍ଷଣ କରିଛନ୍ତି, କିନ୍ତୁ ତାହା ଯଥେଷ୍ଟ ନୁହେଁ । ସାମାଜିକ ଦୃଷ୍ଟିଭଙ୍ଗୀ ନ ବଦଳିଲେ ଏ ସଂରକ୍ଷଣ ମଧ୍ୟ ଅର୍ଥହୀନ ମନେହୁଏ । ନିଯୁକ୍ତିକାରୀ, ସର୍ବସାଧାରଣ ଓ ସରକାର ଅସମର୍ଥମାନଙ୍କର ଶକ୍ତି ଉପରେ ପୂର୍ଣ୍ଣ ବିଶ୍ୱାସ ନ ରଖିଲେ ନିଯୁକ୍ତି କ୍ଷେତ୍ରରେ ଏମାନେ ସୁଯୋଗ ପାଇବା ସହଜ ନୁହେଁ । ପ୍ରକୃତପକ୍ଷେ ବିଭିନ୍ନ ସଭ୍ୟ ଦେଶର ପରିସଂଖ୍ୟାନରୁ ଜଣାଯାଏ ଯେ, ଅସମର୍ଥମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାଧାରଣଙ୍କଠାରୁ ଅଧିକ ଏକାଗ୍ରତା-ସଂପନ୍ନ । କଳକାରଖାନାରେ ମୂକବଧିରମାନଙ୍କର ଏକାଗ୍ରତା ପାଇଁ କାର୍ଯ୍ୟଦକ୍ଷତା ଯଥେଷ୍ଟ ଓ ଅନ୍ୟମାନଙ୍କଠାରୁ କମ ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ । ତେଣୁ ଏମାନଙ୍କ ପ୍ରତି ସାଧାରଣ ଭୁଲ ଧାରଣା ଦୂର କରିବା ପାଇଁ ଆମ ସମସ୍ତଙ୍କୁ ଚେଷ୍ଟା କରିବାକୁ ହେବ । ସେହିପରି କେତେକ କ୍ଷେତ୍ରରେ ସମାଜରେ କୁଷ୍ଠ ରୋଗ-ମୁକ୍ତ ବ୍ୟକ୍ତିମାନଙ୍କୁ ଅବହେଳା କରାଯାଉଛି । ସେମାନଙ୍କର ଥଇଥାନ ଓ ସମାଜରେ ଯଥାର୍ଥ ସ୍ଥାନ ଲାଭ ଦିଗରେ ଉଦ୍ୟମ ଆବଶ୍ୟକ ।

ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଷଷ୍ଠ ପଞ୍ଚବାର୍ଷିକ ଯୋଜ-ନାରେ ଯେଉଁ କାର୍ଯ୍ୟକ୍ରମର ପ୍ରବନ୍ଧ ରହିଛି ସେଥିପାଇଁ ମୁଁ ସରକାରଙ୍କୁ ସାଧୁବାଦ ଜଣାଉଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ-ମାନଙ୍କର ଉଦ୍ୟମ ଉଲ୍ଲେଖଯୋଗ୍ୟ । ପ୍ରତ୍ୟେକ ଜିଲ୍ଲାରେ ଏମାନଙ୍କ ପାଇଁ ଶିଳ୍ପ ତାଲିମ୍‌କେନ୍ଦ୍ର, ଅଧିକ ଶିକ୍ଷାନୁଷ୍ଠାନ, ଅଧିକ ବୃତ୍ତିଦାନ ସୁଯୋଗ ସରକାରଙ୍କ ଆର୍ଥିକ ସମ୍ବଳ ଦୃଷ୍ଟିରୁ ଯାହା କରାଯିବା ଉଚିତ ତାହାର ବ୍ୟବସ୍ଥା ଏହି ସମ୍ବତ୍ସରରେ ଓ ଭବିଷ୍ୟତରେ ହେବା ପାଇଁ ଚେଷ୍ଟା କରାଯାଉ । କେବଳ ଚାକିରୀ କ୍ଷେତ୍ରରେ ଏମାନେ କିପରି ଉପଯୁକ୍ତ ସ୍ଥାନ ପାଇ ନିଜର ଜୀବିକାର୍ଜନ କରି ପାରିବେ ତାହା ପ୍ରଧାନ ବିଷୟ ନୁହେଁ । ସେମାନଙ୍କର ସ୍ୱାସ୍ଥ୍ୟ ଓ ତାଲିମ୍ ପ୍ରତି ବିଶେଷ ଦୃଷ୍ଟି ଆବଶ୍ୟକ । ଅସମର୍ଥ ପିଲା ବା ବ୍ୟକ୍ତିର ଯଥାଶକ୍ତି ପ୍ରୟୋଗ ପାଇଁ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ-ମାନଙ୍କର ଆନ୍ତରିକ ଉଦ୍ୟମ ଆବଶ୍ୟକ । ଅସମର୍ଥ ପିଲା ଓ ଯୁବକ ତାଲିମ ପ୍ରାପ୍ତି ପରେ ସ୍ୱାବଲମ୍ବୀ ନିଶ୍ଚୟ ହୋଇପାରିବେ, ତଥାପି କୌଣସି ବିଶେଷ ଅନୁଷ୍ଠାନ ବିକ୍ରୟ କେନ୍ଦ୍ର ସ୍ଥାପନ କରି ସେମାନଙ୍କର ତିଆରି ହସ୍ତଶିଳ୍ପର ପ୍ରସାର କରିବାରେ ସାହାଯ୍ୟ ଦରକାର । ଏହି ଶୁଭ ସମ୍ବତ୍ସରରେ ଆପଣମାନଙ୍କୁ ଅନୁରୋଧ କରୁଛି ଯେ, ଆମେ ସମସ୍ତେ ଏହି ଅସାମର୍ଥ୍ୟ ସମସ୍ୟା

ସମ୍ବନ୍ଧରେ ଚିନ୍ତାକରି ଯିଏ ଯେଉଁ କ୍ଷେତ୍ରରେ ଥାଆନ୍ତୁ ନା କାହିଁକି ସେମାନଙ୍କୁ ସର୍ବାନ୍ତଃକରଣରେ ଆମର ସର୍ବଶ୍ରେଷ୍ଠ ଶକ୍ତି ଅନୁଯାୟୀ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ଅବ୍ୟାହତ ରଖିବା ।

ଆଜି ଏହି ଶୁଭ ମୁହୂର୍ତ୍ତରେ ଜାତିସଂଘ ପିଲାର ଅଧିକାର ସମ୍ବନ୍ଧରେ ଘୋଷଣା କରିଥିବା ଅଧିକାର ମନେପଡ଼େ, "Child by reason of his physical and mental immaturity needs special safe-guard and care, before as well as after birth. It also affirms that mankind owes to the child the best it has to give," ପିଲାର ଶାରୀରିକ ଓ ମାନସିକ ଅପରିପକ୍ୱତା ଦୃଷ୍ଟିରୁ ସେ ଜନ୍ମ ପୂର୍ବରୁ ଓ ପରେ ସ୍ୱତନ୍ତ୍ର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରେ । ମାନବ ଜାତିକୁ ପିଲାର ଯାହା ସର୍ବଶ୍ରେଷ୍ଠ ପ୍ରାପ୍ୟ ତାହା ତାକୁ ଦେବାକୁ ହେବ । ଅସମର୍ଥ ପିଲା ଏ ପ୍ରକାର ମାନବୀୟ ବ୍ୟବହାର ପରିସୀମା ବାହାରେ ନୁହେଁ । ଅସମର୍ଥ ପିଲାମାନେ ନିଜକୁ କେବେହେଲେ ଅବହେଳିତ ମନେ କରିବାର ଆବଶ୍ୟକ ବି ନ ରହୁ ।

ସେମାନେ ଅନ୍ୟମାନଙ୍କ ପରି ଭଗବାନଙ୍କର ସନ୍ତାନ । ସେମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ତାଲିମ ଓ ବୃତ୍ତିଗତ ଥଇଥାନ ଆମର କର୍ତ୍ତବ୍ୟ । ଯାହା ଫଳରେ ଆମେ ଆମ ଦେଶର ପୂର୍ଣ୍ଣତା ଦିଗରେ ଆଗେଇ ଚାଲିବା । ଆଜି ଏହି ଜଗନ୍ନାଥ ଦେଶରେ ଜାତିସଂଘର ଧ୍ୱନି "Full participation and equality" ପୂର୍ଣ୍ଣ ସହଯୋଗ ଓ ସାମ୍ୟତା ଆମ ସମସ୍ତଙ୍କର ମୁଖରେ ପ୍ରତିଧ୍ୱନିତ ହେଉ ଏବଂ ଆମେ ଅକ୍ଷମ ଓ ଅସମର୍ଥମାନଙ୍କର କାନ୍ଧରେ କାନ୍ଧ ମିଳାଇ ସେମାନଙ୍କ ଜୀବନକୁ କରୁ ସରସ ସୁନ୍ଦର ଓ ଉପଭୋଗ୍ୟ ।

## ଶାରୀରିକ ଅକ୍ଷମ ଲୋକଙ୍କ ଶିକ୍ଷା ଓ ଥଇଥାନ ସଂପର୍କରେ ସୂଚନା

ଶାରୀରିକ ଅକ୍ଷମ ଲୋକଙ୍କ ସମସ୍ୟା ଗୋଟିଏ ଆନ୍ତର୍ଜାତିକ ସମସ୍ୟା । ୧୯୮୧ ମସିହାକୁ ଆନ୍ତର୍ଜାତିକ ଶାରୀରିକ ଅକ୍ଷମ ବର୍ଷ ରୂପେ ପାଳନ କରାଯାଉଛି । ଅକ୍ଷମମାନଙ୍କର ଶିକ୍ଷା, ଦୀକ୍ଷା ଓ ଥଇଥାନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେମାନେ ଯେପରି ସର୍ବାଙ୍ଗୀନ ଉନ୍ନତି କରିପାରିବେ ଏବଂ ସ୍ୱାବଲମ୍ବୀ ହୋଇପାରିବେ ଓ ସୁସ୍ଥ ଜନସାଧାରଣଙ୍କ ସହ ସମତା ରକ୍ଷା କରିପାରିବେ ସେ ଦିଗରେ ଭାରତ ସରକାର ଓ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଇ ଅଛନ୍ତି ।

ଭାରତରେ ଶାରୀରିକ ଅକ୍ଷମ ଲୋକଙ୍କ ସଂଖ୍ୟା ପ୍ରାୟ ଦୁଇକୋଟି । ଏ ସମସ୍ତଙ୍କର ପାଳନ ଓ ବିଶେଷ କାର୍ଯ୍ୟକ୍ରମ ଲାଗି ଜାତୀୟ ତଥା ପ୍ରାଦେଶିକ ସ୍ତରରେ କମିଟିମାନ ଗଠନ କରାଯାଇଛି । ଅତୀତରେ ଯୋଜନା ସମେତ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ପଞ୍ଚ ବାର୍ଷିକ ଯୋଜନାରେ ରଖାଯାଇଛି । ସେ ସମ୍ପର୍କରେ କେତେକ ସୂଚନା ନିମ୍ନରେ ଦିଆଗଲା ।

### ଶିକ୍ଷା ତାଲିମ୍

ଅକ୍ଷମ ପିଲା ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ଶିକ୍ଷାଲାଗି ବୃତ୍ତିର ବ୍ୟବସ୍ଥା ଅଛି । ଭାରତ ସରକାରଙ୍କର ସାହାଯ୍ୟ ଅତୀବ ପ୍ରଶଂସନୀୟ । ହାରାହାରି ଏ ବାବଦରେ ବର୍ଷକୁ ଦୁଇ ଲକ୍ଷ ଟଙ୍କା ମିଳିଥାଏ । ବୈଷୟିକ ଶିକ୍ଷାରେ ବୃତ୍ତି ମଧ୍ୟ ଦିଆଯାଉଛି । ଭାରତ ସରକାର ଓ ଓଡିଶା ସରକାରଙ୍କ ଉଦ୍ୟମରେ ବର୍ଷକୁ ପ୍ରାୟ ୩୫୦ ଅକ୍ଷମ ପିଲା ବୃତ୍ତି ପାଇ ଶିକ୍ଷାଲାଭ କରୁଅଛନ୍ତି । ଏତଦ୍ ଭିନ୍ନ ସରକାରୀ ଅନ୍ଧ ଓ ମୂକ ବଧିର ବିଦ୍ୟାଳୟମାନଙ୍କରେ ପିଲାମାନଙ୍କୁ ବିନା ବ୍ୟୟରେ ଶିକ୍ଷା ଦିଆଯାଉଛି ।

ଅନ୍ଧ, ମୂକ, ବଧିର, ବିକଳାଙ୍ଗ ପିଲାମାନଙ୍କ ମଧ୍ୟରୁ ଅନେକ ଆଜିକାଲି ଉଚ୍ଚଶିକ୍ଷା ଲାଭ କଲେଣି । ଆଉ ମଧ୍ୟ ସେ ଦିଗରେ ପିଲାମାନଙ୍କୁ ବିଶେଷ ଆଗ୍ରହାନ୍ୱିତ କରିବାକୁ ପଦକ୍ଷେପ ନିଆଯାଉଛି ।

ମାନସିକ ବ୍ୟାଧିଗ୍ରସ୍ତ ପିଲାଙ୍କର ସୁବିଧା ଲାଗି ରାଉରକେଲା ଠାରେ ୧୯୭୯-୮୦ରେ "ହୋମ ଆଣ୍ଡ ହୋମ" ନାମକ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥା ଆନୁକୂଲ୍ୟରେ ଏକ ବିଦ୍ୟାଳୟ ଖୋଲା ଯାଇଛି । ଗତବର୍ଷ ଏହି ସଂସ୍ଥାକୁ ସରକାର ୩୫ ହଜାର ଟଙ୍କା ସାହାଯ୍ୟ କରିଛନ୍ତି ଏବଂ ୧୯୮୦-୮୧ ବଜେଟ୍‌ରେ ଏଥିପାଇଁ ୫୦ ହଜାର ଟଙ୍କା ସାହାଯ୍ୟର ବ୍ୟବସ୍ଥା କରାଯାଇଛି ।

ଗରିବ ଛାତ୍ର ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଲାଗି ଶ୍ରୁତି ସହାୟକ ଯନ୍ତ୍ର ଓ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଯୋଗାଇ ଦେବା ପାଇଁ ସୀମିତ ସମ୍ବଳ ମଧ୍ୟରେ ବ୍ୟବସ୍ଥା କରାଯାଉଛି ।

### ଥଇଥାନ ବ୍ୟବସ୍ଥା

ଶାରୀରିକ ଅକ୍ଷମ ଲୋକମାନଙ୍କ ଲାଗି ଚାକିରୀ ବାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣର କିଛି ବ୍ୟବସ୍ଥା କରାଯାଇଛି । ଅକ୍ଷମ ବାଳକ, ବାଳିକା, ଯୁବକ ଯୁବତୀଙ୍କର ବୈଷୟିକ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏ ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ସରକାରୀ ସାହାଯ୍ୟରେ ଅତିଶୀଘ୍ର ତାଲିମ୍ କେନ୍ଦ୍ରମାନ ଖୋଲିବାର ବ୍ୟବସ୍ଥା କରୁଛନ୍ତି । ତାଲିମ ପ୍ରାପ୍ତି ଫଳରେ ସେମାନେ ବିଭିନ୍ନ ଅନୁଷ୍ଠାନମାନଙ୍କରେ ନିଯୁକ୍ତି ପାଇବାର ସୁବିଧା ଯଥେଷ୍ଟ ପାଇବେ । କେହି କେହି ନିଜର ଦକ୍ଷତା ଅନୁଯାୟୀ ବ୍ୟବସାୟ ଆରମ୍ଭ କରି ପାରନ୍ତି । ସେମାନଙ୍କ ଲାଗି ସରକାରୀ ସାହାଯ୍ୟ ଓ ବ୍ୟାଙ୍କ ଋଣର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହା ଫଳରେ ନିଃସହାୟ ଅବସ୍ଥା ଉପୁଜିବାର ଭୟ ନାହିଁ ।

କେତେକ ସ୍ଥଳରେ କୁଷ୍ଠରୋଗୀ ଭଲଥିବା ଅବସ୍ଥାରେ ସମାଜରେ ଅବହେଳିତ ହୋଇଥାଆନ୍ତି । ଏହା ଦୂରୀକରଣ ଓ ତତ୍‌ସଙ୍ଗେ ସେମାନଙ୍କର ସମାଜରେ ଉପଯୁକ୍ତ ସ୍ଥାନ ବିଶେଷ ଯୋଗ୍ୟତା ସହ ଲାଭ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଉଛି ।

ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ସମାଜରେ ଯେପରି ଅସହାୟ ଓ ନିଃସହାୟ ଅବସ୍ଥାରେ ରହିଛନ୍ତି ବୋଲି ଆଦୌ ମନେ ନ କରନ୍ତି, ସେଥିପାଇଁ ସେମାନଙ୍କ କଲ୍ୟାଣ ଦିଗରେ କେନ୍ଦ୍ର ତଥା ରାଜ୍ୟ ସରକାର ଓ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶେଷ ଆଶା, ଅକ୍ଷମ ବ୍ୟକ୍ତିମାନେ ସମାଜରେ ଉପଯୁକ୍ତ ଜୀବନ ନିର୍ବାହ କରିବାରେ ଅସୁବିଧାର ସମ୍ମୁଖୀନ ନ ହୋଇ ଆତ୍ମ ସମ୍ମାନ ଓ ଆତ୍ମ ମର୍ଯ୍ୟାଦା ଲାଭ କରି ପାରିବେ ।

(୬୬ ପୃଷ୍ଠାର ଅବଶିଷ୍ଟାଂଶ)

ରେଭେନ୍ସା କଲେଜର ଉନ୍ନତି ସହିତ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ପ୍ରତିଷ୍ଠା ପାଇଁ ବହୁ ଅର୍ଥ ସ୍ୱଇଚ୍ଛାରେ ଦାନ କରି ରାଜ୍ୟବାସୀଙ୍କର ଅତ୍ୟନ୍ତ ଶ୍ରଦ୍ଧା ଲାଭ କରିଥିଲେ । ଏଣେ ତତ୍‌କାଳୀନ ଓଡ଼ିଶାରେ ମୟୂରଭଞ୍ଜର ମିଶ୍ରଣ ପାଇଁ ସରକାରୀ ଓ ବେସରକାରୀ ସ୍ତରରୁ ମଧ୍ୟ ଯଥାସାଧ୍ୟ ଉଦ୍ୟମ ଆରମ୍ଭ ହୋଇଥିଲା ।

ପରିଶେଷରେ ଜନ ହିତକର କାର୍ଯ୍ୟପାଇଁ ଜନସାଧାରଣଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଓ ସ୍ମରଣୀୟ ମହାରାଜା ୧୯୪୯ ମସିହା ଜାନୁୟାରୀ ପହିଲା ଦିନ ମୟୂରଭଞ୍ଜ ଓଡ଼ିଶା ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ହେଲା ବୋଲି ଘୋଷଣା କରିଥିଲେ ।

ବିଗତର ସେଇ ଶୀତ ସକାଳ ପହିଲରେ ଆଧୁନିକ ଓଡ଼ିଶାର ରୂପ ପରିବର୍ତ୍ତନ ହେଲା । ଏଇ ନବୀନ ରୂପ ପାଇଁ ଯେଉଁ ମହା ମନୀଷୀମାନେ ତ୍ୟାଗ ସ୍ୱୀକାର କରିଛନ୍ତି; ଅନାବିଳ ଉଦ୍ୟମ କରିଛନ୍ତି, ସେମାନେ ଆମର ପ୍ରାତଃ-ସ୍ମରଣୀୟ । ଓଡ଼ିଶାର ରାଜନୈତିକ ତଥା ଐତିହାସିକ ରଙ୍ଗମଞ୍ଚରେ ଓଡ଼ିଆ ଜାତି ତଥା ଓଡ଼ିଶାପାଇଁ ଜାନୁୟାରୀ ପହିଲା ମଧ୍ୟ ଏକ ସ୍ମରଣୀୟ ଦିବସ ।

ସଂପାଦକ—ଅପରାଜିତା
କଟକ—୭୫୩୦୦୮

ଆମ ରାଜ୍ୟର ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ନିଜକୁ ଯେପରି ଅସହାୟ ମନେ ନ କରନ୍ତି ଓ ଜୀବନ ଧାରଣ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ଲାଭ କରନ୍ତି, ସେଥିପାଇଁ ସରକାରଙ୍କ ତରଫରୁ 'କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମରେ ଜନସାଧାରଣ ସହଯୋଗ କରନ୍ତୁ ।

ଜାନକୀ ବଲ୍ଲଭ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OGP—MP—VI ( I. & P. R. ) 100—10,000—23-1-1981

# ଓଡ଼ିଶାର ଦ୍ରୁତ ଅର୍ଥନୈତିକ ପ୍ରଗତିପାଇଁ ପଦକ୍ଷେପ

## ଦାରିଦ୍ର୍ୟ ବିରୁଦ୍ଧରେ ଅଭିଯାନ—

* ଆଗାମୀ ୫ ବର୍ଷ ମଧ୍ୟରେ ୫ ଲକ୍ଷ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ ପାଇଁ ପ୍ରସ୍ତାବ ରହିଛି ।
* ଦରିଦ୍ରତମ ପରିବାରଙ୍କ ଭୂମି-ଭିତ୍ତିକ ଥଇଥାନ ପାଇଁ ୧ ଲକ୍ଷ ୩୦ ହଜାର ଏକର ଜମି ନିରୂପଣ କରାଯାଇଛି ।
* ଚଳିତ ବର୍ଷ ୫ କୋଟି ଟଙ୍କା ବ୍ୟୟରେ ୧୬ ହଜାର ହରିଜନ ଓ ଆଦିବାସୀ ପରିବାର ସମେତ ୩୦ ହଜାର ଦରିଦ୍ରତମ ପରିବାରଙ୍କୁ ଥଇଥାନ କରାଯାଇଛି ।

## ଜଳସେଚନ ବ୍ୟବସ୍ଥା ଦ୍ୱିଗୁଣିତ—

* ସଂପ୍ରତି ୧୨ ଲକ୍ଷ ହେକ୍ଟର ଜମି ପାଇଁ ଥିବା ଜଳଯୋଗାଣ ବ୍ୟବସ୍ଥାକୁ ଷଷ୍ଠ ଯୋଜନା ମଧ୍ୟରେ ଦ୍ୱିଗୁଣିତ କରି ୨୪ଲକ୍ଷ ହେକ୍ଟର ଜମିରେ ପାଣି ମଡ଼ାଯିବ ।
* ମହାନଦୀ—ବିରୂପା ଆନିକଟର ଆଧୁନିକୀକରଣ ପାଇଁ ୯୧ କୋଟି ଟଙ୍କା ବିଶ୍ୱ ବ୍ୟାଙ୍କରୁ ସାହାଯ୍ୟ ମିଳିଛି ।
* ୨୮୩ଟି ଉଠା ଜଳସେଚନ ପଏଣ୍ଟ ବସାଯାଇଛି ।

## କୃଷି କାର୍ଯ୍ୟକ୍ରମ—

* ଆଖୁ ଓ କପା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

## ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି —

* ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପରିମାଣ ୯୧୪ ମେଗାୱାଟ୍‌ରୁ ୨୦୦୦ରୁ ଊର୍ଦ୍ଧ୍ୱ ମେଗାୱାଟକୁ ବୃଦ୍ଧି କରାଯାଉଛି ।
* ତାଳଚେରଠାରେ ସୁପର ଥର୍ମାଲ ପ୍ରୋଜେକ୍ଟ ପ୍ରତିଷ୍ଠା କରାଯିବ ।

## ଶିକ୍ଷା ନିମନ୍ତେ ସୁବିଧାସୁଯୋଗ—

* ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅବୈତନିକ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ । ଆଦିବାସୀ ଓ ହରିଜନ ଛାତ୍ରମାନଙ୍କ ଶିକ୍ଷାବୃତ୍ତି ହାର ବୃଦ୍ଧି ।
* ବନ୍ୟା ବିପନ୍ନ ଅଞ୍ଚଳର ଛାତ୍ରମାନଙ୍କ ୯ ମାସର ଦରମା ଓ ପରୀକ୍ଷା ଫିସ୍ ଛାଡ଼ କରାଯାଇଛି ।

## ଓଡ଼ିଶାପାଇଁ ପ୍ରଧାନ ମନ୍ତ୍ରୀଙ୍କ ଉପହାର—

* କୋରାପୁଟ ଓ ତାଳଚେରଠାରେ ୧୪୦୦ କୋଟି ଟଙ୍କା ବ୍ୟୟ ସମ୍ବଳିତ ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ପାଇଁ ୩୬ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।
* ପାରାଦୀପଠାରେ ୨୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ବନ୍ଦରଭିତ୍ତିକ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି ।

## କଲ୍ୟାଣପାଇଁ ଅନ୍ୟାନ୍ୟ ପଦକ୍ଷେପ—

* ଆଦିବାସୀ ଅଞ୍ଚଳରେ ୩,୧୫୦ଟି ନଳକୂପ ବସାଯାଇଛି ।
* ଚଳିତବର୍ଷ ଶେଷ ସୁଦ୍ଧା ୭,୧୪୩ଟି ନଳକୂପ ସ୍ଥାପନ କରିବା ନିମନ୍ତେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ।
* କୋରାପୁଟ ଓ ଗଞ୍ଜାମ ଜିଲ୍ଲାର ବନ୍ୟାଗ୍ରସ୍ତ ଲୋକଙ୍କ ପାଇଁ ୩୦,୦୦୦ ଗୃହ ନିର୍ମାଣ କରାଯାଉଛି ।

ସୂଚନା ଓ ଲୋକ ସଂପର୍କ ବିଭାଗ
ଓଡ଼ିଶା ସରକାର

Vol. XXXVII No. 6 UTKAL PRASANGA Regd. No.
Licence No. C. R. N. P. 5—Licensed to post without Pre-Payment







Printed at Orissa Government Press, Cuttack-10